ମୁକ୍ତି ମଣ୍ଡପ

ରମେଶ ପାଣିଗ୍ରାହୀ

Source: Author, Digitized by PPRACHIN, SOA

ସାରା ଓଡ଼ିଶାରେ ପାଞ୍ଚ ଶହ ରଜନୀରୁ ଅଧିକଥର ପାଇଁ ଅଭିନୀତ

ମୁକ୍ତି ମଣ୍ଡପ

ରମେଶ ପ୍ରସାଦ ପାଣିଗ୍ରାହୀ

ଓଡ଼ିଶା ବୁକ୍ ଷ୍ଟୋର

Source: Author, Digitized by PPRACHIN, SOA

ମୁକ୍ତି ମଣ୍ଡପ

ରଚନା :
ରମେଶ ପ୍ରସାଦ ପାଣିଗ୍ରାହୀ
ଅଧ୍ୟାପକ, ଇଂରାଜୀ ବିଭାଗ
ଢେଙ୍କାନାଳ ମହାବିଦ୍ୟାଳୟ

ସ୍ୱତ୍ୱାଧିକାରିଣୀ : ଶ୍ରୀମତୀ ବିଷ୍ଣୁପ୍ରିୟା ପାଣିଗ୍ରାହୀ

ପ୍ରକାଶକ :
ଶ୍ରୀ ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୭୫୩ ୦୦୨

ପ୍ରଥମ ପ୍ରକାଶ : ୧୯୯୧

ମୁଦ୍ରଣ :
ଶ୍ରୀରାମ ପ୍ରିଣ୍ଟିଂ ୱାର୍କସ୍
ତାରାଚାନ୍ଦପାଟଣା, କଟକ-୯

ମୂଲ୍ୟ : କୋଡ଼ିଏ ଟଙ୍କା ମାତ୍ର

MUKTI MANDAPA

By
Ramesh Prasad Panigrahi

Published by :
Sri Gobinda Charana Patra
Orissa Book Store
Binod Behari
Cuttack-753 002

First Edition : 1991

Printed at :
Sreeram Printing Works
Tarachandpatna, Cuttack-9

Price : Rs. 20/-

Source: Author, Digitized by PPRACHIN, SOA

ଅଠେଇଶି ବର୍ଷ ଧରି ଯେଉଁମାନେ
ଏ ନାଟକର ଦର୍ଶକ
ସେମାନଙ୍କ ହାତରେ—

Source: Author, Digitized by PPRACHIN, SOA

ଏଇ ନାଟକ ସମ୍ପର୍କରେ

(ଏକ)

'ମୁକ୍ତ ମଣ୍ଡପ' ମୋର ପ୍ରଥମ ନାଟକ । ଏହା ପ୍ରଥମଥର ପାଇଁ ମଞ୍ଚସ୍ଥ ହୋଇଥିଲା ୧୯୬୩ ମସିହାରେ । ୧୯୬୩ରୁ ୧୯୭୮ ମସିହା ଭିତରେ ଏହି ନାଟକ ମୋ' ନିର୍ଦ୍ଦେଶନାରେ ଚାରିଥର ମଞ୍ଚସ୍ଥ ହୋଇଛି : ପୁରୀ (୧୯୬୩), ବ୍ରହ୍ମପୁର (୧୯୬୫), ଟିଟିଲାଗଡ଼ (୧୯୭୦) ଏବଂ ପୁରୀ (୧୯୭୮) । ଏଥିମଧ୍ୟରୁ ୧୯୬୫ ଓ ୧୯୭୦ରେ ମୁଁ ନିଜେ ଏଇ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରିଛି ।

୧୯୭୮ ମସିହାରେ ପ୍ରଥମଥର ପାଇଁ ଏହି ନାଟକକୁ ପୁରୀ ପଶ୍ଚିମଦ୍ୱାର ରାସ୍ତା ଉପରେ ମୁକ୍ତ ମଞ୍ଚରେ ମଞ୍ଚସ୍ଥ କରାଯାଇଥିଲା ।

୧୯୮୫ ମସିହାରେ ଏହାକୁ ଏକ 'ଗଣନାଟ୍ୟ'ରୂପେ 'ଜନତା ଗଣନାଟ୍ୟ'କୁ ପରିବେଷଣ ପାଇଁ ଦିଆଗଲା । ଏହାର ନିର୍ଦ୍ଦେଶକ ସଚି ଦାସ ଏହାର ମୁଖ୍ୟ ନାୟକ ନାୟିକାଙ୍କର ନାମ 'ଶୁଭକାନ୍ତ' ଓ 'ମୀନା'କୁ ବଦଳେଇ 'ସାଗର' ଓ 'ଝରଣା' ରଖିଲେ ଓ ନାଟକର ନାମ ମଧ୍ୟ ବଦଳାଇ ''ଝରଣା ଝୁରେ ସାଗର ପାଇଁ'' ରଖିଲେ ।

ଏକ ପ୍ରେମକାହାଣୀ ହିସାବରେ ଏଇ ନାଟକ ୧୯୮୫ରୁ ଆଜଯାଏଁ (୧୯୯୧) ସାତ ବର୍ଷ ହେଲା ପାଞ୍ଚ ଶହରୁ ଊର୍ଦ୍ଧ୍ୱ ଥର ପାଇଁ ମଞ୍ଚସ୍ଥ ହୋଇ-ସାରିଲାଣି ।

ଏହି ହେଲା 'ମୁକ୍ତ ମଣ୍ଡପ' ନାଟକର ୨୮ ବର୍ଷର ସଂକ୍ଷିପ୍ତ ଇତିହାସ ।

(ଦୁଇ)

ଅଠାଇଶି ବର୍ଷ ତଳର ଏଇ ନାଟକ ଆଜି ବି ସାଂପ୍ରତିକ । ଆଜି ମଧ୍ୟ ଭୁବନେଶ୍ୱରରେ ଏହା କୋଡ଼ିଏରୁ ଊର୍ଦ୍ଧ୍ୱ ଥର ମଞ୍ଚସ୍ଥ ହୋଇସାରିଲାଣି ଦର୍ଶକ-

Source: Author, Digitized by PPRACHIN, SOA

ମାନଙ୍କର ଉଚ୍ଛ୍ୱସିତ ପ୍ରଶଂସା ଭିତରେ । ମୋର ନିଜର କୁଣ୍ଠା ଯୋଗୁଁ ପ୍ରକାଶିତ ହୋଇପାରି ନଥିଲି । ଓଡ଼ିଶାର ନାଟ୍ୟସମାଲୋଚକମାନେ ମତେ “ଉତ୍ତମ ନାଟ୍ୟକାର”ମାନଙ୍କର ଇତ୍ୟାଦି ତାଲିକାରେ ସାମିଲ କରିଦେଇ ଯେଉଁ ମୁକୁଟ ପିନ୍ଧେଇଦେଲେ ତାକୁ ପିନ୍ଧିସାରି ମୁଁ ମୋର ଅଭିନୟ କରି-ଗଲିଲି ଏବଂ ଉତ୍ତମ ନାଟ୍ୟକାର 'ଇମେଜ୍'କୁ ବଜାୟ ରଖିବାକୁ ଯାଇ ଅନେକ ନାଟକ ଲେଖିଲି । ହଠାତ୍ ନିଜକୁ ଗୋଟିଏ 'ଭୂମିକା'ର ବନ୍ଧନୀ ଭିତରେ ଆବଦ୍ଧ ହୋଇ ରହିଥିବା ଅବସ୍ଥାର କଲି ପରେ ନିଜକୁ ମୁକ୍ତ କରିବାପାଇଁ ଇଚ୍ଛା ହେଲା ।

ବର୍ତ୍ତମାନ ମୁଁ ଯୁକ୍ତି କରିପାରେ ଯେ କାହାଣୀପ୍ରଧାନ ନାଟକ ନିମ୍ନସ୍ତରର ନାଟକ ନୁହେଁ । ଓଡ଼ିଶାରେ ଭଲ କାହାଣୀ ତିଆରି ହୋଇପାରୁ ନାହିଁ ବୋଲି ତାହା 'ଶବ୍ଦପ୍ରଧାନ' ବା କାବ୍ୟିକ ମୋଡ଼ ନେବାପାଇଁ ବାଧ୍ୟ । କାରଣ କାହାଣୀ ଯେଉଁଠି ଅସଫଳ, ଜୀବନର “ଘଟଣା”ଗୁଡ଼ିକ “ଅନୁଭୂତି” ଅଭାବରୁ ଯେଉଁଠି ଅନୁପସ୍ଥିତ, ସେଇଠି ଲେଖକ ଶବ୍ଦକୁ ଆବାହନ କରେ ଆକାଶର ଶୂନ୍ୟତା ଭିତରୁ ଏବଂ କହେ “ଶବ୍ଦବ୍ରହ୍ମ” ସହିତ ତା'ର ପ୍ରତ୍ୟକ୍ଷ ସଂଯୋଗ ଅଛି । ଏହା ଗୋଟିଏ ଦୃଷ୍ଟିରୁ ଆତ୍ମପ୍ରତାରଣା ଏବଂ ପାଠକମାନଙ୍କୁ କାହାଣୀ କହି ନ ପାରିବାର ଦୁର୍ବଳତା ଘୋଡ଼େଇବାର ଏକ ଛଳନା । ସୁରେନ୍ଦ୍ର ମହାନ୍ତି, ମହାପାତ୍ର ନୀଳମଣି ସାହୁ, ଗୋପୀନାଥ ମହାନ୍ତି, କାହ୍ନୁଚରଣ, ବିଭୂତି ପଟ୍ଟନାୟକ ଏବଂ ରାମଚନ୍ଦ୍ର ବେହେରା ଭଳି କେତେକଙ୍କୁ ଛାଡ଼ିଦେଲେ ଓଡ଼ିଶାର ଲେଖକମାନେ ପ୍ରାୟ କାହାଣୀ କହିଜାଣନ୍ତି ନାହିଁ । ଆମର ପ୍ରତିବେଶୀ ସାହିତ୍ୟରେ କାହାଣୀ ପ୍ରତି ଯେଉଁ ଗୁରୁତ୍ୱ ଦିଆଯାଉଛି, ଓଡ଼ିଶାରେ ତାହା ନାହିଁ । ତେଣୁ ଓଡ଼ିଆ ଉପନ୍ୟାସ ଓ ଗଳ୍ପବିଭାଗ ଏତେ ଦୁର୍ବଳ । ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନ ସେଥିପାଇଁ ହତାଶିଆ ।

ଗତ ଦଶ ବର୍ଷ ଭିତରେ ଶ୍ରୀମତୀ ପ୍ରତିଭା ରାୟଙ୍କଠାରୁ ଆରମ୍ଭ କରି ଚିରଶ୍ରୀ ଇନ୍ଦ୍ରସିଂଙ୍କ ପର୍ଯ୍ୟନ୍ତ ପ୍ରାୟ ଦଶ ପନ୍ଦର ଜଣ ଲେଖିକା ଏ ଦିଗରେ ଯେଉଁ ପ୍ରୟାସ କରୁଛନ୍ତି ତାହା ସ୍ୱାଗତଯୋଗ୍ୟ । ମୋର ମନେହୁଏ ଚତୁର୍ଥ ଓ ପଞ୍ଚମ ଦଶକରେ ଓଡ଼ିଆ ନାଟ୍ୟକାରମାନେ କାହାଣୀର ଯେଉଁ ପରମ୍ପରା ତିଆରି କରିଥିଲେ ପରବର୍ତ୍ତୀ ସମୟର ଲେଖକମାନେ ଆଧୁନିକତା ନାଁରେ ତାକୁ

Source: Author, Digitized by PPRACHIN, SOA

ଘଟିଛନ୍ତି ଏବଂ ସମାଲୋଚକମାନେ ସେମାନଙ୍କୁ ଏ ସମ୍ପର୍କରେ ସଚେତନ କରାଇନାହାନ୍ତି ।

ଆଜି ପାଠକ ତିଆରି କରିବାପାଇଁ ଭଲ କାହାଣୀର ଆବଶ୍ୟକତା ରହିଛି । ତେଲୁଗୁ, ତାମିଲ, ବଙ୍ଗଳା, ହିନ୍ଦୀ ଓ ମରାଠୀ ଭାଷାରେ ଏତେ ସଂଖ୍ୟାରେ ପାଠକ ଅଛନ୍ତି—କାରଣ ସେସବୁ ସାହିତ୍ୟରେ ଭଲ କାହାଣୀ ମିଳେ । ଏ ଦୃଷ୍ଟିରୁ 'ମୁକ୍ତ ମଣ୍ଡପ' ଆଦୃତ ହେବ ବୋଲି ଆଶା ।

ଢେଙ୍କାନାଳ
୧୩ ମେ, ୧୯୯୧

ରମେଶ ପ୍ରସାଦ ପାଣିଗ୍ରାହୀ

Source: Author, Digitized by PPRACHIN, SOA

ପାତ୍ର/ପାତ୍ରୀ ପରିଚୟ

ରମାନାରାୟଣ : ଜମିଦାର, ବୟସ ବାଷଠି ।

ସାଗର : ବୟସ ଚବିଶି, ରମାନାରାୟଣଙ୍କ ପୁଅ ।

ଖେଲା : ବୟସ ଷାଠିଏ, ଘରର ବିଶ୍ୱସ୍ତ ଚାକର ।

ମାୟା : ରମାନାରାୟଣଙ୍କ ବିଧବା ଭଉଣୀ, ବୟସ ପଚିଶ ।

ପ୍ରତାପ : ମାୟାର ପୁଅ, ବୟସ ତେଇଶି ।

ଗଣେଶ : ଗାଁର ଜଣେ ବୟସ୍କ ଲୋକ ।

ସରୋଜ : ଗଣେଶଙ୍କ ପୁଅ, ସାଗରର ବନ୍ଧୁ ।

ଝରଣା : ଗଣେଶଙ୍କ ଝିଅ, ସାଗରର ପତ୍ନୀ ।

ଚପଳା : ସରୋଜର ପତ୍ନୀ ।

ରାଜା : ସାଗରର ପୁଅ ।

କିଶୋରଚନ୍ଦ୍ର : ରମାନାରାୟଣଙ୍କ ବନ୍ଧୁ ।

ଲୁସି : କିଶୋରଙ୍କର ଝିଅ ।

ଡାଃ ସୁବ୍ରତ : ଲୁସିର ସ୍ୱାମୀ ।

ବୁଲ୍‌ବୁଲ୍ : ଜଣେ ସି. ଆଇ. ଡି. ଅଫିସର । ଛଦ୍ମବେଶୀ ଭୃତ୍ୟ ।

ନନ୍ଦ : ଗଣେଶର ସାଙ୍ଗ

ରାଧେକୃଷ୍ଣ : ବାବାଜୀ ବେଶରେ ବୁଲୁଥିବା ଆଧୁନିକ ଚୋର ।

Source: Author, Digitized by PPRACHIN, SOA

ଦୃଶ୍ୟ—୨

[ରମାନାରାୟଣଙ୍କ ଘର । ଭିତରକୁ ଆସିଲେ ରମାନାରାୟଣଙ୍କ ବିଧବା ଭଉଣୀ ମାୟାଦେବୀ ଓ ସାଙ୍ଗରେ ତାଙ୍କର ପୁଅ ପ୍ରତାପନାରାୟଣ ଚୌଧୁରୀ । ମାୟାଦେବୀଙ୍କ ହାତରେ ଏକ ପୁଟୁଳି ଓ ପ୍ରତାପଙ୍କ ହାତରେ ଏକ ଭଙ୍ଗା ଆଟାଚି । ସେଇଥିରୁ ସେମାନଙ୍କର ଦାରିଦ୍ର୍ୟର ରୂପ ଜଣା ପଡ଼ୁଥାଏ । ଦୁହେଁ ମଞ୍ଚ ଉପରକୁ ଆସିଲେ । ପ୍ରତାପ ଉପରକୁ ଅନେଇଁ ଦେଖୁଥାଏ ।]

ମାୟା : ଆରେ କ'ଣ ଦେଖୁଛୁ ? ଏଇ ହଉଚି ତୋ' ମାମୁଁଘର !

ପ୍ରତାପ : ଏ ଝାଡ଼, ଲଣ୍ଠ, କାରୁକାର୍ଯ୍ୟ, ମେହେଗାନି କାଠର ଆସବାବପତ୍ର···

ମାୟା : ଏତିକ ଦେଖୁଚୁ, ଭିତରକୁ ଗଲେ ତୋ' ଆଖି ଝଲସିଯିବ । ରାଜୁତି ଚାଲିଗଲା ପରେ ମାତ୍ର ଏତିକ ପଡ଼ି ରହିଚି । ଆଉ ଯେତିକ ପଡ଼ି ରହିଚି, ତାକୁ ବସି ଖାଇଲେ ବି ସରିବ ନାହିଁ ।

ପ୍ରତାପ : ବୋଉ, ଏଗୁଡ଼ାକ କ'ଣ ସବୁ ପୋଷ୍ଟପୋଛା ହଉନି ? ଚାରିଆଡ଼େ ଅଳିଆ, ବୁଢ଼ୀଆଣି ଜାଲ । ଏ ଆସବାବପତ୍ରରେ ଧୂଳି ଖାଲି ଜମା ହେଇଚି ।

ମାୟା : କିଏ ଆଉ ଅଛି ଯେ କରିବ ? ଘରେ ଭାଇ ଏକା । ଭାଉଜଙ୍କୁ ହରାଇ ସେ ଏକ ପ୍ରକାର ଭାଙ୍ଗି ପଡ଼ିଚନ୍ତି । ଗୋଟିଏ ବୋଲି ପୁଅ ସାଗର··· କଣ ପାଠ ପଢ଼ୁଚି । ଆଉ ବୁଢ଼ା ଚାକର ଭୋଳାଟି । ଏତେ ବଡ଼ ଘରେ ମାତ୍ର ତିନୋଟି ଲୋକ । କିଏ ଅଛି ଯାକୁ

Source: Author, Digitized by PPRACHIN, SOA

ସଫା କରିବାକୁ । ପୁଣି ଠାକୁରଘର··· ତାକୁ ଦେଖିଲେ ତ ତୋ'
ତୋଳା ଓଲଟି ପଡ଼ିବ ।

ପ୍ରତାପ : କାହିଁକି ମା' ?

ମାୟା : ଏତିକ ଉଚ୍ଚର ସୁନାର ରାଧାମୋହନ ମୂର୍ତ୍ତି··· ପୂରା ଗୋଟିପର ସୁନାର, କୋଟି କୋଟି ଟଙ୍କାର ।

ପ୍ରତାପ : ଏଁ···ମାମୁଁଙ୍କର ଏତେ ସମ୍ପତ୍ତି ଥାଇ ଆମର ଅବସ୍ଥା ପୁଣି ଇମିତି ? ମାମୁଁଙ୍କୁ ତ କହିଥିଲେ, ଆମକୁ ଯେ ସାହାଯ୍ୟ କରିପାରିଥାନ୍ତେ ।

ମାୟା : ଯେତେବେଳେ ତୋ' ବାପା ମଲେ, ସେତେବେଳେ ଆମର ସମ୍ପତ୍ତି ସବୁ ସରି ଆସିଥିଲା । ତୋ' ବାପାର ଦଶା ଦିଆଁକୁ ଭାଇଙ୍କଠାରୁ ମୁଁ ସାହାଯ୍ୟ ମାଗିଥିଲି । ହେଲେ ସାହାଯ୍ୟ ଦବା ତ ଦୂରର କଥା··· ତାଙ୍କଠାରୁ ଚିଠି କି ଖବରଟିଏ ବି ପାଇଲିନି । ସେଇଦିନଠାରୁ ମୁଁ ବି ଶପଥ କରିଥିଲି, ଦିନେ ହେଲେ ମୁଁ ଭାଇ ପାଖରେ ଗୋଡ଼ ଭାଙ୍ଗି ଠିଆ ହେବିନି । ହେଲେ—

ପ୍ରତାପ : ହେଲେ ମା', ଆଜି ଯେତେବେଳେ ତୁ ଭାଇଙ୍କ ପାଖକୁ ଆସିଚୁ, ସେ ଯଦି ତତେ ଅପମାନିତ କରି ଏଠୁ ଫେରେଇଦିଅନ୍ତି !

ମାୟା : ମୋ ନାଁ ମାୟା··· ମାୟାଦେବୀ··· ସେଇ ମାୟା ଆଜି ମାୟା ସୃଷ୍ଟି କରିବ । ତା'ର ମାୟାଜାଲରେ ରାମନାରାୟଣ ବଂଶ ବୁନିଆଦି ଭୁଷୁଡ଼ି ପଡ଼ିବ । ଖଣ୍ଡ ଖଣ୍ଡ ହେଇ ଏ ଚଟାଣର ପଥର ବନ୍ଦୀ ହେବ ।

ପ୍ରତାପ : ତା' ହେଲେ ମତେ ଏଇଠି କ'ଣ କରିବାକୁ ପଡ଼ିବ ମା' ?

ମାୟା : ଶୁଣ, ମାମୁଁ ଆସିଲେ ତାଙ୍କ ଗୋଡ଼ରୁ ପାଦଧୂଳି ନବୁ । ତାଙ୍କ ପୁଅ ତୋର ହେବ ବଡ଼ ଭାଇ··· ତାକୁ ଭକ୍ତି କରିବୁ, ଆଉ ବୁଢ଼ା ଗୁଜରଟିକୁ ସମ୍ମାନ ଦବୁ । ସବୁ ଖାଲି ଉପରେ ଉପରେ··· ବୁଝିଲୁ ?

ପ୍ରତାପ : ସମଝଦାରକୋ ଇସାରା କାଫି ମା'···ଦେଖ ମୁଁ କ'ଣ କରୁଚି ।

ମାୟା : ଏଇ, ଭାଇ ଆସିଗଲେ । ସାବଧାନ ।

[ଆସିଚନ୍ତି ରାମନାରାୟଣ]

Source: Author, Digitized by PPRACHIN, SOA

ରାମ : କିଏ··· ? କିଏ ସେଠି ?

ମାୟା : ଭାଇ ମୁଁ···

ରାମ : କିଏ ମାୟା ? ଆରେ ଏତେ ଦିନ ପରେ ଫେର ମୋ କଥା ମନେ-ପଡ଼ିଲା ! ଏଇ ବାହାର ଘରଟାରେ ଠିଆ ହେଇଚୁ କାହିଁକି ? ଘରକୁ ଚାଲ··· ଆଉ ଇଏ ?

ମାୟା : ଇଏ ପରା ପ୍ରତାପ···

ପ୍ରତାପ : ମାମୁଁ ! [ଗୋଡ଼ତଳେ ପଡ଼ିଯାଇଚି]

ରାମ : ଉଠ୍ ଉଠ୍··· ପିଲାଦିନେ ତାକୁ ଦେଖିଥିଲି··· ଆସି କେଡ଼େଟିଏ ହେଲାଣି··· ମାୟା, ଦିନେ ହେଲେ ତାକୁ ଦେଖିବାର ସୁଯୋଗ ପାଇ ନଥିଲି ।

ମାୟା : କ'ଣ କରିବ ଭାଇ, କଲିକତାରେ ରହି ତ ପାଠ ପଢୁଥିଲା··· ମୁଁ ଯେତେ କହିଲି—ଆରେ ଯା, ମାମୁଁଘର ଆଡ଼େ ଟିକିଏ ବୁଲିଆ··· ମତେ କହିଲା ମା, ତମେ ମତେ ନେଇ ଚାଲ··· ତମେ ନ ଗଲେ ମତେ ସେଠି ଚିହ୍ନିବ କିଏ ?

ରାମ : କ'ଣ ହେଲା, ମୋ ଭଣଜାକୁ ମୁଁ ଚିହ୍ନିପାରି ନଥାନ୍ତି ? ଏକା ରକ୍ତର ଆମେ··· ବୁଝିଲୁ ମାୟା, ତୋ' ଭାଉଜ ମରିଗଲା ପରଠୁ ମୁଁ ପ୍ରାୟ ନିଃସ୍ୱ ହୋଇ ପଡ଼ିଚି । ଖାଲି ସାଗରର ମୁହଁ ଚାହିଁ ମୁଁ ଆଜି ପର୍ଯ୍ୟନ୍ତ ବଞ୍ଚିଯାଇଚି ।

ମାୟା : ଭାଇ !

ରାମ : ତୁ ବି ମୋ' ଉପରେ ଅଭିମାନ କରିଚୁ ମୁଁ ଜାଣେ··· ତୋ' ସ୍ୱାମୀ ମଲାବେଳେ ତୁ ମତେ ଖବର ପଠେଇଥିଲେ ବି ମୁଁ ତତେ କିଛି ସାହାଯ୍ୟ କରି ପାରିଲିନି··· ମୁଁ ସେତେବେଳେ କ'ଣ କରିପାରି-ଥାନ୍ତି··· ଯୋଉଦିନ ଚୋର ଚିଠି ପାଇଲି, ସେଇଦିନ ତୋ' ଭାଉଜକୁ ମତେ hospital ନବାକୁ ପଡ଼ିଲା··· ଚାରିମାସ ସେ hospitalରେ ପଡ଼ି ପଡ଼ି ଚାଲିଗଲେ··· ତତେ ବି ଚିଠି ଦେଲି ତୁ ବି ଆସିଲୁନି କି ପୁଅକୁ ପଠେଇଲୁନି··· କ'ଣ କରିବ ମାୟା, ସବୁ ମୋରି ଭାଗ୍ୟ···

Source: Author, Digitized by PPRACHIN, SOA

ମାଯ୍ନା : ନାଇଁ ଭାଇ··· ମୁଁ ସେ କଥା ଭାବୁନି···

ରାମ : ନିଶ୍ଚୟ···ସିଏ ହେଲେ ବି ସେ ଭାବିବ···ହଉ, ପୁଅକୁ ନେଇ ଘର ଭିତରକୁ ଯା··· ଘରେ ତ କେହି ନାହାଁନ୍ତି, ସେଇ ପୁରୁଣା ଚାକର ଭୋଳା··· ତାକୁ କହି ଖାଇବା ପିଇବାର ବ୍ୟବସ୍ଥା କରିବ। ଇଏ ତ ତୋର ଘର।

ମାଯ୍ନା : ଭାଇ, ତମେ ତ ଖାଲି ଗପି ଚାଲିଚ—ମୋ ଅବସ୍ଥା କ'ଣ ଟିକେ ଶୁଣ। ସବୁ ସମ୍ପତ୍ତିବାଡ଼ି ହରେଇ ମୁଁ ଆଜି ନିଃସ୍ୱ··· ଜମି ଗୁଣ୍ଠେ ବି ନାହିଁ··· ବଳ ଭଙ୍ଗି ପିଲାଟାକୁ ପାଠ ପଢ଼େଇଲି···ଆଉ ସିଏ ଯାହାସବୁ କରଜ କରିଥିଲେ ତାଙ୍କ ପରେ ପରେ କରଜ ଠିଙ୍କା ସୁଝି ସବୁ ସମ୍ପତ୍ତି ଚାଲି··· ମୋର ଅଜ କିଛି ନାହିଁ ଭାଇ··· ସର୍ବସ୍ୱ ହରେଇ ତମର ପାଖକୁ ଆସିଚି··· ପୁଅଟା କ'ଣ ମଣିଷ ହବନି···?

ରାମ : ମାଯ୍ନା, ତୋ' ପୁଅ କିଏ ? ମୋ ପୁଅ କିଏ ? ତୋର ସର୍ବସ୍ୱ ଗଲେବି ମୋର ତ ଅଛି। ଏଇ ଘରେ ତମେ ରୁହ··· ଏତେ ବଡ଼ ଘର··· ଖାଲି ଖାଲି ଲାଗୁଚି। ଆରେ, ଭୋଳା··· ଭୋଳା···

[ଆସିଚି]

ଭୋଳା : ଆଜ୍ଞା !

ରାମ : ଆରେ, ମାଯ୍ନାକୁ ଚିହ୍ନି ପାରୁନୁ !

ଭୋଳା : [ଦେଖି] ଅରେ ମା' ତମେ ! ଜୁହାର ମା'··· ଜୁହାର···

ରାମ : ଆଉ ଇଏ ମୋ ଭଣଜା···

ଭୋଳା : ଆଏଁ··· ମୋ ବାବୁ ଆସି କେଡ଼େଟିଏ ହେଲେଣି !

ରାମ : ଭୋଳା··· ନେଇଯା··· ଭିତର ଖଞ୍ଜାକୁ ନେଇ ଯା··· ପିଲାଦିନେ ମାଯ୍ନା ଯୋଉ ଘରେ ରହୁଥିଲା, ସେଇଠି ତାଙ୍କର ରହିବାର ବ୍ୟବସ୍ଥା କରିଦେ···

ଭୋଳା . ଆଜ୍ଞା··· ଆସନ୍ତୁ ମା··· ଇଏ ତ ତମ ଘର··· ତମେ ସବୁ କରିବ ଖାଇବ···

ମାଯ୍ନା : ଭାଇ, ସାଗରକୁ ତ କାହିଁକି ଦେଖୁନି ?

ରାମ : ଭୋଳା, ସାଗର କୁଆଡ଼େ ଗଲା ?

Source: Author, Digitized by PPRACHIN, SOA

ଭୋଳା : ମହଲରେ ତାଙ୍କ ସାଙ୍ଗ ସରୋଜବାବୁଙ୍କ ସାଙ୍ଗରେ କ'ଣ କଥାବାର୍ତ୍ତା କରୁଚନ୍ତି ।

ରାମ : ଆରେ ଯା, ତାକୁ ଡାକ ଦେ··· ଏତେ ଦିନେ ତା ପିଇସୀ ଆସିଚି··· ତା' ଭାଇ ଆସିଚି··· ଡାକ୍ ତାକୁ ଏଠିକି ଡାକ୍···

ଭୋଳା : ସାନବାବୁ··· ହୋ ସାନବାବୁ : [ଚାଲିଗଲା]

[ଆସିଚି ସାଗର]

ରାମ : ଆରେ କିଏ ସବୁ ଆସିଚନ୍ତି ଦେଖ !

ସାଗର : [ମାୟାକୁ ଦେଖି] ଆରେ ଅପା··· [ପ୍ରଣାମ କରୁଚି]

ମାୟା : ହଉ— ହେଲା ହେଲା— ଦିନେ ହେଲେ ତ ପିଇସୀଘର ଆଡ଼େ ଗଲୁନି··· କାହିଁକି ଯିବୁ ତୋ' ଗରିବ ପିଇସୀ ପାଖକୁ···

ସାଗର : ନାଇଁ ଅପା···

ମାୟା : ଆଉ ଇଏ ତୋ' ସାନଭାଇ ପ୍ରତାପ··· ଆରେ ପ୍ରତାପ, ଠିଆ ହେଇଚୁ କ'ଣ ? ଭାଇକୁ ପ୍ରଣାମ କ'ର ।

ପ୍ରତାପ : ଏଁ ହଁ··· ଭାଇ··· ନମସ୍କାର··· [ପ୍ରଣାମ କରୁଚି]

ସାଗର : [ପ୍ରତାପକୁ ଧରି] ଆଉ ଚଢ଼ାଚଢ଼ି ଚିହ୍ନିଚନା··· ?

ପ୍ରତାପ : ହଁ ଚିହ୍ନିଚି··· ତେବେ ପାଠଟା ମୋର ମୋଟେ ହଉନି···ମା' ବହୁତ ଚେଷ୍ଟା କଲା, ବହୁତ ପଇସା ଖର୍ଚ୍ଚ କଲା, ହେଲେ ବି. ଏ. ରେ ଦୁଇ ଦୁଇ ଥର ଫେଲ ହେଲି ।

ରାମ : ହଉ ହଉ··· ଡିଗ୍ରୀ ନ ହେଲେ କ'ଣ ହେଲା··· ପାଠ ତ ପଢ଼ିଚୁ ।

ମାୟା : ଭାଇ, ପାଠ ଛାଡ଼ିଦେଲେ, ଆଉ ସବୁ କାମରେ ଧୁରନ୍ଧର··· କାର୍ ଚଲେଇ ଜାଣେ, ଘୋଡ଼ା ଚଢ଼ି ଜାଣେ, ନ ହବା କାମ କି କରିପାରେ । ସବୁଥିରେ ଓସ୍ତାଦ୍ !

ରାମ : ଭଲ··· ଭଲ··· ଆଜିକାଲି ଦୁନିଆରେ ପାଠ ଅପେକ୍ଷା ଗୁଣଟା ବେଶି ଦରକାର··· ହଁ ସାଗର, ଭାଇର ପୋଷାକପତ୍ର କରିଦବୁ··· ଅପାର ୨/୩ ଟା ଭଲ ଶାଢ଼ୀ କିଣି ଆଣିବୁ । ଯା, ତୋ' ଅପା ଭାଇଙ୍କୁ ଘରକୁ ନେଇଯା···

Source: Author, Digitized by PPRACHIN, SOA

ସାଗର : ଅ··· ଆଯ ଅପା···

ମାୟା : ମୁଁ ଯାଉଚ ଭାଇ, ଏତିକ ମୁଁ ଆସିଲଣି, ତମର ଆଉ କଛୁ ଅସୁବିଧା ହବନି···

ପ୍ରତାପ : କଛୁ ଅସୁବିଧା ହବନି ମାମୁଁ··· ମୁଁ ତମ ପାଖେ ପାଖେ ରହିବ··· drive କରି ଆପଣଙ୍କୁ ବୁଲେଇ ନେବ । ବୋଲହାକ କରିବ ।

ମାୟା : ଓହୋ ରହିଲୁଣି ଯେତେବେଳେ ତୁ କରିବୁନି ତ ଆଉ କିଏ କରିବ ?

ରାମ : ଯା, ସାଗର ଏମାନଙ୍କୁ ନେଇ ଯା··· ସୋଲାକୁ କହିବୁ ତାଙ୍କର ଯିମିତି କଛୁ ଅସୁବିଧା ନ ହୁଏ ।

[ପ୍ରତାପ, ମାୟା, ସାଗର ଓ ସୋଲା ଚାଲିଗଲେ]

ରାମ : ଏ ପରିବାରର ସମସ୍ତେ ଗୋଟି ଗୋଟି ହୋଇ ଚାଲିଗଲେ··· କେବଳ ରହିଗଲେ ଏଇମାନେ ଯାହାଙ୍କୁ ଦେଖି ମତେ ମୋର ଅବଶିଷ୍ଟ ଦିନଗୁଡ଼ିକୁ କାଟିବାକୁ ପଡ଼ିବ । ହେ ଠାକୁରେ ! ତମେ ଏଇମାନଙ୍କୁ ବଞ୍ଚେଇ ରଖ । ଏଇମାନଙ୍କୁ ଦେଖି ଯିମିତି ମୁଁ ଶାନ୍ତିରେ ମରିବ !

[ଆସିଚ ସରୋଜ]

ସରୋଜ : ମଉସା !

ରାମ : କିଏ ସରୋଜ, କ'ଣ କଛୁ କହିବୁ ?

ସରୋଜ : ମୁଁ କହୁଥିଲି କ'ଣ କି ମଉସା, ଦଶହରା ଛୁଟି.ତ ଅଛୁ । ସାଗର ଟିକେ ଆମ ଗାଁ ଆଡ଼େ ବୁଲିଯା'ନ୍ତା ।

ରାମ : ଚିଠିବାଟରେ ମୋର ଅପଣି ନାହିଁ ଯେ ହେଲେ ମୋର ଜଣେ ପିଲାଦିନର ସାଙ୍ଗ ଚିଠି ଦେଇଚ ସେ କାଲି ଆସିବ ସାଗରକୁ ଦେଖିବାକୁ । ତା' ଝିଅ ଲୁସି ବି ଆସୁଚ । ଆଉ ମୁଁ ଚାହେଁ ଶୀଘ୍ର ସେମାନଙ୍କର ବାହାଘରଟା ସାରିଦେବାକୁ ।

ସରୋଜ : ସାଗର ତ M. A. ପଢ଼ୁଚ । ଶେଷ ବର୍ଷ··· ଏତେ ତରତର କାହିଁକି ?

ରାମ : ମାଉସୀ ତୋର ଚାଲିଗଲା ଦିନଠାରୁ ଏ ଘରଟା କିମିତି ଏକୁଟିଆ ଏକୁଟିଆ ଲାଗୁଚ । ବୋହୂଟି ଆସିଲେ ଏ ଘର ପୂରି ଉଠିବ । ବୋହୂ

Source: Author, Digitized by PPRACHIN, SOA

ପରଶା ଖାଇ ମୋ ଦେହ ବି ଭଲ ହୋଇଯିବ । ତେଣୁ ମୁଁ ଚାହେଁ ଏ ଘରକୁ ବୋହୂ ମା ଶୀଘ୍ର ଆସିବାକୁ ॥

ସରୋଜ : ତା' ହେଲେ ?

ରାମ : ଏମାନେ ଚାଲିଗଲେ, ସାଗର ଯାଇ ତମ ଘର ଆଡ଼େ ବୁଲି ଆସିବ ।

ସରୋଜ : ହଉ !

ରାମ : ତେବେ ସରୋଜ ଦୁର୍ଗା ଅଷ୍ଟମୀ ଦିନକୁ ସେ ଯିମିତି ଫେରି ଆସିବ । ମୁଁ ମାନସିକ କରିଚି, ଅଷ୍ଟମୀ ଦିନ ଯେ ନବେ ପୂଜାରେ ବସିବ ।

ସରୋଜ : ହଉ ! ଅଷ୍ଟମୀ ତ ମୋଟେ ଆଉ ବାରଦିନ ରହିଲା ।

ରାମ : ହଁ, କାଲି ଗୁଡ଼ି ସେ ପନ୍ଦରଦିନ ଯିବ··· ତମ ଘରେ ଦୁଇ ତିନି ଦିନ ରହି ଫେରି ଆସିବ ।

[ଆସିଲା ସାଗର]

ସାଗର : ବାପା, କାହାକୁ ଫେରି ଆସିବା କଥା କହୁଥିଲେ ?

ରାମ : ଚତେ, ସରୋଜ କହୁଚି ତତେ ତା' ଗାଁକୁ ଯିବା ପାଇଁ··· କାଲି କିଶୋର ଭଂଜ ତା' ଝିଅକୁ ନେଇ ଆସୁଚି, ତୋ ସହିତ ତା'ର ବାହାଘର ଦିନ ଠିକ୍ କରିବା ପାଇଁ··· କିଶୋର ବି ଅଭିଜାତ ବଂଶର । ବହୁତ ସମ୍ପତ୍ତି— ତା' ଝିଅ ଦିଲ୍ଲୀ ୟୁନିଭରସିଟିରେ ପାଠ ପଢ଼ୁଚି । ଦେଖିବାକୁ ସୁନ୍ଦର ।

ସାଗର : ବାପା, M. A. ଟା Complete କରିସାରେ··· ତା' ପରେ ଯାଇ ବାହାଘର କଥା

ରାମ : ତୁ କୋଉଠୁ ବୁଝିବୁ ସାଗର, ତୋ' ମା'ଙ୍କୁ ହରେଇ ମୁଁ କିମିତି ଭାବରେ ଦିନ କାଟୁଚି ·· ମୋ ବୋହୂ ଆସିଗଲେ ମତେ ସବୁ ଭଲ ଲାଗିବ··· । କାଲି ଦେଖାଶୁଣା ହୋଇଗଲେ ତୁ ପରଦିନ ସରୋଜ ଗାଁ ଆଡେ ଯାଇ ବୁଲି ଆସିବୁ ।

[ଚାଲିଗଲେ]

ସାଗର : ସରୋଜ, ତୁ ଯା ବାପାଙ୍କୁ କହିଦବୁ, ଏତେ ଶୀଘ୍ର ମୁଁ ବାହା ହବାକୁ ଚାହେଁ ନା···

Source: Author, Digitized by PPRACHIN, SOA

ସରୋଜ : ବାପା ଏଥିରେ ମନ ଖରାପ କରିବେନି ?

ସାଗର : ମନ ଦୁଃଖ କଲେ ବି···

ସରୋଜ : ବାପା ଯାହା କରିବେ ତୋର ମଙ୍ଗଳ ପାଇଁ··· ତୋର ଅବାଧ ହବା ଉଚିତ୍ ନୁହେଁ ।

ସାଗର : ସରୋଜ !

ସରୋଜ : ମୁଁ ଆଜି ଗାଁକୁ ଯାଉଛି··· ତତେ ମୁଁ ପଦ୍ମଶିରିଦାନକୁ ଅପେକ୍ଷା କଳି ।

ସାଗର : ହଁ, ମୁଁ ନିଶ୍ଚୟ ଯିବି ।

ସରୋଜ : ତୁ ଆସୁଚୁ ବୋଲି ଶୁଣିଲେ ଆମ ଝରଣା ନା ଛ' ତିଅଣ ନ' ଭଜା କରିଥିବ । ହଉ ମୁଁ ଯାଏ···

ସାଗର : ତୁ ଯା··· ମୁଁ ନିଶ୍ଚୟ ଯିବି ।

(ଅନ୍ଧାର)

Source: Author, Digitized by PPRACHIN, SOA

ଦୃଶ୍ୟ-୨

[ଗାଁରେ ସନ୍ଧ୍ୟା ।

ମନେକର ଝରଣା ସେମିତି ଏକ ସଞ୍ଜରେ ନଈକୂଳ ଆଡ଼େ ବୁଲି ଯାଇଚି ଏବଂ ଗୀତ ଗାଉଛି । ବୟସ ଚଉଦର ଷୋହଳ ହବ । ଠିକ୍ ଏତିକବେଳେ ସରୋଜ ଫେରୁଛି ଗାଁକୁ । ଝରଣା ସରୋଜକୁ ଦେଖି ଗୀତ ବନ୍ଦ କରିଦେଇଛି । ପାଖକୁ ଆସି ଝରଣାକୁ ଦେଖି ସରୋଜ ପଚାରିଲା]

ସରୋଜ : ଆରେ, ଝରଣା, ଏଇଠି କ'ଣ କରୁଥିଲୁ ?

ଝରଣା : ଉଁ···ଗୀତ ଗାଉଥିଲି ଆଉ ତମକୁ ଅପେକ୍ଷା କରିଥିଲି ।

ସରୋଜ : ଆଚ୍ଛା ! ପିଲାଳିଆମୀ ଗଲାନି ତୋର ଏ ଯାଏଁ ! ଏକେଲା କାହିଁକି ତୁ ଏଠି ବୁଲୁଚୁ ?

ଝରଣା : କହିଲି ପରା ତମକୁ ଅପେକ୍ଷା କରିଥିଲି । ଭାଇ ! ତମେ ତ ଆସିଲ, ତମ ସାଙ୍ଗ କୁଆଡ଼େ ଗଲେ ଯେ ? ତମେ ଚିଠି ଲେଖିଥିଲ ନା, ତମର ସାଙ୍ଗ କିଏ ଜଣେ ଆସିବେ ବୋଲି !

ସରୋଜ : ସିଏ କାଲି ଗୁଡ଼ିଏ ପଅରିଦିନ ଆସି ପହଞ୍ଚିବେ !

ଝରଣା : ଉଁ, ଆଜି କାହିଁକି ଆସିଲେନି ଯେ ! ମୁଁ ରୋଷେଇ କରି ରଖିଥିଲି । ଶୁଖୁଆ ତରକାରୀ···ପୋଇ ପତ୍ର ଭଜା···ଚୂନାମାଛ ବେସର··· ଯାଃ···

ସରୋଜ : ଆରେ ତାର ପରା ବାହାଘର ପ୍ରସ୍ତାବ ପଡ଼ିଚି । କାଲି ତାକୁ କିଏ ସବୁ ଦେଖିବାକୁ ଆସୁଛନ୍ତି । ମଉସା କହିଲେ ସିଏ ପଅରିଦିନ ଆସିବ ।

Source: Author, Digitized by PPRACHIN, SOA

ଝରଣା : (ହସିଲା) ଇ’ ମା ! ଝିଅମାନଙ୍କୁ ସିନା ଦେଖିବାକୁ ଆସନ୍ତି—ପୁଅଟାକୁ···ହି ହି ହି ହି···ପୁଅଟାକୁ କିଏ ଦେଖିବ ବା ?

ସରୋଜ : ପୁଅଟାକୁ ଝିଅ ଦେଖିବାକୁ ଆସିବ !

ଝରଣା : ହି ହି ହି ହି ହି—

ସରୋଜ : ଆବେ ହେ ! ହସୁଚୁ କ’ଣ ? ଆଜିକାଲି ସହରରେ ଝିଅମାନେ ପୁଅଙ୍କୁ ଦେଖିବାକୁ ଆସୁଛନ୍ତି ।

ଝରଣା : ଏ ମା’ ! ଇଏ କି ଓଲଟା କଥା ବା ?

ସରୋଜ : ଯୋଉ ସାଙ୍ଗଟା ପଅରଦିନ ଆସିବ ସିଏ କିଏ ଜାଣିଚୁ ?

ଝରଣା : ନା, ମୁଁ କେମିତି ଜାଣିଲି ?

ସରୋଜ : ଜମିଦାର ରାମନାରାୟଣଙ୍କ ପୁଅ । ଏକମାତ୍ର ପୁଅ, ଅଚଳାଚଳ ସମ୍ପତ୍ତି···ହେଃ ! ରାଜ ଜଆସରେ ବଢ଼ିଛି । ଗାଁ ମାଟିରେ ପାଦ ତା’ର ପଡ଼ିନ । ସବୁବେଳେ ଖାଲି କାର୍, ଜିପ୍···ମଟର ସାଇକେଲ୍ !

ଝରଣା : ଏତେ ବଡ଼ ଲୋକ—ସିଏ ତମର ସାଙ୍ଗ !

ସରୋଜ : ମତେ କ’ଣ ବୋଲି ପାଇଲୁ ? ବାଣୀବିହାରରେ ଏଇ ଗୃରମାସ ଭିତରେ ସାଗର ମୋ’ଠୁ ଦିନେ ବି ଅଲଗା ହୋଇନି । ଏ ପେଣ୍ଟ୍ ସାର୍ଟ ସବୁ ସିଏ ଦେଇଚି ନା···ମୋ’ ପାଖରେ ପଇସା କାଇଁ ? ସିଏ ଶ୍ରୀକୃଷ୍ଣ ତ ମୁଁ ସୁଦାମା···(ହସିଲା)

ଝରଣା : ତାଙ୍କ ନାଁ ସାଗର ! ନାଇଁ !

ସରୋଜ : ହଁ । ଯୋଉ ଝିଅଟା ସାଙ୍ଗରେ ତା’ର ବାହାଘର ପ୍ରସ୍ତାବ ପଡ଼ିଛି ସିଏ ଦିଲ୍ଲୀରେ ପଢୁଚି ।

ଝରଣା : ଦିଲ୍ଲୀରେ ! ଭାଇ ! ଦିଲ୍ଲୀରେ ପରା ଝିଅମାନେ ଶାଢ଼ି ପିନ୍ଧୁ ନାହାନ୍ତି—ଖାଲି ସିନେମା ଜାମା ସବୁ ପିନ୍ଧୁଛନ୍ତି !

ସରୋଜ : ପେଣ୍ଟ୍ ଜାମା—ପୁଅମାନଙ୍କ ଭଳି ।

ଝରଣା : କାଲିଠୁ ମୁଁ ତମ ପେଣ୍ଟ୍ ଜାମା ପିନ୍ଧିବି । ଦେଖିବା କେମିତି ଦିଶିବ !

ସରୋଜ : ନାଇଁ ପଠାରେ—ଗାଁ ଗୋହିରୀରେ ଯୋଉ ସବୁ କୁକୁର ବୁଲୁଛନ୍ତି ଦେଖିଛୁ ? ସେମାନେ ଗୋଡ଼େଇବେ—

Source: Author, Digitized by PPRACHIN, SOA

ଝରଣା : ହି ହି ହି ହି ହି···

ସରୋଜ . ଖାଲି ହସୁଥା’ ! ବାପା ତ ତୋ’ ପାଇଁ ବର ଖୋଜି ଖୋଜି ନୟାନ୍ତ ହେଲେଣି !

ଝରଣା : ମୁଁ କ’ଣ କରିବି ଯେ ! ପାଠ ହେଲେ ଦି ଅକ୍ଷର ପଢ଼ିଥାନ୍ତି··· ତା’ହେଲେ କୋଉଠି ଗୋଟେ ଚାକିରି ମିଳିଥାନ୍ତା ।

ସରୋଜ : ତୁ ପାଠ ପଢ଼ିବୁ ବୋଲି ମୁଁ କେତେ ଝଗଡ଼ା କଲି । ହେଲେ ବାପାଙ୍କ କଥା ତ ଜାଣିଚୁ । ଆଉ ଚାରିଟା ବର୍ଷ ସମ୍ଭାଳି ପାରିଲେନି ଯେ ତୋ ପଢ଼ା ବନ୍ଦ କରିଦେଲେ । ବର୍ତ୍ତମାନ ବୁଝୁଚନ୍ତି ଯେ···ଯୋଉଠି ପ୍ରସ୍ତାବ ଆସୁଚି—ସେଇଠି ସମସ୍ତେ କହୁଛନ୍ତି B. A. ପାଶ୍ କରିଚି କି ନାହିଁ ।

ଝରଣା : ମୁଁ ବାହା ହେବିନି ଯା’—

[ଠିକ୍ ଏତିକିବେଳେ ପ୍ରବେଶ କଲେ ଗଣେଶ ବାବୁ, ସରୋଜ ଓ ଝରଣାଙ୍କ ବାପା । କିଛି କାମ ଧନ୍ଦା କରନ୍ତି ନାହିଁ, ସବୁ-ବେଳେ ଗଞ୍ଜେଇ ଖାଆନ୍ତି ଓ ଅସଭ୍ୟ ଭାଷା କୁହନ୍ତି । ଗଣେଶ ଝରଣାର ଏପରି କଥା ଶୁଣି ଭୀଷଣ ବିରକ୍ତି ପ୍ରକାଶ କରି କହିଲେ ।]

ଗଣେଶ : ଆଉ ବାହା ହବୁନି···କ’ଣ ଘରେ ବାପ ତୋର ଥାଳି ଥୋଇଚି ବସି ବସି ଖାଲି ଗେଫା ମାରିବୁ ।

ଝରଣା : ବାପା !

ଗଣେଶ : ଆରେ ସରୋଜ, ହଇରେ—ତୋର ତ ଛୁଟି ହେଲାଣି ପଅରଦିନଠୁ—କୁଆଡ଼େ ବୁଲୁଥିଲୁ ଏତେଦିନ ଯାଏ ?

ସରୋଜ : ମୁଁ ସାଗର ଘରଆଡ଼େ ଯାଇଥିଲି ବାପା···

ଗଣେଶ : ବୁଲୁଥା ବୁଲୁଥା ଶଳା···ଚାକିରି ବାକିରି ନ କରି ସେମିତି ଶଳା ବୁଲୁଥା···ତତେ କହିଥିଲି ମଦନପୁର ଯାଇ ସେ ପାଣଟି କଥା ବୁଝିବାକୁ, ବୁଝିଚୁ ?

ସରୋଜ : ମୁଁ ଯାଇନି ବାପା !

Source: Author, Digitized by PPRACHIN, SOA

ଗଣେଶ : କାହିଁକି ଯିବୁ ? ଘରେ ତ ଥାଉ ଥୁଆ ହେଇଚି ଭାଇ ଭଉଣୀ ବସି ଖାଲି ଗେଫିବ । ଆରେ ପିଲାଟା ମାଇନର୍ ପାଶ୍ କରି ବଲବାଡ଼ି କାମ ବୁଝୁଚି···ଏତେ ସୁନ୍ଦର ପ୍ରସ୍ତାବ, ତୁ ଚାଲୁନୁ ?

ସରୋଜ : ନାଇଁ ବାପା···ଝରଣାକୁ ଆମର ଗୋଟେ ମାଇନର୍ ପାଶ୍ କଲା ପୁଅ ସାଙ୍ଗେ ବାହାଘର କରେଇବା ?

ଗଣେଶ : କ'ଣ ହେଇଗଲା ସେଇଠୁ ! ତା'ର ତ ଦାବୀ ନାହିଁ···ଯୌତୁକ ଦେଲା ନାହିଁ ହେଲା ପାରି···ମୁଁ କିଛି ଶୁଣିବନି···ମୁଁ ସେଇଠି କରିବି । କମିତି ବୋଝଟା ଓଠିଗଲେ ଗଲା···ତୁ ଯା, ସେଇଠି ଠିକ୍ କରି ଆ···

ସରୋଜ : ମୁଁ ଯାଇପାରିବନି ବାପା··· [ସରୋଜ ଚାଲିଯାଇଚି]

ଗଣେଶ : କ'ଣ ହେଲା ଯାଇପାରିବୁନି···ତୋ' ବୋପା ଶଳା ଯିବ···ଦେଖିବି କମିତି ଯିବୁ ନି···ଖାଲି ଚାକରୀ ବାକରୀ ନ କରି ଘରେ ବସି ଗେଫା ମାରିବ । ଆଉ ତୁ ଏଠି ଠିଆ ହେଇଚୁ କାହିଁକି···ଯାଉନୁ ଘରକୁ··· ଯେତେବେଳେ ସମୟ ପାଇଲା ଚାଲି ଆସିଲା ଏଇ ନଈକୂଳକୁ ।

ଝରଣା : ମୁଁ ବାହା ହେବନି ବାପା··· [ଚାଲିଯାଇଚି]

ଗଣେଶ : ଏଁ କ'ଣ କହିଲୁ ଶଳା, ବାହା ହବୁନି ? ଆଉ କ'ଣ ଟୋକାଗୁଡ଼ାଙ୍କୁ ଅନେଇଁ ଅନେଇଁ ଶଳା ଦିନ କାଟିବୁ ? ଏ ଶଳା ନନ୍ଦଆଟା ଯେ କୁଆଡ଼େ ଗଲା···ଆଖିଟା କଷରା ନ ପଡ଼ିଲେ କିଛି ବୁଦ୍ଧି ଆସିବ ନି ।

[ଆସିଚି ନନ୍ଦ ଦାସ]

ନନ୍ଦ : କିରେ ଗଣେଶ···କାହା ଉପରେ ତୁ ଗରଗର ହଉଚୁ ?

ଗଣେଶ : ତୋରି ଉପରେ···ଶଳା ତତେ କିନିଷ କିଣିଦେଇ ଆସିଲି··· ଏଇତକ ଆସୁ ଆସୁ ତୋର ଏତେ ଡେରି ହେଲା···ବାହାର କରି··· ବାହାର କରି···

ନନ୍ଦ : ମୁଁ ପରା ସିଆଉ ବନେଇ ଚୁନେଇ ଆଣିଚି । [ଚିଲମ ବାହାର କରି] ମାରି ଉଆସିଲି··· [ଦୁହେଁ ଖାଇଲା ବେଳେ)

ଗଣେଶ : ହଇରେ, କିଛି ପାତ୍ର ସନ୍ଧାନ ପାଇଲୁ ?

ନନ୍ଦ : B. A. ପାଶ୍ କଲା ଗୋଟେ ପାତ୍ରର ସନ୍ଧାନ ପାଇଚି·· ହେଲେ ତାଙ୍କର ଦାବୀ ଗୋଟେ ଫଟଫଟିଆ—

Source: Author, Digitized by PPRACHIN, SOA

ଗଣେଶ : ଶଳା ମୁଁ କଏ ଫଟଫଟିଆ କଏ ? ଗଞ୍ଜେଇ ଟିକକ ପାଇଁ ପଇସା ଅଣ୍ଟୁନି ··କହୁଚ ମଟର ସାଇକେଲ କଥା···

ନନ୍ଦ : ଶଳା ଝିଅ ବାହାଘର କରିବୁ···ଦ'ପା ଜମି ବନ୍ଧକ ଦଉନୁ··· ?

ଗଣେଶ : ଘର ଗୁଳଖ ନା···ଜମି ବନ୍ଧକ ଯଦି ଝିଅ ବାହାଘର କରିବ ତା'ହେଲେ ସବୁଦିନେ ମୋର ଏ ଧୂପ ଚଳିବ କମିତି ?

ନନ୍ଦ : ସତ କଥା···ତା'ହେଲେ ରହ, ମୁଁ ଆଉ ଗୋଟାକୁ ଆଖି ପକାଏ···

ଗଣେଶ : ଶଳା, ତୁ 'ଗୋଟେ ଗାଁ ଟାଉଟର ହେଇଚୁ, ଏତିକ କରିପାରୁନୁ ! ଆଉ ଶଳା କ ଟାଉଟର ହେଇଚୁ ! ଆରେ ଯୌତୁକ କ'ଣ··ଶଳା ଯୋଉ ଝିଅ ତ ମୁଁ ଜନ୍ମ କରିଚି ଦେଖିବାକୁ ସ୍ୱର୍ଗର ଅପସରା··ତା' ରୂପଟା କ'ଣ ଗୋଟେ ଯୌତୁକ ନୁହେଁ ?

ନନ୍ଦ : ହଁ ବେ, ଗୋଟେ ସୁନ୍ଦରିଆ ଝିଅ ଜନ୍ମ କରିଚୁ···ଖାଲି ତ ତା' ରୂପ ଦେଖି ଘରକୁ ବୋହୂ କରିନେବେ !

ଗଣେଶ : ମଦନପୁରରେ ଗୋଟେ ଟୋକାକୁ ଦେଖିଚି···ମାଇନର୍ ପାଶ୍ କରିଚି ବଲବାଡ଼ି କାମ କରୁଚି···ଶଳା ପୁଅଟାକୁ କହିଲବେଳକୁ ମଙ୍ଗୁନି···କ. ଝିଅଟା ବି ବାହା ହବାକୁ ରାଜି ନୁହେଁ···

ନନ୍ଦ : ତୁ ମୋଟେ ବ୍ୟସ୍ତ ହନା—ମୁଁ ଆଖି ପକୋଉଚି—ଟେଣିକି ଦେଖାଯିବ ।

ଗଣେଶ : ନାଇଁ ଦେଖାଯିବ ନୁହେଁ···ଯିମିତି ହେଲେ ଠିକ୍ କରିବାକୁ ପଡ଼ିବ··· ଶଳା ଆଗାମୀ ତିଥିରେ ସାରିଦେଲେ ମୁଁ ନିଶ୍ଚିନ୍ତ···

ନନ୍ଦ : ହଉ, ହଉ ଗୁଲ···ପଞ୍ଚାୟତ ପୋଖରୀରେ ମାଛ ଧରା ହଉଛି··· ମାଛ ନ ହେଲେ ଭାତ ପେଟକୁ ଯାଉନି···ଗୁଲ ଯିବା ଗୁଲ···

ଗଣେଶ : ଗୁଲ···

Source: Author, Digitized by PPRACHIN, SOA

ଦୃଶ୍ୟ-୩

[ଆଲୁଅ ଆସିଲାବେଳକୁ ଜମିଦାର ରାମନାରାୟଣ ବାବୁଙ୍କ ପୁରୁଣା ଗୃକର ଭୋଳା ଟଛେଇ ପଛେଇ ମଞ୍ଚ ଉପରକୁ ଉଠୁଛି । କାଖରେ ଗୋଟାଏ ଗୁଞ୍ଜୁଣୀ । ମୁଣ୍ଡ ଉପରେ ଗୋଟାଏ ଫୁଲଦାନି । କାନ୍ଧରେ ପଡ଼ିଛି ରଙ୍ଗୀନ୍ ଟେବୁଲ୍ କ୍ଲଥ୍ । ସେ ଓ ରାମନାରାୟଣ ବାବୁଙ୍କ ଭଣଜା ପ୍ରତାପ ଗୋଟିଏ ସୋଫାକୁ ଅନ୍ୟ ଘରୁ ଉଠେଇ ତାଙ୍କର ଡ୍ରଇଂ ରୁମ୍‌କୁ ଆଣୁଛନ୍ତି ।

ଭୋଳା : ଧର, ଧର, ଧର ଭଣଜା ବାବୁ···ଆଉ ଟିକିଏ ! ହଁା ହଁା ହଁା···ବାଃ·· ଉଠ, ଉଠ· ·ଉପରକୁ ଉଠ···ହଇଏ ଟୋକାଲୋକ ତମେ···ଗୋଡ଼ ତମର ଇମିତି ଟଳମଳ ହଉଚ କାଇଁକି ବା ? ସକାଳୁ ସକାଳୁ ଦେଶୀ ମାଲ ଯାକ ପକେଇ ଦେଇଚ କି ହୋ ? ଏଁ ? ଏ ସକାଳୁ ସକାଳୁ ଭାଟି ଖୋଲିଗଲାଣି ? ନା ରାତିରେ ଆଣି ଘରେ ରଖି ଦଉଚ ବା ?

ପ୍ରତାପ : (ଧଇଁସଇଁ ହୋଇ) ଏ ଭୋଳା···କହିଦଉଚି ଶଳା···ଦେଖିଶୁଣି କଥାବାର୍ତ୍ତା କର । ଦେଖିଚୁ ଏ ଚପଲ ? କଲିକତାରୁ ଆଣିଚି···ମାମୁଁ ଯଦି ଶୁଣିବେ···ଶଳାକୁ ସେକ ଦେବ କହୁଚି !

[ପ୍ରତାପ ଏତକ କହି ଉପରକୁ ଉଠିଲା, ପିନ୍ଧିଛି ବଢ଼ିଆ ପୋଷାକ । ଜମିଦାରୀ ଚାଲିଯାଇ ଦାଣ୍ଡରେ ଭିକାରୀ ଭଳି ବୁଲୁଥିବା ଆଟବଜା ଭଳି ପୋଷାକ । ଗୋଡ଼ ତା'ର ସତରେ ଟଳମଳ]

Source: Author, Digitized by PPRACHIN, SOA

ଭୋଳା : ନାଇଁ, ଭଲେଇ ଆଖି ବୁଜ ଦୁଧ ପିଉଚ ! ମାମୁଁ ଆଉ ଜାଣିଛନ୍ତି କ ତମେ କେତେ ଦେଶୀ ମାଲ ପିଉଛ ବୋଲି ? ତମେ ତ ଏକା ଭୁଲୁଁକ... ହଉ ଧର ଏଇଟାକୁ (ପ୍ରଥମେ ଦେଲା ଫୁଲଦାନୀ), ହୁଁ...ଏଇଟାକୁ କାନ୍ଧରେ ପକାଅ—(ଦେଲା Table Clothଟାକୁ) ପକାଅ କାନ୍ଧରେ...

ପ୍ରତାପ : (ଧରୁ ଧରୁ ସେଗୁଡ଼ାକ ତଳେ ଗଳେଇ ପକେଇଲେ) ହୁଁ...ମତେ କହୁଚ ଧରିବା ପାଇଁ । କ'ଣ ଭାବିଲୁ କେଜାଣି...ଶଳା ଜମିଦାର ରାମନାରାୟଣ ସିଂହର ଭଣଜା ମୁଁ ! ଇଚ୍ଛା କଲେ ଏଇନା ସବୁଗୁଡ଼ା ତୋ ମୁହଁ ଉପରେ ଫୋପାଡ଼ ଦେଇ ଚାଲିଯାଇଥାନ୍ତି...ଖାଲି ଘରକୁ ଭଦ୍ରଲୋକ ଆସୁଛନ୍ତି—ମାମୁଁଙ୍କର ଇଜ୍ଜତ କଥା ବୋଲି କାମ କରୁଛି...ନହେଲେ...ହୁଁ !

ଭୋଳା : ମତେ କ'ଣ କର ପାଇଲ କ ? ତିରିଶି ବର୍ଷର ପୁରୁଣା ଚାକର ମୁଁ...ଆସିଥିଲି ମା'ଙ୍କ ସାଙ୍ଗରେ ଆଳରୁ...ସେ କାଳର ପୁରୁଣା ଯୌତୁକ...ସବୁ ଭାଙ୍ଗିରୁଜି ଗଲାଣି...ମା' ଯାଇକରି ଆରପାରିରେ... ହେଲେ ମୁଁ ଅଛି...ପିତଳ ହଣ୍ଡା ପରି ଚମକୁଚ [ଘର ସାରି ଝାଡ଼ିଲା] ଓଃ ! ଏ ଘରଟା କ'ଣ ହେଇଚ...ଝିଟିପିଟି...ମୂଷା...ଅସରପା... ମୁଁ ଯେତେବେଳେ ଏ ଘରକୁ ଆସିଥିଲି ଏ ଉଆସ ଖାଲି ଚମକୁଥିଲା—ଝାଡ଼ ବତି, ଅତର...ସିଂହାସନ ପଡ଼ିଥିଲା...ରୂପା ସିଂହାସନ ...ବୁଝିଲ ପ୍ରତାପ ସାଆନ୍ତେ...କ'ଣ ଶୁଣୁଚ ନା ସେଇଠି ଠିଆ ଠିଆରେ ଢୁଳେଇ ପଡ଼ିଲଣି ବା ? ଜମିଦାରୀ ଯାଇଚ...ସାଇବମାନେ ଗଲେ...ଏ ଘର ନଷ୍ଟ ହେଇଗଲା—ହଉ—ସେ କନାଟା ହଉ—ଯା' ଉପରେ ପକେଇଦେବା...ଫୁଲଦାନୀଟା ସେଇ କଣେ ରଖିହଅ —ବାଃ...ବଢ଼ିଆ ହେଲା, ହୁଁ ! କଟକରୁ ଆସିବେ—ଆସନ୍ତୁ ହେ ! କଏ ଖାତିର କରିଚ ସେଇ କଟକିଆଙ୍କୁ...ଆମକୁ କ'ଣ ଘର ସଜେଇ ଆସେନ ?

ପ୍ରତାପ : ବୋକା ! ଶଳା ପୁରା ମଫ । ଘର କ'ଣ ଏମିତି ସଜା ହୁଏ ? ଏଇଠି ଟେଲିଭିଜନଟା ରହିଥା'ନ୍ତା...ସେଠି ଗୋଟେ ଏକ୍ୱାରିଅମ୍—ମାମୁଁ ତ କିଛି ବୁଝିବେନ—

Source: Author, Digitized by PPRACHIN, SOA

ଭୋଳା : କ'ଣ କହିଲ ? ଏକୁ ଆରମ ? ସେଇଟା ପୁଣି କ'ଣ ବା ?

ପ୍ରତାପ : ମାଛ ପେଡ଼ି···ମାଛ ପେଡ଼ି । କାଚ ଘର । କାଚ ଘର ଭିତରେ ପାଣି···ପାଣି ଭିତରେ ମାଛ···କଳା ମାଛ···ଧଳା ମାଛ···ନାଲି ମାଛ···ନେଳୀ ମାଛ···ଶାଗୁଆ ମାଛ···ହଳଦିଆ ମାଛ···

ଭୋଳା : (ହସୁଥାଏ) ବେଶୀ ହେଇଯାଇଛି । ସକାଳୁ ସକାଳୁ ବେଶୀ ହେଇ-ଗଲେ ଯାହା ଅବସ୍ଥା···ହଇଏ ? ମାଲଟା ପିଇଲେ ମାଛଗୁଡ଼ା ମଧ୍ୟ ନେଳୀ, ନାଲି ଦିଶୁଛନ୍ତି ? ହେ ପ୍ରଭୁ ! ଠାକୁରେ ଅନୁକୂଳଚଂଦ୍ର ! ଆମ ପ୍ରତାପବାବୁଙ୍କ ନିଶାଟା ଛଡ଼େଇଦିଅ—

ପ୍ରତାପ : ମୂର୍ଖ ! ଗାଉଁଲି ! କଟକବାଲା ଆସି ଏଇ ସାଗରଟାକୁ କେମିତି କୋଉଁ କରିବେ କେଜାଣି—ସେଇଟା ବି ଗୋଟେ ନାଲିଚୂଡ଼ା—

ଭୋଳା : ହେଁ···(ଖଡେଇ ହେଇ) କହିଲ ଗୋଟାଏ କଥା ଏତିକ ବେଳକୁ ! ତମେ ଏଡ଼େ ସହରୀ !! ଆମ ସାନବାବୁ ହେଇଗଲେ ନାଲିଚୂଡ଼ା ଆଉ ତମେ ଇଫାଇନ···ବାଣୀବିହାରରୁ ଏମ୍. ଏ.··· କହିଲେ ନାଲିଚୂଡ଼ା···!! [ମଟର ହର୍ଣ୍ଣ ଶୁଭିଲା]

ଭୋଳା : ଏଁ ! ଆସିଗଲେ କି ଆଉ ? ଗୃଜଲ···ଗୃଜଲ···

ପ୍ରତାପ : ଯା···ତୁ'ଯାଇ ଦେଖ—ମୁଁ ଜଳଖିଆ କଥା ଦେଖୁଛି—ସେ ଚକୁଳି, କାକେରା, ଛୁଞ୍ଚିପତ୍ର ଏଇଠି ଗୃଜଲବନ କହିଦଉଛି ! ଆଜକାଲି ଆଉ କଟକରେ କିଏ ସେଗୁଡ଼ା ଖାଉ ନାହାନ୍ତି— ଖାଲି ବ୍ରେଡ୍, ବଟର, ଜାମ···କଟଲେଟ୍ ଗୃଜଲ ବ୍ୟବସ୍ଥା କରିବା ।

ଭୋଳା : ହଉ ଯାହା କରୁଛ କର···ସେଗୁଡ଼ା ନିଜେ ଖାଇଦିଅନ ।

(ପ୍ରତାପ ଓ ଭୋଳା ଗଲେ — ପ୍ରବେଶ କଲେ ରାମନାରାୟଣ ଓ କିଶୋରଚନ୍ଦ୍ର)

କିଶୋର : ମୋ ଚିଠି ପାଇଥିବୁ । ଅବଶ୍ୟ ତୁ କେତେଦୂର ପସନ୍ଦ କରିବୁ ମୁଁ ଜାଣେନି···ତଥେ ଅନେକ ଦିନ ହେଲା ଦେଖିନି···ଯା' ଭିତରେ ତୋର କନ୍ତୁ ଘୋର ପରିବର୍ତ୍ତନ ହେଇଯାଇଛି । ମୁଣ୍ଡରେ ଜଟା ଚଇତନ···ଧୋତି ପଞ୍ଜାବୀ···କ'ଣ ସ୍ତ୍ରୀ ମରିଗଲା ପରେ ସନ୍ୟାସୀ ହେଇ ଗଲୁନା କ'ଣ ?

Source: Author, Digitized by PPRACHIN, SOA

ରାମ : (ହସିଲେ) ହଁ ସେଇଥି ଲୁହେଁ ଆଉ କ'ଣ !

କିଶୋର : ହଁ, ଲୁସିକୁ ମୁଁ ସାଙ୍ଗରେ ନେଇ ଆସିଛି । ଭାବିଲି ସୂର୍ଯ୍ୟାସ୍ତ ହୋଇଛି ସାଗର ତ ଥିବ—ଲୁସିର ତା' ସାଙ୍ଗରେ ଦେଖା ହୋଇଯିବାଟା ଭଲ । କୋଉ ପିଲାଦିନେ ପରସ୍ପରକୁ ଦେଖିଥିଲେ···

ରାମ : କାହିଁ···ଲୁସି କାହିଁ ?

କିଶୋର : ଗାଡ଼ିରେ ବସିଛି । ଏଇ ଦୁଇ ଦିନ ହେଲା ଦିଲ୍ଲୀରୁ ଫେରିଛି । ଦିଲ୍ଲୀ ଇଉନିଭରସିଟିରେ ଏମ୍. ଏ. ପଢ଼ୁଛି ଲୁସି । ମଝିରେ ମଝିରେ ଟେଲିଭିଜନ୍‌ରେ ମଧ୍ୟ ପ୍ରୋଗ୍ରାମ କରୁଛି···

ରାମ : ବାଃ ! ଖୁବ୍ ଭଲ କଥା !

କିଶୋର : ଆମବେଳେ କିନ୍ତୁ ଏସବୁ ଦେଖାଶୁଣାର ପ୍ରୟୋଜନ ନଥିଲା, ବାପା-ମା' ଯାହା ଠିକ୍ କରୁଥିଲେ ସେଥିରେ ଆମେ ସନ୍ତୁଷ୍ଟ (ହସିଲେ) ଆଜିକାଲି ଝିଅମାନେ ସ୍ୱାଧୀନ···ସେମାନଙ୍କର ଚିନ୍ତାଧାରା ଅଧିକ ବ୍ୟାପକ···ଲୁସି ଆମର ଗୀତ ଗାଏ—ନାଚେ—ଗାଡ଼ି ଚଲାଏ···ସବୁ···ସବୁ ଜଣା···

ରାମ : ଏ ସବୁ ଭଲ । ତେବେ ଆମଘରେ ଏଗୁଡ଼ାକ କିଛି ଦରକାର ହବନି ! ତୁ ତ ଜାଣୁ କିଶୋର, ଆଜିକାଲି ମୁଁ ଧର୍ମଚର୍ଚ୍ଚା କୀର୍ତ୍ତନ ଭଜନ ଭିତରେ ପ୍ରାୟ ଅଧିକାଂଶ ସମୟ କଟେଉଛି । ଘରେ ତ ଆଉ କିଏ ନାହିଁ ! ବିଧବା ଭଉଣୀ ଆଉ ତା' ପୁଅଟାକୁ ବି ରଖିଛି···

କିଶୋର : ହଁ ଭାଇ, ଆମ ଜୀବନର ବାରଣା ଅଂଶ ଗଲାଣି—ଏଣିକି ପିଲାଏ ତାଙ୍କ କଥା ବୁଝନ୍ତୁ—

ରାମ : ମୁଁ କିନ୍ତୁ ଭାବେ ଅଫିସ ଅପେକ୍ଷା ରୋଷେଇଘରେ ସ୍ତ୍ରୀମାନେ ବେଶୀ ସୁନ୍ଦର ଦେଖାଯାଆନ୍ତି—ଗାଡ଼ି ଚଲେଇବାଠାରୁ ଅଧିକ ସୁନ୍ଦର ଦେଖାଯାଆନ୍ତି ପରିବା କାଟିଲା ବେଳେ···ଅବଶ୍ୟ···ଏଇଟା ମୋର ବ୍ୟକ୍ତିଗତ ବ୍ୟାପାର ।

[ହଠାତ୍ ପ୍ରବେଶ କଲେ ଲୁସି । ହାତରେ ଗୋଟିଏ ଛୋଟ କୁକୁର । ଉଗ୍ର ଆଧୁନିକା—ମେମ୍]

Source: Author, Digitized by PPRACHIN, SOA

ଲୁସି : May I disturb you !

କିଶୋର : ଆ' ମା' ଆ'···ଇଏ ତୋର ଭାବି ଶ୍ୱଶୁର···

ଲୁସି : ହେଲୋ ! ହାଓ ଆର ୟୁ ? ଯା' ହଉ, ଆପଣମାନଙ୍କ ସଙ୍ଗରେ ଦେଖା ହେଲା—ବାଇ ଦି ବାଇ ସାଗର କାହିଁ ? ତାର ଚେହେରାଟା ନିକିଏ ଦେଖି ନଥାନ୍ତେ—

ରାମ : ସାଗର ତା' ସାଙ୍ଗମାନଙ୍କ ସାଙ୍ଗରେ ବଜାରକୁ ଯାଇଛି ବୋଧେ—ତୁ' ଭିତରକୁ ଯା' ମା···ତୋ' ବାପା ସାଙ୍ଗରେ ମୋର ଗୁରୁତ୍ୱପୂର୍ଣ୍ଣ କଥା ଅଛି ।

ଲୁସି : Okay !

[ଲୁସି ଚାଲିଗଲା ପରେ]

କିଶୋର : ଲୁସି କେମିତି ଲାଗିଲା ?

ରାମ : ତାକୁ ସିନେମାରେ ପଠେଇଦେଲେ ଭଲ ମାନିବ ।

କିଶୋର : (ହସିଲେ) କୋଉ ଗୋଟିଏ ପ୍ରୋଡ୍ୟୁସର କଟକରୁ ତାକୁ ହିରୋଇନ୍ କରିବା ପାଇଁ ଆସିଥିଲା । ଆମେ ମନା କରିଦେଲୁ ! ବୁଝୁନୁ ଓଡ଼ିଆ ଫିଲ୍ମର ଯାହା ଅବସ୍ଥା···ହିନ୍ଦୀ ସିନେମାରୁ କପି କରି ଏଇଠି କରନ୍ତି ! ଲୁସି କାହିଁକି ପଇସା ପାଇଁ ସେଇଠିକି ଯିବ ?

ରାମ : ଠିକ୍ କଥା । ତେବେ ଏସବୁ ଆଧୁନିକତା ସାଙ୍ଗରେ ଝିଅକୁ ସାମାନ୍ୟ ବୈଦିକ ଶିକ୍ଷା ମଧ୍ୟ ଦେବା ଉଚିତ ଥିଲା । ଦେହ ସର୍ବସ୍ୱ ହେଲେ ମାତୃଜାତିର ଅପମାନ ହୁଏ !

କିଶୋର : ମାତୃଜାତି ମାନେ ?

ରାମ : ସୀତା ସାବିତ୍ରୀଙ୍କର ଆଦର୍ଶ ! ଏଗୁଡ଼ାକ ପ୍ରାଚୀନ ପନ୍ଥୀ କଥା ନୁହେଁ କିଶୋର । ଜୀବନରେ ଏଗୁଡ଼ାକର ମଧ୍ୟ ମହତ୍ତ୍ୱ ଅଛି । ଅଶାଳୀନ ବେଶ ଦେଖିଲେ ମୋର ଚକ୍ଷୁପୀଡ଼ା ହୁଏ ।

କିଶୋର : Do'nt worry ! ବାହାଘର ଆଗରୁ ମୁଁ ତାକୁ ପ୍ରଜାପିତା ବ୍ରାହ୍ମ କୁମାରୀ କେନ୍ଦ୍ରକୁ ମାସକ ପାଇଁ ଛାଡ଼ିବି । ଆ'···ତୋର ବଗିଚା ଟିକିଏ ଦେଖି ଆସିବା—

Source: Author, Digitized by PPRACHIN, SOA

ରାମ : ଚାଲ !   [ସାଗର ଆସିଲ]

ସାଗର : ବାପା ! ମତେ ଡାକୁଥିଲେ ।

ରାମ : ସାଗର । ଇଏ ହେଲେ ତୋର ଭାବୀ ଶ୍ୱଶୁର ! [ସାଗର ପ୍ରଣାମ କଲା]

ପ୍ରତାପ : ହେଲୋ ହେଲୋ । ପ୍ରକୃତରେ ସାଗର ଇଜ୍ ଏ ଜୁଏଲ୍ ।

ରାମ : ସାଗର, ଲୁସି ତତେ ଖୋଜୁଥିଲା ।

(ଉଭୟେ ଚାଲିଗଲେ । ଲୁସି ଆସିଲା ।)

ଲୁସି : ତମେ ?

ସାଗର : ମୁଁ ସାଗର । ତମେ ?

ଲୁସି : ମୁଁ ଲୁସି । (ସାଗରକୁ ଲକ୍ଷ୍ୟ କରି)
ଓ—ନୋ ! ଏ ଯାଏଁ ମାଟ୍ରିକ୍ ପାସ୍ କରି ନାହାନ୍ତି । You are just a kid !

ସାଗର : ଏଇ ଫାଲଗୁନରେ ମତେ ଅଠର ପୂରିବ ।

ଲୁସି : ସେଇଥିରୁ କ'ଣ ମିଳିବ ? ଓଡ଼ିଶାରେ ସମସ୍ତେ Conservative । ବାହାରେ ପୁଅଝିଅ କଥାବାର୍ତ୍ତା ହେଲେ ଲୋକମାନେ କମେଣ୍ଟ୍ କରନ୍ତି । ଭାବନ୍ତି, ଏକାଠି ବୁଲିଲେ ଚରିତ୍ର ନଷ୍ଟ ହୋଇଯାଏ । Now ସାଗର···ଆମେ ଯେହେତୁ ବାହା ହେବା···

ସାଗର : କ'ଣ ହବ ?

ଲୁସି : ବାହା ହେବା··· । ମୁଁ ଗୋଟାଏ କଥା ଜାଣିବାକୁ ଚାହୁଁଛି ।

ସାଗର : ଯଥା ?

ଲୁସି : ତମେ କାହାକୁ ପ୍ରେମ କରୁଛ କି ନାହିଁ ?

ସାଗର : ନା ।

ଲୁସି : Do'nt tell me that ! ମୁଁ ବିଶ୍ୱାସ କରି ପାରୁନି । ଗୁଡ୍ ! ସାଗର ! ମୁଁ ତମକୁ କେମିତି ଲାଗୁଛି ?

ସାଗର : ଭଲ ।

ଲୁସି : ନା, ମୁଁ ଗୋଟାଏ ଗତାନୁଗତିକ ଜବାବ ଚାହୁଁନି । ତା'ମାନେ

Source: Author, Digitized by PPRACHIN, SOA

ଆଉ ପାଞ୍ଚଜଣ ଝିଅ ସାଙ୍ଗରେ ମୁଁ ବି ଜଣେ ହୋଇଯିବି । ମୁଁ କ'ଣ ଅନ୍ୟମାନଙ୍କ ଭଳି କମନ୍ ?

ସାଗର : ଝିଅ ମାନେ ତ ଝିଅ—ପୁଣି କମନ୍—ଅନକମନ୍ କ'ଣ ?

ଲୁସି : ଏଇ ଯେ ତଳକୁ ମୁହଁ ପୋତି ମତେ କଣେଇ କଣେଇ ଚାହୁଁଛ, ତାର ଅର୍ଥ କ'ଣ ?

ସାଗର : (ଅପ୍ରସ୍ତୁତ) କ'ଣ ଆପଣ କହିବାକୁ ଚାହାନ୍ତି ?

ଲୁସି : କହୁଛି ମନେକରିବନି ! ଓଡ଼ିଶାରେ ଝିଅମାନଙ୍କୁ ଏମିତି କଣେଇ କଣେଇ ଚାହିଁ ପୁଅମାନଙ୍କର ବହୁତ ସମୟ ନଷ୍ଟ ହଉଚି । ତା' ଅପେକ୍ଷା field ଉପରକୁ ଓହ୍ଲେଇ ଆସିବା ଅନେକ ଭଲ । ନା' କ'ଣ ?

ସାଗର : ନା...ମାନେ...

ଲୁସି : କ'ଣ ଲାଜ ମାଡ଼ୁଚି ?

ସାଗର : ଦେଖ ଝିଅମାନଙ୍କ ସଙ୍ଗେ ଏସବୁ ବିଷୟ ଆଲୋଚନା କରିବା ମୋ'. ରୁଚିବିରୁଦ୍ଧ ।

ଲୁସି : ସତେ ? Forget it । ମୁଁ ଏଇଠିକି କାହିଁକି ଆସିଚି କୁହ ତ !

ସାଗର : ତମ ବାପା ମୋ ବାପାଙ୍କ ସାଙ୍ଗ...ମୁଁ ଭାବୁଚି ଦିଲ୍ଲୀରେ ରହୁଚ ତ ...ଓଡ଼ିଶା ବୁଲି ଆସିଚ !

ଲୁସି : ନା ।

ଶୁଭକାନ୍ତ : ତା' ହେଲେ ?

ଲୁସି : କହିଦେବି ? ଠିକ୍ ଅଛି, ତମ ସାଙ୍ଗରେ ମୋ'ର ବାହାଘର ପ୍ରସ୍ତାବ ପଡ଼ିଚି ।

[ଲୁସି ଖିଲ୍ ଖିଲ୍ ହସି ଗୁଲିଗଲା]

ଶୁଭକାନ୍ତ : ବାହା ? (ହସିଲା) ଏଇଟା ସାଙ୍ଗରେ ମୁଁ କୁଆଡ଼େ ବାହା ହେବି ।

[ହେଲା ଆସିଚି]

ହେଲା : ସ୍ରୋଟବାବୁ । ଇଏ କମିତି ଲାଗୁଚନ୍ତି ? ତମେ ଯାହା କୁହ ସାନବାବୁ ! ମତେ କାହିଁକି ବୋଧ ହୁଏ ଯାଆନ୍ତାଣି ମନକୁ ପାଉ

Source: Author, Digitized by PPRACHIN, SOA

ନାହାନ୍ତି । ଏମିତି ବବୁଗ୍ରି ବାଳ ରଖି ଘୋଡ଼ାଙ୍କ ଭଳିଆ ହେଁ ହେଁ ହସୁଚନ୍ତି । ଆରେ ବାବୁ ତମେ ଇଂରଜୀ ଜାଣିଚ—ଭଲ କଥା··· ! ତା’ ବୋଲି ମୋ’ ସାଙ୍ଗରେ ଇଂରଜୀ ?

ସାଗର : ତମକୁ ବି ଇଂରାଜୀରେ କହିଲା ନା କ’ଣ ?

ଭୋଳା : କହିଲେ କ’ଣ ମୁଁ ଛାଡ଼ୁଛି ? ମୁଁ ମାଇକି ବି’ଟା ଇଂରେଜୀ ଘୁଷି ! ସରବତ୍ ଦେଲି । ମତେ କହିଲା ‘ଥ୍ୟାଙ୍କସ୍’ ! ଥ୍ୟାଙ୍କସ୍ କ’ଣ ? ମୁଁ କହିଲି ତମକୁ ଥ୍ୟାଙ୍କସ୍ ! ତମ ଚଉଦ ପୁରୁଷଙ୍କୁ ଥ୍ୟାଙ୍କସ୍ । ତା’ପରେ ତ ବାବୁ ମୁଁ ରାଗିଗଲି ! ତମେ ତ ଜାଣିଚ ଓଡ଼ିଆ ରାଗିଗଲେ ଇଂରେଜୀ କହେ । ପଚାରିଲି : ଇଫ୍ ଯଦି/ବଟ୍ କିନ୍ତୁ/ହ୍ୱାଟ୍ ମାନେ କ’ଣ ?

ସାଗର : (ହସି ହସି) ବାଃ !

ଭୋଳା : ହେଇତି ! ମେମ୍‌ସାହେବ କାବୁ ହେଇଗଲେ ମ ! ଆଉ କ’ଣ ପାଟି ଖୋଲି କିଛି କହି ପାରିଲେ ନାହିଁ ।

ସାଗର : ଶୁଣ ମଉସା ! ମୁଁ କାଲି ସରୋଜ ଗାଁକୁ ଯିବି । ମୋ’ ଜିନିଷପତ୍ର ଟିକିଏ ସଜାଡ଼ି ଦେବ !

ଭୋଳା : ପୂଜାଦିନ ଫେରିଆସିବ କିନ୍ତୁ । ସେଦିନ ତମ ନାଁରେ ମାନସିକ ପୂଜା, ମନେ ଅଛିଟି ?

ସାଗର : ହଁ-ହଁ—ଫେରିଆସିବି । ଅନେକ ଦିନ ହେଲା ଗାଁ ଦେଖିନି । ଭାବୁଚି ଏଇଥର ପୂଜାରେ ସରୋଜ ଗାଁକୁ ଯାଇ ପୁରା ମାତି କରିଦେବି, ବୁଝିଲ ମଉସା ! ···ଶିକାର, ମାଛଧରା···ପକ୍ଷୀ ଶିକାର···ନଈ ପହଁରା···ତା’ ସାଙ୍ଗକୁ ପଖାଳ, ଶାଗ, ବଡ଼ି··· ବୁଝିଲ ମଉସା ! ମୁଁ ଆସୁଛି, ମୋ’ ସୁଟକେଶଟା ସଜାଡ଼ିଦିଅ—

(ଚାଲିଗଲା)

ଭୋଳା : ହଉ ବାବୁ, ତମ ଖୁସିରେ ମୋ’ ଖୁସି । କେମିତି ହାତକୁ ଦି’ହାତ ହେଇଯାଆନ୍ତାକି ! ବୋହୂ ସାଆନ୍ତାଣୀକି ଟିକିଏ ଦେଖନ୍ତି ।

Source: Author, Digitized by PPRACHIN, SOA

ଲୁସି : ହାଏ ! Who ever you are ! ଡାଡ଼ କୋଉଠି ?

ଭୋଲା : ଡାଡ଼ ଇଜ୍ ଫାଡ଼···ଫାଡ଼ ଇଜ୍ ଡାଡ ।

ଲୁସି : What ? ତା' ମାନେ କ'ଣ ?

ଭୋଲା : Speaking is English I. ତମେ ଖୁବ୍ ସୁନ୍ଦର ଆଇ ଡୋଣ୍ଟ୍ କେୟାର୍ ।

ଲୁସି : Shut up !

ଭୋଲା : ତମକୁ ଓଡ଼ିଆ is not coming ? ତା' ହେଲେ ତମେ ଜାତର ଶତ୍ରୁ ! ହଇଏ ଲେଡ଼ିଜ୍ ମ୍ୟାନ୍ ? ଓଠରେ ସେ ଅଳତାଗୁଡ଼ା ଏତେ କାଇଁକି ବୋଳଚ ? ଯାତ ମାଙ୍କଡ଼ ପରି ଦିଶୁଚ··· ।

ଲୁସି : ରାସକ୍ୟାଲ୍ ! ମୁଁ ଏ ଘରକୁ ବାହା ହେଇ ଆସେ···ତୋ'ର ସବୁ ତିଲ୍ଲୀ ହୁଷ୍ଟ ଟାଇଟ୍ କରଦେବି । ଓକେ ।

(ଚାଲିଯାଇଚି)

ଭୋଲା : ଇଏ କାଳେ ଏ ଘରକୁ ବୋହୂ ହେଇ ଆସିବ । ଯଦି ଆସେ ଏ ଘରର ଶିର ଭୁଟିଯିବ । ଛି-ଛି-ଛି ।

Source: Author, Digitized by PPRACHIN, SOA

ଦୃଶ୍ୟ-୪

[ଝରଣା ରାସ୍ତା ଆଡ଼କୁ ଥିବା ଗୋଟିଏ ଗ୍ରୀଲ୍ ଝରକା ଦେଇ ଓ ମନକୁ ମନ କହୁଥିଲା···।]

ଝରଣା : ଛି-ଛି-ଛି ! ଏତେକ ନିଷ୍ଠୁର ଏଇ ଛେଳିଗୁଡ଼ାକ ? ଏତେ ଯତନରେ ଫୁଲ ଗଛଗୁଡ଼ାକ ଲଗେଇଥିଲି···ଖାଇଗଲେ ! ବାଡ଼-ପଡ଼େ ତମ ମୁହଁ ଭିତରେ ଯାଇ ଫୁଲ ଫୁଟିବ ବୋଲି ଭାବିଲ ? ହାଇରେ ଛେଳିମାନେ ! ଆଉ ଥରେ ତମେ ମୋ' ସାମ୍ନାକୁ ଆସ··· ତମର···କାନ ଯଦି ନ ମୋଡ଼ିଛି···

(ହଠାତ୍ ମଞ୍ଚ ଉପରକୁ ସୁଟକେଶ ଧରି ପଶି ଆସୁଥିଲା ସାଗର । ଅଟକିଗଲା, ଚମକିଗଲା ।)

ସାଗର : ଏଇଟା ସରୋଜ ସ୍ୱାଇଁଙ୍କ ଘର !

ଝରଣା : ଏ' ମା' ! (ଜିଭ ବାହାର କରି ଦୌଡ଼ି ଚାଲିଯାଉଥିଲା ।)

ସାଗର : ଆରେ···ଆରେ···ମୁଁ ପଚାରୁଛି ପରା—ଏଇଟା ସରୋଜ ସ୍ୱାଇଁଙ୍କ ଘର !

ଝରଣା : (ମୁଣ୍ଡ ହଲାଇ) ହଁ··· ! (ଡରି ଡରି) ଆପଣ ସାଗରବାବୁ ?

ସାଗର : (ଆଶ୍ଚର୍ଯ୍ୟ ହୋଇ) ହଁ ! ମୋ' ନାଁ ସାଗର ।

ଝରଣା : ମୋ' ନାଁ ଝରଣା ।

ସାଗର : ଆରେ ବାଃ !

ଝରଣା : ଆସନ୍ତୁ ମୋ' ସାଙ୍ଗରେ ! ଭାଇ ଆପଣଙ୍କ କଥା କହୁଥିଲେ···

Source: Author, Digitized by PPRACHIN, SOA

ସାଗର : ଆଚ୍ଛା, ଆଚ୍ଛା, ଆଚ୍ଛା ! ସରୋଜ ତ ତୋ' କଥା କହୁଥିଲା···ହଁ ···ହଁ···ମନେ ପଡ଼ିଲା ! ତୋର ଗୋଟାଏ ବାହାଘର ପ୍ରସ୍ତାବ ପଡ଼ିଥିଲା ନା ଖଣ୍ଡାପଡ଼ାରେ···ସରୋଜ ଆଉ ମୁଁ ଯାଇଥିଲୁ । ଟୋକାଟା ଭଲ ଯେ···ଗୁଡ଼···ତାଙ୍କ ଘରେ ଖୁଉବ୍ ଯୌତୁକ ମାଗିଲେ···

ଝରଣା : ହେଇ ବାପା ଆସିଲେଣି—ଆପଣଙ୍କ ବାକ୍ସ ଦିଅନ୍ତୁ ମୁଁ ନେଇ ଯାଏ···

(ଝରଣା ଚାଲିଗଲା । ଗଣେଶ ଆସିଲେ ।)

ସାଗର : ନମସ୍କାର ମଉସା !

ଗଣେଶ : ନମସ୍କାର, ନମସ୍କାର, ନମସ୍କାର ! (ନିରେଖି ଚାହିଁଲେ) ତମେ ବାବୁ ସେଇ ଜମିଦାର ଘର ପୁଅଟି ! ଇଏ ତମ କଥା ତ ସରୋଜା କହୁଥିଲା···ଯାଅ···ଯାଅ ବାପା···ଆମେ ତ ଗରିବ ଘର ପୁଅ··· ଯୁ' ମା' ଚାରିବରଷ ହେଲା ଗତ ହୋଇ ଗଲାଣି । ବଡ଼ିଲା ଝିଅଟାକୁ ନେଇ ଏଇଠି ଚଳୁଚ ବାପା···ଆଗେ କଲିକତାରେ ଥିଲି । ଫ୍ୟାକ୍ଟେରୀରେ । ଯୁ' ମା' ମଲା ପରେ ପୁଅ ଆଉ କୁଆଡ଼େ ଯାଇ-ପାରୁନି । ଏଣେ ପୁଅଟାକୁ ବାଣୀବିହାରରେ ପଢ଼ଉଛୁ ଯେ ମୋ' ଅବସ୍ଥା ଜାଣ ଘାଏଲ୍ ହୋଇଗଲିଣି—

ସାଗର : ଆପଣ ସରୋଜ ପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁନି ମଉସା··· ଯେତେଦିନ ମୁଁ ଅଛି···ତାର ଚଳିବା ଆଉ ପଢ଼ାଖର୍ଚ୍ଚ ସବୁ ମୁଁ ଯୋଗେଇଦେବି ।

ଗଣେଶ : ତମକୁ ବାବା ନୀଳକଣ୍ଠ କୋଟିଏ ବରଷ ଆୟୁ ଦେଇଥା'ନ୍ତୁ ବାପା । ବୁଝିଲ ବାପା···ଲୋକଙ୍କର କ'ଣ ପଇସା ନାହିଁ ? ଅଛି । ହେଲେ ବାକ୍ସରୁ ନୂଆ ପଇସାଟିଏ ବି ପର ବାହାର କରିବେନି । ଆମ ନଈ ସେପଟେ ଯୋଉ ଲୋକଙ୍କ ଘର ଅଛି—ତାଙ୍କର କ'ଣ ଜମିବାଡ଼ି ନାହିଁ ନା ଗାଡ଼ିଘୋଡ଼ା ନାହାନ୍ତି ? ସବୁ ଅଛନ୍ତି । ହେଲେ ବୁଝିଲ ବାପା—ତମ ନାଁ ଟା କ'ଣ ଟି !

ସାଗର : ସାଗର ।

Source: Author, Digitized by PPRACHIN, SOA

ଗଣେଶ : ଭୁଲି ଯାଉଚ···ସାଗର···ସାଗର···ଇଏ ଅବକାଶ ଟା ଠିକ୍ ସମୟରେ ନହେଲେ ପରା ସବୁ ଗୋଳମାଳ ହେଇଯାଉଚ ବାପ··· ହଁ···କ'ଣ କହୁଥିଲି···ହଁ···ନଇ ଆର ପାରି ଜମିଦାର ଘର କଥା—ଶଳେ ଏତେ ପଇସା ଥିଲେ କ'ଣ ହବ···ଦେହର ଜର ମାଗିଲେ ବି ଉଧାର ଦେବେନି । ବାପା, ପକେଟରେ ଟଙ୍କେ ଦି' ଟଙ୍କା ଅଛି କି ?

ସାଗର : (ପକେଟରୁ ବାହାର କରି ୫ ଟଂକିଆଟେ) ପାଞ୍ଚ ଟଙ୍କା ଅଛି । ନିଅନ୍ତୁ—

ଗଣେଶ : ମୋର ଏତେ ପଇସା କ'ଣ ହବ ପୁଅ···ଆଠଣା'—ଟଙ୍କାଟେ ହେଲେ ଅବକାଶ ଖର୍ଚ୍ଚଟା ଚଳିଯିବ ।

ସାଗର : ଅବକାଶ ?

ଗଣେଶ : ପ୍ରସାଦ । ଶିବଙ୍କର ପ୍ରସାଦ । ଗଂଜେଇ । ପ୍ରଭୁ ତ୍ରିନାଥଙ୍କର ସେବକ ମୁଁ । ତେଣୁ ପ୍ରତିଦିନ ଅଧାଗ୍ରାମ ନହେଲେ ମୁଣ୍ଡଟା ଠିକ୍ କାମ କରୁନାଇଁ । ତା' ହେଲେ ପୁଅ ଏଇ ପାଞ୍ଚଟଂକିଆଟା ନେଇଯିବି—

ସାଗର : ନଉ ନାହାନ୍ତୁ ମଉସା !

ଗଣେଶ : ପ୍ରଭୁ ତ୍ରିନାଥଙ୍କର ଜୟ ହେଉ !

[ଗଣେଶ ପଇସା ନେଇ ଚାଲିଗଲେ]

ସାଗର : ଯା'ହେଉ ! ଗାଁର ପ୍ରଥମ ଅଧ୍ୟାୟଟା ବଡ଼ ଇଣ୍ଟେରେଷ୍ଟିଂ ଜଣା-ପଡ଼ୁଛି ତ ! ସୁନ୍ଦର ଜାଗା···ଏଇଠି ସବୁ ସୁନ୍ଦର ! ଏଇଠିକା ଆକାଶ ସୁନ୍ଦର···ଏଇଠିକା ନଦୀ ସୁନ୍ଦର···ଏଇଠିକାର ଫୁଲ ସୁନ୍ଦର···ବଣ ସୁନ୍ଦର···ଝରଣା ସୁନ୍ଦର···

[ପଶି ଆସୁଥିଲା ଝରଣା]

ଝରଣା : ଏ ମା' ! ଆପଣ ଏ ଯାଏଁ ଏଇଠି କାହିଁକି ଠିଆ ହୋଇ ରହିଛନ୍ତି ! ଘରକୁ ଆସିବାକୁ ଲାଜ ମାଡ଼ୁଚନା କ'ଣ !

ସାଗର : ମୁଁ ମୁଗ୍ଧ ହୋଇ ଏଇଠି ଠିଆ ହୋଇଚି । ଆରେ ହେ ଝରଣା··· ମତେ ତୁ ଆପଣ ବୋଲି କାହିଁକି ଡାକୁଛୁ ? ଏଁ ?

Source: Author, Digitized by PPRACHIN, SOA

ଝରଣା : ଏ' ମା' ! ଆପଣ ଏତେ ବଡ଼ ଜମିଦାର ଘର ପୁଅ—ଆଉ ଆମେ ତ ଚଷାଘର···ଆପଣଙ୍କ ପାଦଧୂଳିକୁ ସମାନ ନୋହୁ । ଆପଣ ଯେ ଆମ କୁଡ଼ିଆରେ ପାଦ ଦେଲେ ସେଥିରେ ଆମେ ଧନ୍ୟ ହୋଇ-ଯାଇଚୁ ।

ସାଗର : ସତେ ? ଗରିବ ହେଲେ କ'ଣ ହବ···ତମମାନଙ୍କର ମନ ସରଳ ···ହୃଦୟ ସରଳ···ସରୋଜ ମତେ ଯେତେ ଆଗ୍ରହରେ ଡାକଚ ନା ···ମୁଁ ଆଉ ଏଠିକି ନ ଆସି ରହି ପାରିଲିନି···

ଝରଣା : ଆପଣ ଆମକୁ ଧନ୍ୟ କରଦେଇଛନ୍ତି ।

ସାଗର : ଏସ୍ଥ ! ପୁଣି 'ଆପଣ' ଡାକିଲୁ ?

ଝରଣା : ଆଉ ତା'ହେଲେ ? ଆଉ କ'ଣ ବୋଲି ଡାକବି ?

ସାଗର : ସାଗର !

ଝରଣା : ଛି

ସାଗର : ନ ହେଲେ ସାଗର ଭାଇ !

ଝରଣା : ସାଗର ଭାଇ ବୋଲି ଡାକବି ?

ସାଗର : Yes ! that's nice ! ମୋ' ସୁଟକେଶ ଖୋଲି ଦେଖିବୁ— ତୋ' ପାଇଁ ମୁଁ ଭୁବନେଶ୍ୱରରୁ କ'ଣ ଆଣିଚି !

ଝରଣା : କ'ଣ ଆଣିଚ ?

ସାଗର : ଚାଲ ! ଦେଖିବୁ ଚାଲ !

ଝରଣା : ଚାଲ······

ସାଗର : ଆରେ···ଝରଣା ! ତୁ' ଟିକେ ବଢ଼ିଆ ଗୀତ ଗାଉ ।

ଝରଣା : (ଲାଜରେ) ନା··· !

ସାଗର : ଏସ୍ଥ ! ମିଛ କହନା···ମୁଁ ସବୁ ଜାଣିଛି···ସରୋଜ ମତେ ସବୁ କହିଛି !

ଝରଣା : ଯାତ୍ରା ପାର୍ଟିରୁ ଯୋଉ ଗୀତ ସବୁ ଶିଖିଚି, ସେଗୁଡ଼ା କ'ଣ ତମ ମନକୁ ପାଇବ ?

ସାଗର : ତୁ ଗାଇଲୁ ଆଗେ···

ଝରଣା : ବର୍ତ୍ତମାନ ନୁହେଁ—ପରେ—ତମେ ପ୍ରଥମେ ଘରକୁ ଚାଲିଲ !

Source: Author, Digitized by PPRACHIN, SOA

ଦୃଶ୍ୟ-୪

[ଜମିଦାର କିଶୋରଚନ୍ଦ୍ରଙ୍କ ଘର]

କିଶୋର : ଚାଲ—ଚାଲ···ତୁ ପ୍ରଥମେ ରେଡ଼ି ହେଲୁ—

ଲୁସି : ଠୋକାଠା କିନ୍ତୁ ଭୀଷଣ କଞ୍ଜରଭେଟିଭ୍ ଡାଡ଼ି !

କିଶୋର . ଦିଲ୍ଲୀରେ ପାଠ ପଢି ତୁ' ଏୟା ଶିଖିଲୁ ? ସାଗର ଜମିଦାର ରାମନାରାୟଣର ଏକମାତ୍ର ଉତ୍ତରାଧିକାରୀ । ଏମ୍. ଏ. ପଢ଼ୁଛି··· ଦେଖିବାକୁ ଯଦିଓ ଶ୍ୟାମଳ ବର୍ଣ୍ଣ—ଚେହେରାଟି ଖୁବ୍ ସୁନ୍ଦର !

ଲୁସି : ମୁଁ ଯାଇ ସେଇ ଗାଁ ଭିତରେ ରହିବ ନା ?

କିଶୋର : ଗାଁ କ'ଣ ? ସେଇଠି ତ ବିଜୁଳୀ ଆଲୁଅ ଅଛି । ଫ୍ରିଜ୍ ଅଛି··· ପାଣିକଳ ଅଛି···ସବୁ ଅଛି ।

ଲୁସି : କିଛି ନାହିଁ ! ଭିଡ଼ିଓ କାହିଁ ? ନୂଆ ନୂଆ ଫିଲ୍ମ କ୍ୟାସେଟ୍ କାହିଁ ? ତା' ଛଡ଼ା ତମ ବନ୍ଧୁ ଯେମିତିକା ଲୋକ ନା···ମତେ ଯଦି କହିବେ ଦି' ହାତ ଓଢ଼ଣା ଟାଣି ଶାଢ଼ି ପିନ୍ଧି ଘରେ ବୋହୂ ହେଇ ଠାକୁର-ଘରେ ଘଣ୍ଟି ବଜେଇବାକୁ—ମୁଁ କହିଦଉଛି ଡାଡ଼ି ! ସତରେ Bore ହେଇଯିବ ।

କିଶୋର : ତତେ ଦି' ମାସ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମକୁ ପଠେଇଲି ତ ଏଗୁଡ଼ା ଶିଖିଲୁ ସେଇଠୁ ?

ଲୁସି : Hopeless ! ଖାଲି ତମେ କହିଲ ବୋଲି, ହେଇଛି ଡାଡ଼ି, ଏଇ ପର୍ଯ୍ୟନ୍ତ (ହାତ ଦେଖାଇ) ବ୍ଲାଉଜ ! ଧିଅ ମୁହଁ ପଞ୍ଚାମୃତ ବାସ୍ନା ହଉଛି । ମେଡ଼ିଟେସନ୍ ! ମୁଁ ନା···ମେଡ଼ିଟେସନ୍‌ରେ ବସି ଖାଲି ଦିଲ୍ଲୀ ୟୁନିଭରସିଟି କଥା ଭାବୁଥିଲି ।

କିଶୋର : ପାଠପଢ଼ା କଥା ଭୁଲିଯା'—କୋଉ ଚାକିରିଟା ଏମିତି କରିବୁ ଯେ ଏମ୍. ଏ. ପଢ଼ିବୁ । ଏମିତିକା ପାତ୍ର ଆଉ ମିଳିବେନି ! ଦୁଇ ଦୁଇଟା ପ୍ରପର୍ଟି ତୁ' ଭୋଗ କରିବୁ ।

Source: Author, Digitized by PPRACHIN, SOA

ଲୁସି : ମତେ କ'ଣ ମିଳବ ସେ ପ୍ରପର୍ଟିରୁ କହିଲ ! ଆଚ୍ଛା ଡାଡ଼ି ସାଗରଟା ଏମିତିଆ କ'ଣ ହେଇଚ ?

କଶୋର : କ'ଣ ହେଇଚ ?

ଲୁସି : କନ୍ ଫିନ୍ ନ ପିନ୍ଧ ପଞ୍ଜାବୀ ଟ୍ରାଉଜର ପିନ୍ଧୁଚ—ଗୋଟେ କବ, କଳାକାର ପର ଦଶୁଚ ।

କଶୋର : ତା' ତ ଭଲ !

ଲୁସି : ଉଁ ! ଭଲ ? ତମେ ବ ଡାଡ଼ି ଅଜବ କଥା କହୁଚ ! ଗୋଟେ କବ କଳାକାର ନେଇ ମୁଁ ଜୀବନ କାଟିବ ନା ? ଘୋଡ଼ା ଚଡ଼ି ଆସୁନ... ଡସ୍କୋ ନାଚ ଆସୁନ...

କଶୋର : ଆସିଯିବ...ଆସିଯିବ...ସବୁ ଆସିଯିବ ! ତାକୁ ଟିକିଏ ଦଲ୍ଲୀ, ବମ୍ବେ ବୁଲେଇ ଆଣିଲେ ଟୋକାଟା ଫିଟ୍ ହେଇଯିବନ ? ସେଗୁଡ଼ାକ ପାଇଁ ଆଜିକାଲି ଗୋଟେ ଚନ୍ତା କରିବାର କ'ଣ ଅଛି ? ଯିଏ ପଢ଼ିଲା ସିଏ ଷ୍ଟାଇଲ କରୁଛନ୍ତ—ସିଏ ତ ସହଜେ ଜମିଦାର ଘର ପୁଅ—

ଲୁସି : ସେଇଠି ତ ଭଲ କ୍ୟାସେଟ୍ ନଥିବ ! ମୁଁ କ'ଣ ବଜେଇ ନାଚବ ?

କଶୋର : ନାଚବା ଅଭ୍ୟାସଟିକୁ ଛାଡ଼ିବାକୁ ପଡ଼ିପାରେ । ଚୋର ଭଉଣୀ ଶ୍ୱଶୁରଟି ଯେମିତିକା ଲୋକ ନା...ନାଚ ଗୀତ ଆଦୌ ପସନ୍ଦ କରିବେନ... ହୁଏତ ତତେ ବୁଢ଼ା ଆଗରେ ମୀରା ବାଈ ଭଜନ ଗାଇବାକୁ ପଡ଼ିବ...

ଲୁସି : ଖାଲି ଭେଇ ଭଜନ ଗାଇବାକୁ ପଡ଼ିବ । ବୁଝିଲ ଡାଡ଼ି । "ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା"

କଶୋର : ହା-ହା-ହା-ହା-

ଲୁସି : ତା'ପରେ ମଧୁପୁରଗଡ଼ରେ ଗୋଟେ ଭଙ୍ଗା ଉଆସର ଫଟା ଝରକା ପାଖରେ ବସି ତମ ଝିଅ ଲୋଟଣୀ ପାରାକୁ ଖୋଜୁଥିବ... ପାରା ନଥିବ...ଆକାଶକୁ ଉଡ଼ି ଯାଇଥିବ— [ଅନ୍ଧାର]

Source: Author, Digitized by PPRACHIN, SOA

ଦୃଶ୍ୟ-୭

[ରାମଚନ୍ଦ୍ରପୁର ଗାଁ । ଝରଣା ଆଉ ସାଗର ।]

ଝରଣା : ଉଡ଼ିଗଲା···ଉଡ଼ିଗଲା···ଉଡ଼ିଗଲା···

ସାଗର : ସ୍ ସ୍ ସ୍ । ପାଟି କରନା—

ଝରଣା : ହେଇ ! ଏଇ ଡାଳ ଭିତରେ···

ସାଗର : କାଇଁ···ମୁଁ ଦେଖି ପାରୁନି···ଶୁଆ ନେଳୀ···ଗଛ ନେଳୀ

ଝରଣା : ହେଇ···ସେଇଠି··· ସେଇଠି···ସେଇଠି···

ସାଗର : କାଇଁ ।

[ଧରିବାକୁ ଗଲା]

ଝରଣା : ଯାଃ ! ଉଡ଼ିଗଲା ।

ସାଗର : ଶୁଆ କ'ଣ ଧରା ଦବ ?

ଝରଣା : ଧରି ପାରିଲେ ଧରା ଦବ ! ଲୋକେ ଧରୁଛନ୍ତି ନା !

ସାଗର : ବଡ଼ିଆ ହେଇଚି ଶୁଆଟା ! ନାଇଁ ? ହେଲେ ଖାଲି ତ ଉଡ଼ି-ଯାଉଛି ।

ଝରଣା : ତମେ ସହରୀ ବାବୁ ତ···ତମକୁ ଦେଖି ଏ ଗାଉଁଲି ଶୁଆଟା ଉଡ଼ି-ଯାଉଛି—

ସାଗର : ସେଇ କଥା ଟା—

ଝରଣା : ଧରି ପାରୁନା କାହିଁକି ?

ସାଗର : ଧରା ଦେଲେ ତ ଧରିବି···

ଝରଣା : ଶୁଆ ତ ଉଡ଼ିଗଲା । ଧରିବ କାହାକୁ ?

Source: Author, Digitized by PPRACHIN, SOA

ସାଗର : ଧରିବି ଏଇ ଶୁଆଟିକୁ ।

[ସାଗର ଶୁଆ ବଦଳରେ ଝରଣାକୁ ଗୋଡ଼େଇଚି ଆଉ ହସି ହସି ଝରଣା ଦୌଡ଼ିଚି । ଗୋଟାଏ ମୂହୂର୍ତ୍ତରେ ସାଗର ତାକୁ ଧରିଚି ।]

ସାଗର : ହେଇ ! ଧରା ପଡ଼ିଚି ଶୁଆ— (ଧରିଚି)

ଝରଣା : ଏ ମା'···ଛାଡ଼ ନା··· !

ସାଗର : ଆଃ !

ଝରଣା : ଶୁଆ ଧରୁ ଧରୁ ଗୋଡ଼ରେ କଣ୍ଟା ପଶିଲାଟି···କାଇଁ ଦେଖେ ଦେଖେ··· [ସାଗର ଗ୍ଲେଟେଇ ଗ୍ଲେଟେଇ ବସିଲା]
ଏ ମା' ! କେଡ଼େ ବଡ଼ କଣ୍ଟାଟେ ?

ସାଗର : ତୁ ଥିଲେ ଏ କଣ୍ଟାକୁ ମୁଁ ଖାତିର କରିବିନି ।

ଝରଣା : ସତେ !

ସାଗର : ଏ ଜାଗାଟା ଖାଲି ନିଗୁଡ଼ିଆ ହେଇଚି । ନାଇଁ ?

ଝରଣା : ଖାଲି ଶୁଆ ଧରିବା ପାଇଁ ଯେମିତି ଆଗରୁ କିଏ ନିଗୁଡ଼ିଆ କରି-ଥିଲା—

ସାଗର : ନା, ଝରଣା ସାଙ୍ଗରେ ମିଶିବା ପାଇଁ ।

ଝରଣା : ସାଗର ଭିତରେ ହଜିଯିବା ପାଇଁ ତ ଝରଣା ସବୁବେଳେ ଝୁରି ମରେ ।

ସାଗର : ଝରଣା ଝୁରେ ସାଗର ପାଇଁ ନା ସାଗର ଝୁରେ ଝରଣା ପାଇଁ !

ଝରଣା : ଆମ ରେଡ଼ିଓ ଗୀତ କହୁଚି—ଝରଣା ଝୁରେ ସାଗର ପାଇଁ ।

[ଏଠାରେ ନିର୍ଦ୍ଦେଶକ ଚାହିଁଲେ ଗୀତଟିଏ ବ୍ୟବହାର କରିପାରନ୍ତି । ଯଦି ଗୀତ ବ୍ୟବହାର କରିଯାଏ ତା' ହେଲେ ଗୀତ ଓ ପ୍ରେମର ବିଭିନ୍ନ ମୁଦ୍ରାଭିନୟ ସମୟରେ ଗ୍ରାମର ମଧ୍ୟବୟସ୍କ ନନ୍ଦ

Source: Author, Digitized by PPRACHIN, SOA

ଦାସ ଆସି ଲୁଚି ଲୁଚି ଏ ଦୃଶ୍ୟ ସବୁ ଦେଖିବେ । ଗୀତ ସରିଲା ପରେ ନନ୍ଦ ଦାସ ପ୍ରବେଶ କରିବେ —ଠିକ୍ ସେତେବେଳକୁ ସାଗର ଓ ଝରଣା ଆଲିଙ୍ଗନବଦ୍ଧ ।]

ନନ୍ଦ : ଆରେ ବାଃ···ଏକବାର୍ ସିନେମା ! ଗୋଟେ ଓଡ଼ିଆ ସିନେମାର ସୁଟିଂ ଚାଲିଚି ନା କ'ଣ ? ସହରୀ ବାବୁଙ୍କ ଗାଉଁଲି ଝିଅ !

ଝରଣା : ବାପା ଘରେ ଅଛନ୍ତି ।

ନନ୍ଦ : ଆଉ ତୁ ଏଠି ଅଛୁ··· । ଇଏ···

ଝରଣା : ସାଗର ଭାଇ !

ନନ୍ଦ : ସାଗର ଭାଇ ! ଇଏ ସାଗରକୁ ତୁ ଝରଣା···ବାଃ···ହେଲେ ଏଠି, ଏଇ ତୋଟାଟାରେ ?

ଝରଣା : ସାଗର ଭାଇ ଶୁଆ ଧରିବାକୁ ଆସିଥିଲେ ।

ନନ୍ଦ : ଆଉ ଏଇଠି ଶୁଆ ଧରିପକେଇଚନ୍ତି । ଭଲ ଭଲ···ଶୁଆ ଯେତେ-ବେଳେ ଜାଣିଶୁଣି ଧରା ଦେଇଚି । ଭଲ···ଭଲ···ଗଲୁ ମା···ଟିକେ ଗଣେଶକୁ ଏଠିକି ପଠେଇଦବୁ ।

ଝରଣା : ହଉ ! ଆସ ସାଗର ଭାଇ··· !

[ଝରଣା ଓ ସାଗର ଚାଲିଗଲା ପରେ ନନ୍ଦ ଦାସେ କୁଟିଳ ହସଟିଏ ହସିଲେ ।]

Source: Author, Digitized by PPRACHIN, SOA

ଦୃଶ୍ୟ-୭

[ରାମନାରାୟଣଙ୍କ ଘର । ପ୍ରବେଶ କଲେ ଭୋଲା ଓ ରାମନାରାୟଣ]

ରାମ : କରେ ଚିଠି ଆସିଲା ?

ଭୋଲା : ଚିଠି ଲେଖିଲେ ସିନା ଆସିବ !

ରାମ : ମୁଁ ଜାଣେ—ପୃଥିବୀରେ କାହା ଉପରେ ଏ ଟୋକାଟାର ମାୟା ନାହିଁ । ଅଦ୍ଭୁତ ପିଲା । ଯେଉଁଠି କି ଗଲା ସେଇଠି ଲଖିଗଲା—

ଭୋଲା : ମିଛୁଟାରେ କାହିଁକି ଗାଳି ଦଉଚ ? ଦିହପା' ଖରାପ ହେଇଥାଇ-ପାରେ—

ରାମ : ମୋଟେ ନୁହଁ । ଆରାମରେ ଖାଇ ପିଇ ସାଙ୍ଗ ସାଙ୍ଗରେ ବୁଲୁଛି । ସବୁ ତୋ' ଲାଗି ହଉଚି ଭୋଲା···ତୋର ସ୍ନେହ ପାଇ ଟୋକାଟା ତିନି ପାଞ୍ଚିରୁ ଗଲାଣି···

ଭୋଲା : ମୁଁ କମିତି ଜାଣିଲି ସାତଦିନ ପାଇଁ କହି ଏଗାର ଦିନ ସେଇଠି ରହି-ଯିବେ ବୋଲି ?

ପ୍ରତାପ : ମାମୁଁ ! ପଣ୍ଡିତେ ତମକୁ ପୂଜାମଣ୍ଡପ ପାଖକୁ ଡାକୁଛନ୍ତି ।

ରାମ : ମୁଁ ଯାଇପାରିବିନି । ତୋ' ମା'କୁ ଦଶହରା ଯାହା କରିବା କଥା କରୁ ···ପୂଜା ପାଖକୁ ମୁଁ ଯାଇ କ'ଣ କରିବି ? ଯାହାପାଇଁ ପୂଜା ତାର ତ ଦେଖାନାହିଁ !

ମାୟା : ଭାଇ ! ତମ ମାନ ଅଭିମାନର ମୂଲ୍ୟ ବୁଝିବ ସେଇ ଟୋକା ? ଗଲା-ବେଳେ ଏତେ କରି କହିଲି···

ରାମ : ଆରେ, ଖାଲି ତୁ' କହୁଚୁ···ମୁଁ କହିନି ?

Source: Author, Digitized by PPRACHIN, SOA

ପ୍ରତାପ : କୋଉଠି ମାଲ ପିଇ...
ଭୋଲା : ଆସିପାରନ୍ତି । ଗାଡ଼ି ବେଳ ତ ଯାଇନି...
ପ୍ରତାପ : କହିଲି ପରା କୋଉଠି ମାଲ ପିଇ...
ଭୋଲା : କାହିଁକି ସେ ବାଜେ କଥାଗୁଡ଼ା କହୁଚ ? ଶ୍ରେଷ୍ଠବାବୁ ତମଭଳି ମାତାଲ ହୋଇଛନ୍ତି ?
ପ୍ରତାପ : ଏ ! ଭୋଲା ! ତତେ ସାବଧାନ କରିଦଉଚି...
ମାଧୁରୀ : ଦେଖ ଭୋଲା ! ତୁ ଏ ଘରର ଚାକର ! ଚାକର ଭଳି ରହ । ଶ୍ରେଷ୍ଠ ମୁହଁରେ ବଡ଼ କଥା କହୁଚୁ !
ରାମ : ମାଧୁରୀ !
ମାଧୁରୀ : ପ୍ରତାପଟାକୁ ମୋର ଦି' ଆଖିରେ ଦେଖି ପାରୁନି !
ଭୋଲା : ଅଃହେ ମୋ'ର କ'ଣ ଗଲା ତମ ପୁଅ ମଦ ପିଇଲେ ? ତମ ଭବିଷ୍ୟତ ଆଉ ତା' ଭବିଷ୍ୟତ ପାଇଁ କହୁଚି !

[ସେମାନେ ଯାଉଥିଲେ । ଯାଉ ଯାଉ ପ୍ରତାପ କହିଲା ।]

ପ୍ରତାପ : ପାଟି ଖୋଲିବୁ ଶଳା ଜୋତାରେ ସେକ ଦେବି !
ଭୋଲା : ଜୋତାଟା ବି ନିଜର ନୁହେଁ ! ମାମୁଁଙ୍କ ପଇସାରେ କଣା—

[ଭୋଲା ସେଠାରୁ ଚାଲିଗଲା ।]

ମାଧୁରୀ : ତମେ ଭାଇ ଯାହା କହିଲେ ପ୍ରତାପ ଶୁଣିବ ! ସେ ଶ୍ରେଷ୍ଠ ଲୋକଟା କହିବାକୁ କିଏ ?
ପ୍ରତାପ : ସାଗର ଭାଇ ପାଇଁ ଭୋଲା ମଦ ଆଣି ଦଉଚି ।
ରାମ : ଏଗୁଡ଼ା କ'ଣ କହୁଚୁ ? ସାଗର ମୋର ସେମିତିକା ପିଲା ନୁହେଁ ।
ପ୍ରତାପ : ବୋତଲ ଆଣି ଦେଖେଇବି ?
ରାମ : ତୁ'ତ ସେଦିନ ମାତାଲ ହୋଇ ନାଳରେ ପଡ଼ିଥିଲୁ ବୋଲି ଶୁଣିଲି ।
ମାଧୁରୀ : ହାଏରେ ହତଭାଗା ! ଭାଇ ଆସିଲା ମଦ ପିଇ ଆଉ ଇଏ ଘରର ସମ୍ମାନ ରଖିବାକୁ ଯାଇ ନିଜେ ମଦୁଆର ଅଭିନୟ କରୁଥିଲା । ନ ହେଲେ ଗରିବ ପିଲା...ମଦ ଖାଇବାକୁ ପଇସା ପାଇବ କୋଉଠୁ ?

Source: Author, Digitized by PPRACHIN, SOA

ରମ : ହଉ ତୁ ପୂଜାମଣ୍ଡପକୁ ଯାଇ ଯାହା କରିବା କଥା କର । ସେଇ ହତଭାଗା ସାଗର ନାଁରେ ହିଁ ସଂକଳ୍ପ କରାଯାଉ । ତା' ମା' ବଞ୍ଚିଥିଲା-ବେଳେ ପୁଅ ନାଁରେ ମାନସିକ କରିଥିଲା । ସେଇଦିନଠୁ ପ୍ରତିବର୍ଷ ସଂକଳ୍ପ କରି ପୂଜା ହୁଏ । ଏ ବର୍ଷ......କ'ଣ ଯେ ହବ କେଜାଣି !

ପ୍ରତାପ : ମୁଁ ଯାଉଚି ମାମା...ତମେ କନ୍ତୁ ଭୋଲାକୁ ଶୁଣେଇଦିଅ—ସିଏ ଯେମିତି ମୋ' ପଛରେ ନ ଲାଗେ—

ରମ : ହଉ, ତୁ ଯା'— [ପ୍ରତାପ ଗୁଲିଗଲା]

ମାୟା ! ଆଜ କିଶୋର ଭଞ୍ଜ ଏଇଠିକି ପୂଜା ଦେଖିବାପାଇଁ ଆସି-ପାରେ । କିଶୋରକୁ ଜାଣିଚୁ ତ ?

ମାୟା : ହଁ । ସାଗର ସାଙ୍ଗରେ ତାଙ୍କ ଝିଅର ପ୍ରସ୍ତାବ ପଡ଼ିଚି ।

ରମ : ପ୍ରସ୍ତାବ ପଡ଼ିଚି ମାନେ ? ଲୁସି ତା'ର ଏକମାତ୍ର ଝିଅ । ଭବିଷ୍ୟତରେ ସାଗର ଦୁଇଟା ଜମିଦାରୀର ମାଲିକ ହବ । ବୁଝିଲୁ ! ଆଜ ସିଏ ଆସିଲେ ତା'ର ଚର୍ଚ୍ଚା କରିବାକୁ ପଡ଼ିବ—

ମାୟା : କନ୍ତୁ—ଯାହା ଲୁହ ଭାଇ ଝିଅଟା ଚଣ୍ଡି । ସେମାନଙ୍କ କଥା ବୁଝିବା...

ରମ : ଆରେ ତତେ ବେଶୀ କଷ୍ଟ କରିବାକୁ ପଡ଼ିବନି ମ ! ଭୋଲା ସବୁ କରିବ । ଏ ବାହାଘରରେ ଭୋଲାର ଆନନ୍ଦ ସବୁଠାରୁ ବେଶୀ ! ସାଗରକୁ କୋଳେଇ କାନ୍ଧେଇ ମଣିଷ କରିଚି ସିଏ । [ଗୁଲିଗଲେ]

ମାୟା : ହୁଁଃ ! ଯେତେବେଳେ ଦେଖିବ ଖାଲି ଭୋଲା, ଭୋଲା, ଭୋଲା— ମୁଁ କେହି ନୁହେଁ—ଯେମିତି ଦଳେଇଘାଇ ଭାଙ୍ଗିଲାବେଳେ ବନ୍ୟାରେ ଭାସି ଭାସି ଆସି ଯାଙ୍କ ଘରେ ଲାଗିଯାଇଚି । କଜର ଏତେ ଜମିଦାରୀ ଯେ ଖାଇବାକୁ କଏ ଲୋକ ନାହାନ୍ତି ! ଏଣେ ଆଉ ଗୋଟେ ଜମିଦାରୀ ପାଇବାକୁ ଲୋଭ ! ରୁହ ରୁହ...ପାଇବ ଯେ ! ମୁଁ ଯୋଉ ପ୍ଲାନ କରିଚି... [କାର୍ ହର୍ଣ୍ଣ ଶୁଭିଲା । ଆସିଲେ କିଶୋର ଭଞ୍ଜ...]

କିଶୋର : ଆଜ୍ଞା ନମସ୍କାର ! ରମନାରାୟଣ ଗଲେ କୁଆଡ଼େ ?

ମାୟା : ଆପଣ ବସନ୍ତୁ । ଝିଅ ଆସିନି ? ସୁନା ଝିଅଟା ! ଲକ୍ଷ୍ମୀମନ୍ତ ଝିଅ ...ଆଜ୍ଞା, ଏଇଠି ବାହା ହେଲେ ଝିଅ ସୁଖୀ ହବ ତ ? ଭାଇ ସାଗର ବିଷୟରେ କିଛି କହିନାହାନ୍ତି ?

Source: Author, Digitized by PPRACHIN, SOA

କିଶୋର : କୋଉ କଥା କୁହନ୍ତୁ ତ !

ମାଧୁ : ଥାଉ, ଘଇ ଯେତେବେଳେ କହୁ ନାହାନ୍ତି—(ଯାଉଥିଲେ)

କିଶୋର : ଦେଖନ୍ତୁ···ଶୁଣନ୍ତୁ···(ଅଟକେଇ) କଥାଟା କ'ଣ ମତେ ଠିକ୍‌ଏ କୁହନ୍ତୁ—ଆପଣ ଜଣେ ଭଦ୍ରମହିଳା ··· ସତକଥାଟାକୁ ଲୁଚେଇ ମୋର ଗୋଟିଏ ବୋଲି ଝିଅର ସର୍ବନାଶ କରିବାକୁ ତ ମୁଁ ଆଉ ଦିବିନି !

ମାଧୁ : କିନ୍ତୁ ଘଇ ଜାଣିଲେ—

କିଶୋର : ବିଶ୍ୱାସ କରନ୍ତୁ ମୁଁ ରମନାରାୟଣଙ୍କୁ ଏକଥା ଜମାରୁ କହିବିନି ।

ମାଧୁ : ସାଗରର ଅପସ୍ମାର ଅଛି । ମଝିରେ ମଝିରେ ହାତ ଗୋଡ଼ ଗୁଡ଼ି ମୂର୍ଚ୍ଛା ହୋଇଯାଏ !

କିଶୋର : (ଚମକି) ଏଁ !

ମାଧୁ : ଘଇ ଚାହୁଁଛନ୍ତି କୌଣସିମତେ ବଂଶରକ୍ଷା ହେଇଯାଉ । ତା' ବୋଲି ଜାଣିଶୁଣି ସତ୍ୟଟାକୁ ମୁଁ ଗୋପନ ରଖିବି ? ଆପଣଙ୍କ ଝିଅ କିଏ— ମୋ' ଝିଅ କିଏ ?

କିଶୋର : (ବଗିଗଲେ) ଯା ହଉ, ଆପଣ କଥାଟା କହିଦେଇ ମୋର ଯଥେଷ୍ଟ ଉପକାର କଲେ । ଗୋଟାଏ ରୋଗଗ୍ରସ୍ତ ପୁଅକୁ ବାହା ହେଇ ମୋ' ଝିଅର ଜୀବନ ନଷ୍ଟ ହୋଇ ଯାଇଥାନ୍ତା । ମୁଁ ସେଇ ଜଟଣିସିଂପୁର ପ୍ରସ୍ତାବଟା ଦେଖିବି ତା'ହେଲେ । ହଉ ଆଜ୍ଞା, ବହୁତ ଧନ୍ୟବାଦ !

ମାଧୁ : ଦେଖନ୍ତୁ ଆଜ୍ଞା ! ମୋ ନାଁ ଟା ଯେମିତି ପ୍ରକାଶ ନ ପାଏ । ବୁଝିପାରୁଥିବେ ଏ ଘରଟା ହିଁ ମୋର ଏକମାତ୍ର ଆଶ୍ରୟ !

(ମାଧୁ ଚାଲିଗଲା)

କିଶୋର : କି ଆଶ୍ଚର୍ଯ୍ୟ ! ରମନାରାୟଣଟାକୁ ମୁଁ ଭଦ୍ରଲୋକ ବୋଲି ଭାବିଥିଲି । ଅଥଚ ନିଜର ରୋଗିଣା ପୁଅଟାକୁ ମୋ ଝିଅ ବେକରେ ବାନ୍ଧିଦେବାକୁ ବସିଥିଲା ? (ଭୋଲା ଆସିଲା)

ଭୋଲା : ଆରେ ! ଆପଣ କେତେବେଳୁ ଆସିଲେଣି ?

କିଶୋର : ଏଇ ଅଳ୍ପ ସମୟ ହେଲା, ତୋର ବାବୁ କୋଉଠି ?

Source: Author, Digitized by PPRACHIN, SOA

ସୋଲା : ଆସନ୍ତୁ । ଚୂଡ଼ାମଣ୍ଡପରେ ବସିଛନ୍ତି ।

କିଶୋର : ଯିବା ଦରକାର ନାହିଁ । ତୋ ବାବୁଙ୍କୁ କହିଦବୁ କିଶୋର ଭଞ୍ଜ
ମୂର୍ଖ ନୁହେ···ତା' ଭଳି ଗୋଟାଏ···ଗ୍ଲଡ଼—

ସୋଲା : ଆଜ୍ଞା ହଠାତ୍ କ'ଣ ହେଲା ଆପଣଙ୍କର ?

କିଶୋର : କ'ଣ ଭାବିଚି ସିଏ ନିଜକୁ ? ଅପସ୍ମାରଗ୍ରସ୍ତ ଗୋଟେ ଚୁର୍ଗୁଣ ଟୋକାକୁ
ମୋ' ଝିଅ ବେକରେ ଛନ୍ଦି ଦେବାକୁ ବସିଛି ? ଭାବିଚି ମୁଁ ଜାଣିପାରିବି
ନାହିଁ ନା କ'ଣ ? ହୁଁ— (ଚାଲିଗଲେ)

ସୋଲା : (ହସିଲା) କ'ଣ କହିଲ ? ମୋ' ସାଗର ବାବୁଙ୍କୁ ଅପସ୍ମାର ହେଇଚି ?
(ପୁଣି ହସିଲା) ଭଲ ହେଲା ! ଯିଏ ଝିଅ ସାଇବାଣୀ ! ଏ ଘରେ
ପଶିଥିଲେ ପ୍ରଥମେ ମତେ ତଡ଼ିଥାଆନ୍ତା । ଏ ଘରଟାକୁ ବି ନଷ୍ଟ
କରିଥା'ନ୍ତା—ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳପାଇଁ !

(ଅନ୍ଧାର)

Source: Author, Digitized by PPRACHIN, SOA

ଦୃଶ୍ୟ-୮

[ସରୋଜ ଆସୁଥିଲା ମାଛ ନେଇ । ଦେଖା ହେଲା ବାପା ଗଣେଶ ସାଙ୍ଗରେ । ମୁହଁରେ ବିଡ଼ି ।]

ଗଣେଶ : କୁଆଡ଼େ ଯାଇଥିଲୁ ?

ସରୋଜ : ମାଛ ନେଇ ଫେରୁଚି ।

ଗଣେଶ : ମାଛ ? ମାଛ ଆଣିବାକୁ କିଏ କହିଲା ? ଜମିଦାର ଘର ପୁଅ କ'ଣ ତମ ସପ୍ତପୁରୁଷଙ୍କ ଶ୍ରାଦ୍ଧ କରିବେ ? ପଇସାଟିଏ ରୋଜଗାର କରିବାର ପନ୍ଥା ନାହିଁ—ଏଣେ ରାଜପୁଅଙ୍କୁ ଡାକି ରୋଜ ଗୋଟାଏ ଭୋଜି ଚାଲିଚି ! ବୋପାର କ'ଣ ଗୁଡ଼ଳ କଳ ଅଛି ବୋଲି ଭାବିଲୁ ?

ସରୋଜ : ଛି-ଛି ଏମିତି ଗୁଡ଼ାଏ ତମେ କ'ଣ ଯେ କହୁଚ ବାପା ! ସାଗର କାହା କାହା ଘରର ପୁଅ—! ସିଏ ଆସି ତମ ଘରେ ଅଛି । ତମର ଗର୍ବ କରିବା କଥା ! ତମେ ଯାହା କହୁଚ ସିଏ ଯଦି ଶୁଣେ—

ଗଣେଶ : ଶୁଣିଲେ କ'ଣ ହବ ? ମୋ ମୁଣ୍ଡଟା କାଟିପକେଇବ ?

ସରୋଜ : ଠିକ୍ ଅଛି, ମୁଁ ତାକୁ ଆଜି ବିଦା କରିଦଉଚି ।

ଗଣେଶ : ସେୟା କର । ସେୟା କର—

[ସରୋଜ ରାଗି ଚାଲିଗଲା । ଅନ୍ୟପଟୁ ଆସିଲା ନନ୍ଦ ଦାସ ।]

ନନ୍ଦ : କିରେ ଗଣେଶା—ଏଇଠି କ'ଣ କରୁଚୁ । ତୁ ତ ଶଳା ଆଜିକାଲି ବଡ଼ଲୋକ ! ପୁଅ ରୋଜ ମାଛ କିଣୁଚି ! ଘରକୁ ବହୁତ ବଡ଼ ବଡ଼ ଅତିଥି ଆସୁଛନ୍ତି—ଶଳା ଆମ କଥା ଆଉ କାହିଁକି ମନେପଡ଼ିବ ? ଗଞ୍ଜେଇ ଟିକିଏ ହବ ?

ଗଣେଶ : ହଉ । ମନଟା ଭୀଷଣ ଖରାପ । ଶଳା ଘରେ ଗୋଟେ ବଢ଼ିଲା ଝିଅ—ବାହାଘର ପ୍ରସ୍ତାବର ନାଁ ଗନ୍ଧ ନାହିଁ । ମୋ ଦେଇ ତ କିଛି

Source: Author, Digitized by PPRACHIN, SOA

ହବନି ଜାଣିରୁ । ଶଳା ତତେ କେତେଥର କହିଲଣି ତୋ' ହାତରେ ବି କଛି ହେଲନି ।

ନନ୍ଦ : ନନ୍ଦ ଦାସ ଏସବୁ କାମରେ କେବେ ଫେଲ ମାରନି ଗଣେଶା— ଅରେ ଯେତେବେଳେ ମତେ କହିଦେଇଚୁ ମୋ' ମନରେ କଥାଟା ଗାର ଟାଣ୍ଡି ରହିଚି । ଆରେ ହଁ ତ ! ବାବା ବିଶ୍ୱନାଥଙ୍କ ଦୟା ଥିଲେ ଏଇ ବର୍ଷ ହେଇଯିବ—ଏଇ ବର୍ଷ ନୁହେଁ···ଏଇ ତିଥିରେ···ମାନେ ଆଜି ହବ ।

ଗଣେଶ : ଆବେ କ'ଣ କହୁଚୁ ତୁ ? ଗଞ୍ଜେଇ ଜୋରରେ ଭିଡ଼ି ଦେଲୁ କି ?

ନନ୍ଦ : ଆଚ୍ଛା ଗଣେଶା—

ଗଣେଶ : କହ ।

ନନ୍ଦ : ମୁଁ ତୋ ଟାରେ କାଲି ଗୋଟେ ସିନେମା ଦେଖିଲି । ତୋ ଝିଅ ଗୋଟେ ବେଶ ସୁନ୍ଦରିଆ ଟୋକା ସାଙ୍ଗରେ ଏଇଠି ଫଟୋ ଉଠେଇବା ପୋଜ୍‌ରେ ଥିଲି ।

ଗଣେଶ : ମାନେ ?

ନନ୍ଦ : ମାନେ ଏଇ ଯୋଉ ସିନେମା ପୋଷ୍ଟର କାନ୍ଥରେ ମାରୁଛନ୍ତି ନ ? ଠିକ୍ ସେମିତି ଦିଶୁଥିଲି—ଟୋକାଟା କିଏ ?

ଗଣେଶ : ସବ୍ରେଜିଷ୍ଟରର ସାଙ୍ଗ !

ନନ୍ଦ : ତା' ସାଙ୍ଗରେ ଝିଅଟାକୁ ବାହା କରେଇଦଉନୁ ?

ଗଣେଶ : ଧୃଷ୍ଟତା ! ଘୋର ଧୃଷ୍ଟତା ହବ ନନ୍ଦ । ଜମିଦାର ରାମନାରାୟଣର ଏକମାତ୍ର ପୁଅ···ସେଇଟା ଶଳା କାହିଁକି ମୋ' ଝିଅକୁ ବିଭା ହବ ବେ ?

ନନ୍ଦ : ଆବେ ଶଳା ଟଞ୍ଜୋଡ଼ ! ଆଜିକାଲି ଇଂଲଣ୍ଡ ଆମେରିକାରେ ଏମିତି ସବୁ ହଉଚି । ତୋର ବି ହେଇଯାଇପାରେ—

ଗଣେଶ : ଏଗୁଡ଼ା କେବଳ ନାଟକ, ଯାହାରେ ହଉଥିବ—ଭାଇ···ରାମନାରାୟଣ କୋଉଠି ଗୋଟାଏ ଗୃହ ପାଞ୍ଚ ଲକ୍ଷ ଯୌତୁକ ପାଇବାପାଇଁ ଅପେକ୍ଷା କରି ବସିଥିବ ।

Source: Author, Digitized by PPRACHIN, SOA

ନନ୍ଦ : ଖଣ୍ଡେ ବଡ଼ ଦେଲୁ । ମତେ କାଇଁକି ଏଇଟା ସମ୍ଭବପର ହେଉନାଇଲା ଭଳି ଲଗୁଛି । ମୋ ନାଁ ନନ୍ଦ ଦାସ, ବୁଝିଲୁ ? ହଉ···ତୁ ଆସିଲୁ··· ମୁଁ ତତେ ଗୋଟେ କଥା କହେ···

ଗଣେଶ : କହୁନୁ···ଏଇଠି କହୁନୁ ?

ନନ୍ଦ : ଶଳା ଗଞ୍ଜେଇ ଟାଣି ଟାଣି ବୁଦ୍ଧିଗୁଡ଼ା କୁଆଡ଼େ ଗଲାଣି···ଗୋପନ କଥା···ଯ୍ୟାଡ଼େ ଆ···

[ଗଣେଶକୁ ଟାଣି ଟାଣି ନେଇଗଲା । ଆସିଚନ୍ତି ସରୋଜ ଓ ସାଗର]

ସରୋଜ : ମୁଁ କ'ଣ କହୁଥିଲି କି, ତୁ ଆଜି ଯାଉଚୁ ତ ?

ସାଗର : ଭାବୁଚି ।

ସରୋଜ : ଦେଖ ତୋର ଯିବା ଉଚିତ । ମଉସା ଭାବୁଥିବେ । ଘରେ ପୂଜା ଅଛି ।

ସାଗର : ହେଲେ ଏ ଜାଗାଟା ଭାରି ଭଲ ଲାଗୁଚି । ଭାବୁଥିଲି ପୂରା ଛୁଟିଟା ଏଇଠି କଟେଇଦେବାକୁ । ତମର ଯଦି କିଛି ଅସୁବିଧା ହଉଚି···

ସରୋଜ : ଆରେ ଆମର ଅସୁବିଧା କ'ଣ ? ବରଂ ତୋର ଅସୁବିଧା ହଉଥିବ ···ତମ ଘର ଖାଇବା ଆଉ ଆମ ଘର ଖାଇବା ?

ସାଗର : ସତରେ ସରୋଜ, ଝରଣାର ରାନ୍ଧଣା, ଯେକୌଣସି Star ହୋଟେଲ- ଠାରୁ ବେଶ ରୁଚିକର ।

ସରୋଜ : ମୋର କିଛି ଆପତ୍ତି ନାହିଁ ଯେ, ମଉସାଙ୍କ ପାଖରେ ମୁଁ କଥା ଦେଇ- ଆସିଥିଲି ଠିକ୍ ସମୟରେ ତତେ ପଠେଇଦେବାପାଇଁ···ଆଜି ଦୁର୍ଗାଷ୍ଟମୀ···ତୁ ପୂଜାରେ ବସିଥା'ନ୍ତୁ ।

ସାଗର : ହଉ···ମୁଁ ଆଜି ଯିବି ।

ସରୋଜ : ତୁ ଆଜି ଯାଇ ପୂଜା କାମଟା ସାରିଦେଇ କାଲି ଆସୁନୁ, ମୁଁ କ'ଣ ମନା କରୁଚି ।

ସାଗର : ହଉ···

ସରୋଜ : ଖାଇଦେଇ ପର ଗାଡ଼ିରେ ଚାଲିଯିବୁ । ରହ ମୁଁ ଦେଖେ ରାନ୍ଧଣା କେତେ ବାଟ ଗଲା ! [ଚାଲିଯାଇଛି]

[ହଠାତ୍ ସାଗର ମୁହଁ ଶୁଖିଗଲା]

Source: Author, Digitized by PPRACHIN, SOA

ସାଗର : ମୁଁ ଆଜି ଚାଲିଯିବ ଝରଣା···ଆଜି ସାଗର ଝରଣା ପାଖରୁ ଚାଲିଯିବ ···କିଏ ଜାଣେ କେବେ ତମ ସହିତ ମୋର ଦେଖା ହବ ! କେବେ ପୁଣି ସେଇ ଝରଣାର କୁଳୁ କୁଳୁ ସ୍ୱର ସାଗର କାନରେ ବାଜିବ !

[ଠିକ୍ ସେତିକବେଳକୁ ପ୍ରବେଶ କଲା ଝରଣା, ବେଶ୍ ସଜେଇ ହେଇ ଆସିଥିଲା ସିଏ । ସାଗର କାନ୍ଧରେ ଗୋଟାଏ କ୍ୟାମେରା ଝୁଲୁଥିବା ଦେଖି ପଚାରିଲା ।]

ଝରଣା : ସାଗରଭାଇ ! ଏଇ ଦେଖ—ମୁଁ କେମିତି ଦିଶୁଚି କହିଲ ?

ସାଗର : ବାଃ ! ତୁ' କେତେ ବଢ଼ିଆ ଦିଶୁଚୁ ଦେଖିଲୁ !

ଝରଣା : ସାଗରଭାଇ ! ମୋର ଗୋଟେ ଫଟୋ ଉଠେଇବନି ?

ସାଗର : ଫଟୋ ! ବାସ···ଠିଆ ହେଲୁ ! ବାଃ···ଟିକିଏ ହସ !

ଝରଣା : ହି ହି ହି ହି ହି···

ସାଗର : ଏଯୁ ! ଏତେ ଜୋର୍‌ରେ କ'ଣ ହସୁଚୁ ? ଫଟୋରେ ଉଠିଯିବ !

ଝରଣା : ହି ହି ହି ହି ହି—

ସାଗର : ନାଇଁ ! ଏମିତି ନୁହେଁ । ଟିକିଏ ହସ···ଏମିତି ହସିବୁ ଯେ ଏ କ୍ୟାମେରାଟା ତତେ ଠିକ୍ ଧରିନବ !

ଝରଣା : ଏମିତି ?

ସାଗର : ଓ୍ୱାନ୍···ଟୁ···ଥ୍ରୀ···ବାଃ ! ଧନ୍ୟବାଦ !

ଝରଣା : ସାଗରଭାଇ ! ଗୋଟେ କଥା ପଚାରିବି ନା ?

ସାଗର : କ'ଣ ?

ଝରଣା : ତମର ଘର ବାହାଘର ହଉଚି !

ସାଗର : ତତେ କିଏ କହିଲା ? ସରୋଜ ଟି !

ଝରଣା : ହଁ । ସେମାନେ ଘର ତମକୁ ଦେଖିବାକୁ ଆସିଥିଲେ ?

ସାଗର : ମୁଁ ସେଇଠି ବାହା ହେବିନି !

ଝରଣା : ଏ ମା' ! କାଇଁକି ବାହା ହବନି ? ସେ ଝିଅଟା ଦିଲ୍ଲୀରୁ ଆସିଚି ! ପ୍ୟାଣ୍ଟ୍ ଜାମା ପିନ୍ଧୁଚି !

Source: Author, Digitized by PPRACHIN, SOA

ସାଗର : ମତେ ଜାମାପେଣ୍ଟ୍ ଝିଅ ଭଲ ଲଗନ୍ତିନ !

ଝରଣା : ଆଉ କୋଉ ଝିଅ ଭଲ ଲଗନ୍ତି ବା ?

ସାଗର : ତୋ ଭଳି ଝିଅ !

ଝରଣା : ଏ ମା' ! ତମେ ଯୋଉ କଥା କୁହନା ସାଗର ଭାଇ ! ମୁଁ କଏ··· ତମେ କଏ···ତମେ ଆଜି ମୋ' ପାଇଁ ଜାମା ଆଣି ଦେଇଚ···ମୋ' ଗୀତ ଶୁଣୁଚ···ମୋ' ଫଟୋ ଉଠୋଉଚ···ମୁଁ ସେଥିରେ ନିଜକୁ ଭାଗ୍ୟବାନ ବୋଲି ଭାବୁଚି ।

ସାଗର : କାଇଁକି ? ତତେ ଦେଖିଲା ପରେ ମୋର ମନେ ହେଉଚି ବାଣୀ-ବିହାର ଗୁଡ଼ ଆସି ଏଇଠି ତମ ଗାଁରେ ରହିଯିବ । ହେଲେ ତମେ ସବୁ କ'ଣ ମତେ ରଖିବ ? ଗୃହ ଧନ ଭିତରେ କହିବ ବେଡ଼ିଙ୍ଗ୍ ବିସ୍ତର ବାନ୍ଧ !

ଝରଣା : ଏ' ମା ! ତମକୁ କଏ ଏକଥା କହିବ ?

ସାଗର : ଏଇ ତ ତୋ' ଭାଇ କହିଲାଣି—

ଝରଣା : ଏ' ମା ! ଭାଇ କେତେବେଳେ କହିଲେ ? ମିଛକଥା—ଯାଃ ! ତମ ସାଙ୍ଗରେ କଥା ହେବିନି, ଯା'—

ସାଗର : କଥା ନ ହେଲେ ନାଇଁ ! ତୁ' ଯେତେ ରାଗି ମୁହଁ ଫୁଲେଇଲେ କ'ଣ ହବ ? ଏଇ ଯୋଉ କ୍ୟାମେରା ଦେଖୁଚୁ···ସେଇଥିରେ ପରା ତୋ' ହସ ହସ ମୁହଁଟା ରହିଯାଇଚି ! ତୁ' ଯେତେ କାନ୍ଦୁଚୁ କାନ୍ଦ ···ମୋ' ଫଟୋରେ ତୁ ସବୁବେଳେ ହସୁଥିବୁ !

ଝରଣା : ସାଗର ଭାଇ ! ତମେ ପୁଣି କେବେ ଆସିବ ?

ସାଗର : ଆଜିଗଲେ ଯାଇ ଶୀତ ଛୁଟିରେ । ଶୀତଛୁଟିରେ ଆସିବ ଯେ··· ଗୋଟିଏ ସର୍ତ୍ତ ! ଯଦି ତୁ ମତେ ସେଇ ଗୀତଟା ଗାଇ ଶୁଣେଇବୁ !

ଝରଣା : ତମେ ଚାଲିଗଲେ ନା···ମତେ ଖୁଉବ୍ ଏକଲା ଲାଗିବ !

ସାଗର : ମୁଁ ଚାଲିଗଲେ ସେଇଠି ଏଇ ଗାଁ କଥା ମନେ ପଡ଼ିବ···ଏଇ ବାଉଁଶ ବଣ···ଏଇ ପୋଖରୀକୂଳ···ଏଇ ନେଳି ନେଳି ଶୁଆ ଆଉ ଏଇ କଳା କଳା ହସୁଥିବା ଝରଣା···

Source: Author, Digitized by PPRACHIN, SOA

ଝରଣା : ସତରେ ? ସତରେ ଆମ କଥା ମନେ ପଡ଼ିବ ?

ସାଗର : ଆମ କଥା କ'ଣ ? ଖାଲି ତୋ' କଥା—ଖାଲି ତୋ' କଥାହିଁ ମନେ ପଡ଼ିବ !

ଝରଣା : ସେଇଟା ମୋ' ଭାଗ୍ୟ !

ସାଗର : ମୁଁ ଯାଉଚି ଝରଣା ! ତା' ହେଲେ ତୋ' ସାଙ୍ଗରେ ନଦୀକୂଳରେ ଏଇଟା ହେଲା ଶେଷ ଦେଖା···ଆ'···ତତେ ଟିକିଏ କୋଳେଇ-ନିଏ ।

ଝରଣା : ସାଗର ଭାଇ !

[ଠିକ୍ ଏତିକିବେଳେ ଦୌଡ଼ି ଆସିଲା ସରୋଜ ।]

ସରୋଜ : ସାଗର···ସାଗର ପଳେଇଯା'—ଯେତେ ଶୀଘ୍ର ପାରୁଚୁ ଏଇଠୁ ପଳେଇଯା'—

ସାଗର : ପଳେଇଯିବି ? କାହିଁକି ?

ସରୋଜ : ମୁଁ କହୁଚି ପଳେଇଯା'—

ଝରଣା : କ'ଣ ହେଇଚି ଭାଇ ?

ସରୋଜ : ବାବା ଜବରଦସ୍ତ ତମ ଦୁଇଜଣଙ୍କର ବାହାଘର କରିଦେବେ ବୋଲି କହୁଛନ୍ତି ।

ଝରଣା : ନା—

ସାଗର : କ'ଣ ତୁ କହୁଚୁ ପାଗଳ ଭଳିଆ ? ଏଇଟା କ'ଣ କଣ୍ଢେଇ ବାହାଘର ?

ସରୋଜ : ତୁ'···ତୁ' ପାଗଳ ହେଇଯିବୁ ସାଗର ! ବାପାଙ୍କୁ ତୁ' ଚିହ୍ନିନୁ !

ଝରଣା : ତମେ ଚାଲିଯାଅ ସାଗର ଭାଇ ! ବାପା ସବୁ କରିପାରନ୍ତି । ତାଙ୍କ ପାଖରେ ଅସାଧ୍ୟ ବୋଲି କିଛି ନାହିଁ !

ସରୋଜ : ତୋର ଆଉ ଭିତରକୁ ଯିବା ଦରକାର ନାହିଁ—ତୁ' ଇଆଡ଼ୁ ଇଆଡ଼ୁ ପଳେଇଯା'—

ସାଗର : ମୋ ସୁଟ୍‌କେଶ ? ଲୁଗାପଟା ?

Source: Author, Digitized by PPRACHIN, SOA

ସରୋଜ : ମୁଁ ନେଇଯିବ—ଛୁ' ଯା'

[ସାଗର ଚାଲିଯିବାକୁ ଉଦ୍ୟତ ହେଲାବେଳେ ଗଣେଶ, ନନ୍ଦଦାସ, ଦଶ ଆଠଜଣ ଲଠିଆଳ, ଗୋଟିଏ ପୁରୋହିତ, ଗୋଟିଏ ଶଙ୍ଖୁଆ ଆସି ପହଞ୍ଚିଲେ । ନନ୍ଦ ହାତରେ ଫୁଲମାଳ ।]

ଗଣେଶ : ରହିଯା'...ରହିଯା' ବାପା, ରହିଯା'—ପଳଉଚ କୁଆଡ଼େ ? କରେ ସରୋଜ ? କ'ଣ ସବୁ ହଉଚି ଏଇଠି ? ଏଇଟା ଇଂଲଣ୍ଡ ନା ଆମେରିକା ଯେ ହାତ ଧରା ଧରି ହୋଇ ପୋଖରୀକୂଳରେ ବୁଲି ଚାଲିଛ ? ଆରେ ବାବୁ, ଆମେ ଗରିବ ହେଲେ ବି ଆମର ତ ପୁଣି ମାନସମ୍ମାନ ଅଛି ନା ନାହିଁ ?

ନନ୍ଦଦାସ : କୁଆଡ଼ୁ ସହରରୁ ଆସି ଏଇ ବାଡ଼ପଛ ପୋଖରୀକୂଳଟାକୁ ଯମୁନା-କୂଳ ବୋଲି ଭାବି ପକେଇଲେ ?

ସାଗର : ଆପଣମାନେ କ'ଣ ଚାହୁଁଛନ୍ତି ?

ନନ୍ଦଦାସ : କିଛି ନାଇଁ ବାପା ! ତମେ ଆମ ଝିଅକୁ ବାହା ହେଇଯାଅ—

ସାଗର : ମୋ' ବାହାଘର ଠିକ୍ କରିବା ମୋ' ହାତରେ ନାଇଁ, ଘରେ ମୋର ବାପା ଅଛନ୍ତି ।

ଗଣେଶ : ତମ ହାତରେ ନାହିଁ...ହେଲେ ଝିଅଟା ସହିତ ମିଳାମିଶା କରି ତାକୁ ସମାଜ ଆଖିରେ ବଦନାମ କରାଇବାର ଅଧିକାର ତମର ଅଛି ?

ନନ୍ଦ : ଆହେ ବଦନାମ କ'ଣ ହେ ? ଚରିତ୍ର ତ ନଷ୍ଟ କଲେଣି—

ସରୋଜ : ଆପଣମାନେ ଏସବୁ ମିଛକଥା କହୁଛନ୍ତି ।

ଗଣେଶ : ଛୁ' ଚୁପ୍ ରହ । କ'ଣ ? ବାହା ହବ ନା ନାଇଁ... ?

ସାଗର : ଆପଣ କ'ଣ ମତେ ଜୋର କରି ବାହା କରେଇବେ ?

ଗଣେଶ : ଜୋର କରି ? ଶଳା ଗ୍ରେଟ୍‌ଲୋକ ! ମୋ ବଡ଼ିଲ୍ ଝିଅଟାର ସର୍ବନାଶ କରି ପଳେଇଯିବୁ କହୁଚୁ ? ଏଇ ଲଠିରେ ତୋ' ଗୋଡ଼ ଭାଙ୍ଗି-ଦେବିନ ?

Source: Author, Digitized by PPRACHIN, SOA

ଝରଣା : ବାବା ! (କାନ୍ଦି) ତମେ ତାଙ୍କୁ ଗୁଡ଼ାଇଦିଅ । ସେ ମୋର କିଛି କ୍ଷତି କରି ନାହାନ୍ତି···ତାଙ୍କୁ କାହିଁକି ତମେ ମିଛରେ ମିଛରେ ଅପମାନ ଦେଉଛ ?

ନନ୍ଦ : ନାଇଁ ନାଇଁ ! ଆମେ ଜୋଇଁପୁଅର ଅପମାନ କାହିଁକି କରିବୁ ? ଏଇଠି ମାଳା ବଦଳ ହୋଇଯାଉ—ଆମେ ଚାଲିଯିବା—

ସାଗର : ନା, ବାପାଙ୍କୁ ନ ପଚାରି ମୁଁ ମାଳା ବଦଳ କରିବି ନାହିଁ ।

ଗଣେଶ : ଆବେ ତୋ' ବୋପା ଆସି କରିବ ବେ ! ଚାଲୁ ଦେଖି ଏଇଠୁ ? ତୋ' ଗୋଡ଼ ଯଦି ନ ଭାଙ୍ଗି ଦେଇଛି !

ସରୋଜ : ଏବେ ବି ସମୟ ଅଛି ବାପା । ଟିକିଏ ଭାବି ଦେଖ । କଥାଟା ଭଲ ହଉନି ।

ଗଣେଶ : ଭାବିଛି । ଅନେକ ଭାବିଛି ।

ସରୋଜ : ତା' ଜୀବନଟା ନଷ୍ଟ ହୋଇଯିବ ।

ନନ୍ଦ : ପାଠ କହିଲୁ—ଯିଏ ଯାହା ହାଣ୍ଡିରେ ଚାଉଳ ଫୁଟେଇବ ସେକଥା ଭାଗ୍ୟରେ ଲେଖା ହୋଇଛି । କାହା ଭାଗ୍ୟ କ'ଣ ହେବ ଆଜିଠୁ କ'ଣ କହି ହବ ?

ଗଣେଶ : ମୁଁ ପଚାରୁଛି ତୁମେ ଏଇ ମାଳା ନେଇ ଝରଣା ବେକରେ ପକେଇବ କି ନାହିଁ ? ନ ହେଲେ ଗାଁଲୋକଙ୍କୁ ଡାକିବାକୁ ପଡ଼ିବ ! ବାହା ତ ଯେମିତି ହେଲେ କରିବାକୁ ପଡ଼ିବ । କିନ୍ତୁ ମାଡ଼ ମଧ ଖାଇବାକୁ ପଡ଼ିବ ।

[ସାଗର ଆଗେଇ ଯାଇ ମାଳାଟି ଝରଣା ବେକରେ ଗଳେଇଦେଲା ।]

ନନ୍ଦ : ବାଃ ! ଗଣେଶ ! ତୋ' ଭାଗ୍ୟ ଭଲ । କେତେ ବଢ଼ିଆ ଜୋଇଁଟେ ପାଇଲୁ ଦେଖ ତ ! ବାଃ ! ବର୍ତ୍ତମାନ ମାଳାଟା ତୁ ତା' ବେକରେ ପିନ୍ଧେଇଦେଲୁ ଝିଅ···ମୋର ସୁନା ଝିଅଟା···

ଝରଣା : ନା···ମୁଁ ପାରିବିନି···ଇମିତି ଭାବେ ମାଳା ବଦଳ କରି ମୁଁ ବାହା ହେବିନି ।

ଗଣେଶ : ନାଇଁ, ଶଳା ବେଦୀ ବନ୍ଧା ହେବ···ଖାଇବାପିଇବା ହବ···ତା'ପରେ ଯାଇ ତୁ ବାହାହବୁ !

Source: Author, Digitized by PPRACHIN, SOA

ସାଗର : ଝରଣା ! ବାପାଙ୍କର ଏଇ ଜିଦ୍‌କୁ ସମ୍ମାନ ଦେଇ ମାଳାଟା ମୋ' ବେକରେ ଗଳେଇଦିଅ ।

ଝରଣା : ସାଗର ଭାଇ ! [ମାଳା ପିନ୍ଧେଇ ଦେଇଛି]

ନନ୍ଦ : ବାଃ···କେଡ଼େ ସୁନ୍ଦର ଦେଖାଗଲା । ସିନେମା କଲେ ଏଇଥିା ହୁଏ । କରେ ଗଣେଶ ଦେଖିଲୁ···ନନ୍ଦ ଦାସ ଯାହା କୁହେ ସେଇଆ କରେ ।

ଝରଣା : ତମେ ମୋ ପାଇଁ ଠିକଏ ବିଷ ଆଣିଦିଅ ଭାଇ ! ମୁଁ ଏ ଅପମାନ ଆଉ ସହ୍ୟ କରି ପାରୁନି ।

ଗଣେଶ : ଆବେ ବାଜା ବଜାଅରେ···ଶଙ୍ଖ ବଜାଅ···

[ଶଙ୍ଖ ହୁଳହୁଳି ଶୁଭିଲା)

ନନ୍ଦ : ମନ ଦୁଃଖ କରନି ପିଲାଏ ! ଏଇ ପ୍ରେମ ଫ୍ରେମ କଲେ ଟିକଏ ଡ୍ରାମା ହବ···ଏମିତି । ଆସ···ଆସ ସମସ୍ତେ । [ଚାଲିଗଲେ ସେମାନେ]

ସରୋଜ : ମତେ ତୁ କ୍ଷମା କରିଦେ' ସାଗର । ଆଗରୁ ଜାଣିଥିଲେ ତତେ ନିଗ୍ର-ପଦରେ ପଠେଇଦେଇ ପାରିଥା'ନ୍ତି । ଛି-ଛି-ଛି···ସେଇଠିକି ଗଲେ ତୋ' ବାପାଙ୍କ ଆଗରେ କେମିତି ଯେ ମୁହଁ ଦେଖେଇବି ! ତୁ ମତେ କ୍ଷମା କର ସାଗର···କ୍ଷମା କର ।

(ସେଇଠି ରହି ନପାରି ଚାଲିଗଲା ।)

ଝରଣା : ତମ ଗୋଡ଼ତଳେ ପଡ଼ୁଛି ! ମୋର ଦୋଷ ମାର୍ଜନା କର । ମୁଁ ଏସବୁର ବିନ୍ଦୁବିସର୍ଗ ମଧ୍ୟ ଜାଣେନା—ବିଶ୍ୱାସ କର···

ସାଗର : (ତାକୁ ତଳୁ ଉଠାଇ) ଉଠ ଝରଣା ! ଆଜି ଗୋଟେ ଦୁର୍ଘଟଣା ଭିତରେ ଆମର ବାହାଘର ହେଉଛି । ଏଇ ଦୁର୍ଘଟଣାକୁ ଆମେ ସ୍ୱାଗତ କରିବା ।

ଝରଣା : ବାପାଙ୍କ ପାଇଁ ମୁଁ ତମ ଗୋଡ଼ତଳେ ପଡ଼ୁଛି···ଭୁଲିଯାଅ ଆଜିର କଥା···ମୁଁ ହତଭାଗିନୀ ଏପର୍ଯ୍ୟନ୍ତ ବାହା ହୋଇ ପାରିନି ବୋଲି ବାପାଙ୍କର ଯେତେ ସବୁ ଚିନ୍ତା ! ଭାଇ ମୋ' ପାଇଁ ଯେତେ ପ୍ରସ୍ତାବ ଆଣିଛି ଯୌତୁକ ପାଇଁ ସବୁ ଭାଙ୍ଗିଗଲା···ଶେଷରେ ବାପା ବୋଧେ ହତାଶ ହୋଇ ଏମିତି ଏକ କୁତ୍ସିତ ଉପାୟରେ ଆମ ବାହାଘର କଲେ ।

Source: Author, Digitized by PPRACHIN, SOA

ସାଗର : ତୁ' କାନ୍ଦନା ଝରଣା···ମୁଁ ତତେ ବାନ୍ଧା ହେଇଚ···ତୁ' ମୋର ସ୍ତ୍ରୀ । ଝରଣା ଆଜ ସାଗର ସାଙ୍ଗରେ ମିଶି ଯାଇଚ । ସେ ସାଗର ଭିତରେ ହଜିଯିବ । ଆଜ ବର୍ତ୍ତମାନ ତତେ ନେଇ ମୁଁ ଘରକୁ ଫେରିଯିବି । ଏଠି ତତେ ଗୋଟେ ମୂହୂର୍ତ୍ତ ରହିବାକୁ ଦେବନି । ଚାଲ୍, ଗାଡ଼ି ବେଳ ହେଇଯାଉଛି ।

(ଯାଉ ଯାଉ ଅନ୍ଧାର)

Source: Author, Digitized by PPRACHIN, SOA

ଦୃଶ୍ୟ-୯

[ରାମନାରାୟଣଙ୍କ ଘର । ଦୁର୍ଗାପୂଜାର ଆୟୋଜନ ଚାଲିଛି । ଦୂରରୁ ଶୁଭୁଚି ଚଣ୍ଡିପାଠ ଇତ୍ୟାଦି । ରାମନାରାୟଣ, ହୋଲା, ମାୟା ପ୍ରଭୃତି ବ୍ୟସ୍ତ ଭାବରେ ଯିବାଆସିବା କରୁଛନ୍ତି । ତା' ଭିତରେ ଧୋତି ପିନ୍ଧି ବଡ଼ ଅଡ଼ୁଆରେ ପଡ଼ିଛି ପ୍ରତାପ । ଚାଲି ଯିବାରେ ତାକୁ ଅସୁବିଧା ହଉଚି । ଏହି ବ୍ୟସ୍ତତା ଭିତରେ ରାମନାରାୟଣ ଥିବା ସମୟରେ ଘର ଭିତରକୁ ପଶି ଆସିଲେ ବନ୍ଧୁ କିଶୋର ଚନ୍ଦ୍ର ।]

କିଶୋର : (ପ୍ରବେଶ କରି) ରାମନାରାୟଣ ! ପ୍ରକୃତରେ ମୁଁ ଦୁଃଖିତ···ଆଉ ଲଜ୍ଜିତ !

ରାମ : କାହିଁକି କ'ଣ ହେଲା ? ତୋ' ଚିଠି ପାଇଲା ପରେ ମୁଁ ଭାବିଲି ବୋଧହୁଏ ତୁ ଆଉ ମୋ' ଘରେ ପାଦ ପକେଇବୁନି ।

କିଶୋର : ଦେଖ ଭାଇ । ଭୁଲ ଖବର ଶୁଣି ମୁଁ ଚିଠିଟା ଲେଖିଥିଲି । ପରେ ସବୁ କଥା ଜାଣିଲା ପରେ ମୁଁ ଅନୁତପ୍ତ ।

ରାମ : ଭୁଲ ବୋଲି ଜାଣିଲୁ ପୁଣି କେମିତି ?

କିଶୋର : ତମର ସବୁ ବନ୍ଧୁବାନ୍ଧବଙ୍କଠାରୁ ଖବର ନେଲି । ବାଣୀବିହାର ଯାଇ ସାଗରର ସାଙ୍ଗମାନଙ୍କୁ ପଚାରିଲି—ଶେଷରେ ଜାଣିପାରିଲି ତାର ଅପସ୍ମାର ବେମାରି ନାହିଁ ।

ରାମ : ତା' ହେଲେ ମୋର ଯେଉଁ ପରମ ଆତ୍ମୀୟଟି ତତେ ଏଇ ସମ୍ବାଦ ଦେଲା, ତା' ନାଁଟା ଜାଣିପାରେ କି ?

Source: Author, Digitized by PPRACHIN, SOA

କିଶୋର : ଜିଣେଇବ, ନିଶ୍ଚୟ ଜିଣେଇବ । ସମୟ ଆସୁ । ଆଚ୍ଛା ରାମନାରାୟଣ ! ସାଗର ଫେରିଲାଣି ନା ନାହିଁ ?

ରାମ : ଆଜି ମୁଁ ଭୋଳାକୁ ପଠେଇବ ବୋଲି ଭାବୁଚି ।

(ଲୁସି ଆସିଲା)

ଲୁସି : ହାଲୋ । (କିଶୋରଚନ୍ଦ୍ରଙ୍କୁ) ଡାଡ୍, ତମର କଥାବାର୍ତ୍ତା ସରିଲା ?

କିଶୋର : ହଁ । ରାମନାରାୟଣ ପାଖରୁ ଆପୋଲଜି ମାଗି ନେଲି ।

ଲୁସି : (ରାମନାରାୟଣଙ୍କୁ) ଆପଣମାନେ ଚଟାଣ ଉପରେ ବସି ଭାତ ଖାଆନ୍ତି ? ମାଇଁ ଗଡ୍ । ମୁଁ ଆସିଲେ ନା ସବୁ ବଦଳେଇଦେବି ।

ରାମ : ତୋର ବ୍ୟବସ୍ଥାଗୁଡ଼ାକ ଯଦି ଭଲ ଲାଗିବ ତା' ହେଲେ ମୁଁ ନିଶ୍ଚୟ ମାନିନେବି ।

ଲୁସି : କଟକ ଭୁବନେଶ୍ୱରରେ ଆପଣଙ୍କର ନିଶ୍ଚୟ ଘର ଥିବ ?

ରାମ : ଅଛି ।

ଲୁସି : ବାହାଘର ପରେ କିନ୍ତୁ ଆମେ ସହରରେ ରହିବୁ । ଆମକୁ ଆପଣଙ୍କର ଭୁବନେଶ୍ୱର ଘରଟା ଛାଡ଼ିଦେବେ ।

ରାମ : ଏଇଠି ?

ଲୁସି : ଏଇଠି ଗାଁରେ ଖାଲି ପୋଖରୀ, ବାଉଁଶ ବଣ, ମଶା···ମାଛି···

(ଭୋଳା ଆସିଲା)

ଭୋଳା : ବାବୁ !

ରାମ : କ'ଣ ହେଲା ?

ଭୋଳା : ସାନବାବୁ ଆସି ଗଲେଣି ।

ଲୁସି : ଆସିଗଲେଣି ? ହାଓ funny ! ତା'ହେଲେ ତାଙ୍କୁ ଏ ପ୍ରପୋଜାଲଟା ଦିଏ ।

[ଚାଲିଗଲା]

ଭୋଳା : ଆପଣ ଟିକିଏ ଘର ଭିତରକୁ ଆସିବେ ବାବୁ ?

ରାମ : ମୁଁ ଯାଇ କ'ଣ କରିବି । ତୁ ସେଇ ହତଭାଗାକୁ ଏଠିକି ଡାକ୍ ।

Source: Author, Digitized by PPRACHIN, SOA

ଶେଖର : ତମ ପାଖକୁ ଆସିବାକୁ ଡରୁଛନ୍ତି ।

ରାମ : ଡରଭୟ ତା' ହେଲେ ଅଛି ତାର ? ଏଁ ?

କିଶୋର : ନା, ପିଲ୍ ହିସାବରେ ସାଗର ଖୁବ୍ ଭଲ ।

[ପ୍ରବେଶ କଲେ ମାୟା]

ମାୟା : ଭାଇ ! ଭିତରକୁ ଯାଇ ଟିକେ ପବନ କର ।

ରାମ : କ'ଣ ହୋଇଛି ?

ମାୟା : ସାଗର ଗୋଟାଏ ବୋହୂ ନେଇ ଆସିଛି ।

ରାମ : ଇଏ ତୁ କ'ଣ କହୁଛୁ ମାୟା ?

ମାୟା : ଯାଅ, ପୁଅ-ବୋହୂଙ୍କୁ ଆଶିର୍ବାଦ କରି ଆସିବ !

କିଶୋର : ସାଗର ବିବାହ କରିଛି ?

ରାମ : ନା···ଏସବୁ ମୁଁ ବିଶ୍ୱାସ କରିପାରୁନି । ମୋ' ପୁଅକୁ ମୁଁ ଭଲଭାବେ ଚିହ୍ନିଛି । ଶୋଷରେ ଆଉଟୁ ପାଉଟୁ ହୋଇ ମରିଯିବ ପଛେ, ସିଏ ନର୍ଦ୍ଦମାର ପାଣି ପିଇବନି ।

ମାୟା : ଯାଅ—ଯାଅ—ଭିତରକୁ ଯାଇ କଥାଟା ବୁଝିଆସ । କୋଉ ଛୋଟ ଚଷା ଜାତିରୁ ବୋହୂ ଆଣିଛି କେଜାଣି···ବୋହୂ ନା ଗୃହିଣୀ ବା ସେଇଟା ?

କିଶୋର : ରାମନାରାୟଣ ! ଇଏ ସବୁ କ'ଣ ହଉଛି ତମ ଘରେ ? ତୁ' ତା'ହେଲେ ମୋ' ସାଙ୍ଗରେ ଖେଳୁଥିଲୁ ନା କ'ଣ ? ମୁଁ ବାରମ୍ବାର ଝିଅଟାକୁ ନେଇ ତୋ' ଘରକୁ କାହିଁକି ତା'ହେଲେ ଆସୁଛି ? ଛି ଛି ଛି···ତୋ' ପୁଅ ଲୁସିକୁ ବାହା ହେବାକୁ ଚାହେଁନା ବୋଲି ତ ଅନେକ ଆଗରୁ କହିପାରିଥା'ନ୍ତୁ— (ଏହା କହି ଚାଲିଗଲେ)

ରାମ : ଶେଖର ! ମୋ' ପାଦତଳୁ ମାଟି ଧସେଇ ଯାଉଛିରେ ଶେଖର ! ମୁଁ ଜୀବିତ ନା ମୃତ ? ସଂସାର ଲୋକ ଆସି ମୋ ମୁହଁରେ ଛେପ ପକେଇ ଚାଲିଗଲେ । ମୋ ନାଁ ବୁଡ଼ିଗଲା । ମୋ ବନ୍ଧୁ ଆସି ମୋତେ ବିଶ୍ୱାସଘାତକ ବୋଲି କହିଦେଇ ଚାଲିଗଲା !

Source: Author, Digitized by PPRACHIN, SOA

ଭୋଳା : ବାବୁ ! ବାବୁ ! ଆପଣ ଶାନ୍ତ ହୁଅନ୍ତୁ—

ରାମ : କେମିତି ଶାନ୍ତ ହେବ ? ସାଗରପାଇଁ କ'ଣ ନ କରିଚି ମୁଁ ?...ତା' ମା' ମଲ୍‌ପରେ...ଏଇ ଟୋକାଟା ମଣିଷ ହବ ବୋଲି ମୋ' ଜୀବନର ଶ୍ରେଷ୍ଠତମ ମୁହୂର୍ତ୍ତିଗୁଡ଼ିକ ମୁଁ ନଷ୍ଟ କରି ଦେଇଛିରେ ! ଶେଷକୁ... (ଚାଲିଗଲେ)

ଭୋଳା : ବାବୁ ! ଆପଣ ଏମିତି ପାଗଳଙ୍କ ପରି ହୁଅନ୍ତୁ ନାହିଁ ।

ମାୟୂ। : ଆରେ ଭୋଳା ଯାଉନୁ, ତମ ବୋହୂରାଣୀଙ୍କୁ ପାଛୋଟି ଆଣିବୁ ।

ଭୋଳା : ଛି ଛି ମା ! ବୁଢ଼ା ମଣିଷଟାକୁ ଏମିତି ହନ୍ତସନ୍ତ କରି ମାରୁଚ ! ଏହାର ଫଳ ତମେ ନିଶ୍ଚୟ ପାଇବ । ତମ ପୁଅ ବି ତମକୁ ଏମିତି ହନ୍ତସନ୍ତ କରିବ । (ରାମନାରାୟଣଙ୍କ ପଛେ ପଛେ ଗଲେ)

ମାୟୂ। : ଚୁପ କର ଷ୍ଟୁପିଡ ଲୋକ ! ତୋ' କଥାର ଗୋଟେ ମୂଲ୍ୟ କ'ଣ ଅଛି ?

ରହ ରହରେ ବଦମାସ—ତତେ ଯେତେଦିନ ପର୍ଯ୍ୟନ୍ତ ଏ ଘରୁ ନ ତଡ଼ିଛି ସେତେଦିନ ପର୍ଯ୍ୟନ୍ତ ମୋ' ମନରେ ଶାନ୍ତି ନାହିଁ ।

[ପ୍ରତାପ ଆସିଲା]

ପ୍ରତାପ : ବୋଉ ! ସାଗର ଭାଇ କ'ଣ ଗୋଟେ ଟୋକି ନେଇ ଆସି ପହଞ୍ଚିଲାଣି ଗାଁରୁ ।

ମାୟୂ। : ବର୍ତ୍ତମାନ ଯାଇ ଭାଇ ପାଖରେ ବସ ।

ପ୍ରଫୁଲ୍ଲ : ସେଇଠି ଯାଇ କ'ଣ କରିବ ମୁଁ ?

ମାୟୂ। : ମୋ ମୁଣ୍ଡଟା କରିବୁ । ମୂର୍ଖ । ତୋ' ମାମୁଁର ମୁଣ୍ଡଟା ଖରାପ ହବାକୁ ଆଉ ଡେରି ନାହିଁ । ଏଇଟା ହେଲା ମଉକା । ତୁ ଯଦି ଆଉ ଟିକିଏ ଖରାପ କରିଦେଇ ପାରିବୁ ତା' ହେଲେ ଭାଇ ସାଗରକୁ ତ୍ୟାଜ୍ୟପୁତ୍ର କରିଦେଇ ପାରନ୍ତି !

ପ୍ରଫୁଲ୍ଲ : ତା'ପରେ ?

ମାୟୂ। : ମୂର୍ଖ । ତା' ପରେ ଏସବୁ ସମ୍ପତ୍ତି ତୋର ହବ ।

Source: Author, Digitized by PPRACHIN, SOA

ପ୍ରଫୁଲ : ଅଁ ? ଏମିତିକା କଥା ? ତା' ହେଲେ ଗ୍ଲଲି । ଗ୍ଲ ମତେ କ'ଣ କରିବାକୁ ହବ ବତେଇଦେବୁ । [ମାୟା ଓ ପ୍ରତାପ ଗ୍ଲଗଲେ ଆସିଛନ୍ତି ଭୋଳା ଓ ରାମନାରାୟଣ]

ଭୋଳା : ବାବୁ, ତମକୁ ମୋ ରାଣ । ମା' ଛେଉଣ୍ଡ ପିଲାଟାକୁ ଘରୁ ତଡ଼ିଦେଇ ତମେ ରାସ୍ତାକୁ ଫୋପାଡ଼ିଦିଅନା ।

ରାମ : ରାମନାରାୟଣ ଥରେ ଯାହା ନିଷ୍ପତ୍ତି ନିଏ, ତାର ଆଉ ପରିବର୍ତ୍ତନ ଅସମ୍ଭବ···ତାଙ୍କୁ କହିଦେ···ସେ ଚଷାଝିଅଟାକୁ ନେଇ ଏ ଘରୁ ବାହାରିଯାଉ ।

ଭୋଳା : ବାବୁ, ତମେ ଏକଥା କହିପାରୁଚ ? ଏ କଥା କହିଲାବେଳେ ତମକୁ କଷ୍ଟ ଲାଗୁନି ? ସାନବାବୁ ଏ ବଂଶର ପ୍ରଥମ ଆଉ ଶେଷ ଉତ୍ତରାଧି-କାରୀ ।

ରାମ : ମୋ ଛାତି ପଥରରେ ଗଢ଼ା··· । [ଆସିଲେ ମାୟା]

ମାୟା : ଭାଇ, ସାଗର ଉପରେ ରାଗୁଚ କାହିଁକି ? ତା'ର କିଛି ଦୋଷ ନାହିଁ···

ଭୋଳା : ଯେଇକଥା କହିଲ ମା'···ବାବୁ ମୋଟେ ବୁଝୁନାହାନ୍ତି···

ମାୟା : ତୁ ଯା' ସାଗରକୁ ଏଠିକି ଡାକିଆଣ···ସେ ବାପ ପାଖରୁ କ୍ଷମା ମାଗିନେଉ ।

ଭୋଳା : ହଁ, ମୁଁ ବାବୁଙ୍କୁ ଡାକି ଆଣୁଚି···ସେ କ୍ଷମା ମାଗିନିଅନ୍ତୁ···ସାନବାବୁ ···ସାନବାବୁ··· (ଗ୍ଲଯାଇଚି)

ରାମ : ନା···ଆଜି ମୁଁ କାହାକୁ କ୍ଷମା ଦେଇ ପାରିବିନି । ମତେ ଏତେ ବଡ଼ ଧୋକା···କାହାକୁ ଏଠିକି ଡାକିବା ଦରକାର ନାହିଁ ।

ମାୟା : ଛି ଛି ଭାଇ···ସାଗର ଶେଷକୁ ଏଇ କାମ କରିବ କିଏ ଜାଣିଥିଲା ?

ରାମ : ତାକୁ କହିଦେ···ସେ ଝିଅଟାକୁ ନେଇ ତା' ଘରେ ଛାଡ଼ିଦଉ···ମୁଁ ମାସକ ଭିତରେ ତା' ବାହାଘର କରିବି ।

Source: Author, Digitized by PPRACHIN, SOA

ମାଧୁରୀ : ଭାଇ, ସାଗର ଦରି ସେଠି ଠିଆ ହୋଇ ତମ ବିରୁଦ୍ଧରେ କେତେ କେତେ କଥା କହୁଛି ।

ରାମ : କହୁଚି···ହଁ କହିବ ନାହିଁ କାହିଁକି ? ତାକୁ ପାଠ ପଢ଼େଇ ମଣିଷ କଲି···ମତେ କହିବ ନାହିଁ ତ କାହାକୁ କହିବ !

ମାଧୁରୀ : କହୁଚି, ବାପା କ'ଣ ଏ ଘରର ମୁରବି ? ମୁଁ ତ ଏ ଘରର ଉତ୍ତରାଧିକାରୀ···ଛି ଛି ବାପକୁ କ'ଣ ଇମିତି କଥା କୁହାଯାଏ !

ରାମ : କ'ଣ ହେଲା, ସିଏ ହବ ଏ ସମ୍ପତ୍ତିର ଉତ୍ତରାଧିକାରୀ··· ? କାହିଁକି ମୋର କ'ଣ ଆଉ କେହି ନାହାନ୍ତି ? ମୋ ଭଣଜା ପ୍ରତାପ ତ ଅଛି···ମୁଁ ତାକୁ ତ୍ୟଜ୍ୟପୁତ୍ର କରିବି ।

ମାଧୁରୀ : ନାଇଁ ଭାଇ···ପୁଅ ଥାଉ ଥାଉ ଏଇଟା କ'ଣ ଭଲ ହେବ ?

ରାମ : ପୁଅ ? ସିଏ କି ପୁଅ ଯିଏ ବାପକୁ ଅପମାନିତ କରିପାରେ ? ସିଏ କି ପୁଅ ଯିଏ ବାପାର ବିନା ଅନୁମତିରେ ବାହା ହୋଇପାରେ ? ସେ କି ପୁଅ ଯିଏ ବାପ ଥାଉ ଥାଉ ସମ୍ପତ୍ତିର ଉତ୍ତରାଧିକାରୀ ହେଇପାରେ··· ? ତାକୁ କହ, ସେ ଝିଅଟାକୁ ଶୀଘ୍ର ଏ ଘରୁ ବିଦା କରିଦଉ । [ଆସିଚି ସାଗର ଓ ସାଙ୍ଗରେ ଶୋଭା]

ସାଗର : ନା ବାପା । ଝରଣାକୁ ରାସ୍ତା ଉପରେ ମୁଁ ଛାଡ଼ି ଦେଇ ପାରିବିନି । ତା'ର ବାପା ସିନା ଅନ୍ୟାୟ କରିଚି···ସେଥିପାଇଁ ଝରଣା ପ୍ରାୟଶ୍ଚିତ୍ତ କରିବ କାହିଁକି ?

ରାମ : ମୋ ସମ୍ପତ୍ତି ମୁଁ କରି ପାରିବି···ମାଧୁରୀ ତାକୁ କହିଦେ ଯଦି ସେ ମୋ କଥାରେ ରାଜି ନୁହେଁ—ମୁଁ ତାର ମୁହଁ ଚାହିଁବିନି ।

ମାଧୁରୀ : ଭାଇ, ଯେତେହେଲେ ତ ପୁଅ···ପୁଅ ଦୋଷ କଲେ ତାକୁ ତ ବାପ କ୍ଷମା କରିବା କଥା···

ଶୋଭା : ସେଇ କଥା କହିଲ ମା'···କ'ଣ ଇମିତି ଗୋଟେ ଭୁଲ କରିପକେଇଲେ ଯେ ଘର ଛାଡ଼ି ଚାଲିଯିବେ !

ମାଧୁରୀ : ହଇରେ ସାଗର, ଝିଅଟାକୁ ତା' ଘରକୁ ପଠେଇଦଉନୁ···ଆଉ କ'ଣ ଝିଅ ନାହାନ୍ତି···ଭାଇ ଖାଲି ଅଁ ନେଇଦେଲେ ହଜାର ହଜାର

Source: Author, Digitized by PPRACHIN, SOA

ଝିଅ ପରି ଗଡ଼ଗଡ଼େଇବେ ।

ସାଗର : ନା ଅପା, ମୁଁ ପଛେ ଏ ଘରୁ ବାହାରିଯିବି, ହେଲେ ଭୁଲରେ ହଉ କି ଠିକ୍‌ରେ ହଉ ବାଧ୍ୟ ହୋଇଥିବା ଗୋଟେ ସରଳା ଝିଅର ମୁଁ ସର୍ବନାଶ କରିପାରିବି ନାହିଁ ।

ମାୟା : ଭାଇ···ସିଏ ତ ତା' ପ୍ରତିଜ୍ଞାରେ ଅଟଳ···

ରାମ : ସିଏ ଯଦି ତା' ପ୍ରତିଜ୍ଞାରେ ଅଟଳ, ମୋ ପ୍ରତିଜ୍ଞା କଥା ତାକୁ ଶୁଣେଇଦେ । ମୁଁ ଆଜିଠାରୁ ତାକୁ ତ୍ୟାଜ୍ୟ ପୁତ୍ର କଲି ।

ଭୋଳା : ବାବୁ । ନା ନା···ତମେ ସେ କଥା କୁହନି !

ରାମ : ମୋ ଧୈର୍ଯ୍ୟର ଗୋଟେ ସୀମା ଅଛି । ସେ ପୁଅ ହୋଇ ଯଦି ଏତେ ଜିଦ୍ କରିପାରେ ତେବେ ମୋର ବି ଜିଦ୍ ଅଛି···ଆଉ ସେ ଜିଦ୍‌କୁ ସମ୍ମାନ ଦେବାକୁ ଯାଇ ମତେ ଯଦି ଭୁଲ କରିବାକୁ ପଡ଼େ ତେବେ ମୁଁ ଦୁଃଖ କରିବିନି । ଏଇ ମୁହୂର୍ତ୍ତରେ ସେ ମୋ ଆଗରୁ ଚାଲିଯାଉ··· !

ସାଗର : ମୁଁ ଚାଲିଯାଉଛି ବାପା···ଏ ଧନସମ୍ପତ୍ତିଠାରୁ ମଣିଷକୁ ମୁଁ ପର୍ଯ୍ୟାପ୍ତ ସମ୍ମାନ ଦିଏ···

ରାମ : ଏଇଟା ତା'ହେଲେ ତୋର ଶେଷ କଥା !

ସାଗର : ହଁ ବାପା···

ରାମ : Get out ! Get out from here ! ଏଇ ମୁହୂର୍ତ୍ତରେ ମୋ ଆଖି ସାମ୍ନାରୁ ଚାଲିଯା'—ଆଜିଠାରୁ ମୁଁ ଭାବିନେଲି—ମୋର କୌଣସି ସନ୍ତାନ ନାହିଁ । ମୁଁ ଅପୁତ୍ରିକ ! ମୁଁ ଏ ସଂସାରରେ ଏକା ।

[ଏକଥା କହୁ କହୁ ରାମନାରାୟଣଙ୍କ ଛାତିରେ ବ୍ୟଥା ହେଲା ଓ ସେ ଅଚେତ ନ ହେଲେ ମଧ୍ୟ ଚେୟାର ଉପରେ ଟଳିପଡ଼ିଲେ । ପ୍ରତାପ ଚୋଟାଏ ପଙ୍ଖା ଆଣି ବିଞ୍ଚିଲା ।]

ମାୟା : ଆରେ ପ୍ରତାପ···କୁଆଡ଼େ ଗଲୁ ଗୋଟେ ବିଞ୍ଚଣା ଆଣ···ମୋ ଭାଇର ଏଇ ଅବସ୍ଥା···

ପ୍ରତାପ : ଛି ଭାଇ ! ମାମୁଁଙ୍କ ଭଳି ମଣିଷ ମନରେ ତମେ ଏତେ ବଡ଼ ଧକ୍‌କା ଦେଲ ? ବାପ ଅପେକ୍ଷା ତମ ପ୍ରେମଟା ଏତେ ବଡ଼ ଦିଶିଲା ତମକୁ ?

Source: Author, Digitized by PPRACHIN, SOA

ଭୋଳା : ତମେ ଆଉ କଅଁ। ଘା'ରେ ଚୂନ ଛୁଟିକା ଦଅନା—

ପ୍ରତାପ : ଚୁପ୍ କର ବଦମାସ ! ସ୍ୱର୍ଗର ଦେବତାଠାରୁ ବ ମୁଁ ମାମୁଁଙ୍କୁ ବେଶୀ ଭକ୍ତି କରେ । ମାମୁଁଙ୍କର ଏଇ ଅବସ୍ଥା ଦେଖିଲାବେଳକୁ ମୋର ଛାତି କ'ଣ ନାଇଁ କ'ଣ ହେଇଯାଉଛି ! ମାମୁଁ ! ବର୍ତ୍ତମାନ ଟିକଏ ଭଲ ଲାଗୁଛି ?

ରାମ : ତାକୁ କହ ! ମୋ ସାମ୍ନାରୁ ଚାଲିଯାଉ ! ତା' ନିଶ୍ୱାସରେ ବିଷ ଅଛି···ତାକୁ ଦେଖିଲେ ମୋ' ଦେହ ନେଳା ପଡ଼ିଯାଉଛି ।

ସାଗର : ମୁଁ ତା' ହେଲେ ଚାଲିଯାଉଛି ବାପା ! ତମେ ସୁଖରେ ରୁହ ।

ରାମ : ହଁ···ଚାଲିଯା'—କୁଳାଙ୍ଗାର ! ତୁ ଯଦି ରାମନାରାୟଣର ଔରସରୁ ଜନ୍ମ ହୋଇଥିବୁ—ତୋ' ପାଦ କେବେ ପଡ଼ିବନି ଏଇ ଉଆସ ଭିତରେ···

ଭୋଳା : ବାବୁ ! ବାବୁ ! ଏ ତୁମେ କ'ଣ କଲ ? ହେ ଭଗବାନ୍ ! ଭଗବାନ୍ ! (ଭୋଳା ଖୁବ୍ ଜୋରରେ କାନ୍ଦିଉଠିଲା ।)

ସାଗର : ଠିକ୍ ଅଛି ! ମୁଁ ଚାଲିଯାଉଛି । ମା' ମୋର ଯଦି ବଞ୍ଚିଥାନ୍ତେ··· ତମେ ମତେ ଏମିତି ତ୍ୟାଗ କରି ନଥା'ନ୍ତ—ଯେତେ ଦୋଷ କଲେ ବି ମା' ମତେ କ୍ଷମା କରିଦେଇଥା'ନ୍ତେ—ଠିକ୍ ଅଛି···ତେବେ ମୋ' ମନରେ ଏତିକିମାତ୍ର ଦୁଃଖ ରହିଗଲା ବାପା ! ଯାହା ଲାଗି ମତେ ଆଜି ତମେ ଘରୁ ବାହାର କରିଦେଉଛ—ତାକୁ ଥରୁଟିଏ ଦେଖିଲନି ମଧ୍ୟ । ଝରଣା ଯେ କୌଣସି ଧନୀକନ୍ୟାଠାରୁ ଭଲ । ଦୁନିଆରେ ଚିକ୍ ଚିକ୍ କରୁଥିବା ସବୁ ଧାତୁ ସୁନା ନୁହେଁ । ପିତଳ ମଧ୍ୟ ହୋଇପାରେ— (ଚାଲିଗଲା)

ଭୋଳା : ବାବୁ ! ସାନବାବୁ ଚାଲିଯାଉଛନ୍ତି ।

ରାମ : ଯିବାକୁ ଦେ'—ତାକୁ ଯିବାକୁ ଦେ' । ରାମନାରାୟଣର କେହି ପୁଅ-ଝିଅ ନାହାନ୍ତି ! ସେ ଆଜି ଅପୁତ୍ରିକ···

ପ୍ରତାପ : ମାମା ! ତମେ ପାଟି ଖୋଲ ନାହିଁ ।

Source: Author, Digitized by PPRACHIN, SOA

ରମ : ବାପାର ସମ୍ମାନକୁ ସିଏ ମାଟିରେ ମିଶେଇ ଦେଇଛି । ମୋ'ପାଇଁ
ସିଏ ଆଜି ମୃତ ! ମୁଁ ଆଜି ଅପୁତ୍ରିକ···

[ହସି ହସି ଚାଲିଗଲେ ପାଗଳ ପରି]

ଭୋଳା : ବାବୁ ! ବାବୁ ! [ଚାଲିଗଲେ]

[ମାୟା ଓ ପ୍ରତାପଙ୍କର କୁଟିଳ ହସ]

(ଅନ୍ଧାର ହେଲା ।)

———

Source: Author, Digitized by PPRACHIN, SOA

ଦୃଶ୍ୟ-୨୦

[ଡାଃ. ସୁବ୍ରତଙ୍କ ଘର । ସମୟ ଅପରାହ୍ଣ । କିଶୋରଚନ୍ଦ୍ର ବଡ଼ ବିବ୍ରତ ଅବସ୍ଥାରେ ତାଙ୍କର ଜ୍ୱାଇଁ ସୁବ୍ରତଙ୍କୁ କହୁଥିଲେ]

କିଶୋର : ଇମ୍ପସିବଲ୍…ଇମ୍ପସିବଲ୍ ସୁବ୍ରତ ! ତମକୁ ସାହାଯ୍ୟ କରିବାର ଗୋଟାଏ ସୀମା ଅଛି । ଜ୍ୱାଇଁପୁଅ ବୋଲି କ'ଣ ଜୀବନସାରା ତମକୁ ସାହାଯ୍ୟ କରୁଥିବି ନା କ'ଣ ? ଘର କିଣେଇ ଦେଲି—ଗାଡ଼ି କିଣେଇ ଦେଲି—ତମପାଇଁ ନର୍ସିଂ ହୋମ୍ ତିଆରି କରେଇଦେଲି… ସବୁ ବିକି ଖର୍ଚ୍ଚ କରି ପକେଇଲି ! ଏଇନା କ'ଣନା…ବିଜିନେସ୍ କରିବ ? କୋଉ ବିଜିନେସ୍ ? ହୁଁଃ ! ପରିଶ୍ରମ କଲେ ବିଜିନେସ୍ ହୁଏ…ମାଗଣା ନୁହେଁ ସୁବ୍ରତ ! ଯେତେବେଳେ ଦେଖ—ଦି'ଜଣ ଯାକ ଯାଇ ହୋଟେଲରେ ବସିଛ ।

ସୁବ୍ରତ : ମୁଁ କ'ଣ କରିବି ? ଆପଣଙ୍କ ଝିଅ ଯାହା ଚାହୁଁଛି ତାହା ହଉଛି । ତା'ଛଡ଼ା ଆଜିକାଲି ଯାହା କମ୍ପିଟିଶନ୍…ନର୍ସିଂହୋମ୍‌ଟେ ଚଳେଇବା ସହଜ କଥା ନୁହେ ।

କିଶୋର : ଓ ହୋ…ନର୍ସିଂହୋମ୍‌ଟା ଠିକ୍ ସମୟରେ ଖୋଲି ପରିଶ୍ରମ କଲେ ତ ଯାଇ ବ୍ୟବସାୟ ଚାଲିବ !

ସୁବ୍ରତ : ମତେ କହିବା ଅପେକ୍ଷା ଏଗୁଡ଼ା ଆପଣଙ୍କ ଝିଅକୁ କହିଲେ ଭଲ ହୁଅନ୍ତା ।

କିଶୋର : ଲୁସି ଗଲା କୁଆଡ଼େ ?

ସୁବ୍ରତ : ଗାଡ଼ି ନେଇ ଯାଇଛି । ଭଲ କୁକୁର ଗୋଟେ କିଣି ଆଣିବ କହୁଥିଲା !

Source: Author, Digitized by PPRACHIN, SOA

କିଶୋର : ଫେରିଲେ ତାଙ୍କୁ କହିଦେବ । ମୁଁ ତା' ଉପରେ ଆଦୌ ସନ୍ତୁଷ୍ଟ ନୁହେଁ ! କେତେ ଟଙ୍କା ଦରକାର ?

ସୁବ୍ରତ : ମିନିମାମ୍ ତ ପଚିଶ ହଜାର ଦରକାର ।

କିଶୋର : ଠିକ୍ ଅଛି । ଏଇଟା କିନ୍ତୁ ତମକୁ ମୋର ଟଙ୍କା ଦେବା ଶେଷଥର । ଆସୁଚି ।

ସୁବ୍ରତ : ନମସ୍କାର !

[କିଶୋରଚନ୍ଦ୍ର ଚାଲିଯିବା ପରେ ମଦ ବୋତଲ ବାହାର କରି ଗ୍ଲାସରେ ଢାଳିଲେ ସୁବ୍ରତ । ଗୋଟାଏ ଢୋକ ପିଇ ହସିଲେ ସୁବ୍ରତ]

ହୁଁଃ ! ୟୁ ଓ୍ୱଣ୍ଡର୍‌ଫୁଲ୍ ! ପଚିଶ ହଜାର ଦେଇ ପଚିଶ ଉପଦେଶ ଦଉଚି । ଆରେ, ଲୁସିକୁ ମୁଁ ବାହା ହେଉଚି ମାନେ ବହୁତ ସାକ୍ରିଫାଇସ୍ କରିଚି ।

[ହଠାତ୍ ବାହାରେ କାର୍‌ର ହର୍ଣ୍ଣ ଶୁଭିଲା ଓ ପ୍ରବେଶ କଲା ଲୁସି]

ଲୁସି : ହାଏ ଡାର୍ଲିଂ ! ବାଟରେ ଦେଖିଲି ବାବାଙ୍କ କାର୍‌ଟା କ'ଣ ଗେଟ୍ ପାଖରୁ ବାହାରିଗଲା ? ସକାଳୁ ସକାଳୁ କ'ଣ ସବୁ ଉପଦେଶ ଦେଇକି ଗଲେ ? ଟଙ୍କା ଦେବେ କି ନାହିଁ କହିଲ ?

ସୁବ୍ରତ : ଟଙ୍କା ତ ଦେବେ ! କିନ୍ତୁ ଟଙ୍କାଟା ନେଇ ଆମେ ଯେ ସ୍ମଗଲିଂ କାମରେ ବ୍ୟବହାର କରୁଚେ—ଏଇଟା ତାଙ୍କୁ ବୁଝେଇବି କେମିତି ?

ଲୁସି : କ୍ଲିନିକ୍‌ରୁ ଯୋଉ ଟଙ୍କା ଆସୁଚି ସେଥିରେ ଖାଲି ଡାଲମା ଖାଇ ବଞ୍ଚିବାକୁ ହେବ । ବୁଝେଇଦେଲନି···ଆଜିକାଲି ଟିକିଏ ପ୍ରେଷ୍ଟିଜ୍ ପାଇବାକୁ ହେଲେ ବହୁତ ଟଙ୍କା ଦରକାର । ଆଉ ବହୁତ ଟଙ୍କା ପାଇବାକୁ ହେଲେ ସ୍ମଗଲିଂ ଛଡ଼ା ଆଉ ଉପାୟ ନାହିଁ ।

ସୁବ୍ରତ : କିନ୍ତୁ କ୍ଲିନିକ୍ ଛାଡ଼ି ବମ୍ବେ, କଲିକତା ଯାଇ ସ୍ମଗଲିଂ ଜିନିଷ ଆଣିବାରେ କେତେ ରିସ୍କ୍ ଜାଣିଚ ? କୋଉ ଦିନ ହାଜତକୁ ଚାଲିଯିବି ତାର ଠିକଣା ନାହିଁ !

ଲୁସି : ରିସ୍କ୍ ନହେଲେ ପଇସା ଆସିବ କେମିତି ?

Source: Author, Digitized by PPRACHIN, SOA

ସୁବ୍ରତ : ମୁଁ ଜେଲ ଗଲେ କ'ଣ ତମକୁ ଭଲ ଲାଗିବ ?

ଲୁସି : ଦେଖ ସୁବ୍ରତ···ଟୁ ବ ଭେର ଫ୍ରାଙ୍କ୍ ଓ୍ୱିଥ୍ ୟୁ···ସମାଜ ଆଗରେ ଦେଖେଇବାପାଇଁ ମୋର ପତି ଦେବତାଟିଏ ଦରକାର ଥିଲା । ତମେ ସେଇ ସ୍ଥାନଟା ପୂରଣ କରିଚ । ଆଉ ତମ ଦେଇ ହବ କ'ଣ ?

ସୁବ୍ରତ : ତମର ମୁଣ୍ଡ ଖରାପ ହେଇଗଲାଣି ଲୁସି । ଯାଅ, ଘର ଭିତରକୁ ଯାଅ···

ଲୁସି : ହ୍ୱାଟ୍ ? ମୁଁ ଘର ଭିତରକୁ ଯାଇ ବୋହୂ ହେବ ଆଉ ତମେ ସକାଳୁ ମୋ' ପଇସାରେ ମଦ ପିଇବ ? ଇମ୍ପସିବୁଲ୍ ।
[ଲୁସି ମଦଗ୍ଲାସ ସୁବ୍ରତ ହାତରୁ ଛଡ଼େଇ ନିଜେ ପିଇଲେ ଏବଂ ବାହାରୁ ଠିକ୍ ସେତିକବେଳେ କଲିଂ ବେଲ୍ ଶୁଭିଲା । ପ୍ରବେଶ କଲେ ପ୍ରତାପ]

ପ୍ରତାପ : ହାଲୋ ଡକ୍ଟର ! ଗୁଡ୍ ମର୍ଣ୍ଣିଂ ! ହାଲୋ ଲୁସି ଦେବୀ ! ଆପଣ କେମିତି ଅଛନ୍ତି ?

ଲୁସି : ୟୁ ଫୁଲ୍ ! ଲୁସିଦେବୀ କ'ଣ ? ମୁଁ ଗୋଟେ ଦେବୀ ? ମାନେ ଗୋଟେ ଦୁର୍ଗାପୂଜା ମୂର୍ତ୍ତି ? ଏଣିକି ମତେ ଲୁସି ବୋଲି ଡାକିବ । ଖାଲି ଲୁସି ।

ପ୍ରତାପ : ଖାଲି ଲୁସି ? ଲୁସି ବୋଲି ଡାକିବି ? ଓ କେ !

ଲୁସି : ବିଅର୍ ପିଇବ ?

ପ୍ରତାପ : ଧନ୍ୟବାଦ । ମୁଁ ସକାଳୁ ହ୍ୱିଷ୍କି ପିଇ ଆସିଚି ।

ଲୁସି : ତା'ହେଲେ ତ ଭଲ । ପଞ୍ଚ୍ ହେଇଯିବ ! ସକାଳୁ ସକାଳୁ ଜଣେ ଭଦ୍ରମହିଳା ତମକୁ ଯାଚୁଛନ୍ତି ଯେତେବେଳେ ତମର ମନାକରିବା ଏକବାରେ ଅନୁଚିତ ପ୍ରତାପ ! ଜଷ୍ଟ ଏ ମିନଟ୍ ! ମୁଁ ଭିତରୁ ଆସୁଚି । (ଭିତରକୁ ଚାଲିଗଲେ)

ପ୍ରତାପ : ଆଉ ଡକ୍ଟର୍ ! ବିଜନେସ୍ କେମିତି ଚାଲିଚି ?

ସୁବ୍ରତ : ମାନେ । ଆପଣ ତ ଅନେକ ଦିନ ହେଲା କିଛି ନେଇ ନାହାନ୍ତି ।

Source: Author, Digitized by PPRACHIN, SOA

ପ୍ରତାପ : ବମ୍ବେ ଯାଇଥିଲି । ସେଇଠି ଗୋଟାଏ ଲୋକ ଗୋଟେ ଘଡ଼ି ପିନ୍ଧିଥିଲା । ସେଇ ଘଡ଼ି ଭିତରେ କ୍ୟାମେରା ଅଛି—ଟ୍ରାନ୍‌ସମିଟର ଅଛି···ଏଇଠୁ କହିଲେ ଅନ୍ୟ ଜାଗାରେ ଶୁଭିବ । ହେଇଥିରୁ ଗୋଟେ ଆଣିଦେଇ ପାରିବ ?

ସୁବ୍ରତ : ସିଓର୍ ! ସେଇଟା ତ ଆଣିବା । କିଛି ଆଉ ଅଛି ତାଲିକାରେ । କହ ?

ପ୍ରତାପ : ମୋ ପାଖରେ ନବରତ୍ନର ମୁକୁଟ ଅଛି । ତମର ଦରକାର ହେବ ?

ସୁବ୍ରତ : ମୁଁ ଲୁସିଙ୍କୁ ପଚାରିବି···ତା'ର order ବିନା ମୁଁ କିଛି କରିପାରିବି ନି ।

ପ୍ରତାପ : ଠିକ୍ ଅଛି । ମୋର ଆଉ ଗୋଟେ କାମ ଡାକ୍ତରବାବୁ, ମତେ ସାହାଯ୍ୟ କରିପାରିବେ ?

ସୁବ୍ରତ : କୁହନ୍ତୁ କି ପ୍ରକାର ସାହାଯ୍ୟ ?

ପ୍ରତାପ : ଗୋଟାଏ ଲୋକକୁ Slow Poison ଦେଇ ମାରିବାକୁ ହେବ । (ହଠାତ୍ ପଶିଆସିଲା ବୁଲ୍‌ବୁଲ୍ , ହାତରେ ବିଅର ଗ୍ଲାସ)

ବୁଲ୍‌ବୁଲ୍ : କାହାକୁ ମାରିବେ ସାର୍ ? ମତେ ? ବାପମା'ଙ୍କର ଗୋଟିଏ ପୁଅ ଆଜ୍ଞା···ମୋ' ସ୍ତ୍ରୀର ଗୋଟିଏ ବୋଲି husband । ମରିଗଲେ କଥା ସରିଯିବ ସାର୍ !

ସୁବ୍ରତ : Stupid ! ତତେ କେହି ମାରିବେନି ।

ବୁଲ୍‌ବୁଲ୍ : (ହସିଲା) ସେଥିପାଇଁ କୁହନ୍ତୁ ସାର୍ ! ମୋ' ପିଣ୍ଡରେ ପ୍ରାଣ ପଶିଲା—

ପ୍ରତାପ : ଏଇ ଜନ୍ତୁଟିକୁ କେବେ ଆବିଷ୍କାର କଲେ ?

ବୁଲ୍‌ବୁଲ୍ : ଜନ୍ତୁ ! ମୁଁ ଗୋଟିଏ ଜନ୍ତୁ ପରି ଦିଶିଲି ସାର୍ ? ଟେଷ୍ଟେଇ କରିପାରେ ଟାଇପ୍ କରିପାରେ । ବଜାର ସଉଦା କରିପାରେ, ଟିଉସନ କରିପାରେ···ଗାଡ଼ି ଚଲେଇ ପାରେ, ଯନ୍ତ୍ର ମରାମତି କରିପାରେ··· ଖୁବ୍ କମ୍ ପଇସାରେ ଚାକିରି କରିପାରେ ଏବଂ ଆଦୌ ଗ୍ରେଡ଼ କରେ ନାହିଁ—ବଡ଼ ବଡ଼ ଲୋକଙ୍କ ଘରେ ଥିଲି ଆଜ୍ଞା ! ହେଲେ ବାବୁମାନେ ରାତିରେ ମାଲ ପିଇଦେଲା ପରେ ମଣିଷ ଚିହ୍ନିପାରନ୍ତି ନାହିଁ—ମୋ' ସାଙ୍ଗରେ କୁକୁର ଭଳି ବ୍ୟବହାର କରନ୍ତି । ତା' ପରଦିନ ଚାକିରି ଛାଡ଼ି ମୁଁ ଅନ୍ୟ ଜାଗାକୁ ଚାଲିଯାଏ । (ଚାଲିଗଲା)

Source: Author, Digitized by PPRACHIN, SOA

ପ୍ରତାପ : ଲୋକଟା…!

ସୁବ୍ରତ : ଦରକାର ଅପେକ୍ଷା ଟିକଏ ବେଶୀ କଥା କୁହେ । କିନ୍ତୁ ଆମ ବିଜିନେସ ପାଇଁ ଖୁବ୍ କାମିକା—ତା'ଛଡ଼ା ପୋଲିସ କମିଶନରଙ୍କଠୁ ଗୋଟେ character certificate ଆଣିଛି । ଆଜକାଲି ତ କୋଉଠି ଭଲ ଗୃକର ମିଳୁନାହାନ୍ତି ।

ପ୍ରତାପ : ଅଚ୍ଛା ଅଚ୍ଛା, ହଁ ଡାକ୍ତର…ମୋ କାମଟା କରିଦେଲେ ଦଶହଜାର ଟଙ୍କା ଦେବି । କ'ଣ କୁହନ୍ତୁ—

ସୁବ୍ରତ : ଦେଖ ଭାଇ ! ନିଜ ବ୍ୟବସାୟ ଛାଡ଼ି ତ ସ୍ମଗଲିଂ କଲି । ସବୁବେଳେ ପୋଲିସକୁ ଡର ଡର ଗୃଲିବାକୁ ପଡ଼ୁଚି । ସେଥିରେ ପୁଣି ମତେ ମର୍ଡ଼ର କେଶ୍‌ରେ ପକେଇବନା କ'ଣ ?

(ପ୍ରବେଶ କଲା ଲୁସି)

ଲୁସି : ମୁଁ ସବୁ ଶୁଣିଛି । ତମେ ଏ କେଶ୍‌ଟା ଟେକ୍ ଅପ୍ କର ।

ସୁବ୍ରତ : ମୋ' ଦେଇ ହବନି ।

ପ୍ରତାପ : ଆପଣ ମୋଠରୁ ଧରି ନେଉଛନ୍ତି । ତାଙ୍କର ବ୍ଲଡ଼ପ୍ରେସର ଅଛି । ଆପଣ ତାଙ୍କୁ ଚିକିତ୍ସା କରିବାପାଇଁ ଆମ ଘରକୁ ଆସିବେ ଏବଂ Slow Poison injection ଦେବେ । ଲୋକଟା ଆସ୍ତେ ଆସ୍ତେ ମରିବ । ହେଲା ?

ଲୁସି : ଡରୁଚ କ'ଣ ? ଦଶ ହଜାର ଟଙ୍କା ତମ ପ୍ରଫେସନରୁ ଆଜିପର୍ଯ୍ୟନ୍ତ କେବେ ପାଇନା !

ସୁବ୍ରତ : ମତେ ଡର ମାଡୁଚି ।

ଲୁସି : କାଓ୍ୱାର୍ଡ଼ । ଅପଦାର୍ଥ ! ଡାକ୍ତର ହେଇ ଏଇ ସାମାନ୍ୟ ଟିକଏ କାମ କରିପାରୁନା ?

ସୁବ୍ରତ : ଡାକ୍ତରର କାମ ଲୋକକୁ ବଞ୍ଚେଇବା । ମାରିବା ନୁହେଁ ।

ଲୁସି : Shut up ! ବହୁତ ନୀତିବାକ୍ୟ ଶୁଣେଇଲଣି । ଆଉ ଶୁଣାଅନା—ଆପଣ ଯାଆନ୍ତୁ ପ୍ରତାପବାବୁ ! ମୁଁ ତାଙ୍କୁ ପଠେଇବି । ଓ କେ !

Source: Author, Digitized by PPRACHIN, SOA

ସୁବ୍ରତ : ହଁ ଲୁସି, ପ୍ରତାପବାବୁ ଆଉ ଗୋଟେ proposal ଦଉଚନ୍ତି ।

ଲୁସି : କ'ଣ ?

ସୁବ୍ରତ : ଶୁଣନ୍ତୁ ଆପଣଙ୍କର proposal । ମୁଁ ଆସୁଚି । (ପ୍ରସ୍ଥାନ)

ପ୍ରତାପ : ମୋ' ପାଖରେ ନବରତ୍ନଖଚିତ ମୁକୁଟ ଅଛି···ହୀରା ନୀଳା ମୋତି ମାଣିକ୍ୟ ବୈଦୁର୍ଯ୍ୟ ସେଥିରେ ଖଞ୍ଜା ଯାଇଛି । ନେବେ ?

ଲୁସି : ଦରଦାମ୍ ନ୍ୟା ତା'ହେଲେ ଛୁଡ଼ଯାଉ ।

ପ୍ରତାପ : ତା'ର ଦାମ୍ about କୋଡ଼ିଏ ଲକ୍ଷ···ମତେ ଆପଣ ପନ୍ଦର ଲକ୍ଷ ଦେଇଦେଲେ ଚଳିବ ।

ଲୁସି : ଠିକ୍ ଅଛି ।

ପ୍ରତାପ : ମାତ୍ର ମୁକୁଟକୁ ଆପଣ ଆମ ଘରୁ ଆଣିବାକୁ ପଡ଼ିବ ।

ଲୁସି : କାହିଁକି ?

ପ୍ରତାପ : ଆମ ଠାକୁରଘରେ ଠାକୁରଙ୍କ ମୁଣ୍ଡ ଉପରେ ସୁରକ୍ଷିତ ଭାବେ ରହିଚି । ତାକୁ ମୁଁ ସେଠୁ ଆଣିବା ସମ୍ଭବ ନୁହେଁ ।

ଲୁସି : ଠିକ୍ ଅଛି । ମୋ ଲୋକ ତାକୁ ସେଠୁ ଆଣିବେ—ଏଇ ବାବଦରେ ଆପଣଙ୍କୁ ପାଞ୍ଚଲକ୍ଷ ଦବାକୁ ପଡ଼ିବ । ମାନେ ମୁକୁଟର ଦାମ୍ ଯଦି କୋଡ଼ିଏ ଲକ୍ଷ ହୋଇଥାଏ ଆପଣ ମୋ'ଠୁ ପାଇବେ ଦଶ ଲକ୍ଷ ଟଙ୍କା···କ'ଣ ରାଜି ?

ପ୍ରତାପ : ଠିକ୍ ଅଛି ।

ଲୁସି : ତା'ହେଲେ ଆପଣଙ୍କୁ ଆପଣଙ୍କ ଠାକୁରଘରେ ଗୋଟେ କୀର୍ତ୍ତନର ବ୍ୟବସ୍ଥା କରିବାକୁ ହବ ।

ପ୍ରତାପ : ସେଇଟାକୁ ମୁଁ arrange କରିଦେବି । ମାତ୍ର ମାମୁଁଙ୍କୁ ଖାଲି ରାଜି କରେଇବା କଥା ।

ଲୁସି : ରାଜି କରେଇବାରେ କଛି problem ନାହିଁ । ମୁଁ ଆପଣଙ୍କ ସହି ଜଣେ ସନ୍ୟାସୀଙ୍କୁ ପଠେଉଚି । ସିଏ ସବୁ ଠିକ୍ କରିଦବ । ବୁଲି ବୁଲ୍, ରାଧେକିଷ୍ଣଙ୍କୁ ପଠେଇଦଅ । ତମେ ମତେ ଆଗରୁ କହିଥିଲେ,

Source: Author, Digitized by PPRACHIN, SOA

ଏତେବେଳକୁ ମୁକୁଟ ଯାଇ ବଦେଶରେ ବନ୍ଦି ହେଇସାରନ୍ତାଣି ।

[ଆସିଛି ରାଧେକିଷ୍ଟ ବୋଲି ଜଣେ ଲୋକ···ପରିଧେୟ ଗେରୁଆ ବସ୍ତ୍ର···ମୁଣ୍ଡରେ କୃଷ୍ଣଚୂଡ଼ା ।]

ରାଧେ : ରାଧେକିଷ୍ଟ !

ଲୁସି : Well ରାଧେକିଷ୍ଟ···ଇଏ ହେଲେ ପ୍ରତାପ ରୈଧୁରୀ···

ରାଧେ : ରାଧେକିଷ୍ଟ !

ଲୁସି : ତାଙ୍କ ଘରକୁ ଯିବ । ତାଙ୍କ ଘରେ ମାମୁଁଙ୍କୁ Proposal ଦବ ଠାକୁରଘରେ ନାମକୀର୍ତ୍ତନର ବ୍ୟବସ୍ଥା ନ କଲେ···

ରାଧେ : ଗ୍ରହମାନେ ଶାନ୍ତ ହୋଇ ପାରିବେନି···ପୁଅଟିକୁ ତ ଦଶ ବର୍ଷ ହେଲା ହରେଇଚନ୍ତି ! ତାକୁ ଆହୁରି କିଛି ହରେଇବାକୁ ପଡ଼ିପାରେ ।

ପ୍ରତାପ : ଇଏ କମିତି ଜାଣିଲା ?

ରାଧେ : ରାଧେକୃଷ୍ଣ···ସେଇ ରାଧେକିଷ୍ଟଙ୍କ ଅପାର କରୁଣାରୁ ।

ଲୁସି : ଏମାନେ ସବୁ ଜାଣିପାରନ୍ତି···ସବୁ କରିପାରନ୍ତି । ଦେଖିବ, ସେ ତ ଆମ କଥା ଶୁଣି ନାହାଁନ୍ତି । ମାତ୍ର ସବୁ ଜାଣିଚି ।

ରାଧେ : ରାଧେକୃଷ୍ଣ ! ନବରତ୍ନଖଚିତ ମୁକୁଟ ରୈଖ···ରାଧେକୃଷ୍ଣ ।

ଲୁସି : ତମେ ପ୍ରତାପ ସାଙ୍ଗରେ ଯିବ ।

ରାଧେ : ରାଧେକୃଷ୍ଣ···

ପ୍ରତାପ : ମୁଁ ତା'ହେଲେ ଆସୁଚି···[ରାଧେକୁ] ତମେ ଏସବୁ କାମ କରୁଚ, କିଛି ବିପଦ ଆସୁନି···?

ରାଧେ : [ଭିକ୍ଷାଲଭର ବାହାର କରି] ରାଧେକିଷ୍ଟ !

ପ୍ରତାପ : ଆରେ ବାଃ···ଆସ···

[ରାଧେ ଆଉ ପ୍ରତାପ ଚାଲିଗଲେ]

ଲୁସି : [ହସି ଉଠିଚି] ଦିନେ ମୋ' ଶଶୁର ହୋଇଥା'ନ୍ତେ ଆଉ ମୁଁ ତାଙ୍କ ଫଫଡ଼ିଗୁଡ଼ା ଭୋଗ କରିଥା'ନ୍ତି···ସେ ଘରର ବୋହୂ ନହେଇ ବ

Source: Author, Digitized by PPRACHIN, SOA

ସେଇ ସଂପତ୍ତି ମୁଁ ଭୋଗ କରିବି···ତାକୁ ଭାଙ୍ଗିବି, ବିକିବି, ସବୁ କରିବି ।

[ଏତିକିବେଳେ ଆସିଚି ସାଗର । ମଳିନ ଚେହେରା, ପୋଷାକପତ୍ର ବିପର୍ଯ୍ୟସ୍ତ···]

ସାଗର : ଆଜ୍ଞା, ଡଃ ସୁବ୍ରତବାବୁ ଅଛନ୍ତି ?

ଲୁସି : ଅଛନ୍ତି ! [ବୁଲି ଚାହିଁଲା ସାଗରକୁ]

ସାଗର : ଆରେ ଲୁସି !

ଲୁସି : ଯା ହଉ ! ନାଁଟା ବି ଦଶବର୍ଷ ପରେ ମନେ ଅଛି ।

ସାଗର : ସେଇଟା କ'ଣ କେବେ ଭୁଲି ହବ ?

ଲୁସି : ଆଉ ପ୍ରେମିକାଟି କମିତି ଅଛି ?

ସାଗର : ଭଲ···

ଲୁସି : ତମର ଅବସ୍ଥାଟା ଇମିତି କମିତି ହେଲା ? କ'ଣ ଦାରିଦ୍ର୍ୟ ? ପ୍ରେମ କରି ବାହା ହେଲେ ରାଜପୁତ୍ରମାନେ ଇମିତି ଭିକାରୀ ହୋଇଯା'ନ୍ତି ?

ସାଗର : ଲୁସି !

ଲୁସି : କୁଆଡ଼େ ଆସିଲ ?

ସାଗର : ଡଃ ସୁବ୍ରତଙ୍କ ପାଖରେ ଟିକେ କାମ ଥିଲା··· !

ଲୁସି : ସେ ମୋର ସ୍ୱାମୀ ବୋଲି ଜାଣିଚ ତ ? କାମଟା କ'ଣ ମତେ କୁହ ।

ସାଗର : ପାରାଦ୍ୱୀପ ପୋର୍ଟରେ ଇନ୍‌ସପେକ୍ଟର ଯତନ୍‌ବାବୁ ଚିଣ୍ଟେ ଚିଠି ଦେଇଥିଲେ ଚାକିରୀ ପାଇଁ···

ଲୁସି : ଚାକିରୀ ! ଚାକିରୀ ତ ସିମିତି କଣ୍ଟୁ ନାହିଁ···ସମସ୍ତେ ଏନ୍‌ଗେଜ୍ ହୋଇସାରିଲେଣି ମୋ' ବିଜିନେସରେ···ତେବେ ତମକୁ ମୁଁ କାମ ଦେଇପାରେ ଗୋଟିଏ ସର୍ତ୍ତରେ ।

ସାଗର : ସର୍ତ୍ତ ?

Source: Author, Digitized by PPRACHIN, SOA

ଲୁସି : ଯେତିକି ବେପାର ସେତିକି କମିଶନ...ପାଇବ ?

ସାଗର : ତମେ ମତେ ଟିକେ ସାହାଯ୍ୟ କର...ଏଇ ଦଶ ବର୍ଷ ହେଲା ଗୁଳକଣ୍ଠ
ଖଣ୍ଡିଏ ପାଇଁ ମୁଁ ଘୂରି ବୁଲୁଚି...ଆଜି ଏଠି କାଲି ସେଠି...

ଲୁସି : ନିଶ୍ଚୟ ସାହାଯ୍ୟ କରିବି ସାଗର...ତମକୁ ତ ଜାଣେ ମୁଁ ବାହା
ହୋଇଥାନ୍ତି...ହେଲେ ତମ ପ୍ରେମିକାଟି ଆମ ମଝିରେ ଠିଆ-
ହୋଇଗଲା ।

ସାଗର : ଲୁସି !

ଲୁସି : ପ୍ରେମିକାଟି ନାଁ କ'ଣ ?

ସାଗର : ଝରଣା...

ଲୁସି : ଝରଣା ଆଉ ସାଗର...ତା' ମଝିରେ ଲୁସିର ସ୍ଥାନ କାହିଁ ?
ଝରଣା ଆଉ ସାଗର ମଝିରେ ଲୁସି ଖାଲି ଏକ ବାଲିର ସ୍ତୂପ ।

(ହସି ହସି ଚାଲିଗଲା)

ସାଗର : ଲୁସି !

(ଅନ୍ଧାର)

———

Source: Author, Digitized by PPRACHIN, SOA

ଦୃଶ୍ୟ-୨୨

[ସବ୍ରେଜର ଘର । ପରିବେଶ ମଳିନ । ଘରର ଆର୍ଥିକ ଅବସ୍ଥା ଆଦୌ ଭଲ ନୁହେଁ । ପ୍ରବେଶ କଲେ ଚପଳା । ସ୍ୱଭାବରେ ଉଗ୍ର । ସେ ସବ୍ରେଜର ସ୍ତ୍ରୀ, ବର୍ତ୍ତମାନ ପାଇଁ ସାଗର ଏବଂ ଝରଣା ଏଇଠି ଆଶ୍ରୟ ନେଇଛନ୍ତି । ଚପଳା ଏପଟ ସେପଟ ଦେଖି ଡାକଲେ ଝରଣାକୁ ।]

ଚପଳା : କ'ଣ ଦେଇ ଗୁଣମଣି ବିଜେ କରିବେ ନା···ହୋ' ଦେଈ ସା'ନ୍ତାଣି ! [ଆସିଲ ଝରଣା···ସାଧାରଣ ଶାଢ଼ି···ମଳିନ]

ଝରଣା : କ'ଣ ଖୁଡ଼ୀ !

ଚପଳା : କ'ଣ ଖୁଡ଼ୀ ? ଆଖିକି ଦେଖାଯାଉନି ? ଦିନ ଆସି କେତେ ହେଲାଣି, ଘରଟା ଯେ ଏପର୍ଯ୍ୟନ୍ତ ସଫା ହେଇନି ! କ'ଣ ଆଖିରେ ପଡୁନି···ଓହୋ···ମୋ ଅଣ୍ଟାଟା ଟିକଏ ଧରିପକେଇଛି ବୋଲି ।

ଝରଣା : ମୁଁ ପର ବାହାରକୁ କାମରେ ଯାଇଥିଲି···

ଚପଳା : କାମରେ ଗଲେ ବି, ଏଇଟା ତ ଗୋଟେ କାମ···ତମ ଭାଇ ଯୋଉ ଚାକିରୀ କରିଛନ୍ତି ସିଏତ ଆଉ ଚାକର ରଖିପାରିବେନି ।

ଝରଣା : ମୁଁ ଝାଡ଼ୁଦଉଛି ।

ଚପଳା : ଆଉ, ତମକୁ କରିବା ଦରକାର ନାହିଁ । ମୋ' ହାତଗୋଡ଼ କ'ଣ ଛିଡ଼ିପଡ଼ିଛି କି ? ଓହୋ, ଖାଲି ଅଣ୍ଟାଟା ଟିକେ ଧରିପକେଇଛି ବୋଲି । ହଁ···ତମ ବାବୁଙ୍କ ଚାକିରୀ ପୁଣି କେତେ ବାଟ ଗଲା ?

ଝରଣା : ଆଜି ତ ଯାଇଚନ୍ତି କୋଉଠିକି ବୁଝିବାକୁ ।

Source: Author, Digitized by PPRACHIN, SOA

ଚପଳା : ଆଜକୁ ତ ଦଶବର୍ଷ ହେଇଗଲା···ଖାଲି ବୁଝୁଚନ୍ତି···ଆଜି ଖଣ୍ଡେ ଚାକିରି ପାଇଲେ ତ କାଲିକି ସେ ଚାକିରି ନାହିଁ । କି ଅପଯଶା ମଣିଷ କେଜାଣି···

ଝରଣା : ଭାଉଜ !

ଚପଳା : ବାଧି ଯାଉଥିବ ନୁହେଁ···ହଁ ବାଧିବନି କେମିତି ? ପ୍ରେମ କରି ବାହା ହେଇଚ ପରା···ସେଇଥିପାଇଁ ତ ଶ୍ୱଶୁର ତମକୁ ଘରୁ ବାହାର କରିଦେଲେ···ଆଉ ବାହାର କରିଦେଲେ ଯେ ଦଶବର୍ଷ ହେଲା, ଏଇଠି ପଡ଼ି ନିଜେ ତ ମରୁଚ···ଆମ ସଂସାରକୁ ବି ସନ୍ଧୁଳି ମାରୁଚ ।

[ଝରଣା କିଛି ନ କହି ଚାଲିଯାଉଥିଲା]

କ'ଣ ଯାଉଚ···ଯାଃ···କାଲି ରାତିଠୁ ବାସନଗୁଡ଼ା ପଡ଼ିଚି ଯେ ! ମାଜିଦବ । (ଝରଣା ଚାଲିଗଲା ପରେ ଚପଳା ପାନ ଖଣ୍ଡେ ଖାଇ) ଯୁଆଙ୍କୁ ବି ଧନ୍ୟ କହିବ···ଘରେ ଭଉଣୀ ଭଣେଇଙ୍କ ଆଣି ପୂରେଇଚନ୍ତି । ଭଉଣୀସୁଆଗ ଉଛୁଳି ପଡ଼ୁଚି ।

(ଆସିଚି ଚାକର ଭୋଳା, ହାତରେ ଲୁଗା ପ୍ୟାକେଟ ଧରି)

ଭୋଳା : ମା', ଝରଣା ମା' ଅଛନ୍ତି ?

ଚପଳା : ଏଁ ତମେ ? ନାଇଁ ବାହାରକୁ ଯାଇଚନ୍ତି ।

ଭୋଳା : ହେଇଟି ମା' ! ଇଏ ହେଲା ବୋହୂମାଙ୍କ ଶାଢ଼ୀ ଆଉ ରାଜୁବାବୁଙ୍କ ପ୍ୟାଣ୍ଟସାର୍ଟ···ସାନବାବୁ ଯିମିତି ଜାଣି ନ ପାରନ୍ତି ମୁଁ ଆସିଥିଲି ବୋଲି ।

ଚପଳା : ନାଇଁ, ନାଇଁ ସିଏ ମୋଠୁ ଜାଣିବେନି । ମୁଁ କହିଲେ ସିନା ଜାଣିବେ ? ସେଇଥର ଏଇ ପୂଜାବେଳକୁ କ'ଣ କମ୍ କାଣ୍ଡ ? ଯେମିତି ଜାଣିଛନ୍ତି ତାଙ୍କ ଘରୁ ଆସିଚି ବୋଲି ରାଗି ପାଚି ଏକବାରେ ନିଆଁ ବାଣ ! କହିଲେ ଏଗୁଡ଼ା ଗୋଟାଏ ଚକ୍ରାନ୍ତ ଚାଲିଚି ।

ଭୋଳା : ଅଭିମାନ ! ବୁଝିଲ ମା', ମନର ଅଭିମାନ । ବାବୁଙ୍କୁ ମୁଁ କ'ଣ କମ୍ ବୁଝେଇଚି ? କହେ ଦଶ ବର୍ଷ ହେଇଗଲା ପୁଅଟା ଘରୁ ଗଲା ।

Source: Author, Digitized by PPRACHIN, SOA

ତମକୁ ନ ପଚାରି ଯାହା ହେଇଚଲ ତ ହେଇଗଲ । କ'ଣ ଏମିତି ସୃଷ୍ଟିଟା ପ୍ରଳୟ ହେଇଗଲ ? ପୁଅଟେ ହେଲଣି । ଏଥର ଘରକୁ ନିଅ ନା । ଏପର୍ଯ୍ୟନ୍ତ ବୁଢ଼ାର ବ ଅଭିମାନ ଗୃହିଁକାଛି ।

ଚପଳା : ଆଚ୍ଛା, ତମ ବାବୁ ନଈର ପରି ଘର ଛାଡ଼ି ଏ ସହରରେ ଆସି କାହିଁକି ରହିଲେ ?

ଭୋଳା : ହଁ ଭଉଣୀ ଆଉ ଭଣଜା ବୁଢ଼ିରେ, ଗାଁରେ ରହିଲେ ପଇସାଗୁଡ଼ା ଖର୍ଚ୍ଚ ହବ କେମିତି ? ଛାଡ଼, ହଁ ମା' ରାଜୁ କେମିତି ଅଛି ?

ଚପଳା : ଖାଇ ପିଇ ଲୁଗାପଟା ପିନ୍ଧି ଆରାମରେ ବୁଲୁଚ । ପାଠ ପଢ଼ାର ନାଁଗନ୍ଧ ନାହିଁ । ବସ୍ତିର ପିଲାମାନଙ୍କ ସାଙ୍ଗରେ ଗୁଲି ଖେଳୁଚି । ମୁଁ କିନ୍ତୁ ତାକୁ କିଛି କହୁନି । କାହିଁକି କହିବି କହିଲ ? ଜମିଦାର ଘର ପୁଅ, ଏଇନେ ଖରାପ ବେଳା ପଡ଼ିଚି—ସେମାନେ ଶଳା, ଶଳା-ଭାଉଜ ପାଖରେ ଅଛନ୍ତି । ଲୋକେ କହିବେ ମାଇଁଟା ଖରାପ—ଯାଉଣୁ ଆସୁଣୁ ଭଣଜାଟାକୁ ବାଡ଼େଉଚି ।

ଭୋଳା : ଭାଗ୍ୟ ! ସବୁ ଭାଗ୍ୟ ମା' ! ରଜାଘର ପୁଅ ! ସୁନାଥାଳୀରେ ଭାତ ଖାଉଥା'ନ୍ତା···ଏଇଠି ଆସି ପଡ଼ିଚି ।

ଚପଳା : ଏ ଲୁଗାପଟା କ'ଣ ତମ ବାବୁ ପଠେଇଛନ୍ତି ?

ଭୋଳା : ହଁ···ସିଏ ପଠେଇବେ ! ମୁଁ ଦଉଚି । ମା' ମରିଗଲା ପରେ ସାନ-ବାବୁକୁ କୋଳେଇ କାଖେଇ ବଡ଼ କରିଥିଲି । ଦିହ ସହୁନି । ବୁଢ଼ା ତା ନାଁ ପଡ଼ିଲେ ରାଗୁଡ଼ୁଚି । ମୋର ବା ଇମିତି କେତେ ଦରମା କି ? ଏଇ ଦଶହରା ଆସିଲେ ମନଟା କେମିତି କେମିତି ଲାଗୁଚି । ସେଇଥିପାଇଁ ବର୍ଷକଯାକ ଯାହା ପଇସାପଇ ବଞ୍ଚେଇଥାଏ —ଦଶହରାବେଳକୁ ଦିଏ । ହଉ ମା' ମୁଁ ଯାଏ···

ଚପଳା : ଆଉ ରାଜୁପାଇଁ ମିଠେଇ ଖର୍ଚ୍ଚା ଦବନି··· ?

ଭୋଳା : ହଁ ମା' ! ଏଇ କୋଡ଼ିଏ ଟଙ୍କା ରଖିଥା'—

[ଏତିକି ବେଳେ ଚପଳାର ପୁଅ ବାବୁଲୁ ଆସିଚ । ଗୋଟାଏ କୁହ୍ରିତ ବଜାଇ ଠୋକା । ମା' ପାଖରୁ ଗୋଟାଏ ଦଶଟଙ୍କିଆ ମାଗିଦେଇଚ ।]

Source: Author, Digitized by PPRACHIN, SOA

ବାବ୍‌ଲୁ : ଆରେ ! ମା' ହାତରେ କ'ଣ ଯୋଡ଼େ. ଦଶଟଙ୍କିଆ ନୋଟ !
ଏତେ ପଇସା ତୁ' କ'ଣ କରିବୁ ? ମତେ ଗୋଟେ ଦେ'—
(ନେଇଗଲା) ।

ଚପଳା : ଏ···ଏ···ଏ··· ! ବାବ୍‌ଲୁ ! ଟଙ୍କା ଦେ'—

ବାବ୍‌ଲୁ : ଟଙ୍କା ଦେବି ନା ଛେନା ।

ଚପଳା : ଏସ୍ସ ! ଏ ଟଙ୍କାରେ ମିଠେଇ ଆସିବ । ମିଠେଇ ଆସିଲେ
ଖାଇବୁ ! ନହେଲେ ତୋ' ପିଠି ଫଟେଇଦେବି କହୁଛି ।

ବାବ୍‌ଲୁ : ଗାଳି ଦଉଛୁ କାହିଁକି । ମୁଁ ବି ତ ସେଇ ମିଠେଇ ଆଣିବାକୁ
ଯାଉଛି । ଦଶହରା ବଜାର । ବଡ଼ିଆ ବଡ଼ିଆ ମିଠା ବିକ୍ରୀ ହଉଛି ।

ଚପଳା : ମିଠା ନ ଆଣି ଯଦି ଘରକୁ ଆସିବୁ ତତେ ଗାଡ଼ ଖୋଳି ପୋତି-
ଦେବି—ଜାଣିଥା'—

[ତେରେ ପ୍ୟାର ପ୍ୟାର ସୁରତ୍ କୋ—ବାବ୍‌ଲୁ ଟୋଟାଏ
ହିନ୍ଦୀ ଗୀତ ଗାଇ ଗାଇ ଦୌଡ଼ି ଚାଲିଗଲା ।]

ଭୋଳା : ତମ ପୁଅ ନା ମା' ?

ଚପଳା : ହଁ, ଗୋଟିଏ ବୋଲି ତ ପୁଅ, ଟିକିଏ ବେଶୀ ଚେହ୍ଲା ହେଇଯାଇଛି ।

ଭୋଳା : ସିନେମା ଗୀତ ଗାଉଛି ।

ଚପଳା : ବହୁତ ସିନେମା ଦେଖୁଛି ଟୋକା । ତା'ଛଡ଼ା ଆମ ଘରେ ସିନା
ନାହିଁ···ସାଇପଡ଼ିଶା ସମସ୍ତଙ୍କ ଘରେ ଟି. ଭି. ଅଛି—ଏ ଟୋକା
ଖାଲି ସଂଧ୍ୟାବେଳେ ଟି. ଭି. ପାଖରେ ବସିବ ।

ଭୋଳା : ମୁଁ ଯାଉଛି ମା' ! ଡେରି ହେଲେ ବାବୁ ତ କୋଡ଼ିଏ ପ୍ରକାର ପ୍ରଶ୍ନ
ପଚାରିବେ ! ଏଣେ ଯୋଉ ଦି'ଟା ରାବଣର ବଂଶଧର ଅଛନ୍ତି—
ପ୍ରତାପବାବୁ ଆଉ ତାଙ୍କ ମା' ମାୟାଦେବୀ···ତାଙ୍କ ହାତରେ ତ
ଏଇଲେ ଘରର ଶାସନ ଚାଲିଛି—ସେମାନେ ମନକୁ ଯାହା ଆସିଲା
କହିଦେଇ ଯିବେ—କାଲି ପୁଣି କ'ଣ ଘରେ କୀର୍ତ୍ତନ ହବ ।

ଚପଳା : କୀର୍ତ୍ତନ କାହିଁକି ?

ଭୋଳା : ବାବୁଙ୍କର କାଲେ ଗ୍ରହ ଖରାପ ପଡ଼ିଛି । ଭଉଣୀ ଲଗେଇଚନ୍ତି

Source: Author, Digitized by PPRACHIN, SOA

ଠାକୁରଙ୍କ ପାଖେ କୀର୍ତ୍ତନ ହେବ । ହଉ...ବାବୁଙ୍କର ଗ୍ରହ ଶାନ୍ତ ହେଲେ ହେଇଯାଉ ।

ଚପଳା : ଉଆସରେ ସିନା ଠାକୁର ଅଛନ୍ତି...ସେଠି କୀର୍ତ୍ତନ ହେଲେ ଶୋଭା ପାଇଥାନ୍ତା...ଏଠି ଏଇ ସହରଟାରେ...

ଭୋଳା : ବାବୁ ଏଠିକି ଆସିଲାବେଳେ ତାଙ୍କ ଠାକୁରଙ୍କୁ ବି ସାଙ୍ଗରେ ନେଇ ଆସିଚନ୍ତି ।

ଚପଳା : ସାଙ୍ଗରେ ପୁଣି ଠାକୁର ଧରି ଆସିଚନ୍ତି !

ଭୋଳା : ସିଏ ଟକା ସୁନାର ଠାକୁର ପୁଣି ନବରତ୍ନଖଚିତ ମୁକୁଟ । ତାଙ୍କୁ ଆଉ ସେ ଉଆସରେ ଛାଡ଼ି ଆସିଥାନ୍ତେ ? ହଉ ମା' ! ଗପୁ ଗପୁ ବହୁତ ଗପିଦେଲିଣି—ବୋହୂମା' ଆଉ ରଜୁବାବୁଙ୍କୁ ଯା'ଙ୍କୁ ଦେଇଦେବି ।

ଚପଳା : ହଁ...ଆସିଲାମାତ୍ରେ ତାଙ୍କୁ ଧରେଇଦେବ । (ଭୋଳା ଯାଉଥିଲା) ଶୁଣ ! (ଭୋଳା ଅଟକିଲା ପରେ) ଏଇ ପୂଜା ଭିତରେ ଆସି ଅଉ କିଛି ଟଙ୍କା ଦେଇଯାଅ—ତମ ବୋହୂମା' ତାଙ୍କ ପୁଅ ପୂଜାରେ ତ ଖର୍ଚ୍ଚ କରିବେ ।

ଭୋଳା : ଦେଇଯିବି ମା'—ଦେଇଯିବି...ସେଇଟା ମୋର କର୍ତ୍ତବ୍ୟ । ଆସୁଚି ମା'— (ଭୋଳା ଚାଲିଗଲା ପରେ ଚପଳା ମୁହଁ ମୋଡ଼ିଲେ)

ଚପଳା : ଗ୍ରେଟଲୋକ । ଶାଢ଼ୀ ଆଣିଚି ପଚିଶଗୋଟେଇ ପାଇଁ । ହୁଁ ! ଲୋକଙ୍କ ଘରେ ବାସନ ମାଜି ମାଜି ଦିନ ସରୁ ନଥିବ ! କ'ଣ ନା ବୋହୂମା' ।

(ପ୍ରବେଶ କଲା ସରୋଜ)

ସରୋଜ : ଆରେ ଚପଳା ! ବଢ଼ିଆ ଶାଢ଼ୀ ହେଇଚି ତ । ଏଗୁଡ଼ା କେବେ କିଣିଲ ମ ?

ଚପଳା : ହୁଁ । ପକେଟରୁ କାଢ଼ି ଦେଇପକେଇଥିଲ ପଇସାଗୁଡ଼ା !

ସରୋଜ : କି ମୁସ୍କିଲ । କେତେ ଟଙ୍କା ଏମିତି ମୁଁ ଦରମା ପାଉଚି କି ? ସେଥିରେ ପୁଣି ପୋଷ୍ଟାଲ ଡିପାର୍ଟମେଣ୍ଟ ଚାକିରି ଯେ ନୂଆ ପଇସାଟିଏ ଉପୁରି ନାହିଁ !

Source: Author, Digitized by PPRACHIN, SOA

ଚପଳା : ଥାଉ ଥାଉ । ତମର କୈଫିୟତ ଦେବା ଦରକାର ନାଇଁ । ଯୋଉ ସଟରେ ବଂଶକୁ ପୋଷିଛ ସେମାନଙ୍କୁ ତ ତମର ସବୁ ପଇସା ନଅଣ୍ଟ—

ସରୋଜ : ଚପଳା !

ଚପଳା : ତମ ଭଣେଇ ସାଇବଙ୍କର ଗୃହକରପଦ କୋଉଠି ହେଲା ନା ନାହିଁ ?

ସରୋଜ : ଚେଷ୍ଟା ତ କରୁଥିଲା—କେଜାଣି କ'ଣ ହେଇଥିବ !

ଚପଳା : ନ ଜାଣିଥିଲେ ଏଇଲେ ଘରୁ ବାହାର । କୋଉ ଜଗତରେ ମୁଁ ଏମିତିକା ଘଟଣା ଦେଖିନାଇଁ ଲୋ ମା' ! ଭଉଣୀକୁ ବାହା କରେଇଚ ବୋଲି ଜୀବନଯାକ ତାକୁ ପୋଷିବାକୁ ପଡ଼ୁଚି ।

ସରୋଜ : ଓହୋ ! ସାଗର କ'ଣ ଚେଷ୍ଟା କରୁନି ?

ଚପଳା : ନାଁ ଠା କରୁଚି । ଲୋକେ ପାନ ବଡ଼ ବିକି ଏ ସହରରେ ପଇସା କରୁଛନ୍ତି । ବିରି ଗୁଲୁଗୁଲା ବିକି କୋଠା ବାଡ଼ୋଉଛନ୍ତି—ପୁଣି ହାତଗୋଡ଼ ଛିଣ୍ଡିଗଲା କି ?

ସରୋଜ : କ'ଣ କହିଲ ? ସାଗର ବରା ଗୁଲୁଗୁଲା ବିକିବ ? ହୁଁ—ତମ ମୁଣ୍ଡ ଖରାପ ହେଇଗଲାଣି । Medical Representative ଥିଲା—ବେଶ୍ ପଇସା ଆସୁଥିଲା—ସେତିକିବେଳେ ତ କିଛି କହୁ ନଥିଲ—ଏଇନା ଟିକିଏ ବେଳ ଖରାପ ପଡ଼ିଚି ବୋଲି ତମେ ମୁହଁ ଖରାପ କରିବ ନା କ'ଣ ?

[ବାବ୍‌ଲୁ କିଛି ମିଠେଇ ଆଣି ନିଜେ ଖାଉଚି । ଆଉ ଗୋଟେ ମିଠେଇ କୁକୁରକୁ ଦେଖେଇଲା ଭଳି ରାଜୁକୁ ଦେଖେଇ ଦେଖେଇ ମଞ୍ଚ ଉପରକୁ ଆସିଚି]

ଚପଳା : ହଇରେ ଏ···ଏ···ବାଡ଼ିପଡ଼ା ! ସବୁଗୁଡ଼ା ଗିଳିପକେଇଲୁ ? ହଇରେ ଦଶଟଙ୍କାର ମିଠା ଗିଳିପକେଇଲୁ, ରାକ୍ଷସ ! ଝାଡ଼ାବାନ୍ତି ହେଇ ମରିବୁ ।

ସରୋଜ : ମିଠା କିଣିବାପାଇଁ ଟଙ୍କା କୋଉଠୁ ପାଇଲା ?

ବାବ୍‌ଲୁ : ପାଞ୍ଚଟଙ୍କାର ମିଠା କିଣିଲି । ଆଉ ଦୁଇଟଙ୍କା ରଖିଦେଇଚି ।

Source: Author, Digitized by PPRACHIN, SOA

ଟଙ୍କାକର ଫୋଟକା କଣିବ ଆଉ ବଳକା ପଇସା ସିନେମା ଦେଖିବ—

ଚପଳା : ଆରେ ବାଡ଼ପଡ଼ା ମତେ ନଦେଲୁ ନାଇଁ···ସେ ବୃଷସଟାକୁ ଦେ । ପାଟିରୁ ଲାଳ ଗଡ଼େଇଲଣି···ଦୃଷ୍ଟି ପଡ଼ିଯିବ ଯେ ଝାଡ଼ାବାନ୍ତି ହବ—

ବାବ୍ଲୁ : ଆବେ ହେ । ଶଳା ଡାଆଣାଙ୍କ ଭଳିଆ କ'ଣ ଗୃହୁଁଚୁ ? ଶଳାକୁ ଦେବ ଗୋଟେ ବକ୍ସିଂ ଯେ ମୁହଁଟା ଇଣ୍ଡିଆ ମେପ୍ ହେଇଯିବ !

ରାଜୁ : ମତେ ବଡ଼ ଭୋକ ହଉଛ ।

ସରୋଜ : କାହିଁକି ? ତାକୁ ସକାଳୁ ସକାଳୁ ଖାଇବାକୁ ଦେଇନ ?

ଚପଳା : ହେ ଭଗବାନ୍ ! କ ଛତରଖିଆ ଟୋକା ! ହଇରେ ଚୁଟି-ଗୃ' ଖାଇନୁ ସକାଳୁ ସକାଳୁ ?

ରାଜୁ : ବାସିରୁଟି ଫାଲେ ଖାଇଲେ କ'ଣ ପେଟ ପୂରିବ ? ବାବ୍ଲୁ ଗୃଚିଟା ଗରମ ଗରମ ପରଟା ଖାଇଛୁ ।

ଚପଳା : ଶୁଣ, ଶୁଣ—ତମ ଗୁଣମଣି ଭଣଜାର କଥା ଶୁଣ । ବାବ୍ଲୁ ସାଙ୍ଗରେ ବାଦ କରୁଛୁ । କରେ ବୋପାକୁ କହନୁ—ରୋଜଗାର କରି ଆଣିବ—

ସରୋଜ : ଚପଳା ! ମୁହଁ ସମ୍ଭାଳି କଥାବାର୍ତ୍ତା କର ।

ଚପଳା : ମୁଁ ବି ତମକୁ ସଫା ସଫା କହିଦେଉଛି—ଦଶଦିନ ପରେ ଯଦି ଏଇ ସଗରବଂଶ ଏଇ ଘରେ ରହିବେ—ମୁଁ ମୋର ବାପଘରକୁ ଗୃଲିଲି । ତମେ ତମର ଭଉଣୀ ଭଣେଇଙ୍କୁ ନେଇ ଏଇଠି ରୁହ । (ଗୃଲିଗଲେ)

ସରୋଜ : ଏଗୁଡ଼ା କହି ମୋ' ସାଙ୍ଗରେ ଝଗଡ଼ା କରିବାର କଣ୍ଠ ମାନେ ଅଛି ? ଛିଃ ! ଶଳା ! ମତେ ନିଜ ଉପରେ ଘୃଣା ଆସିଗଲଣି—ନା —କହିପାରୁଛି ଏମାନଙ୍କୁ—ନା କହିପାରୁଛି ଭଉଣୀ ଭଣେଇଙ୍କୁ ! (ଯାଉଥିଲି)

ରାଜୁ : (ବିକଳ ହୋଇ) ମାମା !

Source: Author, Digitized by PPRACHIN, SOA

ସରୋଜ : ମତେ ଏଇଲେ ବିରକ୍ତ କରନା ବାପା ! ପକେଟରେ ପଇସା ବି ନାହିଁ ଯେ ତୋ' ପାଇଁ ମିଠେଇ କିଣିଦେବି । ଆରେ ବାବ୍ଲୁ ! ତାକୁ ଦେ ଖଣ୍ଡେ ରସଗୋଲା । (ଗ୍ୟଲିଗଲା । ତା' ପଛେ ପଛେ ଚଟଲା)

ବାବ୍ଲୁ : ଖାଇବୁ ରାଜୁ ? ମିଠେଇ ଖାଇବୁ ?

ରାଜୁ : ତମେ ତ ଏକଲା ଖାଉଛ, ମତେ ଦଉନ ।

ବାବ୍ଲୁ : ଦେଖା, ହାତ ଦେଖା (ରାଜୁ ପାପୁଲି ଦେଖେଇଲା ଓ ବାବ୍ଲୁ ମିଠା ବଦଳରେ ସେଇଠି ଛେପ ପକେଇଲା) ଖାଇଲୁ ? ମିଠେଇ ଖାଇଲୁ ରାଜୁବାବୁ ? କେମିତି ଲାଗିଲା ?

[ଏଇତକ କହି ବାବ୍ଲୁ ଗ୍ୟଲିଗଲେ ଓ ରାଜୁ ସେଇଠି ଠିଆହୋଇ କାନ୍ଦିଲା । ଏତିକିବେଳେ ଆସିଲା ତା'ର ବୋଉ ଝରଣା]

ଝରଣା : ରାଜୁ ! କ'ଣ ହେଲା ତୋର ?

ରାଜୁ : ବୋଉ ! ମୁଁ ଏଇଠି ରହିବିନି । ଗ୍ୟଲ ଏଇଠୁ ଆମେ ପଳେଇବା । (ବୋଉ ପଣତରେ ମୁହଁ ଲୁଚେଇ କାନ୍ଦିଲା)

ଝରଣା : କାନ୍ଦନା ବାପା, କାନ୍ଦନା ! ତୋ ବାପାଙ୍କର ତ ଗ୍ୟକିରି ନାହିଁ । ବାସନ ମାଜି, ଲୁଗା ସଫା କରି କେତେ ଟଙ୍କା ବା ପାଇବି ?

ରାଜୁ : ବାବୁଲିଭାଇ ମିଠେଇ ଖାଉଥିଲା, ମୁଁ ମାଗିବାରୁ 'ମୋ' ହାତରେ ଛେପ ପକେଇଲା—

ଝରଣା : ହେ ଭଗବାନ୍···ଏଇ ନେ ବାପା । ମିଠେଇ ମୁଁ ଆଣିଛି । (କାନିରୁ ଖୋଲି ଗୋଟିଏ ଚକୋଲେଟ ଦେଲା)

ରାଜୁ : ଦେ··· (ମା' ମୁହଁରେ ବୋକ ଦେଲା) ବୋଉ ! ଦଶହରାପାଇଁ ଆମର ନୂଆ ଲୁଗା ହବନି ?

ଝରଣା : ନୂଆ ଲୁଗା କେମିତି କିଣିବା ବାପା ? ଆମେ ପରା ଗରିବ !

ରାଜୁ : ଆମେ ତା'ହେଲେ ଦଶହରା ମେଢ଼ ଦେଖିବାକୁ କେମିତି ଯିବା ?

Source: Author, Digitized by PPRACHIN, SOA

ଝରଣା : କ'ଣ କରିବି କହ ? ଆଉ ଦି'ଘଣ୍ଟା ଦିନ ରହିଯା' ମୁଁ ଯାହାଙ୍କ ଘରେ ବାସନ ମାଜୁଚି ସେମାନେ ବଡ଼ ଲୋକ । ତାଙ୍କୁ କହିବି, ସେମାନେ ଯଦି ଦେବେ···ନ ହେଲେ ଏଇ ଛିଣ୍ଡା ଜାମାରେ ହିଁ ଯିବାକୁ ହବ ! [କାନ୍ଦିଲେ]

ରାଜୁ : ବୋଉ ! ତୁ' କାନ୍ଦେନା ବୋଉ ! ମୋର ଜାମା ପ୍ୟାଣ୍ଟ୍ ଦରକାର ନାହିଁ ।

ଝରଣା : ରାଜୁ !

ରାଜୁ : କ'ଣ ହବ ନୂଆ ଜାମା ? ଆମ ବସ୍ତିରେ ବହୁତ ପିଲା ଅଛନ୍ତି ସେମିତି—ଛିଣ୍ଡା ପିନ୍ଧି ବୁଲୁଛନ୍ତି—ସେମାନଙ୍କ ଅପେକ୍ଷା ଆମେ ତ ବହୁତ ଭଲରେ ଅଛେ—ନାହିଁ ? ମୁଁ ଆସୁଚି···

[ରାଜୁ ଡେଇଁ ଡେଇଁ ଚାଲିଗଲା]

ଝରଣା : ଭଲରେ ଅଛେ ! ହିଁ, ଭଲରେ ଅଛେ ! ଜମିଦାର ଘରର ନାତି···ଛିଣ୍ଡା ଜାମା ପିନ୍ଧି ବୁଲୁଛି···ଭଲରେ ନାହୁଁଚ କ'ଣ ?

[ଝରଣା କାନ୍ଦୁଥିଲା, ବାହାରୁ ଆସିଲା ସାଗର]

ସାଗର : କ'ଣ ହେଇଚି ଝରଣା ?

ଝରଣା : ରାଜୁ କହୁଥିଲା ନୂଆ ଜାମା ପିନ୍ଧିବ ।

ସାଗର : ଥାଉ ଝରଣା, କଷ୍ଟ ଘା'ରେ ଆଉ ଚୂନ ଦିଅନା—

ଝରଣା : ନା···ମୁଁ ତମକୁ ବିଦ୍ରୂପ କରୁଚି ବୋଲି ଭାବୁଚ ? ମୁଁ ହତଭାଗିନୀ ଲାଗି ତମର ଏଇ ଦଶା । ନହେଲେ ଯା'ଘର ଖାଇ ଆସି ବାହାର ଲୋକେ ଖାଉଛନ୍ତି ତାଙ୍କ ପିଲାଙ୍କର ଏଇ ଦଶା ହୁଅନ୍ତା ?

(କଣ୍ଠ ଭାଙ୍ଗି ପଡ଼ିଲା)

ସାଗର : କାନ୍ଦନା ଝରଣା ! ମୁଁ ଭାଗ୍ୟ ସାଙ୍ଗରେ ଲଢ଼େଇ କରୁଛି । ତମେ ମତେ ସାହାଯ୍ୟ କର । ଉପାସରେ ମରି ସଡ଼ି ଗଲେବି ମୁଁ କାହାର ସାହାଯ୍ୟ ଭିକ୍ଷା କରିବିନି । ଦେଖାଯାଉ, ପୃଥିବୀରେ ଏତେ ଲୋକ ତ ବଞ୍ଚିଛନ୍ତି । ଆମେ କ'ଣ ବଞ୍ଚିପାରିବାନି ? ବଞ୍ଚିବାପାଇଁ କ'ଣ କୋଠାଘର ଦରକାର ?

[ଆସିଲା ଚପଳା, ଝରଣାକୁ ଲକ୍ଷ୍ୟକରି କହିଲା]

Source: Author, Digitized by PPRACHIN, SOA

ଚପଳା : ହଉ ମହାରାଣୀ ! ପରେ ବର ସାଙ୍ଗରେ ଦୁଃଖ ସୁଖ ହବ । ପର ଘରେ ତ ଲୁଗାପଟା ସଫାକରି ବାସନ ମାଜି ଚାଲି ଆସିଲି । ଏଇ ଛିଣିକା ନିଜ ଘରର ଟା କିଏ କରିବ ?

ଝରଣା : ଭଉଜ !

ଚପଳା । ଭଉଟା ତ ଟିକିବ ! କାମ କଲାବେଳକୁ କାହିଁକି ହାତ ଗୋଡ଼ ଦରଜ ହେଇ ଯାଉଛି ? ଦ'ଦନ ହେଲୁ ଅଣ୍ଟା ଧରିଚ ଯେ ଉଠିପାରୁନ ମୁଁ...ମୁଁ ଏକେଲି ଏତେ କାମ କରି ତମ ସଗର ବଂଶକୁ ପୋଷିବିନା କ'ଣ ?

ସାଗର : ଝରଣାର ଦେହ ତ ତମଠୁ ଆହୁରି ଖରାପ ଭଉଜ !

ଚପଳା : ଏଁ ? କ'ଣ କହିଲ ?

ସାଗର : ପ୍ରତିଦିନ ରାତିରେ ଜର ହଉଚି । ଦେହ ଖଇ ଫୁଟୁଚି ।

ଚପଳା : ରାତିରେ ଦେହ ତାତୁଚି, ନାଇଁ ? ଆଉ କୋଉଥିପେଇଁ ତାତୁଥିବ । ତା ହେଲେ ଗୋଟେ କାମ କରୁନା...ଘରପାଇଁ ଦାସୀ ପୋଇଲି ଦ'ଟା ଖଞ୍ଜି ଦିଅ—ଜମିଦାର ଘର ପୁଅ ତ—ଦାସୀ ପୋଇଲି ଅନେକ ଥିବେ ।

ସାଗର : ଭଉଜ !

ଚପଳା : ତମ ଦେଇତ କିଛି ହବନି ! ହୁଁଃ ! ରିକ୍ସା ଟେଲେଇ ଲୋକ ସଂସାର ପୋଷୁଛନ୍ତି ! ତମକୁ ଲାଜ ମାଡୁନି ବସି ବସି ଖାଇବାପାଇଁ ? ମୁଁ ହେଇଥିଲେ ଦଉଡ଼ି ଦେଇ ମରନ୍ତିଣି ।

[ଚପଳା ଚାଲିଗଲା]

ସାଗର : ହେ ଭଗବାନ୍ ! ମତେ ଏ ଅପମାନରୁ ମୁକ୍ତ ଦିଅ...[ଯାଉଥିଲା]

ଝରଣା : କୁଆଡ଼େ ଯାଉଛ ତମେ ?

ସାଗର : ନର୍କକୁ । ନର୍କରେ ମତେ ଚାକିରି ମିଳିଛି...ଶେଷରେ ମତେ ସେଇଠିକି ହିଁ ଯିବାକୁ ପଡ଼ିବ [କିନ୍ତୁ ହାଟର ଚାଲିଗଲା]

ଝରଣା : ନା...ଆମର ଦରକାର ନାଇଁ...ତମର ସେଇଠିକି ଯିବା ଦରକାର ନାଇଁ ।

[ଅଂଧାର]

Source: Author, Digitized by PPRACHIN, SOA

ଦୃଶ୍ୟ-୨୬

[ରମନାରାୟଣ ବାବୁଙ୍କ ସଦର ଘର । ପ୍ରବେଶ କଲେ ମାୟାଦେବୀ ।]

ମାୟା : ଆରେ ପ୍ରତାପ କୁଆଡ଼େ ଗଲୁ । ଆରେ ଯା, ମାମୁଁଙ୍କୁ କହ···ଆସି ଦଶଟା ବାଜିବା ଉପରେ···ପୂଜା ଲୁଗା ପିନ୍ଧି ପ୍ରସ୍ତୁତ ହୋଇଥାନ୍ତୁ··· କୀର୍ତ୍ତନ ଦଳ ଆସି ପହଞ୍ଚି ଯିବେ ଯେ···

(ରମନାରାୟଣ ଆସିଚନ୍ତି)

ରାମ : କାହିଁକି ପାଟି କରୁଚୁ ମାୟା ?

ମାୟା : ହବନ ଆଜି ! ସେମାନେ ତ କଥା ଦେଇଥିଲେ ଦଶଟା ବେଳକୁ ସବୁ ଆସି ପହଞ୍ଚିବେ···ଏଇତ ଦଶ ବାଜିବା ଉପରେ···

ରାମ : ଏଗୁଡ଼ାକ ସବୁ କରିନଥିଲେ ହେଇ ନଥାନ୍ତା ?

ମାୟା : ହଁ···ବାବାଜୀ ଆସି ତ ସେଦିନ କହିଗଲେନି ଏ ଘର ଉପରେ ଗୋଟେ ଅଭିଶାପ ପଡ଼ିଚି···ବାବାଜୀ ମାତାଜୀମାନେ ଆସି ଏଠି ଆମ ଠାକୁରଙ୍କ ପାଖେ କୀର୍ତ୍ତନ କଲେ ତମର ଗ୍ରହ ଶାନ୍ତି ହବ । ଯା···ଆଉ ଡେରି କରନା···ଆସିବା ବେଳ ହେଇଗଲାଣି ଯେ··· (ଚାଲିଯାଇଚନ୍ତି) ଆରେ ଭୋଲା···ଭୋଲା··· (ଭୋଲା ଆସିଚି)

ଭୋଲା : କ'ଣ ମା ?

ମାୟା : ଆରେ ଠାକୁର ଘରଟା ସଜେଇ ଦେଲୁ ?

ଭୋଲା : ମା···

ମାୟା : ଦାଣ୍ଡରେ କଦଳୀ ଗଛ ପୋତିଦେଲୁ ?

ଭୋଲା : ମୁଁ ସବୁ କାମ ସାରି ଦେଇଚି ।

Source: Author, Digitized by PPRACHIN, SOA

ମାଯ୍ନା : ପ୍ରତାପ କୁଆଡ଼େ ଗଲା ?

ଭୋଳା : ବାଡ଼ରେ ଠିଆହୋଇ ସେମାନଙ୍କୁ ଅପେକ୍ଷା କରୁଚନ୍ତି···

ମାଯ୍ନା : ଯା ତାକୁ ଡ଼ାକ ଦେ··· (ଭୋଳା ଚାଲିଯାଇଚି)
ଆସିକି ରହିବାର ୧୦ ବର୍ଷ ହୋଇଗଲା, ପ୍ରତାପ ନାଁରେ ସମ୍ପତ୍ତି ରେଜେଷ୍ଟ୍ରି କରିବା କଥା କହିଲେ ହଁ କରିବା ହଁ କରିବା ବୋଲି କହି ଚାଲିଚି । ସମ୍ପତ୍ତି ନ ହେଲା ନାହିଁ ଦଶଲକ୍ଷ ଟଙ୍କା ହାତକୁ ଆସିଗଲେ ଏ ବୁଢ଼ାକୁ ପଚ୍ଚାରେ କିଏ ?

(ପ୍ରତାପ ଆସିଚି)

ପ୍ରତାପ : କ'ଣ ମା ?

ମାଯ୍ନା : ସେମାନେ ସବୁ ଠିକ୍ ଆସିବେ ତ ?

ପ୍ରତାପ : ତୋ ପୁଅ ଏତେ କଞ୍ଚା କାମ କରେନା ମ !

ମାଯ୍ନା : ସେମାନେ ଠିକ୍ ଆସିବେ ତ ?

ପ୍ରତାପ : ଠିକ୍ ଆସିବେ ଠିକ୍ କାମ ହବ ···ଦଶଲକ୍ଷ ଟଙ୍କା ଆମ ହାତରେ । ହେଲେ ଯା'ପର ଘଟଣାକୁ ତମେ manage କରିବ ମା···ମୁଁ ସେ ସବୁ ପାରିବନି ।

ମାଯ୍ନା : ଭାଇ ଆଉ ଭୋଳା କଥା ତ···ସେ କଥା ମୋ' ଉପରେ ଛାଡ଼ିଦେ । ଏଇ ଭାଇ ଆସିଲେଣି···

(ରାମନାରାୟଣ ଆସିଲେ
ପୂଜା ଲୁଗା ଓ ଚଦର ପକେଇ)

ରାମ : ମୁଁ ପ୍ରସ୍ତୁତ ହୋଇ ଆସିଲି ମାଯ୍ନା···ସେମାନେ ସବୁ କାହାନ୍ତି ?

ପ୍ରତାପ : ଏଇ ପହଞ୍ଚି ଯିବେ ।

ରାମ : ସେମାନଙ୍କର ପ୍ରସାଦର ସବୁ ବ୍ୟବସ୍ଥା କରିଚ ତ ?

ମାଯ୍ନା : ସେ ସବୁର ବ୍ୟବସ୍ଥା ହୋଇଯାଇଚି ।

(ରାଧେକିଷ୍ଟ ଆସିଚନ୍ତି
କାନ୍ଧରେ ଏକ ମୃଦଙ୍ଗ ପକେଇ)

ରାଧେ : ରାଧେକିଷ୍ଟ !

Source: Author, Digitized by PPRACHIN, SOA

ସମସ୍ତେ : ବାବା ! (ସମସ୍ତେ ଗୋଡ଼ତଳେ ପଡ଼ିଗଲେ)

ରାଧେ : ଉଠ ଉଠ ରାଧେକିଷ୍ଣ···(ମୃଦଙ୍ଗର ତାଳରେ)

ଯୋଡ଼ ହସ୍ତେ ଠିଆରେ···

(ସମସ୍ତେ ହାତ ଯୋଡ଼ିଲେ)

କାହାନ୍ତି ମୋ ରାଧେକୃଷ୍ଣ···

ରାମ : ଭୋଳା ଠାକୁର ଘର ଖୋଲିଦେ···

(ସାଇକ୍ଲୋରେମା ଖୋଲିଲା,
ଦେଖାଗଲା ରାଧାକୃଷ୍ଣଙ୍କ ସୁନାର ମୂର୍ତ୍ତି)

ରାଧେ : ସ୍ୱର୍ଣ୍ଣବେଶେ ଠିଆରେ···

ରାଧେ କିଷ୍ଣ ରାଧେ କିଷ୍ଣ ସ୍ୱର୍ଣ୍ଣ ବେଶେ ଠିଆରେ···

[ଆସିଲେ ଛଜଣ ବାବାଜୀ ଓ ମାତାଜୀ···
ସମସ୍ତେ ଗେରୁଆ ବସ୍ତ୍ର ପରିହିତ···ହାତରେ
କୁବୁଜ ଓ କରତାଳ···କୀର୍ତ୍ତନର ମୁଖୁଡ଼ା
ଧରି ଧରି ପ୍ରବେଶ କଲେ···

ବାବାଜୀ/ମାତାଜୀମାନେ : ରାଧେକୃଷ୍ଣ ରାଧେକୃଷ୍ଣ ସ୍ୱର୍ଣ୍ଣ ବେଶେ ଠିଆରେ ।

[ସମସ୍ତେ ଭାବ ବିହ୍ୱଳ । ନାଚ ଭିତରେ ଦୁଇଜଣ ରାମନାରାୟଣ ପାଖକୁ ଯାଇ ଗେରୁଆ ରୁମାଲ ବାହାର କରି ହଲେଇଲେ ଓ ରାମନାରାୟଣ ବସିଥିବା ସ୍ଥାନରେ ଅଚେତ ହୋଇ ଶୋଇପଡ଼ିଲେ ।

ରାଧେକିଷ୍ଣଙ୍କ ନିର୍ଦ୍ଦେଶରେ ଦୁଇଜଣ ମଞ୍ଚରୁ 2nd stageକୁ ଯାଇ ରାଧାମୋହନଙ୍କ ମୂର୍ତ୍ତି ଧରି ମଞ୍ଚକୁ ଆସିଲେ ଓ ରାଧେକୃଷ୍ଣଙ୍କୁ ଦେଲେ । ରାଧେକୃଷ୍ଣ ମୃଦଙ୍ଗକୁ ଖୋଲିଦେଇ ମୂର୍ତ୍ତିଟିକୁ ତା' ଭିତରେ ପୁରେଇଲେ ଓ କୀର୍ତ୍ତନ ଦ୍ରୁତଲୟରେ ଥିବାବେଳେ ସମସ୍ତେ ଚାଲିଗଲେ । ମୂର୍ତ୍ତିଟି ରହିବ ହେବ ମୃ ଭିତରେ । ସମସ୍ତେ ଚାଲିଗଲା ପରେ·ମାୟା ପାଟି କରି ଉଠିଲେ । ରାମନାରାୟଣ ଆଖିବୁଜି ଶୋଇଛନ୍ତି କ୍ଲୋରୋଫର୍ମ ନିଶାରେ]

Source: Author, Digitized by PPRACHIN, SOA

ମାଯ୍ନା : ଭାଇ ! ଭାଇ ! ଆରେ ଧାଇଁ ଆସରେ···କଏ କୋଉଠି ଅଛ ଧାଇଁ ଆସରେ···ଇଲେ ମା' ମୁଁ ଏଇନା କ'ଣ କରିବ ଲୋ··· ମୋ' ଭାଇଟାର କ'ଣ ହୋଇଗଲା ଲୋ···ଆରେ ଭୋଳା··· ଭୋଳାରେ···ଆରେ ଭୋଳା କୁଆଡ଼େ ଗଲୁ—ଆରେ କଏ ଅଛ ଧାଇଁ ଆସରେ···ଭାଇ···ଭାଇ···

(କ୍ରମେ କ୍ରମେ ରାମନାରାୟଣ ଆଖି ଖୋଲିଲେ)

ରାମନାରାୟଣ : କ'ଣ ହୋଇଛି ? ମୋ ଆଖିଟା ଟିକଏ ମୁଦି ହୋଇଯାଇଥିଲା···

ମାଯ୍ନା : ସବୁ ସରିଗଲା ଭାଇ···ସବୁ ସରିଗଲା—

(ବାହାରୁ ଦୌଡ଼ି ଆସିଛି ପ୍ରତାପ)

ପ୍ରତାପ : ମାମା···ମାମା···ବୋଉ···ରାଧାକୃଷ୍ଣ ମୂର୍ତ୍ତିଟା ଆଉ ନାହିଁ···

ରାମନାରାୟଣ : କ'ଣ କହିଲୁ ? ମୋ' ଠାକୁରେ ଗଲେ କୁଆଡ଼େ ?

ମାଯ୍ନା : ହେ ପ୍ରଭୁ ! ହେ ପ୍ରଭୁ ଗୋପୀନାଥ···ପ୍ରଭୁ ରାଧାକୃଷ୍ଣ ! ତମେ କୋଉଠି ହଜିଗଲ ପ୍ରଭୁ !

ପ୍ରତାପ : ମୁଁ ତ ଖଞ୍ଜାରେ ବ୍ୟସ୍ତଥିଲି । ବାବାଜୀମାନେ ଖାଇବେ··· ଠାକୁରଙ୍କର ଭୋଗ ହବ···ପ୍ରସାଦ ବଣ୍ଟା ହେବ । ଫେରି ଦେଖିଲି ବେଳକୁ ଠାକୁର ଘରେ ମୂର୍ତ୍ତି ନାହିଁ !

ମାଯ୍ନା : ଭୋଳା ! ଭୋଳା ସେଇଠି ଥିଲା । ଡାକୁର ଭୋଳାକୁ । ଡାକିଆଣ ହେଇ ଭୋଳାକୁ !

ପ୍ରତାପ : ଆଃ । ସେ କଥା ଆଗରୁ କହୁନୁ ମତେ ? ସେଇ ହାରାମଜାଦାଟା ଥିଲାଟି ସେଇଠି ! (ହଠାତ୍ ରାଗିଯାଇ) ଡାକ ସେ ଭୋଳାକୁ ।

ରାମନାରାୟଣ : ନାଃ ! ଭୋଳା ଏ କାମ କରିପାରିବ ନାହିଁ···ଭୋଳା ମୋର ତିରିଶି ବର୍ଷର ଚାକର···

ପ୍ରତାପ : ତମେ ତ ମାମା ସମସ୍ତଙ୍କୁ ବିଶ୍ୱାସ କର ଆଜଯାଏଁ ଏମିତି ହାଇରାଣ ହଉଚ···ଏ ଭୋଳା କ'ଣ କମ୍ ଜନ୍ତୁ ବୋଲି ଭାବିଲ ? ଏକା ତବି ଏ ଉଆସଟାରୁ ଅଧା ଖାଇଗଲାଣି ! ସାଗର ଭାଇଟାକୁ ନଷ୍ଟ କରିଦେଲାନା···

Source: Author, Digitized by PPRACHIN, SOA

ରାମ : ନାଃ ! ନାଃ ! ମୁଁ ବିଶ୍ୱାସ କରି ପାରିବିନି...ତମେ ଯାଅ... ମାୟା...ପ୍ରତାପ...ଯାଇ ଦେଖିବେ ମୋ' ଠାକୁରେ ଗଲେ କୁଆଡ଼େ—

ମାୟା : ପ୍ରତାପ...ଯା...ଟିକିଏ ଦେଖ ସେ ଭୋଳାଟା ଗଲା କୁଆଡ଼େ ...ଆରେ ଡାକି ଆଣିବୁ ଯା' ସେ ବାଡ଼ପଡ଼ାକୁ ।

ପ୍ରତାପ : ମୁଁ ପ୍ରଥମେ ପୋଲିସରେ ଖବର ଦିଏ...

ରାମନାରାୟଣ : ଆଉ ପୋଲିସ । ପୋଲିସ ବର୍ତ୍ତମାନ ଆସି ଆଉ କ'ଣ କରିବ !

ମାୟା : ମୁଁ ତ ଏଇଠି ଥିଲି...ପ୍ରତାପ ତ ଭୋଗ ପ୍ରସାଦ କଥା ବୁଝୁଥିଲା—ଆଉ ମୂର୍ତ୍ତିଟା ଗଲା କୁଆଡ଼େ ? ଇଏ ତ ରହସ୍ୟ ପରି ଲାଗୁଚି ଭାଇ...

ରାମନାରାୟଣ : ସବୁ ଚାଲିଗଲା...ସାଗର ଯାଇଥିଲା...ଏ ଘର ଅଧା ଭୁଷୁଡ଼ି ପଡ଼ିଥିଲା...ଶେଷରେ ଠାକୁରେ ଚାଲିଗଲେ ! ପ୍ରଭୁ ! ମୋ' ଉପରେ ଏଡେ ନିର୍ଦ୍ଦୟ କାହିଁକି ପ୍ରଭୁ ? ମତେ ତ ନିଃସ୍ୱ କରିଦେଇଗଲ ଠାକୁରେ...ଏ ଜୀବନଟାକୁ ଆଉ ରଖିଛ କାହିଁକି ? ମତେ ବି ତମ ସାଥୀରେ ନେଇଯାଅ ପ୍ରଭୁ ! ମତେ ବି ତମ ସାଙ୍ଗରେ ନେଇଯାଅ—(ସେ କାନ୍ଦୁଥିଲେ)

ମାୟା : ଭାଇ ! ତମର ଗୁରୁତ୍ତ ରୋଗ...ତମେ ବ୍ୟସ୍ତ ହୁଅନାହିଁ ଭାଇ ! ପ୍ରତାପ ଅଛୁ—ବୁଝାବୁଝି କରିବ ନାହିଁ ? ଆରେ ଏ ପ୍ରତାପ... ଚାହିଁ ରହିଲୁ କ'ଣ ବା ? ସେ ଭୋଳାଟାକୁ ଡାକ ଟିକିଏ ଧମକାଧମକି କରି...ଭାଇ ! ତମେ ଆସ ବିଶ୍ରାମ ନିଅ ! ତମେ ଆଉ କ'ଣ ଏଡେ ମୁଣ୍ଡ ଖେଳେଇଲେ ହବ ? ତମର ପରା ଗୁରୁତ୍ତ ରୋଗ...!

(ମାୟା ନେଇ ଚାଲିଗଲେ ରାମନାରାୟଣଙ୍କୁ)

ପ୍ରତାପ : (ହସିଲା) ଯା' ଶଳା ! ପ୍ରଥମ କାମଟା ହାତକୁ ନେଇଥିଲି— ଯା'ହଉ ପ୍ରୋଜେକ୍ଟଟା ଠିକ୍ କାର୍ଯ୍ୟକାରୀ ହୋଇଗଲା । ଏଇନା ମାଲ୍‌ଟା ହାତକୁ ଆସିଗଲେ ମିନିମମ୍ ଛ'ଟା ମାସ ଆରାମରେ

Source: Author, Digitized by PPRACHIN, SOA

ଚଳିଯିବ ମଣିଷ ! ନହେଲେ ମାମୁଁ ଯୋଉ ମାନ୍ଧାତା ଅମଳର ଲୋକ—ହାତଖର୍ଚ୍ଚକୁ ମଧ୍ୟ ଟଙ୍କା ହଜାରେଟା ବାହାର କରିବେ ନାହିଁ ! ଏଥିରେ ପ୍ରତାପଚନ୍ଦ୍ର କେମିତି ବଞ୍ଚିବେ ! ଏଁ ? (ହସିଲେ)

———

Source: Author, Digitized by PPRACHIN, SOA

ଦୃଶ୍ୟ-୨୩

[ସୁବ୍ରତ ଓ ଲୁସିଙ୍କର କୋଠାଘର ।]

କିଶୋର : ଏତେ ସବୁ ସୁବିଧା ଦେଲି ପରେ ବି ତମର ଗୋଟାଏ ହିଁ ମଧ୍ୟ ଉନ୍ନତି ହେଲା ନାହିଁ ! ତମେ ଦି'ଟା କେମିତି ବଞ୍ଚିବ ମୁଁ କିଛି ବୁଝିପାରୁ ନାହିଁ ତମ ପାଇଁ କ୍ଲିନିକ୍ ତିଆରି ହେଲା—Bankରୁ loan ଯୋଗାଇ ଦିଆଗଲା—ବ୍ୟବସାୟ କରିବା ପାଇଁ ଟଙ୍କା ଦିଆହେଲା—ସବୁ କରିଗଲି, ଶେଷରେ ତମେ କଲ କଣ ?

ସୁବ୍ରତ : ମୁଁ ବା କ'ଣ କରିପାରିବ ? ମୋ' ବ୍ୟବସାୟ ଆଉ ଘର ଯଦି ମୋ' ଇଚ୍ଛାରେ ଚଳୁଥାନ୍ତା ତା'ହେଲେ ଅଲଗା କଥା, ମୁଁ ତ ଲୁସି ହାତରେ କାଠ କୁଣ୍ଢେଇ ।

କିଶୋର : ଲୁସିଟା ତିନି ପାଞ୍ଜିରୁ ଯାଇଛି । ମୁଁ ଦେଖୁଚି ତାକୁ ଦିଲ୍ଲୀରେ ପାଠ ପଢ଼େଇ ଭୁଲ ହେଇଗଲା । ତମେ ତାକୁ ଜବତ୍ କରିବା ଉଚିତ ଥିଲା ।

ସୁବ୍ରତ : ପ୍ରଥମରୁ ଯେତେବେଳେ ହେଇନି—ଆଜି କ'ଣ ହବ ବୋଲି ଭାବୁଛନ୍ତି ? ମୁଁ ଯଦି ବର୍ତ୍ତମାନ ତା' ଉପରେ କର୍ତ୍ତୃତ୍ୱ ଜାହିର କରିବି ତା'ହେଲେ ହାସ୍ୟାସ୍ପଦ ହେବ ବାପା ।

କିଶୋର : ଲୁସି କହୁଥିଲା ତାର ବାର୍ଥ ଡେ'ଟା କୁଆଡେ ହୋଟେଲ ମିରଣ୍ଡାରେ କରିବ !

ସୁବ୍ରତ : ସିଏ ଜାଣିଥିବ ! ହୋଟେଲ ମିରଣ୍ଡାରେ ପାର୍ଟି ଦେବା ପାଇଁ ମୋ' ପାଖରେ ପଇସା ନାହିଁ ।

କିଶୋର : ସେ କଥା ମୁଁ ବୁଝିବି । ଶୁଣୁଚି ତମେ ଦି'ଟା କୁଆଡ଼େ ସ୍ମଗଲିଂ ଆଉ ଅସାମାଜିକ କାର୍ଯ୍ୟ ସବୁରେ ଲିପ୍ତ ଅଛ । ଏଗୁଡ଼ାକ କରିବା ଦ୍ୱାରା ମୋର କେତେ ବଦନାମ ହଉଚି ଜାଣିଚ ?

Source: Author, Digitized by PPRACHIN, SOA

ସୁବ୍ରତ : ବର୍ତ୍ତମାନ ଯୋଉ ବାଟରେ ପାଦ ଦେଇଚ ଆଉ ସେଇଠୁ ଫେରି ଆସିବାର ବାଟ ନାହିଁ ବାପା, କାରଣ ଲୁସିର ଦରକାର ପ୍ରଚୁର ଟଙ୍କା ଆଉ ଏ ସବୁ ଗୈର କାରବାର ନ କଲେ ଦରକାରୀ ପଇସା ଆସି ପାରିବ ନାହିଁ ।

କିଶୋର : ମୁଁ ଏଗୁଡ଼ା ଆଦୌ ପସନ୍ଦ କରେନା । ସୋସାଇଟିରେ ମୋର ଗୋଟେ ପ୍ରେଷ୍ଟିଜ୍ ଅଛି—ଆଭିଜାତ୍ୟ ଅଛି, ମୋର ଝିଅ ହେଇ ଲୁସି କାହିଁକି ଯେ ଏସବୁ କରୁଚି ମୁଁ କିଛି ବୁଝିପାରୁନି । ମୁଁ ଭାବୁଚି ଆଜି—ଏଗାରଟା ଫ୍ଲାଇଟରେ ଦିଲ୍ଲୀ ଚାଲିଯିବି ଆଉ ତମ ପାଇଁ ଗୋଟାଏ ଇଣ୍ଡଷ୍ଟ୍ରି ନ ହେଲେ କାରଖାନା କରେଇ ଦେବାର ବ୍ୟବସ୍ଥା କରିବି ! ହୁଁଃ ! କିଶୋର ଭଞ୍ଜର ଝିଅ ହୋଇ ଗୈର କାରବାରରେ ଲିପ୍ତ !! ନନ୍‌ସେନସ୍ !

(ସେ ରାଗି ଚାଲିଗଲେ ସେଇଠୁ)

ସୁବ୍ରତ : ହୁଁଃ ! ଶ୍ୱଶୁର ଯଦି ଧନୀ ହୁଅନ୍ତି ତା'ହେଲେ ଜୋଇଁଙ୍କୁ ଏମିତି ଭାଷଣ ଦେବେ ନିଶ୍ଚୟ ! କିନ୍ତୁ ମୁଁ କ'ଣ କରିବି ? ନା ସ୍ୱାମୀକୁ କିଛି କହିପାରିବି ନା ଲୁସିକୁ !! ହୁଁଃ !! (ଚାଲିଗଲେ)

(ପ୍ରବେଶ କଲେ ଲୁସି ଓ ସାଗର । ସାଗର ଖୁବ୍ ଭଲ ପୋଷାକ ପିନ୍ଧିଛି ।)

ଲୁସି : ସାଗର ତମେ ମୋ' ପ୍ରସ୍ତାବରେ ରାଜି ହେଇଯାଅ । ମୁଁ ତମକୁ ଅନେକ ଟଙ୍କା ଦେବି···ପ୍ଲିଜ୍···

ସାଗର : କିନ୍ତୁ···

ଲୁସି : ଏଥିରେ 'କିନ୍ତୁ' ରଖିବାପାଇଁ କିଛି ନାହିଁ । ମୋ ବାପାଙ୍କର ଅଜସ୍ର ସମ୍ପତ୍ତି । ଖଣ୍ଡେ ଗାଡ଼ି ପାଇଁ ତମକୁ ରାସ୍ତା କଡ଼ରେ ବୁଲିବା ପାଇଁ ଆଉ ପଡ଼ିବନି ।

ସାଗର : କିନ୍ତୁ ତମର ଡାକ୍ତର ସ୍ୱାମୀ !

ଲୁସି : ସେଇଟା ଗୋଟାଏ hopeless କ୍ୟାରେକ୍ଟର ! ଯେତେ ଗଢ଼ିଲେ କ'ଣ ହବ ? ହତାଶ କରୁଛି, ଏମିତି କି ତା' ଦେହଟା ବି ପରିଷ୍କାର ନୁହେଁ···ମଇଳା ଗେଞ୍ଜି ପିନ୍ଧିବ···ଭଲଭାବେ ଦାନ୍ତ

Source: Author, Digitized by PPRACHIN, SOA

ଘଷିବନି—ଦେହରୁ ଝାଳ ଗନ୍ଧ···Shabby idiot ! ଦୁଃଖ କ'ଣ ଜାଣିଚ ସାଗର ! ତମେ ଆଜ ଗରୀବ ହେଇଯାଇ ସୁଦ୍ଧା ତମ ଦେହରେ ଆଭିଜାତ୍ୟର ପ୍ରଲେପ ଅଛି—ଆଉ ତାକୁ ଧନୀ କରେଇଲେ ସୁଦ୍ଧା ତାଠୁ ସେଇ ବସ୍ତି ଅଞ୍ଚଳର ଗନ୍ଧ ବାହାରୁଛି ।

ସାଗର : ମୁଁ କନୁ ଦଶବର୍ଷ ଧରି ବିବାହିତ—ସନ୍ତାନର ପିତା ।

ଲୁସି : ଠିକ୍ ଅଛି ! ତମେ ପ୍ରେମ କରି ଯେତେବେଳେ ବାହା ହେଇଚ ସେଇ ଝିଅଟାକୁ ଛାଡ଼ିଦେବା ପାଇଁ ମୁଁ ତୁମକୁ କହୁନାହିଁ, ସେମାନଙ୍କୁ ସେଇଠୁ ନେଇଆସି ଗୋଟାଏ ଭଲ ଘରେ ରଖିଦିଅ । ଆଉ ତମେ ଚାଲିଆସ ଆମେ ଲିଙ୍କ୍‌ରୋଡ଼ର ସେଇ ନୂଆ କୋଠାରେ ରହିବା । ତମେ ସେମାନଙ୍କ ପାଖକୁ ଟଙ୍କା ପଠେଇ ଦେବ ।

ସାଗର : ମୁଁ ଆଶ୍ଚର୍ଯ୍ୟ ହଉଚି ଲୁସି, ତମେ ଏଇ ପ୍ରଲୋଭନର ହାତ ମୋ' ଆଡ଼କୁ କାହିଁକି ବଢ଼େଇଚ ? ତମର କଣ ଅଭାବ ? ବାପାଙ୍କର ଅଗାଧ ସମ୍ପତ୍ତି···ସୁସ୍ଥ ସବଳ ଶିକ୍ଷିତ ସ୍ୱାମୀ ।

ଲୁସି : ତମେ ବୁଝିପାରିବ ନାହିଁ । କେମିତି ବୁଝେଇବି ତମକୁ ? ଗୋଟାଏ ନାରୀ କ'ଣ ଚାହେଁ ତା କ'ଣ ତୁମେ ଜାଣିପାରୁନା ସାଗର ? ମୁଁ ବି ଆଜ ତମକୁ ସେଇ ପ୍ରଶ୍ନ ପଚାରୁଛି ।

ସାଗର : କୋଉ ପ୍ରଶ୍ନ ?

ଲୁସି : ତମ ବାପାଙ୍କର ତ ଅଗାଧ ସମ୍ପତ୍ତି ଥିଲା । ତମେ କାହିଁକି ସେଥିରେ ସନ୍ତୁଷ୍ଟ ହୋଇପାରିଲ ନାହିଁ ? କାହିଁକି ଫୁଟ୍‌ପାଥ୍‌ର ଏକ ଦରିଦ୍ର ଜୀବନକୁ ତମେ ବରଣ କରିନେଲ ?

ସାଗର : ମୋ' କଥା ଛାଡ଼ିଦିଅ । ମତେ ସୁଖୀ କରିବା ପାଇଁ ସେ(?)ଗଣା ପର ଘରେ ରୋଷେଇଣୀ କାମ କରୁଛି···

ଲୁସି : ସେମାନଙ୍କୁ ଛାଡ଼ିବାକୁ ମୁଁ କହୁନାହିଁ । ମୁଁ କହୁଚି (ହସିଲା) ବୋଧହୁଏ ବିନା ନିଶାରେ ମୁଁ ତମକୁ ମୋ' ମନ କଥାଟା କହି ପାରିବିନି···ମୁଁ ଟିକିଏ ଜିନ୍ (Gin) ପିଉଛି···(ଜିନ୍ ଢାଳିଲା) Do you mind having a peg or two ? Oh···Come on···(ସାଗରକୁ ଦେଲା) ବର୍ତ୍ତମାନ··· ସାଗର···ଆମେ

Source: Author, Digitized by PPRACHIN, SOA

ଯେତେବେଳେ ଦିଲ୍ଲୀରେ ପଢ଼ୁଥିଲୁ ପ୍ରାୟ ପ୍ରତି ସନ୍ଧ୍ୟାରେ ଆମେ Gin ପିଇ Boy friend ମାନଙ୍କ ସାଙ୍ଗରେ ନାଚୁଥାଉ···ଗୀତ ନାଚରେ ସନ୍ଧ୍ୟାଗୁଡ଼ିକ ମୁଖର ହୋଇ ରହୁଥାଏ···

[ଲୁସି ନାଚିବାର ଅଭିନୟ କରି ଢ଼ଳିପଡ଼ିଛି ସାଗର ଉପରେ]

ଲୁସି : ମୋ ମୁଣ୍ଡଟା କ'ଣ ହୋଇଯାଉଛି । ମତେ ଟିକିଏ ଧର···

ସାଗର : (ମୁଣ୍ଡ ଧରି) କ'ଣ ହେଲା ?

ଲୁସି : ଦେହ ଝିମ୍ ଝିମ୍ ହୋଇଯାଉଛି···ପ୍ଲିଜ୍···One kiss....just one....

ସାଗର : ଲୁସି ···(ସେମିତି ଲୁସିକୁ ଧରିଥାଏ)

ଲୁସି : ପ୍ଲିଜ୍ !

ସାଗର : ମୁଁ ସ୍ୱାମୀର ଝିଅ ପ୍ରତି ପ୍ରବଞ୍ଚନା କରିବି ।

ଲୁସି : Down with your ଝିଅଣା Hold me tight···ମତେ ଟିକିଏ ଧର···(ଲୁସି ସାଗରକୁ ଜାବୁଡ଼ି ଧରିଛି ।)

ସାଗର : ଲୁସି !!

ଲୁସି : ପ୍ଲିଜ୍···! ସାଗର ! ତମ ପାଖରେ କି ଆକର୍ଷଣ ଅଛି କେଜାଣି—ତମକୁ ଦେଖିଲେ ପ୍ରତ୍ୟେକ ନାରୀ ପାଗଳ ହୋଇଯାଆନ୍ତି—ସାଗର ! ମୋ ପାଇଁ ଗୋଟିଏ କାମ କରିଦେବ ?

ସାଗର : କୁହ । ତମେ ତ ମୋର Boss । ତମର ଆଦେଶ ପାଳନ କରିବା ମୋର ଧର୍ମ !

ଲୁସି : ବୁଲ୍‌ସିଟ୍ ! ମନେକର ମୁଁ ତମର Boss ନୁହେଁ···କେବଳ ପ୍ରେମିକା । ମନେକର ମୁଁ ଗୋଟାଏ ହୀରାର ନେକ୍‌ଲେସ୍ ମଗେଇଛି ଜାପାନରୁ···ଏବଂ ଆସନ୍ତା ତିନି ତାରିଖରେ ପାରାଦ୍ୱୀପରେ ଯୋଉ ଜାହାଜଟା ଲାଗିବ ସେଇଟାରେ ସେଇ ହୀରା ନେକ୍‌ଲେସ୍‌ଟା ଆସୁଛି । ତମକୁ ମୁଁ ଯଦି କହିବି ପାରାଦ୍ୱୀପ ଯାଇ ସେଇଟା ନେଇ ଆସିବା ପାଇଁ ତମେ କ'ଣ ଯିବନି ?

ସାଗର : ତମେ ଆଦେଶ କଲେ ନିଶ୍ଚୟ ଯିବି ।

Source: Author, Digitized by PPRACHIN, SOA

ଲୁସି : ନିଶ୍ଚୟ ? ଯେତେ ବାଧାବିଘ୍ନ ଆସୁ ପଛକେ !

ସାଗର : ତମ ପାଖରୁ ମୁଁ କମିଶନ୍ ପାଇବି । ନ ଆଣିବି କାହିଁକି ?

ଲୁସି : ସେଇଟା ଗ୍ରେଟ୍ ଜିନିଷ । ବାଟରେ ପୋଲିସ ଧରିପାରେ ।

ସାଗର : ମୁଁ ପୋଲିସ୍‌କୁ ଫାଙ୍କିଦେଇ ପାରିବି ।

ଲୁସି : ବାଃ ! ୱଣ୍ଡରଫୁଲ୍ ! ଏଇଥିପାଇଁ ମୁଁ କହେ ତମ ପାଖରେ ପୁରୁଷତ୍ୱ ଅଛି ! ତମେ ଏଇ କାର୍ଡଟା ନେଇ ସେଇଠିକି ଯିବ । କ୍ୟାପ୍‌ଟେନ୍ ଥୋମାସ୍ ସେଇଠି ତମକୁ ଅପେକ୍ଷା କରିଥିବେ । ଏଇ କାର୍ଡଟା ଦେଖେଇଲା ପରେ ସେ ତମକୁ ଗୋଟାଏ ପ୍ୟାକେଟ ଦେବେ । ତମେ ଦୟାକରି ପୋଲିସଠୁ ବଞ୍ଚେଇ ସେଇଟାକୁ ନେଇ ଆସିବ । ହେଲା ?

ସାଗର : ଠିକ୍‌ଅଛି ।

ଲୁସି : ତମେ ଯଦି ଏଇ ଅପରେଶନ୍‌ଟା ଠିକ୍‌ଭାବେ କରିପାରିବ ତା'ହେଲେ ମୁଁ ତମକୁ ମାସକୁ ଦୁଇହଜାର ଟଙ୍କା ଦରମା ଦେବି । ଆଉ ପ୍ରତି ଅପରେଶନ୍ ପାଇଁ କମିଶନ୍ ଦେବି । ମୋ' ସାଙ୍ଗରେ ଆସ—କିଛି ଟଙ୍କା ଆଡ୍‌ଭାନ୍‌ସ ନେଇଯିବ ।

(ସାଗରକୁ ନେଇ ଚାଲିଗଲା)

ସାଗର : ଠିକ୍‌ଅଛି । ସାଗର ସିଂଦେଓ ଆଜି ସ୍ମଗଲିଂ କରିବ । ରାଜପୁତ୍ର ସାଗର ଆଜି ଗ୍ରେଟ୍ କାରବାରରେ ଲିପ୍ତ । (ନିଜେ ହସିଲା) ଏ ତୋର କ'ଣ ହେଇଗଲା ସାଗର ? ଦେହର ଦାବି ପୂରଣ କରୁକରୁ ଆଜି ତୋର ଚରିତ୍ର, ତୋର ଆଦର୍ଶ ସବୁ ଧୂଳିସାତ୍ ହେଇଗଲା ? ତଥାପି ବଞ୍ଚିବାକୁ ପଡ଼ିବ । ହଁ ଆଜିର ପ୍ରତିଯୋଗୀ ସମାଜରେ ଦୌଡ଼ିବାକୁ ହେଲେ ମତେ ରଙ୍ଗ ବଦଳେଇବାକୁ ପଡ଼ିବ !

(ସାଗର ଉପରେ ପଡ଼ିଥିବା ଗୁମ୍ଫିତ ଆଲୋକ କ୍ରମଶଃ ସ୍ତିମିତ ହେଲା ସାଗରର ଆତ୍ମନିଗ୍ରହ ମୂଳକ ସ୍ୱଗତୋକ୍ତି ଭିତରେ)

[ଅନ୍ଧାର]

Source: Author, Digitized by PPRACHIN, SOA

ଦୃଶ୍ୟ-୨୪

[ସେବ୍ରଜର ଘର । ନିର୍ଜନ ଖରବେଳ । ଉଦାସ ଆଖିରେ ଝରଣା ଅନେଇଥିଲା ଶୂନ୍ୟକୁ ଏବଂ ସ୍ୱଗତୋକ୍ତି କରୁଥିଲା ।]

ଝରଣା : ଏତେ ଦିନ ହେଲାଣି, କୁଆଡ଼େ ଗଲେ କେଜାଣି ? ଏ ପର୍ଯ୍ୟନ୍ତ ଦେଖାନାହିଁ । ମୋର ପାଇଁ ତାଙ୍କର ଏ ଅବସ୍ଥା ! ସମାଜର ମୁକ୍ତ ମଣ୍ଡପରେ ଯେତେବେଳେ ବଶୁର ହବ ସମସ୍ତେ କହିବେ ମତେ ଭଲପାଇ ସିଏ ନଷ୍ଟ ହୋଇଗଲେ । (ହଠାତ୍ କାଉଟିଏ କା'-କା' କରିବା ଶବ୍ଦ) ଡାମରା କାଉ ! ତୁ' ସତରେ କଣ ଜାଣିଚୁ ତାଙ୍କର ଠିକଣା ? କହ ଡାମରା କାଉ ! ତାଙ୍କର କଛି ଅମଙ୍ଗଳ ହୋଇନିତ ? ମୋର ଡାହାଣ ଆଖିଟା କାହିଁକି ଏମିତି ଡେଉଁଚ ଯେ ? ଗଲାବେଳେ ପୁଣି କହିଦେଇ ଗଲେ—ମୁଁ ନର୍କକୁ ଯାଉଛି ।

[ବାହାରୁ ପ୍ରବେଶ କଲେ ଗଣେଶ]

ଗଣେଶ : ସେ ଟୋକା ଫେରିଲା କଲେ ?

ଝରଣା : ନାହିଁ ବାପା ! ତମେ ଟିକେ କୋଉଠି ଦେଖ ।

ଗଣେଶ : ଏତେ ବଡ଼ ସହରରେ ମୁଁ ତାକୁ କୋଉଠି ଖୋଜିବି କହୁନୁ ? ମତେ ତ ଶଳା ରାସ୍ତାଘାଟ ବି ମାଲୁମ ନାହିଁ । ତା'ଛଡ଼ା ଆଜିକାଲି ଏ ସହର ବଜାରରେ ଯୋଉ ଭିଡ଼···

ଝରଣା : ଜୋର ଜବରଦସ୍ତି ମୋ' ସାଙ୍ଗରେ ବାହା କରେଇ ତମେ ଭୁଲ କରିଚ ବାପା !

ଗଣେଶ : ଭୁଲ ! ଭୁଲ କଣ ? ଶଳା ସାଗର ଭଲ ବଂଶ ବୁନିଆଦ ଥିବା ପିଲାକୁ ବାହାକରେଇ ମୁଁ ଭୁଲ କରିଚି ? ଓହୋ···ବାପଟା ଶଳା

Source: Author, Digitized by PPRACHIN, SOA

ତମେ ଢଇଠାକୁ ଏବେ ଘରେ ପୁରେଇଲାନ ! ନ ପୁରେଇଦେବେ ! ବେଳ ଆସିବ—ବଳେ ଶଳା ଡାକାଇ’ ନବ ! ଯିବ କୁଆଡ଼େ ? ଆଚ୍ଛା···ତୋ’ ଶ୍ୱଶୁରଘରୁ ଯେ ଭୋଳା ଚାକର ଆସିଥିଲ । ଦେଖିଲୁ—ତା’ ହାତରେ ଗୋଟେ ବୁଜୁଳି ଆଉ ବ୍ୟାଗ ଥିଲ ! ନିଶ୍ଚୟ ତୋ’ପାଇଁ ପୂଜା ପାଇଁ ଶାଢ଼ୀ ଆଉ ଟଙ୍କା ନେଇ ଆସିଥିବ। ସବୁ ଦେଲାତ ?

ଝରଣା : କୋଉ ଶାଢ଼ୀ ବାପା ? କୋଉ ଟଙ୍କା ?

ଗଣେଶ : କଣ ହେଲ ? ତୁ’ କିଛି ଜାଣିନୁ ? (ମନକୁ ମନ) ବୁଝା ପଡ଼ିଗଲ ! ଠିକ୍ ବୁଝା ପଡ଼ଗଲ !

ଝରଣା : କଣ ବୁଝା ପଡ଼ିଗଲ ବାପା ? ମୁଁ ତ କିଛି ବୁଝିପାରୁନି !

ଗଣେଶ : ଆବେ ତୋ ଶ୍ୱଶୁର ଘରୁ ତୋ’ ପାଖକୁ ଯାହା ସବୁ ଆସୁଚି ତୋ’ ପାଖକୁ ମୋଟୁ ରୁ ପହଞ୍ଚୁ ନାଇଁ ।

ଝରଣା : ଶ୍ୱଶୁର ଘର ? ମୋ’ ଶ୍ୱଶୁରତ ମୋ’ ମୁହଁ ଚାହାଁ ନାହାନ୍ତି । ତାଙ୍କ ଘରୁ ମୋ ପାଖକୁ ଶାଢ଼ୀ ଆଉ ଟଙ୍କା କିଏ ପଠେଇବ ବାପା ? କାହିଁକି ବା ପଠେଇବ ? ସେମାନେ ତ ମତେ ଘୃଣା କରନ୍ତି ।

ଗଣେଶ : ଟେଟନାଟା ଜାଣିଚୁ ! କିଛି ଜାଣିନାହୁଁ । ଭୋଳା ବୋଲି ଯେଉଁ ଚାକରଟା ତାଙ୍କ ଘରେ ଚାଳିଶିବର୍ଷ ହେଲ ଅଛି ସିଏ ତ ସାଗରକୁ ଖୁବ୍ ଭଲ ପାଏ । ପ୍ରତିବର୍ଷ ତୋ’ ଶ୍ୱଶୁର ବୁଢ଼ାକୁ ଲୁଚେଇ କିଛି ଟଙ୍କା ଆଉ ଶାଢ଼ୀ ନେଇକି ଆସେ । ହେଲେ ସବୁ ବାଟମାରଣା କରିଦଉଚି ସେ ଚୈରଣୀ··· ! ସେ ଚଣ୍ଡୀ ! ତୋ’ ଶାଉଡ଼ି !

[ହଠାତ୍ ପଶିଆସିଲ ଚପଳା । ଦୁଇଜଣ ଯାକଙ୍କୁ ଏକାଠି ଦେଖି ରାଗରେ ଗରଗର ହେଲ ଓ କଡ଼ା ଶାସନ ସ୍ୱରରେ ପଚାରିଲ—]

[ପ୍ରବେଶ କଲ ଚପଳା]

ଚପଳା : କ’ଣ ହେଲ ? ମୋ’ ନାଁରେ ଏଇଠି କ’ଣ ସବୁ ପୂଜାପାଠ ତର୍ପଣ ଚାଲିଚି ?

Source: Author, Digitized by PPRACHIN, SOA

ଗଣେଶ : ବୋହୂ !

ଚପଳା : ବାପା ସବୁବେଳେ ମତେ କହନ୍ତୁ ଚପଳ ! ଆରେ ଚପଳା—! ଭଲେ ଯେତେ ଦେଲେ କ'ଣ ହବ ତୋ' ଶ୍ୱଶୁରର ପେଟ ପୁରୁନ... କୋଉଦିନ ତୋର ପ୍ରଶଂସା କରିବେନି ସେମାନେ ! ବର୍ତ୍ତମାନ ବୁଝୁଚି ବାପାଙ୍କ କଥା ସତ !

ଗଣେଶ : କଣ କହିଲୁ ? କ'ଣ କହିଲୁ ?

ଚପଳା : ମୁଁ କହୁନି ମ ! ବାପା, ମାନେ ତମର ସମୁଧି କୁହନ୍ତି—କୁକୁର ଲାଞ୍ଜକୁ ଯେତେ ସିଧା କଲେ ସିଏ କଣ ସିଧା ହବ ?

ଗଣେଶ : ତା'ମାନେ ମୁଁ କ'ଣ ଗୋଟେ କୁକୁର ?

ଚପଳା : ସେ କଥା କ'ଣ ମୁଁ କହିଲି ?

ଗଣେଶ : ଚୁପ୍ ! ଚୁପ୍ ! ଚୁପ୍‌କର । ଆଜି ତୋର ଗୋଟେ ବ୍ୟବସ୍ଥା କରୁଛି ।

ଚପଳା : ଖର୍ଚ୍ଚ ଲାଗିଲେ ଗୃହଯାଇପାର । ମୁଁ କାହାକୁ ଏଇଠିକି ନିମନ୍ତ୍ରଣ କରି ଡାକି ଆଣିନି ।

ଝରଣା : ଭାଉଜ ! ବାପା ତମର ଗୁରୁଜନ ! ତାଙ୍କୁ ଏମିତି କହିବାଟା...

ଚପଳା : ତମର ସିନା ଲାଜ ସରମ ବୋଲି କିଛି ନାହିଁ ଯେ ଭାଇ ପାଖରେ ଆସି ମୁଣ୍ଡ ଗୁଞ୍ଜୁଛ...ଆମର ପ୍ରେଷ୍ଟିଜ୍ ଅଛି ।

ଝରଣା : ଭାଉଜ !

ଗଣେଶ : ଶ୍ୱେରର ମୁହଁ ଝାଣ ! ଶଳା...ଏଇଟା ତୋ' ବାପାର ଘର କି ? ଶ୍ୱେର ?

ଚପଳା : ଶ୍ୱେର ? କିଏ ଶ୍ୱେର ? ମୁଁ କଣଟେ ଏମିତି ଶ୍ୱେଷ କରି ପଳେଇଚି ?

ଗଣେଶ : ପ୍ରତିବର୍ଷ ସେମାନେ ଆଣି ଜାମାପଟା ଦେଇ ଯାଉଛନ୍ତି ଆଉ ଦଶବର୍ଷ ହେଲି ମୋ' ଝିଅ ଛୁଣ୍ଡା କନା ପିନ୍ଧୁଛି ?

ଚପଳା : କିଏ କହିଲା ? କୋଉ ବାଡ଼ପଡ଼ା କହିଲା ଏକଥା ? କାହିଁ ସିଏ ?

ଗଣେଶ : ଜମିଦାର ଘର ଗୃହକର ଘେଲା କହିଲା ।

ଚପଳା : ହେ ଭଗବାନ ! ମୋ ନାଁରେ ପୁଣି ମିଛ ? ଅଷ୍ଟମୀ ପୂଜାରେ ମୁଁ

Source: Author, Digitized by PPRACHIN, SOA

ଖାଲି ମା'ଙ୍କୁ ଡାକୁଛୁ ! ହେ ଦୁର୍ଗା, ହେ ଚଣ୍ଡୀ, ହେ ଚାମୁଣ୍ଡା—
ମୋତେ ଯିଏ ମିଛ ମିଛ ବଦନାମ କରୁଛି ତାର ବଂଶ ବୁଡ଼ାଇଦିଅ ।

ଝରଣା : ଭାଉଜ ! ମୁହଁ ସମ୍ଭାଳି କଥାବାର୍ତ୍ତା କର !

ଚପଳା : କ'ଣ କହିଲ ? ବାପ ଝିଅ ମିଶି ମୋ' ଉପରେ ଅତ୍ୟାଚାର କରୁଚ ? ନିର୍ଯ୍ୟାତନା ଦଉଚ ? ମୁଁ ତମ ବାପ'ଙ୍କ ନାଁରେ କେଶ୍ କରିବି !

ଗଣେଶ : ଯାଃ ଶଳା, ଗାଁରୁ ମଣିଷ ଟିକେ ସହରକୁ ଆସିଥିଲି, ଶାନ୍ତିରେ ରହିବା ପାଇଁ···ଏଠି ଦେଖିଲି ବେଳକୁ ଖାଲି କେଁ କଟର ? ଏଣେ ସହରରେ ଠକାଙ୍କୁ ଶଳା ଏଡ଼ିକଟିଏ ପୁଡ଼ିଆ ଗଞ୍ଜେଇ ଏଥିରେ ମଣିଷ ବଞ୍ଚିବ କମିତି ?

ଚପଳା : ଯଦି ଏଠି ଖରାପ ଲାଗୁଚି ଯାଉନା ତମ ଗାଁକୁ ?

ଗଣେଶ : ଶଳା, ତୁ କିଏ କହିବାକୁ ମତେ ଘରକୁ ଯିବାପାଇଁ··· ହଇ ଶଳା ପୁଅକୁ ମୁଁ ତୋ' ସାଙ୍ଗରେ ବାହା କରେଇଚି ! କମିତି ତୋର ତେର ଲାଗିଗଲା ଯେ ତୋ' ଶଶୁରକୁ ଘରୁ ବିଦା କରିଦବୁ ? ଆଜି ସେ ଶଳା ସରୋଜ ଆସୁ !

[ଆସିଚି ସରୋଜ]

ସରୋଜ : କ'ଣ ହେଇଚି ବାପା ?

ଗଣେଶ : ଏଇଟା ତୋ ଘର ନା' ତୋ' ସ୍ତ୍ରୀର ଘର ! ଶଳା, ଯୋଉଠି ସ୍ତ୍ରୀ କଥାରେ ଘର ଚାଲେ, ସେଇଠି ଘର ଭାଙ୍ଗେ; ଜାଣିଚୁ ?

ସରୋଜ : କ'ଣ ହେଇଚି··· ?

ଗଣେଶ : ମତେ ଏ ଘରୁ ଚାଲିଯିବା ପାଇଁ ତୋ' ସ୍ତ୍ରୀ କହୁଚି··· !

ସରୋଜ : ଚପଳା !

ଚପଳା : କହିବି, କହିବି, ହଜାର ଥର କହିବି···! ମୋର କିଏ କ'ଣ କରିବ ଦେଖିବି !

ଝରଣା : ଭାଉଜ, ଇଏ ସବୁ କ'ଣ ହଉଚି ?

Source: Author, Digitized by PPRACHIN, SOA

ଚପଳା : ସବୁ ନାଟର ଗୁରୁ ତମେ···ତମେ ମୋ ସଂସାରଟାକୁ ଭାଙ୍ଗିଦେଲ !
ତମେ ଆସି ଏଇଠି ରହିବ ବୋଲି···

ଝରଣା : ଭଉଜ !

ଚପଳା : ଭଲରେ ଭଲରେ କହୁଚି ଏଣିକି ତୁମ ରାସ୍ତା ତମେ ଦେଖ !
ନ ହେଲେ କିଛି ଭଲ ହବନି ! [ଦୁମ୍ ଦୁମ୍ ହୋଇ ଚାଲିଗଲା]

ଗଣେଶ : ହଇରେ, ଏଇଟାର ମୁହଁଟାକୁ ଏତେ ବଢ଼େଇ ଦେଇଚୁ କଣ ?
ଚୁପ୍···ଚୁପିଦେ ! ନ ଚୁପିଲେ ପଛରେ ପସ୍ତେଇବୁ ବେଟା !
ସେତେବେଳେ ଆଖିରୁ ତୋର ଲୁହ ଗଡ଼ିଲେ ବି ଲୁହ ପୋଛିବାକୁ
କେହି ନଥିବେ ! ଗୁଡ଼, ଦେଲୁ ଦଶଟା ଟଙ୍କା, ଦେଲୁ, ଟିକେ
ବଜାରଆଡ଼େ ବୁଲିଆସେ ।

ସରୋଜ : ଚାଲ ବାପା, ମୁଁ ଦଉଚି···[ଗଣେଶ ଚାଲିଯାଇଚି]

ଝରଣା : ଭାଇ, ଏପାଖରେ ତମ ଘରସଂସାର, ଅନ୍ୟ ପାଖରେ ଆମର
ଦାରିଦ୍ର୍ୟ···ମୁଁ ପାଗଳ ହୋଇଯିବି ଭାଇ···ପାଗଳ ହୋଇଯିବି !

(ଚାଲିଗଲା)

ସରୋଜ : ଛି ! ଛି ! ଝରଣା ! ତୁ' ଚିନ୍ତା କରନା । ମୁଁ ଯୋଉଯାଏଁ ଅଛି—
ତୋ' ଭଉଜ ତୋର କିଛି କରିପାରିବ ନାହିଁ । ଆଜି ଦେଖିବୁ—
ଯା' ଭିତରେ ନିଶ୍ଚୟ ମୁଁ ସାଗରର ସନ୍ଧାନ ପାଇବି ଆଉ ଆମ
ଅବସ୍ଥା ସୁଧୁରି ଯିବ ।

[ସରୋଜ ଭଉଣୀ ଝରଣାକୁ ସାନ୍ତ୍ୱନା
ଦେଲାବେଳେ ମଞ୍ଚ ଅନ୍ଧାର]

———

Source: Author, Digitized by PPRACHIN, SOA

ଦୃଶ୍ୟ-୧୪

[ହୋଟେଲ ମିରାଣ୍ଡାର ଲଉଞ୍ଜ । ପ୍ରବେଶ କଲେ ଲୁସି ଓ ପ୍ରତାପ । ସେଦିନ ଥାଏ ଲୁସିର ଜନ୍ମଦିନ]

ପ୍ରତାପ : ଲୁସି, ତମର ବାର୍ଥ-ଡ଼େ ନିଜ ଘରେ ବ୍ୟବସ୍ଥା ନକରି ହୋଟେଲ ମିରାଣ୍ଡାରେ କାହିଁକି ବ୍ୟବସ୍ଥା କଲ ।

ଲୁସି : ଘରେ ମଣିଷ କଣ ଏତେ ଫ୍ରି ହୋଇପାରିବ ? ହୋଟେଲ-ମାନଙ୍କରେ ଘର ଅପେକ୍ଷା ଫ୍ରିଡ଼ମ୍ ବେଶି ଅଛି । ହଁ ପ୍ରତାପ, ଏଠି ତମେ ମୋ ସହିତ ଶେଷ ପର୍ଯ୍ୟନ୍ତ ରହିବ ।

ପ୍ରତାପ : କାହିଁକି ?

ଲୁସି : ତମେ ତମର ସେଯ୍ୟାର୍ଥା ମୋ'ଠୁ ନେବନିନା କଣ ? ତମ ଦଶଲକ୍ଷ ଟଙ୍କାଟା !

ପ୍ରତାପ : ହଁ, ମୁଁ ତ ସେଇକଥା କହିବାକୁ ଚାହୁଁଥିଲି···

ଲୁସି : ପ୍ରଥମେ ଡ୍ରିଙ୍କସ୍ ! ତା'ପରେ ଡ୍ୟାନସ୍···ତା'ପରେ ଶେଷକୁ ବିଜନେସ୍···ଓକେ ? ବେହେରା ! ବେହେରା···!!

ବେହେରା : ମେମ୍‌ସାବ··· ! (ବେହେରା ଗ୍ଲାସ ଓ ମଦ ନେଇ ଆସିଛି)

ଲୁସି : ସେଇଠି ରଖ···ହଁ ବେହେରା ! ତମ ମ୍ୟାନେଜରକୁ କହିଦବ··· କେତେଜଣ ବାବାଜୀ କୀର୍ତ୍ତନକରି ଏଠିକି ଆସିବେ···କାରଣ ଡିସ୍କୋ ବଦଳରେ ମୁଁ ଆଜି କୀର୍ତ୍ତନ କରିବାକୁ ସେମାନଙ୍କୁ ନିମନ୍ତ୍ରଣ କରିଛି ।

ବେହେରା : ଠିକ୍ ଅଛି ମେମ୍ ସାହେବ···(ଚାଲିଯାଇଛି)

Source: Author, Digitized by PPRACHIN, SOA

ପ୍ରତାପ : ଏଠି ପୁଣି କୀର୍ତ୍ତନର ବ୍ୟବସ୍ଥା ? ଆଉ କିଛି ଘଟଣା ଘଟିବାର ଅଛି ନା କ'ଣ ?

ଲୁସି : ମୂର୍ତ୍ତିଟା ଆସିବ ସେମାନଙ୍କ ଗହଣରେ ପୋଲିସ ଆଖିକୁ ଫାଙ୍କିଦେଇ । ତା'ପରେ ସେଇଟା ବିଦେଶକୁ ଚାଲାଣ ହବ । ନିଜ ଘରେ କଣ ସମ୍ଭବ ହୋଇ ପାରିଥା'ନ୍ତା ?

ପ୍ରତାପ : ସତରେ ଲୁସି, ତମକୁ ମୁଁ ତାରିଫ ନକରି ରହିପାରୁନି । ଇଏତ ଖାଣ୍ଟିମେତ ଆଲିବାବା ଚାଳିଶ ଚୋରର କାହାଣୀ ପରି ଲାଗୁଛି ।

ଲୁସି : ଓଃ ! ଡୋଣ୍ଟ୍ ୱେଷ୍ଟ୍ ଟାଇମ୍ ! (ଠିପିଖୋଲି···ଗ୍ଲାସ୍ ଧରି) ଚିଅରସ୍ ! (ସେମାନେ ପିଇଲାବେଳେ ଆସିଛି ସୁବ୍ରତ)

ସୁବ୍ରତ : କ'ଣ ତମର ପର୍ବ ଶେଷ ହେଲା ନା ଆରମ୍ଭ ହଉଛି ?

ଲୁସି : ହୁଁ ! ହଲି ହଲି ଆସି ଏତେ ବିଳମ୍ବରେ ହେଉଥିଲ ନା ? ଠିକଏ ହେଲେ ସମସ୍ତ ଜ୍ଞାନ ନାହିଁ । ନଅ···ଡ୍ରିଙ୍କସ୍ ନଅ !

ସୁବ୍ରତ : ଥ୍ୟାଙ୍କସ ! (ନିଜେ ମଦ ଢାଳି ପିଇଲା)

ଲୁସି : ବୁଝିଲ ପ୍ରତାପ ! ଆଇ ଡୋଣ୍ଟ୍ ଲାଇକ୍ ଦିସ୍ ଫେଲୋ । କିନ୍ତୁ କ'ଣ କରିବ ? ଲୋକ ଦେଖାପାଇଁ ତ ଗୋଟେ ସ୍ୱାମୀ ଦରକାର··· ସେଥିପାଇଁ ମୁଁ ତାଙ୍କୁ ରଖିଛି ।

ସୁବ୍ରତ : ଲୁସି ! ମଦ ପିଇଲା ପରେ କେଉଁଠି କମିତି କଥାବାର୍ତ୍ତା କରାଯାଏ ସେଇଟା ତମର ଜାଣିବା ଉଚିତ୍ !

ଲୁସି : ଓଃ ! ଭୁଲ କରିଦେଲିନା ? ସରି !

(ଦୂରରୁ କୀର୍ତ୍ତନ ଶୁଣାଗଲା···ଓ କୀର୍ତ୍ତନ ମଣ୍ଡଳୀ ଆସିଲେ···ସାଙ୍ଗରେ ବେହେରା)

ବେହେରା ହଲ୍‌ର ଦୁଆରଟା ବନ୍ଦ କରିଦେଇ ବାହାରେ ବସିବୁ··· କାହାକୁ ପୁରେଇବୁନି ମୋ ଅନୁମତି ବିନା···! ହଁ ଜଣେ କାବୁଲିବାଲା ଆସିବ । ପୁରେଇଦବୁ ! ମୁଁ ତାକୁ ନିମନ୍ତ୍ରଣ କରିଛି । ହେଲା···?

ବେହେରା : ଜୀ ମେମ୍ ସାହେବ ।

(କୀର୍ତ୍ତନ ହେଉଛି···ଓ କୀର୍ତ୍ତନ ମଣ୍ଡଳୀର

Source: Author, Digitized by PPRACHIN, SOA

ସମସ୍ତେ ଆଲଖାଲ୍ଲ ଖୋଲିଦେଇ ନାଚଲେ ।
ଲୁସି, ପ୍ରତାପ ଓ ସୁବ୍ରତ ନାଚନ୍ତି
ସେମାନଙ୍କ ଚହଣରେ । ପରେ ଆସି ପହଞ୍ଚନ୍ତି
କାବୁଲିବାଲା...)

ଜୁଲି : ବର୍ତ୍ତମାନ ଆସିଲ ?

କାବୁଲି : ୟେସ୍ !

ଜୁଲି : ଟଙ୍କା ।

କାବୁଲି : ପୁରା ପଚାଶ ଲକ୍ଷ ଅଛି ଅଖାଟା ଭିତରେ । ମାଲ୍ କାହିଁ ?

ଜୁଲି : ରାଧେକିଷ୍ଟ...! ମାଲଗୁଡ଼ା ଦେଇଦିଅ—

(ରାଧେକୃଷ୍ଣ ମୃଦଙ୍ଗ ଭିତରୁ ରାଧେକିଷ୍ଟ ମୂର୍ତ୍ତି
ଓ କୁବୁଜି ଭିତରୁ ଚରସ ଆଦି ବାହାରକରି
ଦେଇଦେନ୍ତି... । କାବୁଲି ତାକୁ ତା' ଝୁଲିରେ
ପକେଇ ନେଇଯାଇଛି)

ତମେ ଏ ଅଖାଟା ନେଇ ବର୍ତ୍ତମାନ ଘରକୁ ଯାଅ—ସାଙ୍ଗରେ ତମେ ସବୁ ଯାଅ—ମୁଁ ଟିକେ ପରେ ଯାଉଛି ।

ରାଧେ : ଆମମାନଙ୍କ କମିସନ...

ଜୁଲି : ମୁଁ ପରେ ହିସାବକରି ଦେଇଦେବି ।

ପ୍ରତାପ : ଲୁସି ! ମୋ' ଟଙ୍କାଟା ?

ଲୁସି : ତମର କେତେ ଟଙ୍କା ?

ପ୍ରତାପ : ଦଶଲକ୍ଷ ।

ଲୁସି : ବର୍ତ୍ତମାନ ମୁଁ ତମକୁ ପାଞ୍ଚଲକ୍ଷ ଦେବି । ବଳକା ଟଙ୍କାଟା ତିନିଦିନ ପରେ । ପାରାଦ୍ଵୀପରେ ଜାହାଜଟା ଲାଗିଲେ ମୋର ଗୋଟାଏ ଜିନିଷ ସେଇଥିରେ ଆସିବ । ମୁଁ ସାଗରକୁ ପଠେଇଛି । ଜିନିଷଟା ଆସିଗଲେ ତମେ ଟଙ୍କା ପାଇଯିବ । ଓ କେ ?

ପ୍ରତାପ : ଓ. କେ ! ଆଚ୍ଛା, ଏଇ ସାଗର ଟୋକାଟି କିଏ ?

Source: Author, Digitized by PPRACHIN, SOA

ଲୁସି : ସାଗର ? ହଁ ସାଗର ! ପାରାଦ୍ୱୀପରେ ସମୁଦ୍ର ଅଛି, ତେଣୁ ସଏ ଯିଏ ହେଉନା କାହିଁକି—ତା' ନାଁ ସାଗର ହେବା ଉଚିତ ।

(ହସିଲା)

ପ୍ରତାପ : ଠିକ୍ ଅଛି ଟଙ୍କାଟା ପରେ ମିଳିଲେ ଚଳିବ ! ବର୍ତ୍ତମାନ ତ ଲୁସି ମୋ' ପାଖରେ ! ନା' କ'ଣ ?

ଲୁସି : ଆଉ ଟିକେ ପିଇବ ?

ପ୍ରତାପ : ଯଦି ତମେ ପାଖରେ ରହିବ !

ଲୁସି : ମୁଁ ପାଖରେ ରହିଲେ କ'ଣ ହେବ ?

ପ୍ରତାପ : କ'ଣ ହବ ! ସବୁ ହବ, ଯାହା ଚାହିଁଲେ ତାହା ହବ !

ଲୁସି : ପ୍ଲିଜ୍ ପ୍ରତାପ ! ତମେ ମୋ' ଦୁର୍ବଳତାଟା ଜାଣିଚ···ତେଣୁ ବର୍ତ୍ତମାନ ମତେ ତମ ସାଙ୍ଗରେ ପିଇବା ପାଇଁ ବାଧ୍ୟ କର ନାହିଁ । ମୁଁ ବରଂ ଆସୁଚି । ସୁବ୍ରତ ଟଙ୍କା ନେଇ ଘରକୁ ଗଲଣି । ତମେ ପରେ ଆସ । ଆମେ ବରଂ ଦୁଇ ଗୃହବଧୂ ପାଇଁ ପୁରୀ ଚାଲିଯିବା, ସେଇଠି ହୋଟେଲ୍ ନେଇ ଏକାଠି ରହିବା ଆଉ···

ପ୍ରତାପ : ବୁଝିଗଲି, ବୁଝିଗଲି । ମାନେ···ଇତ୍ୟାଦି ଇତ୍ୟାଦି କରିବା···

[ଲୁସି ହସି ହସି "ବାଏ" କହି ଚାଲିଗଲା]

ପ୍ରତାପ : ସାଗର ! ଏଇ ସାଗର ଚରିତ୍ରଟି ଆମ ଭ୍ରାତୃଦେବ ନୁହନ୍ତି ତ ! ସିଏ କେମିତି ଏଇ କମ୍ପାନୀରେ ପହଞ୍ଚିଗଲେ ? ଯଦି ପହଞ୍ଚିଲେ ତାଙ୍କୁ ଠିକଣା ଜାଗାରେ ଆମେ ବି ପହଞ୍ଚେଇ ଦେବା । ତା' ହେଲେ ଆଜି ସ୍ୱତନ୍ତ୍ର ପାରାଦ୍ୱୀପ ଭ୍ରମଣରେ ଚାଲେ ହୁଅନ୍ତା । ପାରାଦ୍ୱୀପରେ ଭଲ ଶଙ୍କୁଡ଼ି ! ଆଉ ସାଗରଟା ଶଙ୍କୁଡ଼ିମାନଙ୍କ ଭିତରେ ସବୁଠୁ ଭଲ ! ହା-ହା-ହା-ହା-ହା—

[ପ୍ରତାପ ମଦ ପିଉ ପିଉ ଅନ୍ଧାର]

Source: Author, Digitized by PPRACHIN, SOA

ଦୃଶ୍ୟ-୨୭

[ଚାନ୍ଦିପୁର ବନ୍ଦର । ଜାହାଜ ଲାଗିଛି ସେଇଠି । ମଞ୍ଚ ଉପରେ ଓଭର କୋଟ୍ ଓ ଫେଲ୍ଟ କ୍ୟାପ ପିନ୍ଧି ସେଇଠି ଠିଆ ହୋଇଥିଲା ସାଗର । କ୍ୟାପ୍ଟେନ୍ ଥୋମାସ୍ ଜାହାଜରୁ ଓହ୍ଲାଇ ଗୋଟାଏ ପ୍ୟାକେଟ ଦେଲେ ସାଗରକୁ । ପ୍ୟାକେଟ ଦେବା ପୂର୍ବରୁ ଦେଖାଯିବ ସାଗରର ଅଜ୍ଞାତରେ ଆଉ ଗୋଟାଏ ଗ୍ୟାଙ୍ଗ୍ ଆସି ସେଇଠି ଲୁଚି ରହିଥିବେ । କ୍ୟାପ୍ଟେନ୍ ଥୋମାସ ଓ ଜାହାଜର ଦୃଶ୍ୟ ଉଭେଇଗଲା । ପରେ ସାଗର ପ୍ୟାକେଟ ନେଇ ପଛକୁ ବୁଲିଲା ବେଳକୁ ଦୁଇଜଣ ଗୁଣ୍ଡା ଆସି ରାସ୍ତା ଅଟକେଇଲେ ।]

୧ମ ଗୁଣ୍ଡା : ହାତରେ ଯାହା ଅଛି ଦେଇଦିଅ !

୨ୟ ଗୁଣ୍ଡା : (ଛୁରୀ ଦେଖାଇ) ହୁଁ !

ସାଗର : କିଏ ତମେ ?

୨ୟ ଗୁଣ୍ଡା : ତୋ' ବାବା !

ସାଗର : ସଟ ଅପ୍ !

୧ମ ଗୁଣ୍ଡା : ଚକରା ! ଏଇଟାକୁ ଠଣ୍ଡା କରିଦେଲୁ !

[ସେମାନେ ସାଗର ଉପରେ ଆକ୍ରମଣ କଲେ । ସେମାନଙ୍କ ସହିତ ସାଗରର ଧସ୍ତା ଧସ୍ତି ଓ ଫାଇଟିଙ୍ଗ୍ ଭିତରେ ସାଗର ସେମାନଙ୍କ କବଳରୁ ଖସି ଚାଲି ଯାଉଥିଲା ବେଳେ ପୋଲିସ ଆସି ରାସ୍ତା ଅଟକେଇଲା ପିସ୍ତଲ ଦେଖାଇ ।]

ପୋଲିସ : ହ୍ୟାଣ୍ଡସ୍ ଅପ୍ !

Source: Author, Digitized by PPRACHIN, SOA

ସାଗର : (ସ୍ତବ୍ଧ ହୋଇ ଠିଆ ହେଲା)

ପୋଲିସ୍ : (ପ୍ୟାକେଟ ଛଡ଼ାଇ) ୟୁ ଆର୍ ଅଣ୍ଡର ଆରେଷ୍ଟ ! ଚାଲ !

[ପୋଲିସ ହାତକଡ଼ି ଲଗାଇଲା ବେଳେ]

ସାଗର : ଚାଲନ୍ତୁ ଇନସ୍ପେକ୍ଟର ସାହେବ । ଜମିଦାର ରମନାରାୟଣର ଏକମାତ୍ର ପୁଅ ଆଜି ବଞ୍ଚିବା ପାଇଁ ଦି ମୁଠା ଭାତ ଯୋଗାଡ଼ କରି ପାରିଲାନି ବୋଲି ଅପରାଧ ଜଗତକୁ ଧସେଇ ପଶିଛି । ବାଣୀବିହାରର କୃତିଛାତ୍ର ସାଗର ଆଜି ଅପରାଧୀ । ଆଜି ତାକୁ ହାତକଡ଼ା ପିନ୍ଧି ହାଜତକୁ ଯିବାକୁ ପଡୁଛି । (ହସିଲା ପାଗଳଙ୍କ ଭଳି । ପୋଲିସ ତାକୁ ନେଇ ଚାଲିଗଲା)

(ପରେ ପରେ କୌଣସି ଏକ ଲୁଚିବା ସ୍ଥାନରୁ ପ୍ରତାପ ଓ ଦୁଇଜଣ ଗ୍ୟାଙ୍ଗ୍ ଲୋକ ରାଜା ଆଉ ଜାନି ପ୍ରବେଶ କଲେ ।)

ପ୍ରତାପ : ରାଜା ! ଜାନି ! ଏଇ ଲୋକଟାକୁ ଦେଖୁଛ ? ସିଏ ବର୍ତ୍ତମାନ ଏଇବାଟ ହୋଇ ଯିବ । ତମର କାମ ହେଲା ତାକୁ ଫଲୋ କରିବ । ମୁଁ ପୋଲିସରେ ଖବର ଦେଇଥିଲି ବୋଲି ଲୋକଟା ଧରା ପଡ଼ିଗଲା । ଆସ ।

(ପ୍ରତାପ ଗୋଟାଏ ପଟେ ଓ ରାଜା/ଜାନି ଆଉ ଗୋଟାଏ ପଟେ ଚାଲିଗଲେ)

Source: Author, Digitized by PPRACHIN, SOA

ଦୃଶ୍ୟ-୨୭

[ରାମନାରାୟଣଙ୍କ ଘର । ରାମନାରାୟଣ ବର୍ତ୍ତମାନ ଅର୍ଦ୍ଧ ପାଗଳ ।]

ରାମ : ହା-ହା-ହା-ହା-ହା । କାହାନ୍ତି ? କାହାନ୍ତି ପ୍ରଭୁ ରାଧାକୃଷ୍ଣ ? କୋଉଠି ହଜିଗଲେ ସିଏ ? ହଜିଗଲେ ଯେ ହଜିଗଲେ—ଆଉ ତାଙ୍କର ଦେଖାନାହିଁ । ପ୍ରଭୁ ! ଏ ପୃଥିବୀରେ ଏତେ ପାପ ହଉଚି —ତଥାପି ସେ ପାପୀମାନଙ୍କୁ ତମେ ଉଦ୍ଧାର କରୁଛ ପ୍ରଭୁ । ମୁଁ ତମର ନାମ ସଂକୀର୍ତ୍ତନ କରଉଥିଲି ଆଉ ତମେ ସେଇ ସଂକୀର୍ତ୍ତନ ଭିତରେ କୁଆଡ଼େ ହଜିଗଲ ଯେ ଆଉ ତମର ଦର୍ଶନ ମିଳୁ ନାହିଁ । ମୁଁ କ'ଣ ସତରେ ଏତେବଡ଼ ପାପୀ ? ପ୍ରଭୁ ! (କାନ୍ଦିଲେ) ତମକୁ ଖୋଜିବା ପାଇଁ ମୁଁ କୋଉ ପୋଲିସକୁ ଡାକିବି ? ହାଲେ, ପୋଲିସ ଷ୍ଟେସନ୍ ! ହିଂ ହିଂ ହିଂ !! ନୋ ଗୁଡ଼୍ଗାଇ ! ହାଲୋ ! ପୋଲିସ ଷ୍ଟେସନ ! ମୁଁ ମୋର ରାଧାକୃଷ୍ଣ ମୂର୍ତ୍ତିଟାକୁ କୋଉଠି ହଜେଇ ଦେଇଚି କହି ପାରିବେ ? ହା-ହା-ହା···କହି ପାରିବେ ନାହିଁ ? ମୁଁ ଜାଣେ କେହି କହି ପାରିବେ ନାହିଁ । ବୋଧହୁଏ ପ୍ରଭୁ ମୋର ହୃଦୟର ମନ୍ଦିର ଭିତରୁ ଉଭେଇଗଲେ । ଯେମିତି ଉଭେଇ-ଗଲା ସାଗର···ଯେମିତି ଉଭେଇଗଲା ଶକୁନ୍ତଳା···ସମସ୍ତେ··· ସମସ୍ତେ ଉଭେଇ ଯିବେ—ଜମିଦାର ରାମନାରାୟଣ···ତୋ' ଘରୁ ଲକ୍ଷ୍ମୀ ଚାଲିଗଲେ···

ମାୟା : (ଦୌଡ଼ି ଆସିଲେ) ଭାଇ ! ଭାଇ !

ରାମ : ଏଁ ! କିଏ ? ମାୟା !

ମାୟା : ତମେ କାହା ସାଙ୍ଗରେ କଥାବାର୍ତ୍ତା ହଉଥିଲ କି ଭାଇ ! କାଇଁ କିଏ ତ ନାହାନ୍ତି ?

Source: Author, Digitized by PPRACHIN, SOA

ରାମ : ନିଜ ସାଙ୍ଗରେ କଥାବାର୍ତ୍ତା ! ନିଜ ଆତ୍ମା ସହିତ ସଂଳାପ ବନମସ୍ତୁ ।

ମାୟା : ଏ ତୁମର କ'ଣ ହେଇଗଲା ଭାଇ । (ହଠାତ୍ କାନ୍ଦିଲେ) ଏ ମୋ' ଭାଇଟାର କ'ଣ ହେଇଗଲା ଲୋ···ମୋ' ଭାଇ···ଭାଇଟା ମୋର ପାଗଳ ହେଇଗଲା ଲୋ—

ରାମ : ମାୟା ! ତୁ' ଯା'—ତୋ' କାମରେ ! ମତେ ବିରକ୍ତ କରନା କହୁଚି !

ମାୟା : କେମିତି ଚୁପ୍‌ରହିବି ଭାଇ ? ତମକୁ ଛାଡ଼ି ଦେଇ କେମିତି ଚୁପ୍‌ରହିବି କୁହ । ଆରେ ହେ ପ୍ରତାପ··ଆରେ ବାବା କୁଆଡ଼େ ଗଲୁ ତୁ'···? ଟିକିଏ ଆ' ଏଇଠିକି !

(ପ୍ରତାପ ଆସିଚି)

ମାୟା : (ପ୍ରତାପ ଆସିଲା ପରେ) ଡାକ୍ତରକୁ ଡାକିଲୁ ନା ନାହିଁ ବା ?

ପ୍ରତାପ : କଲ୍ ଦେଇଚି ଡାକ୍ତରକୁ । ସିଏ ତ ଏଇନା ଆସୁଥିବେ !

ରାମ : ଡାକ୍ତର କ'ଣ କରିବ ? ମୋ' ଦେହ ସୁସ୍ଥ ଅଛି । ମୁଁ ସମ୍ପୂର୍ଣ୍ଣ ସୁସ୍ଥ ।

ମାୟା : ସମ୍ପୂର୍ଣ୍ଣ ସୁସ୍ଥ ? ଦେଖ ଭାଇ ! ତମର ଆଉ କିଏ ଅଛି କହିଲ ? ପୁଅଟାକୁ ତ ଆଗ୍ରା କରିଥିଲ ଯେ ତମ ମୁହଁରେ ଚୂନ କାଳି ଦେଇ ଛତର ଖିଆ ହେଇ ବୁଲୁଚି ।

ରାମ : ଓଃ ! ବନ୍ଦକର । ତା' କଥା ମୋ' ଆଗରେ କୁହନାହିଁ ।

ପ୍ରତାପ : ମାମୁଁଙ୍କୁ ତ ରାତିସାରା ନିଦ ହଉନି, ସେ ଖାଲି ବାଲ୍‌କୋନି ଉପରେ ଟହଲ ମାରୁଛନ୍ତି, ଆଉ ହସୁଛନ୍ତି ।

ରାମ : ତଳେ କାଲି ରାତି ଅଢ଼େଇଟା ପର୍ଯ୍ୟନ୍ତ କ'ଣ ସବୁ ଗୀତ ବାଜଣା ଶୁଣିଥିଲି ? ବାଇଜୀଆଣି ନଚଉଛନ୍ତି କିରେ ?

ପ୍ରତାପ : ମାମୁଁ ! ତମେ ଗାଁରେ ଥିଲ ଅଲଗା ଥିଲା । ଏଇଠି ସହରରେ ଜମିଦାର ଭଳି ଚଳିବାକୁ ହେଲେ ଠିକ୍ ପ୍ରେଷ୍ଟିଜ୍ ଉପରେ ଚଳିବାକୁ ପଡ଼ିବ । ଗାଡ଼ିଟାର ରଙ୍ଗ ବଦଳେଇ ଦେଲି । କୋଠାର

Source: Author, Digitized by PPRACHIN, SOA

ରଙ୍ଗ ବଦଳେଇ ଦେଲ, ଏଇଲେ କରେଣ୍ଟ ଘରେ ଟିକିଏ ଟାନ ବାଜଣା ନ ହେଲେ ଲୋକେ ଜାଣିବେ କେମିତି ?

ରାମ : ସେଇଥିପାଇଁ ରାତିରେ ମତେ ନିଦ ହେଲା ନାଇଁ । ଗାଁରେ ଥିଲି ଭଲରେ ଥିଲି । ଏଇଠିକି ଆସି ଠାକୁରେ ଚାଲିଗଲେ ।

ମାୟା : ତମର ତ ବଅସ ହେଲଣି ଭାଇ ! ଗାଁରେ କେବେବେଳେ କେମିତି ଦେହ ଖରାପ ହେଲେ ପରୀକ୍ଷା କରିବାକୁ ଡାକ୍ତରଟେ ବି ମିଳିବେ ନାଇଁ । ସେଇଥିପାଇଁ ପ୍ରତାପ ତମକୁ ସହରକୁ ନେଇ ଆସିଲା । ମାମୁଁ କହିଲେ ତାର ଯୋଉ ସ୍ନେହ···ତାର ଯୋଉ ଭକ୍ତି···ସେ କଥା ଏକା ରାଧାମୋହନ ଜାଣିଚନ୍ତି ।

ରାମ : ତା'ତ ଜାଣିପାରୁଚି । ତେବେ ମିଛୁଟାରେ ମତେ ଏଇ ଇଞ୍ଜେକ୍‌ସନ୍ ଗୁଡ଼ା କାହିଁକି ଫୋଡ଼ୁଚ ?

ପ୍ରତାପ : ତମକୁ ରାତିରେ ନିଦ ହଉନି । ଶୋଇ ଶୋଇ ସାଗର ସାଗର ବୋଲି ବକବକୋଉଚ !

ରାମ : ମିଛକଥା ! ତା' ନାଁ ମୁଁ କାହିଁକି ମୁହଁରେ ଧରିବି ?

ପ୍ରତାପ : ଆଉ ମୁଁ କ'ଣ ମିଛରେ କହୁଚି ? ଅସଲ କଥା ତମର ମୁଣ୍ଡ ଖରାପ ହେଇଯାଇଚି । ଆଜକାଲି ପୁଣି ଡେରିରେ ଉଠୁଚ । ପିଲାଙ୍କ ଭଳିଆ ବଡ଼ପାଟିରେ ହସୁଚ···

[ଗାଡ଼ି ହର୍ଣ୍ଣ ଶୁଭିଲା]

ଦେଖିଲୁ ବୋଉ ଡାକ୍ତରବାବୁ ଆସିଲେଣି କି ?

ମାୟା : ହଁ ତ ! ଆସିଲେ ବୋଧହୁଏ—

[ଡାକ୍ତର ଆସିଲେ]

ପ୍ରତାପ : ଆସନ୍ତୁ···ଆସନ୍ତୁ ଡାକ୍ତର···ଇଏ ହେଲେ ମୋର ମାମୁଁ··· ଜମିଦାର ରାମନାରାୟଣ ସିଂହ ।

ସୁବ୍ରତ : ନମସ୍କାର ।

ପ୍ରତାପ : ତାଙ୍କର ଯାହା ଯାହା ଅସୁବିଧା ହଉଚି ମୁଁ ତ ସବୁ ଆପଣଙ୍କୁ କହିଛି ।

Source: Author, Digitized by PPRACHIN, SOA

ମାୟା : ଟିକିଏ ଭଲକରି ଛୁଞ୍ଚି ଫୁଞ୍ଚି ଦେଇଦିଅ ବାପା—ଯେମିତି ଏକାଥରକେ ଭଲ ହେଇଯିବେ ।

ସୁବ୍ରତ : କ'ଣ ହଉଚି ସାର୍ ? ରାତିରେ ନିଦ ହଉନି ?

ମାୟା : ଖାଲି ସ୍ୱପ୍ନରେ ବାଇଆଳେଇ ହଉଛନ୍ତି । କ'ଣ କହିବି ବାପା ? (କାନ୍ଦିଲେ) ଗୋଟିଏ ବୋଲି ପୁଅ ଥିଲା···ଗୋଟେ ଟୋକାଝିଅ ତାକୁ ମନ୍ତର କରିଦେଲା ଯେ ଆଜିକି ଦଶବର୍ଷ ହେଲା ଘରୁ କୁଆଡ଼େ ଚାଲିଯାଇଛି, ତାକୁ ଝୁରିଝୁରି···

ରାମ : ଓଃ ! ମାୟା ! ସେ ଚଣ୍ଡାଳ କଥା କହନା ମତେ ! ତାର ନାଁ ବି ଶୁଣିଲେ ମୋ' ଦେହରେ ବିଷ ଚରିଯାଉଛି । ଓଃ ! ମୋ' ମୁଣ୍ଡଟା କ'ଣ ହେଇଯାଉଛି···

ପ୍ରତାପ : ଦେଖିଲେ ? ଦେଖିଲେ Doctor ? ଏଇ ହେଲା ଲକ୍ଷଣ—

ମାୟା : ଖାଲି ତ ପାଗଳଙ୍କ ପରି ହଉଛନ୍ତି ପୁଅ—

ସୁବ୍ରତ : ହଉ ! ମୁଁ ଆଜି ଗୋଟାଏ ଇଂଜେକ୍‌ସନ୍ ଦେଇ ଦେଉଛି, ପୁଣି ଆଠଦିନ ପରେ ଆସିବି ।

[ସୁବ୍ରତ ଇଂଜେକ୍‌ସନ୍ ଦେଲେ । ଠିକ୍ ସେତିକି ବେଳକୁ ପ୍ରବେଶ କଲା ବୁଲ୍‌ବୁଲ୍]

ସୁବ୍ରତ : ତମେ ଏଠି କାହିଁକି ?

ବୁଲ୍‌ବୁଲ୍ : ହେଁ ହେଁ ହେଁ···

ସୁବ୍ରତ : ମୁଁ ପଚାରୁଚି, ତମକୁ ଏଠିକି ଆସିବାକୁ କିଏ କହିଲା ?

ବୁଲ୍‌ବୁଲ୍ : ମୁଁ ମନକୁ ମନ ଆସିନାଇଁ ସାର୍ ! ମତେ ମା' ପଠେଇଛନ୍ତି ।

ସୁବ୍ରତ : ମା' ପଠେଇଛନ୍ତି ?

ବୁଲ୍‌ବୁଲ୍ : ହଁ ! ମା'ଙ୍କର ଖାଲି ଆପଣଙ୍କ ଉପରେ ଅବିଶ୍ୱାସ···ମତେ ଖାସ ଆପଣଙ୍କ ପଛରେ ଲଗେଇଛନ୍ତି···କହୁଛନ୍ତି ଡାକ୍ତରବାବୁ ଖାଲି ଝିଅ ପେସେଣ୍ଟ ଦେଖୁଛନ୍ତି···

ସୁବ୍ରତ : ରାସ୍କେଲ୍ ! ମୋ' ପଛରେ ଗୁପ୍ତଚର ଲଗେଇଚ !! ବର୍ତ୍ତମାନ ଯାଇ ମା'ଙ୍କୁ କ'ଣ କହିବ ?

Source: Author, Digitized by PPRACHIN, SOA

ବୁଲ୍ ବୁଲ୍ : କହବ···ବର୍ତ୍ତମାନ ଯୋଉ ପେସେଣ୍ଟ୍‌କୁ ବାବୁ ଦେଖିଲେ ସେଇଟା ଗୋଟେ ଝିଅ ନୁହେଁ—ବୁଢ଼ା ଟେ !

ସୁ ବ୍ରତ : Get out ! Get out I say !

ବୁଲ୍ ବୁଲ୍ : ଏଣୁ ମାଇଲେ ଗୋ'ହତ୍ୟା ତେଣୁ ମାଇଲେ ବ୍ରହ୍ମହତ୍ୟା ! ମୁଁ ଏଇନେ କ'ଣ କରିବ ସାର୍ ?

ସୁବ୍ରତ : About turn ! ପଛକୁ ଫେରିବ ଓ ଘର ପର୍ଯ୍ୟନ୍ତ ଦୌଡ଼ିବ ।

ବୁଲ୍ ବୁଲ୍ : ଓ.କେ ! ସାର୍ !

[ପଛକୁ ଫେରି ଦୌଡ଼ିଲା]

ପ୍ରତାପ : ଏଇଟା ଗୋଟାଏ ଜନ୍ତୁ ।

ସୁବ୍ରତ : କ'ଣ କରିବା ? ଆଜିକାଲି ସମାଜରେ ସମସ୍ତେ ଗୋଟାଏ ଗୋଟାଏ ଜନ୍ତୁ ! ଠିକ୍ ଅଛି ଆପଣ ତାଙ୍କୁ ବିଶ୍ରାମ କରିବାକୁ ଦିଅନ୍ତୁ—

ମାୟା : ଆସ ଭାଇ ! ଆସ !

ରାମ : ଓଃ ! କାହିଁକି ଯେ ମୋ'ଭଳି ଏକ ସୁସ୍ଥ ମଣିଷକୁ ତମେ ଜବରଦସ୍ତ ରୋଗୀ କରିଦେଉଛ···

ମାୟା : ଆଉ ତମର ନିଜର ବୋଲି କିଏ ଅଛି ଭାଇ··· ? ଖାଲି ଏଇ ପ୍ରତାପଟା ଅଛି ସେ···ଦିନରାତି ଖାଲି ମାମା—ମାମା ହୋଇ ପାଗଳଙ୍କ ଭଳିଆ ହଉଛି । ଚାଲ ଶୋଇବ ଚାଲ । ଡାକ୍ତରବାବୁ ! ଭାଇ କ'ଣ ଖାଇବେ ?

ସୁ ବ୍ରତ : ଦୁଧ ପିଇବାକୁ ଦିଅନ୍ତୁ ।

ମାୟା : ହଉ ବାବୁ ! ସେୟା କରିବା ।

[ମାୟା ରାମନାରାୟଣଙ୍କୁ ନେଇ ଚାଲିଗଲେ]

ସୁବ୍ରତ : ପ୍ରତାପ ବାବୁ ! ମୋ' ଦେଇ ଏ କାମ ହୋଇ ହୋଇପାରିବ ନାହିଁ ।

ପ୍ରତାପ : Doctor ! ଯେୁ କ'ଣ କହୁଛନ୍ତି ?

ସୁବ୍ରତ : ଆପଙ୍କର ପାଞ୍ଚହଜାର ଟଙ୍କା advance ନେଇଯାଆନ୍ତୁ ।

ପ୍ରତାପ : ଦେଖନ୍ତୁ ମୁଁ ପଚିଶ ହଜାର ଟଙ୍କା ଦେବ ।

Source: Author, Digitized by PPRACHIN, SOA

ସୁବ୍ରତ : ତଥାପି ମୁଁ ଏ ପାପକାର୍ଯ୍ୟ କରିପାରିବି ନାହିଁ ।

ପ୍ରତାପ : ମୁଁ ଆପଣଙ୍କୁ ଡାକି ଆଣିଛି ସାର୍ ! ପାପଯାକ ସବୁ ମୋର । ସବୁ ପୁଣ୍ୟ ଆପଣଙ୍କର ।

ସୁବ୍ରତ : ନାଃ !

ପ୍ରତାପ : ଜମିଦାରୀଟା ଯେତେବେଳେ ମୋ'ନାଁରେ ହୋଇଯିବ—ସେଥିରୁ ଅଧେ ଆପଣଙ୍କ ନାଁରେ କରିଦେବି । ଦେଖନ୍ତୁ ସାର୍ ! ଚିନ୍ତା କରନ୍ତୁ...ଲକ୍ଷେ ଟଙ୍କା ! ମୁଁ ଆସୁଛି ।

ସୁବ୍ରତ : ଲକ୍ଷେ ଟଙ୍କା ? ମୋ' ଜୀବନକାଳ ଭିତରେ ଡାକ୍ତରୀ ବିଦ୍ୟାରୁ ହୁଏତ ଏତେ ଟଙ୍କା ମୁଁ କେବେ ପାଇବିନି । ତେଣୁ ପୃଥିବୀରେ ସବୁ ନୈତିକତାର ମୁଖା ଖୋଲି ବାସ୍ତବତା ଉପରେ ଠିଆହେବାକୁ ପଡ଼ିବ ।

(ଅନ୍ଧାର)

———

Source: Author, Digitized by PPRACHIN, SOA

ଦୃଶ୍ୟ-୨୮

[ଚାଳଘର । ଝରଣା ଉଦାସ ଆଖିରେ ଶୂନ୍ୟକୁ ଚାହିଁ ବସିଛି]

ଝରଣା : ତମେ କୁଆଡେ଼ ଗଲ ? ଏତେ ଦିନ ହେଲା ତମର ଦେଖାନାହିଁ । କହିଗଲ ନର୍କକୁ ଯାଉଛି ବୋଲି । ବାପାଙ୍କୁ କହିଲି ଟିକିଏ ଖବର ନିଅ—ହେଲେ ବାପା ଏ ସହରରେ ତ ନୂଆ । ସିଏ କ'ଣ କରିବେ ? ଆଜିକାଲି ଯୋଉ ଯୁଗ···ବାଟଘାଟରେ ମଣିଷକୁ ମାରି ଦେଉଛନ୍ତି···କୋଉଠି ନଖାଇ ନପିଇ ଯଦି ମୁଣ୍ଡ ବୁଲେଇଥିବ ଗାଡ଼ି ମଟର ମାଡ଼ି ଯାଇପାରେ···ଡାହାଣ ଆଖିଟା ଡେଉଁଚି । ଏଣେ ମୁନ୍ନାକୁ ଜର ! ମୁଁ କଣ କରିବି ଯେ ?

[ସରୋଜ ପ୍ରବେଶ କଲା]

ଭାଇ ! କିଛି ଖବର ମିଳିଲା ?

ସରୋଜ : ହଁ ଝରଣା ! ସାଗର ଚୋରା ଜିନିଷ ନେଇ ପାରାଦ୍ୱୀପରୁ ଆସୁଥିଲା । ବାଟରେ ଗୁଣ୍ଡା ହାବୁଡ଼ରେ ପଡ଼ିଲା । ସେଇଠି ପୋଲିସ ତାକୁ ଆରେଷ୍ଟ କରିଛି ।

ଝରଣା : ଭାଇ ! ପୋଲିସ ତ ତାଙ୍କୁ ଜେଲ ହାଜତରେ ପକେଇ ମାରିବ ! ଓଃ ! ମୋ'ର ଏଡ଼େ ଫଟା କପାଳ ! (କାନ୍ଦିଲା)

ସରୋଜ : ଦେଖ ଝରଣା ! ଏଇଟା କାନ୍ଦାକଟା କରିବାର ସମୟ ନୁହେଁ । ଏଇନେ କୋଉଠୁ ଟଙ୍କା ପାଞ୍ଚଶ' ହଜାର ଯୋଗାଡ଼ କଲେ ତାକୁ ବେଲ୍‌ରେ ଆଣିବା ।

ଝରଣା : ପରଘରେ ବାସନ ମାଜୁଛି ମୁଁ ! ଏତେ ଟଙ୍କା ମୁଁ କୋଉଠୁ ଆଣିବି ଭାଇ ?

Source: Author, Digitized by PPRACHIN, SOA

ସରୋଜ : ମୁଁ ବା କେତେ ଟଙ୍କା ଦରମା ପାଉଥିଲି କହିଲୁ ? ସେଥିରେ ପୁଣି ଦଶହଜାର ହମ୍ପ ଯେ, ସବୁ ପଇସା ଶାଢ଼ି ଆଉ ଜାମା କଣାରେ ହଜିଗଲା ।

ଝରଣା : ମୁଁ ଏଇନା କ'ଣ କରିବି ?

ସରୋଜ : ତୁ' ଧୈର୍ଯ୍ୟଧର ଝରଣା । ସବୁ ବଡ଼ଦେଉଗୁଡ଼ା ଏକା ସାଙ୍ଗରେ ଅସୁଛି । ଦେଖେ ମୁଁ ଯାଏ—ଏଇ ମୁହଁଟା ବଳ ଯଦି କିଛି ପଇସା ମିଳିଯାଏ ମୁଁ ଓକିଲ ସାଙ୍ଗରେ କଥାବାର୍ତ୍ତା କରିବି ।

ଝରଣା : ଭାଇ, ତମ ଗୋଡ଼ ତଳେ ପଡ଼ୁଛି, ତମେ ଯାହା କିଛି ଗୋଟାଏ କର ।

ସରୋଜ : ଦେଖେ···ମୋ'ଦେଇ କ'ଣ ହୋଇପାରୁଛି । ତୁ' ଭଗବାନଙ୍କ ଉପରେ ଭରସା ରଖ ଝରଣା ! ମୁଁ ସାଗରକୁ ଯେ କୌଣସି ମତେ ବଞ୍ଚେଇବି । (ଚାଲିଗଲା)

ଝରଣା ! ହେ ଭଗବାନ ! ସେ ଖାଲି ମତେ ଆଉ ମୁନାକୁ ବଞ୍ଚେଇବାପାଇଁ ଏଇ ବାଟରେ ଯାଇଛନ୍ତି । ନହେଲେ କାହା ପୁଅ ସିଏ—କୋଉ ଘରର ମଣିଷ···ଶେଷରେ ଚୋରା କାରବାର କରି ଜେଲ୍ ଗଲେ, ଆଉ ଏ ସବୁ ଶୁଣିବାପାଇଁ ମୁଁ ବଞ୍ଚିରହିଲି ! ମୋ'ପାଇଁ···ଖାଲି ମୋ'ପାଇଁ ତାଙ୍କର ଏତେ କଷ୍ଟ । ଭଗବାନ୍ ! ମତେ ପଛେ ମାରିଦିଅ—ତାଙ୍କୁ ଜେଲ୍‌ରୁ ମୁକୁଳେଇ ଦିଅ—

(ଚପଳା ପ୍ରବେଶ କଲେ)

ଚପଳା : ଆଉ ଭଗବାନ ଆସି ପିଠିରେ ପଡ଼ିବେ ଏତିକି ବେଳକୁ ? ହେଲା ? ମୁଁ ଯାହା କହୁଥିଲି ହେଲା କି ନାହିଁ ? ମୁଁ କହୁଚି ପରା, ମୋ' ଅଭିଶାପ ଫଳିବ-ଫଳିବ-ଫଳିବ ।

ଝରଣା : ଭାଉଜ ! ତମେ ଆଉ ସେଇ ଅଭିଶାପଗୁଡ଼ା ଦିଅନି ! ତାଙ୍କୁ ବର୍ତ୍ତମାନ ପୋଲିସ୍···

ଚପଳା : ଜାଣିଚ ବା ! କୋଉଠୁ କ'ଣ ସୁନା ରୁପା ଚୋରେଇ ଥିଲା ଯେ ପୁଲିସି ପରା ବାନ୍ଧି ନେଇଯାଇଚି ! ମୋ' ଘରକୁ ଶେଷକୁ ପୋଲିସ ଆସିବ ଲୋ ମା' ! ଏମିତିକା ବନ୍ଧୁ ବାନ୍ଧବ

Source: Author, Digitized by PPRACHIN, SOA

ଆମର ଦରକାର ନାହିଁ । ଆମ ଘରେ ରହିବା ଦରକାର ନାହିଁକି ଆମ ଘରେ ପୋଲିସି ପଶିବା ଦରକାର ନାହିଁ ! ଇଲୋ ବୋପାଲୋ ! ଫୁଲ ଚୋରର ଡକେଇତଙ୍କ ଦଳ ! ଆମ ସାତ ପୁରୁଷରେ କିଏ ଥାନା ଦେଖିଛି ?

ଝରଣା : ତମେ ବ୍ୟସ୍ତ ହୁଅନାହିଁ ଭାଉଜ ! ସିଏ ଖାଲି ଫେରିଆସନ୍ତୁ— ଆମେ ତମ ଉପରେ ବୋଝହୋଇ ରହିବୁ ନାହିଁ ।

ଚପଳା : ଆଲୋ ସିଏ ଆସିଲା ପର୍ଯ୍ୟନ୍ତ କାହିଁକି ବା ? ଆଜି ଯାଉନୁ ? ଯା'—ବର୍ତ୍ତମାନ ବାହାରିଯା' ମୋ ଘରୁ !

ଝରଣା : ବର୍ତ୍ତମାନ ମୁଁ କୋଉଠିକି ଯିବି ଭାଉଜ ? ଏ ସହରରେ ମୁଁ କାହାକୁ ଜାଣିଛି ଯେ ମତେ କିଏ ଆଶ୍ରୟ ଦବ ?

ଚପଳା : ରୂପ ଅଛି ପରା ! ଗର୍ବରେ ଫାଟି ପଡ଼ୁଛୁ ! ସେଇ ରୂପ ଟିକକ ପାଇଁ···ଯାଉନୁ କୋଉଠି ନାଗର କରି ରହିବୁ । ଗୋଟାକୁ ତ ଜାଲରେ ପକେଇଥିଲୁ ଯେ ଜିଅଲ ଗଲା !

ଝରଣା : ଭାଉଜ !

ଚପଳା : ଆଲୋ ଗୋଟେ ଚୋରଖଣ୍ଟଙ୍କର ଭାଉଜ ହବାପାଇଁ ମୁଁ କାହିଁକି ଯିବି ବା ? ମୋର ଭଦ୍ରଲୋକ ଘର । ଯା'—ଯା'—ଯା'— ଏଇଠୁ ! ଦରକାର ନାହିଁ ଆମର ବନ୍ଧୁ—

ଝରଣା : ଭାଉଜ । ମୁନ୍ନାଟାକୁ ମୋର ଜର । ଏଇଲେ ତ ସନ୍ଧ୍ୟା ହେଇ ଆସିଲାଣି—ମୁଁ ଏ ରାତିଟାରେ କୁଆଡ଼େ ଯିବି ।

ଚପଳା : ମୁଁ କିଛି ଶୁଣିବିନି—ଯା' ଏଇଠୁ ! [ଗୋଟେ ଧକ୍କା ଦେଲେ]

ଝରଣା : ଭାଉଜ ! ମୁଁ ତମ ଗୋଡ଼ତଳେ ପଡ଼ୁଛି—

ଚପଳା : ଯା'—ଯା'—ଯା'—! ବର୍ତ୍ତମାନ ବାହାର ଅଲକ୍ଷଣୀ ! ତୋ' ଲାଗି ଗୋଟେ ଜିଅଲ ଗଲା···କେତେବେଳେ ମୋ ବରଟାକୁ ବି ଫଟେଇଦବୁ ତୁ—ଯା'—ଏଇଠୁ !

ଝରଣା : ତମ ଗୋଡ଼ତଳେ ପଡ଼ୁଛି । ଭାଉଜ ! ମତେ ଦୟାକରି ଏ

Source: Author, Digitized by PPRACHIN, SOA

ରକ୍ତଟାରେ ଘରୁ ବାହାର କରନ୍ ! ମୁଁ ଭସିଯିବ ଭଉଜ ! ମୁଁ ଭସିଯିବ···

ଚପଳା : ଭସିଯା' ! ମର ! ମୋର କ'ଣ ଗଲ—ଯା'···ଭଗ···ଯିବୁ ନା ମୁହଁରେ ନିଆଁ ଖୁଣ୍ଟା ପୂରେଇଦେବ···(ପୁଣି ଧକ୍କା)

ଝରଣା : ମୋ ପୁଅଟାକୁ ଜର ହେଇଚ ଭଉଜ !

ଚପଳା : ସେଇଟାକୁ ଜର ହେଇଚ ? ମରୁନି ଯେ ଡାଆଣାଟା···ସେଇଟା ମଲେ ତ ତତେ ନାଗର ଖୋଜିବାକୁ ସୁବିଧା ହବ । ମରୁ ସେଇଟା ।

ଝରଣା : ଭଉଜ ! କଏ ମରିବା ଦରକାର ନାହିଁ । ମୁଁ ଚାଲିଯାଉଚ ।

ଚପଳା : ଯା'—ମୁଁ ଆସିଲବେଳକୁ ଯିମିତି ଏଠି ନଥାଉ—ଯଦି ଥିବୁ ନା, ମୁହଁରେ ନିଆଁ ଖୁଣ୍ଟା ନଗେଇଦେବ ।

(ଝରଣାକୁ ମାରି ମାରି ତଳେ ପକେଇଦେଇ ଚାଲିଗଲ ।)

ଝରଣା : ହଁ ଚାଲିଯିବ । ଜରରେ ଶୋଇଚ ମୋ ମୁନ୍ନାଟା—ତାକୁ ନେଇ ଚାଲିଯିବ···ଆଜ ରାତିରେ ଯଦି କୋଉଠି ଏ ଜୀବନଟା ଶେଷ ହୋଇଯାଏ ତା'ହେଲେ ବି ମୋର ଦୁଃଖ ନାହିଁ । ଅନ୍ତତଃ ମୁଁ ମରିଗଲ ପରେ ସିଏ ତ ଟିକଏ ଶାନ୍ତିରେ ରହିବେ—ମୁଁ ଚାଲିଯିବ । ହଁ···ବର୍ତ୍ତମାନ ମୁଁ ଚାଲିଯିବ । ମା' ଦୁର୍ଗା ! ତମେ ହଁ ମୋର ସହାୟ ।

[ମଞ୍ଚ ଅନ୍ଧାର]

Source: Author, Digitized by PPRACHIN, SOA

ଦୃଶ୍ୟ-୨୪

[ଦୂର୍ଗା ବଜାର । ଶଙ୍ଖ, ଘଣ୍ଟ, ଚଣ୍ଡିପାଠ ସାଙ୍ଗକୁ ବିଭିନ୍ନ ମାଇକ୍ରୋଫୋନରୁ ବିଭିନ୍ନ ପ୍ରକାର ଗୀତ ବାଜି କୋଳାହଳ ସୃଷ୍ଟି ହଉଛି । ବୃଦ୍ଧ ରାମନାରାୟଣଙ୍କର ମନ ପରିବର୍ତ୍ତନପାଇଁ ଭୋଳା ତାଙ୍କୁ ସହର ବୁଲେଇ ଆଣିଛି । ସେମାନେ ଥରେ ବୁଲି ଚାଲିଯିବେ । ତା'ପରେ ଦେଖାଯିବ ଗୋଟାଏ ଛିଣ୍ଡା ଲୁଗା ପିନ୍ଧି ଝିଅ ଲୋକଗହଳି ଭିତରେ ଗୀତ ଗାଇ ଗାଇ ଭିକ ମାଗୁଛି । ପାଖରେ ଅଛି ରାଜୁ । "ବାବୁ ! ପଇସାଟିଏ ଦେବେ !" କହି କହି ମାଗୁଛି । ସେମାନେ ଚାଲିଗଲା ପରେ ପୁଣି ମଞ୍ଚକୁ ଆସିଲେ ରାମନାରାୟଣ ଓ ଭୋଳା ।]

ରାମ : ଆରେ ଭୋଳା···ଏବର୍ଷ ଦୁର୍ଗାମୂର୍ତ୍ତିଗୁଡ଼ାକ ଏମିତି କ'ଣ ହେଇଛି ?

ଭୋଳା : ମତେ ତ ଭାରି ଭଲ ଜଣା ପଡ଼ୁଛି ।

ରାମ : ଦୁର୍ଗା ମୂର୍ତ୍ତିଗୁଡ଼ାକ ସିନେମାର ନାୟିକା ଭଳି ସଜା ହୋଇଛନ୍ତି ।

ଭୋଳା : ଚାଲନ୍ତୁ ବାବୁ—ଏପଟେ ବୁଲି ଆସିବା—

ରାମ : କ'ଣ ଆଉ ଦେଖିବୁ ? ଖାଲିତ ଇଲେକ୍ଟ୍ରିକ ସଜା ହେଇଛି···ଆଚ୍ଛା ଭୋଳା··· ?

ଭୋଳା : ବାବୁ ?

ରାମ : ତୁ ଏ ଭିଡ଼ ଭିତରେ କାହାକୁ ଖୋଜୁଚୁ କିରେ ?

Source: Author, Digitized by PPRACHIN, SOA

ଭୋଳା : କାହିଁ, ନାହିଁ ତ !

ରାମ : ଦେଖ ଭୋଳା, ତୁ ମତେ ଠକି ଦେଇ ପାରିବୁନି । ମତେ ଫାଙ୍କିବା ଭାରି କଷ୍ଟ ! ମୁଁ ସେତିକବେଳୁ ଲକ୍ଷ୍ୟ କରୁଚି ମାଙ୍କଡ଼ପରି ଇଆଡ଼େ ସିଆଡ଼େ କୁଲୁକୁଲୁ କରି ଚାହୁଁଚୁ ।

ଭୋଳା : ମୋର କିଏ ଅଛି ଯେ ବାବୁ କାହାକୁ ଖୋଜିବି ? ଏତେ ବଡ଼ ପୃଥିବୀରେ ମୋର ବୋଲି ତ କେହି ନାହିଁ !

(ଏତିକିବେଳେ ଝରଣା ଓ ରାଜୁ ଗୀତ ଗାଇ ଗାଇ ଭିକ ମାଗି ମାଗି ଆସିଲେ । ଭୋଳାର ଆଖିରେ ଲୁହ । କଣ୍ଠ ଥରିଲା ।)

ନା–ନା…ମୁଁ ଏ ଦୃଶ୍ୟ ଦେଖିପାରିବି ନାହିଁ…ହେ ଭଗବାନ ମତେ ଅନ୍ଧ କରିଦିଅ—

ରାଜୁ : ବାବୁ ! ପଇସାଟିଏ ଦେବେ !

ଭୋଳା : ହେ ଭଗବାନ୍ !

ରାମ : ଭୋଳା !

ଭୋଳା : ଭୋଳା ମରିଗଲାଣି…ମରିଗଲାଣି ଭୋଳା…ତମେ ଯା'କୁ ଦେଖୁଚ ସେଇଟା ତାର କଙ୍କାଳ… (କାନ୍ଦି କାନ୍ଦି ଚାଲିଗଲା)

ରାମ : ଆରେ…ଆରେ…ପାଗଳ ହୋଇଗଲା ନା କ'ଣ ? ଭୋଳା—! ଭୋଳା—!!

ରାଜୁ : ଦେବେ ବାବୁ ପଇସାଟିଏ ।

ଝରଣା : ଦିଅ ବାବୁ ! ପୁଅଟା ତିନି ଦିନ ହେଲା କିଛି ଖାଇନି ?

ରାମ : ତୋ' ବାପା କୁଆଡ଼େ ଗଲା ?

ରାଜୁ : ବାପା ?

ରାମ : ତମକୁ ଛାଡ଼ିଦେଇ କୁଆଡ଼େ ପଳେଇଚି ନା ?

ରାଜୁ : ନାହିଁ ନାହିଁ…ବାପା ତ…

ଝରଣା : ହଁ, ଆପଣଙ୍କ କଥା ସତ !

Source: Author, Digitized by PPRACHIN, SOA

ରାମ : ଭିକ ନ ମାଗି କାମ କରୁନା ? ଦିଶୁଚ ତ ଭଦ୍ରଘର ପର ।

ଝରଣା : କାମ କିଏ ଦେବ ? ଆମକୁ ଏ ସହରରେ କିଏ ଚହ୍ନିଚି ?

ରାମ : ମୁଁ ଯଦି ଦେବି ? କରିବୁ ?

ଝରଣା : ଆପଣ···ଆପଣ ମତେ···

ରାମ : ହଁ···ହଁ··· ଏଇ ଘୋଡ଼େଇବାଯ, ଘର ସଫା, ଲୁଗା ସଫା···

ଝରଣା : ମୁଁ ବଞ୍ଚିଯିବି···ଏଇ ଗ୍ଳେଚ କୁଅଂଠାକୁ ଧରି । କାଙ୍ଗାଳୀ ହୋଇ ରାସ୍ତାରେ ବୁଲୁଚି । ଆଶ୍ରୟ ନାଇଁ···କେହି ଜଣାଶୁଣା ଲୋକ ନାହାନ୍ତି···କାଲି ରାତିସାରା ବର୍ଷାରେ ଭିଜିଚି···

ରାମ : କାନ୍ଦନା···କାନ୍ଦନା···କନ୍ଦାକଟା ମତେ ଭଲ ଲାଗେନା···ସବୁବେଳେ ଏଇ କନ୍ଦାକଟାକୁ ଏଡ଼େଇଦେଇ ଯିବାପାଇଁ ଯେତେ ଗ୍ଢୁହିଁଚି— ହେଲା ନାଇଁ···

ଝରଣା : ବାପା ।

ରାମ : ତୁ' ମତେ ବାପା ବୋଲି ଡାକୁଚୁ ମା' ? ଆଃ ! କେତେ ବର୍ଷ··· କେତେ ଯୁଗ ହେଇଗଲାଣି ମତେ କେହି ହେଲେ ବାପା ବୋଲି ଡାକନାହାନ୍ତି ! (କଣ୍ଠ ରୁଦ୍ଧ ହେଇଗଲା)

ଝରଣା : ମୁଁ ଆପଣଙ୍କୁ ବାପା ବୋଲି ହିଁ ଡାକିବି ।

ରାଜୁ : ଆଉ ମୁଁ କ'ଣ ଡାକିବି ? ଜେଜେ ?

ରାମ : ଏଁ ? ତୁ ମତେ ଅଜା ବୋଲି ଡାକିବୁ ଅଜା ବୋଲି ? କେତେ ଆଶା କରିଥିଲି···ତା'କୁ ବାହା କରିବି···ତାର ପୁଅ ହବ— ଆଉ ସିଏ ଜେଜେ ବୋଲି ଡାକି ମୋ' ବେକରେ ଝୁଲିବ···କିନ୍ତୁ ହେଲା ନାଇଁ···ସବୁ ସରିଗଲା···

ଝରଣା : ଆପଣ କାହା କଥା କହୁଥିଲେ ବାପା ?

ରାମ : କେହି ନୁହେଁ—ସିଏ କେହି ନୁହେଁ ମୋର । ହୁଁଃ ! ମୁଁ ରାଗିପାଇ ଘରୁ ପଳେଇଯିବାକୁ କହିଲି ଏବେ । ତା' ବୋଲି ତୁ ସତରେ ଚାଲିଯିବୁ ? ମୋ ଉପରେ ସତରେ ତୋର କୌଣସି ଦାବୀ ନାଇଁ ?

ଝରଣା : ଆପଣଙ୍କ ପୁଅ ବୋଧହୁଏ !

Source: Author, Digitized by PPRACHIN, SOA

ରାମ : ହୁଁ...ହୁଁ...ମୋ' ବଂଶର କୁଳାଙ୍ଗାର ! ଗୋଟେ ଡାହାଣୀ ତାକୁ ମୋ'ଠୁ ଛଡ଼େଇ ନେଇଗଲା ! ତୋର ଭଲ ପାଇବାଟା ଏତେ ବଡ଼ ହେଇଗଲା ? ବାପଟା କିଛି ନୁହଁ ଏମିତି ! ଟିକିଏ କାନ୍ଦିବାକୁ ଇଚ୍ଛା ହେଲେ ବି କାନ୍ଦିବାର ବାଟ ନାଇଁ ।

ଝରଣା : ଆପଣଙ୍କ ପୁଅର ନାଁ କ'ଣ ବାପା ?

ରାମ : ନାଁ ! ନାଁରୁ କ'ଣ ମିଳିବ ? ମୁଁ ତାକୁ ସାଗର ବୋଲି ଡାକୁଥିଲି ।

[ଝରଣାର ଚିତ୍କାର କରି କାନ୍ଦିବାକୁ ଇଚ୍ଛା ହେଉଥିଲା । ସେ ଅନ୍ୟ ଆଡ଼େ ମୁହଁ ବୁଲେଇ ନେଲା ।]

ରାଜୁ : ମୋ' ବାପାଙ୍କର ନାଁ [ଝରଣା ତାର ମୁହଁ ବନ୍ଦ କରିଦେଲା ।]

ଝରଣା : ସେ ଡାହାଣୀଟାକୁ ଆପଣ ଦେଖିଛନ୍ତି ବାପା ? ଯିଏ ଆପଣଙ୍କଠୁ ଆପଣଙ୍କ ପୁଅକୁ ଛଡ଼େଇ ନେଇଛି ?

ରାମ : ନା ! ବୋହୂକୁ ନେଇ ଘରକୁ ଆସିଥିଲା । ରାଗରେ ମୁଁ ତାର ମୁହଁ ଚାହିଁନି ।

ଝରଣା : ତା'ପରେ ?

ରାମ : ଭୋଳା...ମୋ' ଚାକର...ସିଏ କହୁଥିଲା ଝିଅଟା କୁଆଡ଼େ ଖୁବ ଭଲ । ହତଭଗା କୁଆଡ଼େ ଖୁବ କଷ୍ଟରେ ଅଛି । ତୁ' କହ ମା'— ସିଏ ଯଦି ତା' ସ୍ତ୍ରୀକୁ ନେଇ ମୋ' ପାଖକୁ ଆସି ମୋ' ଆଗରେ ଠିଆ ହେଇଥା'ନ୍ତା ? ମୁଁ କ'ଣ ତାକୁ ଫୋପାଡ଼ି ଦେଇଥା'ନ୍ତି ?

ଝରଣା : ବାପା !

ରାମ : ଏଇ ତ ! ଭୋଳା ପ୍ରତିବର୍ଷ ଦଶହରାକୁ ମତେ ଲୁଚେଇ ଲୁଗାପଟା ନେଇ ତା' ଘରେ ଦେଇ ଆସେ । ମୁଁ କ'ଣ ଜାଣିନି ? ନା, ଜାଣିଲେ ବି କିଛି କହିଚି ତାକୁ ? ଚାଲ ମା'— ଘରକୁ ଚାଲ ।

ଝରଣା : ଚାଲ ବାପା !

ରାମ : ଭୋଳାଟା କୁଆଡ଼େ ଗଲା କେଜାଣି—

Source: Author, Digitized by PPRACHIN, SOA

ରଜୁ : ମୁଁ ତମର ହାତ ଧରି ଚାଲିବି ଅଜା ? ହାତ ଧରିବି ?

[ରାମନାରାୟଣ ତା' ମୁହଁକୁ ଚାହିଁଲେ । ତାଙ୍କ ମନ ଭିତରେ କ'ଣ ହଉଥିଲ୍ କେଜାଣି ?]

କ'ଣ ଦେଖୁଚ ଅଜା ?

ରାମ : ନାଇଁ···କିଛି ନାଇଁ···ଚାଲ—

(ଅନ୍ଧାର)

———

Source: Author, Digitized by PPRACHIN, SOA

ଦୃଶ୍ୟ-୨୦

[ଜମିଦାରପୁଅଙ୍କ ଘରର ଗୋଟାଏ ଅଂଶ । ପ୍ରତାପ ମଦ୍ୟପାନ କରୁଛି । ଗୋଡ଼ ତାର ଟଳମଳ । ମାଯ୍ସ୍ଣ ଗୁପ୍ତକଥା ଆଲୋଚନା କରିବାକୁ ଆସିଲାବେଳେ ଲକ୍ଷ୍ୟ କଲେ ପ୍ରତାପର ଅବସ୍ଥା ଭଲ ନୁହେଁ । ପ୍ରଥମେ ମଦର ଗନ୍ଧ ତାଙ୍କୁ ବିରକ୍ତ କଲା । ସେ ଶଙ୍କାଗ୍ରସ୍ତ ଆଖିରେ ଚାହିଁଲେ ପ୍ରତାପକୁ ଓ ପ୍ରଶ୍ନ କଲେ ।]

ମାଯ୍ସ୍ଣ : କଥା କହିଲାବେଳକୁ ତୋ' ଗୋଡ଼ ଦି'ଟା ଏମିତି ଟଳମଳ ହଉଛି କାହିଁକି ? ଏଁ !

ପ୍ରତାପ : କଥା ହେଲା ବୋଉ, ସଞ୍ଜକୁ ସକାଳୁ ଟିକିଏ ଷ୍ଟଫ୍ ନ ପିଇଲେ ମୋ' ଗୋଡ଼ଟା ସିଧା ହଉନି ।

ମାଯ୍ସ୍ଣ : ହତଭାଗା ! ମାମାର ସବୁଗୁଡ଼ା ଟଙ୍କା ତୁ' ମଦ ଖାଇ ଉଡ଼େଇଦବୁ ଦେଖୁଛି ।

ପ୍ରତାପ : କାଲି ମାମା ମୋ' ନାଁରେ ସମ୍ପତ୍ତି ଉଇଲ୍ କରିବା କଥା କ'ଣ କହୁଥିଲେ ?

ମାଯ୍ସ୍ଣ : ଆଉ ଉଇଲ୍ କରିବେ ? କୁଆଡ଼େ ଗୋଟେ ବଜାରବୁଲା ଆଉ ତାର ପୁଅ ଆସି ହେଉଛନ୍ତି ଯେ ସିଏ ତାଙ୍କର ଏଇନା ସବୁ··· ଆଉ ମୁଁ ଏକା ମା' ପେଟର ଭଉଣୀଟା ଏଇଠି ବାର ବର୍ଷ ହେଲା ପଡ଼ିଛି—ମୁଁ ତାଙ୍କର କେହି ହେଲି ନାହିଁ ।

ପ୍ରତାପ : ସାଗର ଭାଇର ଛ'ମାସ ଜେଲ୍ ହେଉଛି···ଜାଣିଚୁ ?

Source: Author, Digitized by PPRACHIN, SOA

ମାୟା : ତତେ ହେବନ ଏତେକରି କହିଲି—ପୋଲିସକୁ ଟଙ୍କାପଇସା ଦେଇ ଆଉ ଦଶ ବର୍ଷ ଜେଲରେ ଢେକେଇଦେ ତାକୁ ! ତୋ' ଦେଇ କ'ଣ କିଛି ହବ ?

ପ୍ରତାପ : ଆଇନ ଯାହା କହୁଚି ନା···

ମାୟା : ଆରେ ରଖିଦେ' ତୋର ଆଇନ୍ ! ଟଙ୍କା ଦେଲେ ସବୁ ହେଇ-ଯାଇବ ।

ପ୍ରତାପ : ଡାକ୍ତରବାବୁ କହୁଥିଲେ ଆଉ କିଛି ଟଙ୍କା ଦରକାର ।

ମାୟା : ଆଉ କ'ଣ ଟଙ୍କା ? କିଛି ତ କାମ କରୁନି ତା' ଇଂଜେକ୍‌ସନ । ତାକୁ ମୁଁ ଆଉ ନୂଆ ପଇସାଟେ ବି ଦେବିନି । କହିଦେ'— ତାର ଇଂଜେକ୍‌ସନ୍ ଦେବା ଦରକାର ନାହିଁ । ସିଏ ବିଷ ଦଉଚି ନା ପାଣି ?

ପ୍ରତାପ : ସେଇ କଥା ତ !

ମାୟା : ଉଇଲ କରିବା ସପ୍ତାହେ ଭିତରେ କିମିତି ସିଏ ମରିବ—ସେଇ ଚିନ୍ତା ମତେ ଘାରିଲାଣି—ଏଣେ କ'ଣ ନା ଇଂଜେକ୍‌ସନ୍ ମୋଟେରୁ କାମ କରୁନି । ମୋ' ମୁଣ୍ଡ ଖରାପ ହେଇଗଲାଣି ।

ପ୍ରତାପ : ଦେଖ ଦେଖ—ଦେଖି ଶୁଣି କାମ କର, ନହେଲେ ପୋଲିସ ଆସି ବାନ୍ଧି ନେଇଯିବ—

ମାୟା : ପୋଲିସ ? ସିଏ ଗଛେ ଗଛେ ଗଲେ ମୁଁ ଡାଳେ ଡାଳେ ।

ପ୍ରତାପ : କେମିତି ?

ମାୟା : ପ୍ରଥମେ ସନ୍ଦେହ କରିବ ସେଇ ପଦରବୁଲି ଶୁକବାଣୀକୁ । କାରଣ ସେ'ଷେଇ କରୁଚି ସିଏ ।

ପ୍ରତାପ : ବୋଉ ! ସତରେ ତୋର କେତେ ବୁଦ୍ଧି ! ଗତ ଜନ୍ମରେ ତୁ ନିଶ୍ଚୟ ଓକିଲ ଥିଲୁ ?

ମାୟା : ବିଷ କିନ୍ତୁ ତୁ ଯୋଗାଡ଼ କରିବୁ । ସେ ଡାକ୍ତର କଥା ଛାଡ଼ ।

[ବୁଲ୍ ବୁଲ୍ ଆସି ଠିଆ ହେଇଚି]

ପ୍ରତାପ : ମୁଁ ଆଜ ଆଣିଦଉଚି ।

Source: Author, Digitized by PPRACHIN, SOA

[ହଠାତ୍ ବୁଲ୍‌ବୁଲ୍ ପଶିଆସିଲା । ତା'ହାତରେ ବାକ୍‌ସ ଓ ବେଡ଼ିଙ୍ଗ୍]

କିଏ ?

ବୁଲ୍‌ବୁଲ୍ : ମୁଁ ଆଜ୍ଞା ! ବୁଲ୍‌ବୁଲ୍ । ନମସ୍କାର କରିପାରୁନି ଆଜ୍ଞା ! ହ'ହାତ ଯାକରେ ଜିନିଷ !

ପ୍ରତାପ : ଏଇଠିକି କାହିଁକି ଆସିଲୁ ?

ବୁଲ୍‌ବୁଲ୍ : ଆଜ୍ଞା ଡାକ୍ତରବାବୁ ଘରୁ ତଡ଼ିଦେଲେ, କହିଲେ ବେପାର ବନ୍ଦ । ମୁଁ ଆଜ୍ଞା ଗରିବ ଲୋକ···ଆଉ କୁଆଡ଼େ ଯାଇଥା'ନ୍ତି ? ଏଇଠିକି ଚାଲିଆସିଲି ।

ମାମୁଁ : କାହିଁକି ? ଏଇଟା କ'ଣ ଛତ୍ରଘର ? ଦୁନିଆରେ ଯେତେ ସବୁ କାଙ୍ଗାଳୀ ଅଛନ୍ତି···ଏଇଠି ଆସି ମୁଣ୍ଡ ପୁରାଇବେ ? ଦରକାର ନାହିଁ—ଚାଲିଯା'— (ନିଜେ ଚାଲିଗଲେ)

ପ୍ରତାପ : ଦେଖିଲୁ ବୋଉ କ'ଣ କହିଲା ? ଏ ଘରେ ଆଜିକାଲି ବୋଉର ରାଜତ୍ୱ ଚାଲିଛି । ମାମା ଖାଲି ଦସ୍ତଖତ ମାରୁଛନ୍ତି ।

ବୁଲ୍‌ବୁଲ୍ : ଆପଣ ଯୋଉ କାମ ଦେବେ ସେଇ କାମ କରିବି ବାବୁ ! ଆପଣ କହିଲେ ମଣିଷ ମଧ୍ୟ ମାରିପାରିବି ।

ପ୍ରତାପ : ମୁଁ ମଣିଷ ମାରିବାକୁ ଚାହେଁ ବୋଲି ତତେ କିଏ କହିଲା ?

ବୁଲ୍‌ବୁଲ୍ : କିଏ କହିବ ବାବୁ ! ମୁଁ ମୋର ମନକୁ ମନ କହିଲି—ମତେ କିଛି ଲୋଡ଼ା ନାହିଁ ବାବୁ ! ତମ ଗୋଡ଼ିତଳେ ପଡ଼ିଛି ।

ପ୍ରତାପ : ଯାହା କହିବି କରିବୁ ?

ବୁଲ୍‌ବୁଲ୍ : ହଁ ବାବୁ !

ପ୍ରତାପ : ଯଦି କହିବି ସତରେ ମଣିଷ ମାରିପାରିବୁ ?

ବୁଲ୍‌ବୁଲ୍ : ଏଇ ପେଟଠୁ ବଳି ଶତ୍ରୁ ଆଉ ନାହିଁ ବାବୁ । ଏ ପେଟପାଇଁ ଗୋଟାଏ କ'ଣ ? ଦୁଇ ଚାରିଟା ଖୁନ୍ କରିବାକୁ କହିଲେ ବି କରିବି ।

Source: Author, Digitized by PPRACHIN, SOA

ପ୍ରତାପ : ଠିକ୍‌ଅଛୁ, ତା'ହେଲେ ରହ୍ନ୍ତୁ ସା'—ପରେ ଯଦ୍ଧ ମନା କରିବୁ ଦେଖିବୁ···ଦେଖିବୁ ମୋର ରୂପ ! ମୋ' ନାଁ ପ୍ରତାପ ଚୌଧୁରୀ ।

(ପ୍ରତାପ ଚାଲିଗଲା ପରେ ବୁଲ୍‌ବୁଲ୍ ହସିଲା)

ବୁଲ୍‌ବୁଲ୍ : ଆଜ୍ଞ ମୋ' ନାଁ ବି ବୁଲ୍‌ବୁଲ୍ ପଟ୍ଟନାୟକ ! କରଣଘର ଟୁଆ ! ଆଙ୍ଗୁଠି ଚଳେଇବାକୁ ଯାଗା ଟିକଏ ଦେଲେ ମୁଁ ବାହା ଦୂରେଇ-ଦେବି ସାର୍ !

[ଏତିକିବେଳେ ପ୍ରବେଶ କଲା ଭୋଲା । ଏହି ଆଗନ୍ତୁକଟିକୁ ଦେଖି କିଛି କହିନପାରି ବଲ୍‌ବଲ କରି ଗ୍ୟହିଁଲା ଆଶ୍ଚର୍ଯ୍ୟ ହୋଇ । ତା'ପରେ ପଚାରିଲା—]

ଭୋଲା : ତମେ କିଏ ବାବୁ ?

ବୁଲ୍‌ବୁଲ୍ : ତମେ କିଏ ?

ଭୋଲା : କ'ଣ ଦରକାର ?

ବୁଲ୍‌ବୁଲ୍ : ଗୋଟାଏ ମାଇପ ଦରକାର, ଯୋଗାଇ ପାରିବ !

ଭୋଲା : ଆରେ ! ଏଇଟା କୋଉଠୁ ଆଇଲା ? ନନ୍ଦନକାନନରୁ ଆସିଲ ?

ବୁଲ୍‌ବୁଲ୍ : ବେଶୀ ପାଟି କରିବୁନି କହିଦେଉଛି । ଏଇଲେ ମୋ' ରକ୍ତ ଗରମ ଅଛି ।

ଭୋଲା : ବାହାରକୁ ଯା'—ଯା' କହୁଛି···

ବୁଲ୍‌ବୁଲ୍ : ତୋ' କଥାରେ ? ଖୋଦ୍ ଭଣଜା ବାବୁ ମତେ ରଖିଛନ୍ତି ! ତୁ କିଏ ମତେ ତଡ଼ିବା ଲୋକ ?

ଭୋଲା : ମାଡ଼ ଖାଇବୁ ଜଣା ଗଲାଣି । (ଝରଣା ଆସିଲା)

ଝରଣା : କ'ଣ ହେଉଛି ମଉସା ?

ଭୋଲା : ଦେଖ ମା' କୋଉଠୁ ଗୋଟାଏ ପାଗଳ ଆସି···

ଝରଣା : ନାଇଁମ' ପାଗଳା କାହିଁକି ହବ···ପଇସା ନଥିବ···ପେଟ ଦାଉରେ ହୁଏତ ପାଗଳ ଅଭିନୟ କରୁଥିବ···

Source: Author, Digitized by PPRACHIN, SOA

ବୁଲ୍‌ବୁଲ୍ : ହଁ ମା' ! ପ୍ରତାପବାବୁର ଗୋଡ଼ଧରି ଏଇଠି ଖଣ୍ଡେ ଚାକିରି ପାଇଛି ।

ଝରଣା : ପ୍ରତାପ ବାବୁ କହିଛନ୍ତି ?

ବୁଲ୍‌ବୁଲ୍ : ଆପଣଙ୍କ ଗୁଣ...ମା' ଦୁର୍ଗାଙ୍କ ଗୁଣ...

ଝରଣା : ତା' ହେଲେ ଘରକୁ ଆସ । କାମଦାମ କରିବୁ ।

ବୁଲ୍‌ବୁଲ୍ : ଯାଉଛି ଭାଇ ! 'ତମେ ଚାକରକୁ ମୁଁ ଚାକର । ତମେ ଯେମିତି ବାବୁଙ୍କର ଭଲ ଚାହୁଁଛ ମୁଁ ବି ସେମିତି ବାବୁଙ୍କର ଭଲ ଚାହୁଁଛି ।

(ଚାଲିଗଲା)

ଭୋଳା : ମୁଁ ବୁଝିପାରୁନି ବୋହୂ ମା' ! ବାବୁଙ୍କ ପାଖରେ ତମେ ନିଜ ପରିଚୟଟା ଦଉନ କାହିଁକି ?

ଝରଣା : ମତେ ଡର ଲାଗୁଛି ! ଚାକରାଣୀ ହୋଇଅଛି, ସେଇ ମୋର ସୌଭାଗ୍ୟ—ମୋ' ଉପରେ ବାପା ସନ୍ତୁଷ୍ଟ ଅଛନ୍ତି । ବୋହୂ ବୋଲି ଜାଣିଲେ ମୋ' ହାତରନ୍ଧା ପିତା ହୋଇଯିବ ।

ଭୋଳା : କିନ୍ତୁ...

ଝରଣା : ସିଏ ଜେଲରୁ ଫେରିଆସିଲେ ହୁଏତ ମତେ ଏଇଠୁ ଫେରିଯିବାକୁ ହବ । କିନ୍ତୁ ଏଇଠୁ ଯିବାପାଇଁ ମୋର ଜମାରୁ ମନ ହଉନାଇଁ । ବାପା ବୁଢ଼ା ହେଲେଣି ।

ଭୋଳା : ଖାଲି ବୁଢ଼ା ନୁହନ୍ତି । ଘର ସାରା ତାଙ୍କର ଶତ୍ରୁ ।

ଝରଣା : ତମେ ମାଯ୍ରା ଅପାଙ୍କୁ ସନ୍ଦେହ କରୁଛ ?

ଭୋଳା : ଖାଲି ତାଙ୍କୁ ନୁହ ତା'ଙ୍କ ପୁଅକୁ ମଧ୍ୟ । ସାବଧାନ ଥିବ ! ଖାଇବା ଭାତରେ ବିଷ ଦେଇଦେବା ଲୋକ ସେମାନେ ।

ଝରଣା : ତମେ ଚିନ୍ତା କରନା ମଉସା ! ମୋ' ଦେହରେ ବିନ୍ଦୁଏ ରକ୍ତ ଥିବା ପର୍ଯ୍ୟନ୍ତ ବାପାଙ୍କର କେହି କିଛି ଅନିଷ୍ଟ କରିପାରିବେ ନାହିଁ ।

ଭୋଳା : ସେଥିପା କର ମା' । ବୁଢ଼ାଙ୍କୁ ତମେ ଦେଖେଇ ଦିଅ ଯେ ଦରିଦ୍ର ଘରେ ଜନ୍ମ ହେଲେ ବି...ତମ ଭିତରେ ଥିବା ମନଟା ବିରାଟ ଧନୀ ।

Source: Author, Digitized by PPRACHIN, SOA

(ଦୀର୍ଘଶ୍ୱାସ ପକେଇ ଚାଲିଗଲେ । ମଞ୍ଚରେ
ଆଲୋକ ସ୍ତିମିତ । ସନ୍ଧ୍ୟାର ଇଫେକ୍ଟ ।)

ଝରଣା : ତମେ କୋଉଠି ହଜିଗଲ ? ଝରଣା ସିନା ଶୁଖିଯାଏ ଆଉ ପାହାଡ଼ ଭିତରେ ହଜିଯାଏ—ହେଲେ ତମେ ସାଗର ହୋଇ ହଜିଲ କେମିତି ?

ରାମ : (ପ୍ରବେଶ କରି) ମା' !

ଝରଣା : ବାପା !

ରାମ : ଏଇ କେତେଟା ଦିନ ଭିତରେ ତମେ ଯା'ଟା ମୋ' ମନରେ କ ଯେ ମାୟା ଲଗେଇ ଦେଇଚ···

ଝରଣା : ବାପା !

ରାମ : ତୁ ପ୍ରଥମେ···ଆଉ ତୋର ପୁଅଟା ମଧ୍ୟ···ଆଚ୍ଛା ମା' ! ମୁଁ ଯଦି ରାଜୁକୁ ପୋଷ୍ୟପୁତ୍ର କରେ ତୋର କିଛି ଆପତ୍ତି ଅଛି ?

ଝରଣା : ତା' କ'ଣ କେବେ ସମ୍ଭବ ବାପା ?

ରାମ : କାହିଁକି ?

ଝରଣା : ଆପଣଙ୍କର ପୁଅ ଅଛନ୍ତି···ଭଣଜା ଅଛନ୍ତି ।

ରାମ : ସବୁ ସ୍ୱାର୍ଥପର ଦଳ । କାହାକୁ ମୁଁ ବିଶ୍ୱାସ କରେନା । ଭଣଜା ମତେ ମାରି ସମ୍ପତ୍ତି ଆତ୍ମସାତ କରିବାକୁ ଚାହେଁ ! ଭଉଣୀ ମତେ ହତ୍ୟାକରି ରାଜମାତା ହେବାକୁ ଚାହେଁ । ମୁଁ ସବୁ ଜାଣେ ମା' କାହାକୁ କିଛି କହେନା ! (ଯାଉଥିଲେ, ଅଟକି ଯାଇ) ଆଉ ପୁଅ ? ମୋର ପୁଅ ନାହିଁ । ରାମନାରାୟଣ ନିଃସନ୍ତାନ । ଯୋଉ ପୁଅ ବାପର ଅନ୍ତରଟାକୁ ଚହ୍ନିପାରିଲା ନାହିଁ—ପିତାର ମର୍ଯ୍ୟାଦା ରକ୍ଷା କରିପାରିଲା ନାହିଁ—ତା' ସାଙ୍ଗରେ ମୋର··· ସମ୍ପର୍କ କଣ ? (ଚାଲିଗଲେ)

ଝରଣା : ଦିନେ ଏ ସମାଜର ମୁକ୍ତମଣ୍ଡପରେ ସେ କଥା ବିଚାର ହବ ବାପା ! କିନ୍ତୁ ତମେ କ'ଣ ଜାଣିଚ ବାପା ? ତମ ପୁଅବି ଏମିତି ରୁଦ୍ଧ ଗଳାରେ କହୁଥିବେ···ତାଙ୍କର କେହି ନାହିଁ ବୋଲି,

Source: Author, Digitized by PPRACHIN, SOA

ଅଭିମାନ କରି ଦି'ଜଣ ଦି'ଜଣଙ୍କଠାରୁ ଦୂରେଇ ରହିଲ । କିଏ କାହା ଆଡ଼କୁ ସ୍ନେହର ହାତ ବଢ଼େଇ ପାରିଲନି···ଭୁଲ କରିଛ ବୋଲି କେହି କାହାକୁ କହିଲନି···ଆଉ ମତେ ଭସେଇ ଦେଇ-ଗଲ—ଅଭିମାନର ଏଇ ଉଜାଣି ସୁଅରେ ।

[ମଦ ପିଇ ଟଳଟଳ ଆସିଲା ପ୍ରତାପ]

ପ୍ରତାପ : ମୁଁ କିନ୍ତୁ ତତେ ଭସେଇ ଦେବନି । ବୁଝିଲୁ ! ତୋ' ନାଁଟା କଣଟି ? ଉଁ ! ଶଳା ନାଁଟା ଯା'ହଉ ପଛେ···ଯାହା ଗୁଲୁଗୁଲିଆ ଚେହେରା ରଖିଚୁ ଲୋ···ଉଁଃ···ତା' ମା' ମରୁ—କଲିକତାରେ ବି ତୋ' ଭଳିଆ ମାଲ୍ ଦେଖିନି !

ଝରଣା : ସାନ ବାବୁ ! ତମେ ବେଶୀ ମଦ ପିଇଦେଇଚ ବୋଧହୁଏ—ଯାଅ, ଶୋଇବ ଯାଅ···

ପ୍ରତାପ : କୋଉଠି ଶୋଇବ ? ଏଁ ! ଆଜି ମାଲ୍‌ଟା ପିଇଦେଲା ପରେ କୋଉଠି ଶୋଇବ କିଚ୍ଛୁ ଜାଣିପାରୁନି···ବୁଝିଲୁ···ତୋ' ସ୍ୱାମୀଟା ତ କୁଆଡ଼େ ଗଲାଣି···ଆ ଶଳା···ତୋ' ଧିଅ ଗରମକୁ ମୋ' ଧିଅ ଗରମ···ଆ'···ଇଆଡ଼େ ଆ'—

ଝରଣା : ସାନବାବୁ ! ଇଏ କ'ଣ ହଉଚ ?

ପ୍ରତାପ : ଯାହା ହଉଚ ଭଲ ହଉଚି···ଆଲୋ, ସେ ଟୋକାଟା ଶୋଇ-ପଡ଼ିଲାଣି ବା—ଆ'—

ଝରଣା : ନା···

ପ୍ରତାପ : ଆଲୋ—ଆସୁନୁ ! (ଧରିଲା)

ଝରଣା : (ଚିତ୍କାର କରି) ସାନ ବାବୁ ! ମୋ' ଦେହରେ ହାତ ଲଗାନା··· କହୁଚି···

ପ୍ରତାପ : ଆବେ ଷ୍ଟୁପ୍ !

ଝରଣା : ବାପା ! (ମାୟା ଆସି ପହଞ୍ଚିଗଲେ)

ମାୟା : କ'ଣ ହେଇଚ ? କିରେ ପ୍ରତାପ···

ପ୍ରତାପ : ଦେଖ ବୋଉ ! ଖାଇବାକୁ ଦେ' ବୋଲି କହିଲେ କହୁଚ ନିଜେ

Source: Author, Digitized by PPRACHIN, SOA

ବାଡ଼ି ଖାଇଦଅ—ନାଇଁ ବୋଉ, ଇଏ ଥାଉ ଥାଉ ମୁଁ ନକେ ବାଡ଼ି ଖାଇବ ?

ମାୟା : କଲେ...ତୋ'ର ତ ଘଣ୍ଟା ମୁହଁ ବଡ଼ିଗଲଣି...ଏଁ ! ଏଇଠି ରଜା ଘରେ ଖାଇପିଇ ଚର୍ବି ବଢିଗଲା କ ?

ଝରଣା : ନାଇଁ ଅପା ଇଏ ମଦ ପିଇ ଆସି...

ମାୟା : ଶ୍ଟୁପ୍ ! କ'ଣ କହିଲୁ ଛତରଖାଇ ? ମୋ' ପୁଅ ମଦ ଖାଉଚି ? ଏଁ...! ତୋ' ମୁଣ୍ଡ ଖରାପ...ଆରେ ହେ...ଚୁଲ ପ୍ରତାପ...ମୁଁ ବାଡ଼ିଦଉଚି...ଚୁଲ...(ଯାଉ ଯାଉ) ରହଲେ' ବଜାରବୁଲା— ଛତରଖାଇ ରହ...ମୁଁ ତୋ' କଥା ବୁଝୁଚି ! (ଚୁଲଗଲେ)

ଝରଣା : ହେ ଭଗବାନ୍ ! ମତେ ଏଇ ରାକ୍ଷସମାନଙ୍କ କବଳରୁ ଉଦ୍ଧାର କର...ହେ ପ୍ରଭୁ !

(ଅନ୍ଧାର)

Source: Author, Digitized by PPRACHIN, SOA

ଦୃଶ୍ୟ-୨୧

[ବାହାରୁ ପ୍ରବେଶ କଲେ ଗଣେଶ । ହାତରେ ବ୍ୟାଗ୍ ଓ ଛତା । ସରୋଜର ଘରେ କାହାକୁ ନଦେଖି ବିରକ୍ତ ହେଲେ । ବ୍ୟାଗ୍ ଓ ଛତା ଥୋଇ ଗାମୁଛାରେ ଝାଳ ପୋଛୁଲେ]

ଗଣେଶ : ଆଁ ଲୁଚା ନନ୍ଦ ଦାସ କଥାରେ ପଡ଼ିଲି । ଶଳା, ଝିଅଟାକୁ ଜମିଦାର ଘରେ ବାହା କରେଇ ଭାବିଥିଲି ଭାଗ୍ୟଟା ଖୋଲିଗଲା । କିନ୍ତୁ କାଇଁ ? କିଛି ହେଲାନି । ଶଳା ଜୋଇଁଟା କ'ଣ ଜଇଲ ଗଲାଣି । ଶଳା କୋଉଠୁ କ'ଣ ଧେଡ଼େଇ ଥିଲା । କେବେ ଆଉ ଗୋଟେ କିଛି ବାଟ ମିଳିଲାନି ? ଏଇନେ ପଇସା କୋଉଠୁ ଆସିବ ତାକୁ ମୁକୁଳେଇବା ପାଇଁ ? ସରୋଜା ! ଆରେ ହେ ସରୋଜା !

ଚପଳା : (ପ୍ରବେଶ କରି) ନାହାନ୍ତି, ଯାଇଛନ୍ତି ତମ ଜୋଇଁ ସାଆନ୍ତକୁ ଖୋଜିବାକୁ । କି ଅପଚଶା ମଣିଷ ଲୋ ମା' ! କହିଲାବେଳକୁ ବଡ଼ ବଡ଼ କଥା । କ'ଣ ନା ଜମିଦାର ଘର ପୁଅ । ଦେଖ— କୋଉଠି କଣ ଧେଡ଼େଇଥିଲେ ଯେ ପୁଲିସି ବାନ୍ଧେଇ ଜଇଲ ଭିତରେ ପୁରେଇ ଦେଇଛନ୍ତି—

ଗଣେଶ : ବୋହୂ ! ତୁ' ମୋ' ଜୋଇଁ ନାଁରେ କିଛି କହିପାରିବୁ ନାଇଁ, ତତେ ସାବଧାନ କରେଇ ଦଉଚି ।

ଚପଳା : ବାଧି ଯାଉଚି । ସତକଥା କହିଦେଲେ ମରମକୁ ବାଧି ଯାଉଚି ।

ଗଣେଶ : ହୁଁଃ ! ସତକଥା ! କ'ଣ କରିପାରିଲା ମୋ' ଜୋଇଁକୁ । ଆମ ଝିଅଟା ପାଇଁ ଘରଦ୍ୱାର ସବୁ ଛାଡ଼ିଦେଇଚି । ଆଉ ତୁ କ'ଣ ନା ପୁଅଟାକୁ ମୋର ଘରୁ ବାହାର କରି ଆଣିଲୁ । ଗୋଟେ ବୋଲି

Source: Author, Digitized by PPRACHIN, SOA

ପଇସା ଶଳା ଘରକୁ ପଠେଉନ ! ଶଳା ଅବକାଶ୍ ଖର୍ଚ୍ଚକୁ ଆଠଣା ପଇସା ତା' ପାଖରେ ନାଇଁ !

ଚପଳା : ଆଉ ? ପଇସାଗୁଡ଼ା କ'ଣ ମୁଁ ଖାଇଯାଉଚ ? ଯୋଉ ଦରମା ପାଉଛନ୍ତ ତ ! ମୁଁ କେମିତକା ଘରର ଝିଅ କ'ଣ ଦେଖିନା ? ଦଶଟା ମଇଁଷି, ଦଶଟା ଜର୍ସି ଗାଈ । ଘରେ ଆମର ଛେନା ଦୁଧ, ଘିଅ ଭସୁଚ ।

ଗଣେଶ : କ'ଣ ମିଳବ ହେ ଆମକୁ ସେଥିରୁ ? ଶଳା ଆମେ ଖାଉ ନା ଧାରୁ ? ବୋପା ତୋର ଦେଇପକେଇଚ କେତେ ? ଶଳା ଝିଅଟାକୁ ଦେଖିବାକୁ ଆସୁନେଇ । ଶଳା ଏତେ ବଡ଼ ପୂଜାବଜାର ଗଲ— ଶଳା ତୋ' ବୋପାର ଦେଖା ନାଇଁ ! ନାଣ୍ଡ, ଝିଅଜୋଇଁକୁ ଲୁଗା ଦବାକୁ ପଡ଼ବ ! ଧିକ୍ ଶଳା ତୋର ପଇସାକୁ !

ଚପଳା : ବାପା ପଗ କୁହନ୍ତ ଯେତେ ଦେଲେ ଏଇ ନଉଛୁଣା ଘରକୁ ନଅଣ୍ଟ !

ଗଣେଶ : ଶଳା ଦେଇ ପଠେଇଥିବ ବେ ! ବହୁତ ଦେଇଚ୍ଛି ? ଶଳା କଥା କହୁଚ ଯେମିତ ଟ୍ରକ୍ ବୋଝେଇ କର ଜନଷ ଆଣି ଅଜାଡ଼ ଦେଇଥିଲ ! ଝିଅ କାଇଁ ?

ଚପଳା : ଝିଅ ! ସେଇଟା ଗୋଟେ ଝିଅ ! ଛି-ଛି-ଛି ! ଘରର ନାଁ ପକେଇଲା । ଯେତେ କହିଲି—ଖାଇ ପିଇ ଘରେ ବସ ! ମୋ' କଥା ଶୁଣିଲ ? ମନ ଯାଇ ପଗ ପର ପାଖରେ !

ଗଣେଶ : କ'ଣ ହେଲ ସେଉଠୁ ?

ଚପଳା : ଭାଇ ଭାଉଜର ମୁହଁରେ କାଳ ବୋଳଦେଇ ରାତରେ ପୁଅଟାକୁ ଧର କୁଆଡ଼େ ଚଳେଇଲା—ଲୋକେ କହୁଛନ୍ତ ଗୋଟେ ରିକ୍ସା-ବାଲାକୁ ଧର କୁଆଡ଼େ ଚଳେଇଲା !

ଗଣେଶ : ବୋହୂ ! ମୋ' ଝିଅ ନାଁରେ କ'ଣ ଲଗେଇ କହୁଛୁ ? ଜାଣିନାଉଁ ମୁଁ କଏ ବୋଲ ? ଗଣେଶା—ମୁଁ ହଉଚ ଗଣେଶା—ଏଣିକ ଆଉ ମୋ' ଝିଅ ନାଁରେ କହିଲେ ତୋ' ପିଠିରୁ ଛାଲ ଉତାରଦେବ ।

Source: Author, Digitized by PPRACHIN, SOA

ଚପଳା : ଭଗି ଘୁଷି ଉତାରିଲ୍ବାଲା । ପ୍ରଥମେ ନିଜ ଝିଅକୁ ତ ସମ୍ଭାଳି ପାରିଲନି ! ଗୋଟେ ଟୋକାକୁ ଜାଲରେ ପକେଇଥିଲି ଯେ ସେଇଟା ଚୋର । ଶେଷକୁ ତାକୁ ଛାଡ଼ି ଗଲା ଗୋଟେ ରିକ୍ସାବାଲା ସାଙ୍ଗରେ !

ଗଣେଶ : ମୋ' ଝିଅ କାହିଁ ? ଝରଣା କାହିଁବେ ?

ଚପଳା : କହିଲି ପରା ଘର ଛାଡ଼ି ଚଳେଇଛି !

ଗଣେଶ : ଏ ! ତତେ ସାବଧାନ କରିଦଉଛି ! କହ ମୋର ଝିଅ କାହିଁ ?

ଚପଳା : ସେ ରିକ୍ସାବାଲାକୁ ପଚାର⋯ତା' ଘରେ ଯଦି ଥିବ !

ଗଣେଶ : ଚପଳା ! ଆଜି ଆସୁ ସେ ଶଳା ସରୋଜ ! ଶୁଣାଉଛି ତାକୁ ।

[ବାହାରୁ ଆସିଲେ ସରୋଜ ଓ ସାଗର]

ଆରେ ଦେଖିତ ଆସିଗଲେ । ଆରେ ! ତମେ ବି ଆସିଗଲ ପୁଅ ? ଯା'ହଉ ଭଲ ହେଲା । ଆରେ ପୁଅ ମୋ' ଉପରେ ରାଗିଚ କି ? ଆରେ ଏ ଶଳା ଗଣେଶାଟା ଉପରେ ରାଗିଲେ କ'ଣ ଲାଭ ହବ ପୁଅ ? ମୋର ଶଳା କ'ଣ କିଛି ଠିକ୍ ଅଛି ?

ସରୋଜ : ଚପଳା ଟିକେ ଡାକିଲ ଝରଣାକୁ ।

ଚପଳା : ଆଉ ଝରଣା ଅଛି ଯେ ଡାକିବି ?

ସରୋଜ : କୁଆଡ଼େ ଗଲା ?

ଚପଳା : ଦିନେ ରାତିରେ ତା' ପୁଅକୁ ଧରି ଗୋଟେ ରିକ୍ସାବାଲା ସାଙ୍ଗରେ କୁଆଡ଼େ ପଳେଇଯାଇଚି ।

ସରୋଜ : କ'ଣ କହିଲ ?

ସାଗର : ନା ! ମୁଁ ବିଶ୍ୱାସ କରିପାରୁନି । ଯାହାଲାଗି ମୁଁ ଘର ଛାଡ଼ିଲି—ବାପାଙ୍କର ତ୍ୟାଜ୍ୟପୁତ୍ର ହେଲି—ଶେଷକୁ ସେଇ ଝରଣା ମୋର ନାହିଁ ? ମୋ' ବିରୁଦ୍ଧରେ କଣ ସବୁ ଚକ୍ରାନ୍ତ ଚାଲିଚି ମୁଁ ବୁଝିପାରୁନାହିଁ । ସରୋଜ ! ମତେ ସତ ସତ କହ ଝରଣା କାହିଁ ? ମୁନା କାହିଁ ?

ସରୋଜ : ଚପଳା ! କ'ଣ ସତରେ ଝରଣା ଏ ଘର ଛାଡ଼ି ପଳେଇଗଲା ?

Source: Author, Digitized by PPRACHIN, SOA

ଗଣେଶ : ଆବେ କୁଆଡ଼େ ପଳେଇବ ବେ ? ମୋ' ଝିଅକୁ ମୁଁ ଜାଣିନ ? ସୁବର୍ଣ୍ଣସୀତା ପରି ଝିଅ ମୋର, ଏ ଶଳା ତାକୁ ବିଷ ଦେଇ ଦେଇଛି ।

ସାଗର : ଭାଉଜ ! କୁହ ମୋର ମୁନା କାହିଁ ? କୁହ ଝରଣା କାହିଁ ?

ଗଣେଶ : କହିବେ' ! ଶଳା ଚୈରଣୀ !

ଚପଳା : ଏ' ଦେଖ ! ମୋ' ଉପରେ ଦୋଷ ଲଦିଅନ କହୁଛି । ମୁଁ କାହାକୁ ଏଇଠି ଜଗିବସିନ । ବଡ଼ିଲା ଝିଅ—ବାହାହେଲା ବୋହୂ । ଗୋଟାଏ ପୁଅର ମା'—ତା'ର ଯଦି ନଜର ଦାୟିତ୍ୱ ନାହିଁ ତା'ହେଲେ କିଏ କ'ଣ କରିବ ?

ସାଗର : ଭାଉଜ ! ମୁଁ ତମଠୁ ସ୍ପଷ୍ଟ ଜବାବ ଚାହେଁ !

ଚପଳା : ଆହେ ଜବାବ କ'ଣ ହେ···ରିକ୍ସାବାଲା ସାଙ୍ଗରେ ପଳେଇଛି ! ଅଣ୍ଟି ନିଆଁକୁ କେତେ ଆଉ ଲୁଚେଇବ ? ଏଇଥରକ ସତ କହିଦଉଛି !

ସାଗର : ଭାଉଜ ! (ଆଗେଇଗଲା ଚପଳା ଆଡ଼କୁ) କୁହ ଝରଣା କାହିଁ ! ତମେ ତାକୁ ଘରୁ ତଡ଼ିଦେଇଛ ! ମୁଁ ଜାଣେ ତମେ ତାକୁ ଘରୁ ତଡ଼ିଦେଇଛ !

ଚପଳା : ଏଇଟା ଯେମିତି ମୋ' ବୋପାର ଘର ! ମୁଁ କାହିଁକି କାହାକୁ କିଛି କହିବାକୁ ଯିବି ଲୋ ମା' ! ଯାହା ପ୍ରକୃତି ଯେମିତିଆ—ବାପା କହୁଥାନ୍ତି ପରା—କୁକୁର ଲାଞ୍ଜକୁ ଯେତେ ସଳଖିଲେ କ'ଣ ସିଏ ସିଧା ହବ ?

ସାଗର : ଭାଉଜ , ତମ କଥାରେ ମୁଁ ବିଶ୍ୱାସ କରୁନି । ଭଗବାନ ଯଦି ସ୍ୱୟଂ ଆସି କୁହନ୍ତି ତଥାପି ମୁଁ ବିଶ୍ୱାସ କରିବି ନାହିଁ । ତମେ ହିଁ ତାଙ୍କୁ ଘରୁ ତଡ଼ିଦେଇଛ । ବାରବର୍ଷ ଧରି ତମକୁ ମୁଁ ଚିହ୍ନିଛି, ସରୋଜ-ଟାକୁ ତମେ କାବୁ କରିଦେଇଛ···ମତେ କରିପାରିବନି ! ଠିକ୍ ଅଛି ମୁଁ ଖୋଜିବି, ଝରଣାକୁ ମୁଁ ଖୋଜିବି, ମୁନାକୁ ମୁଁ ଖୋଜିବି !

ସରୋଜ : ସାଗର ! ··· (ଚାଲିଗଲା)

Source: Author, Digitized by PPRACHIN, SOA

ଚପଳା : ଭଲ ବନ୍ଧୁବାନ୍ଧବ ମୋର ! ନିଆଁ ପଡ଼ୁ ସ୍ୱାଙ୍କ ମୁହଁରେ ।

ଗଣେଶ : କ'ଣ କହିଲୁ ? ସରୋଜା ! ଆବେ ଶଳା ଗୃହିଁଚୁ କ'ଣ ବେ ? ଦେଖିନୁ ! ତୋ' ମା' ଉପରେ କେମିତି ମାଡ଼ ବସୁଥିଲା । ଶଳା ମାଇପ କଥାରେ ଭୋଳ ହେଇଯାଉଚ ।

ସରୋଜ : ଚପଳା ମୁଁ ତମକୁ ଠିକ୍ ଚହ୍ନିଚି···ତମେ ଝରଣାକୁ ଛଡ଼ଦେଇଚ । ତମେ ମୁନ୍ନା ରାଜାକୁ ଛଡ଼ଦେଇ ମୋ' ଆଗରେ ମିଛ ସଫେଇ ଦଉଚ !

ଚପଳା : ହଁା ! କରିଚି କରିଚି ବେଶ୍ କରିଚି···

ସରୋଜ : [ମାଡ଼] ବେଶ୍ କରିଚୁ···? ମୋ ଭଉଣୀକୁ ଶେଷକୁ ଘରୁ ଛଡ଼ଲୁ ? ଗ୍ଣ୍ଡବନ···ଗ୍ଣ୍ଡବନ ! (ମାଡ଼ ମାରିଚି)

ଗଣେଶ : ଲଗା···ଆହୁରି ଲଗା କହୁଚି । ମୋ ଝିଅ ରେକ୍ସାବାଲା ସାଙ୍ଗରେ ପଳେଇଚି···

ଚପଳା : ରିକ୍ସାବାଲା ସାଙ୍ଗରେ ତ ପଳେଇଲା ଆଉ କ'ଣ କହିଥାନ୍ତି ! ସାହି ବସ୍ତିରେ ସମସ୍ତଙ୍କୁ ପଚ୍ଚାରି ।

ସରୋଜ : ଚୁପ୍ ! ପୁଣି ମିଛ । (ମାଡ଼)

ଗଣେଶ : ମାରି···ଆହୁରି ମାରି···ମାରି ମାରି ବେହୋସ କରିଦେ ! ମୁଁ ଦେଖେ ଆଉ ଥରେ ତତେ ବାହା କରେଇବ ! (ଗୃଲିଗଲା)

ସରୋଜ : କୁହ ଝରଣା କାଇଁ ?

ଚପଳା : ତମେ ମତେ ମାରିଲ ! ଏଡ଼େ ସାହସ ?

ସରୋଜ : (ଆଉ ଗୋଟେ ଗୃପୁଡ଼ା) କ'ଣ କହିଲୁ ? ବଦ୍‌ମାସ !

ଚପଳା : ମୁଁ ଆଜ ବାପଘରକୁ ଗୃଲିଯାଉଚି । (ଗୃଲିଗଲା)

ସରୋଜ : ଯା'—ବର୍ତ୍ତମାନ ଏ ଘରୁ ବାହାରି ଯା'···ମୁଁ କଚ୍ଛିନ୍ଦନ ସୁସ୍ଥରେ ବଞ୍ଚିଯାଏ ପ୍ରଥମେ—ବାବୁଲଟାକୁ ନଷ୍ଟ କରିଦେଲି ··· ବାପା ଆସିଲେ ଅପମାନ ଦେଲି—ନା···ପ୍ରଥମେ ମତେ ମୋ' ଭଉଣୀକୁ ଖୋଜିବାକୁ ପଡ଼ିବ । (ପ୍ରସ୍ଥାନ)

Source: Author, Digitized by PPRACHIN, SOA

ଦୃଶ୍ୟ—୨୨

[ରମନାଥପୂଣଙ୍କର ଘର । ଆସିଲେ ବୁଲବୁଲ୍ ଓ ଭୋଳା ।]

ବୁଲ୍‌ବୁଲ୍ : ତମକୁ ମିଛ, ମତେ ସତ ଭାଇ ! ମତେ କାହିଁକି ଏ ମା'ପୁଅଙ୍କ କାରବାର ଭଲ ଲଗୁନି ।

ଭୋଳା : ପିଇସି ବୁଢ଼ିଟା ତ ସାକ୍ଷାତ ଗୋଟେ ଅସୁରୁଣୀ ! ଆଉ ପୁଅଟା ତ ଜାଣ ଗୋଟେ ପବନା !

ବୁଲ୍‌ବୁଲ୍ : ଜମିଦାର ବାବୁଟା କିନ୍ତୁ ସରଳ ଲୋକ ! ଆଉ ଏ ଦ୍ୱ'ଟାଙ୍କର ମତଲବ୍ ଠିକ୍ ନୁହେଁ ଭୋଳା ଭାଇ ! ସେଇଥିପାଇଁ କହୁଥିଲି— ଠିକ୍ ଜଗିରଖି ଚଳୁଥିବ ! ନହେଲେ କେତେବେଳେ କ'ଣ କରିବେ—ଭାତରେ ବିଷ ମିଶେଇଦେବେ—ଆମେ ଶେଷକୁ ଜେଲ୍ ଯିବା ।

[ମାୟା ପ୍ରବେଶ କଲେ]

ମାୟା : କ'ଣ ସବୁ ଖୁସିଗପ ଚାଲିଚି ଏଇଠି ? ଭୋଳା ! ତେଣେ ଦୁନିଆ-ଯାକର କାମ ପଡ଼ିଚି ସେଇଠି । ତମେ ଦ୍ୱ'ଟା ଏଇଠି ମାଲିକର ଖାଇ ମସ୍ତି କରିବ ?

ଭୋଳା : ସବୁବେଳେ କାହିଁକି ମୋ' ପଛରେ ଲାଗିଚ କି ଅପା ! ତମର ତ ଖାଇପିଇ ଚିତା ତିଳକ କରି ଠାକୁରଙ୍କ ପାଖରେ ଭଜନ କରିବା କଥା । ଟାଉଟରି କରୁଚ କାହିଁକି ?

ମାୟା : କ'ଣ କହିଲୁ ପୋଡ଼ାମୁହାଁ ! ମୁଁ ଟାଉଟରି କରୁଚି ?

ଭୋଳା : ନୂଆ ମା'ତ ସବୁ କାମ କରୁଛନ୍ତି ।

Source: Author, Digitized by PPRACHIN, SOA

ବୁଲ୍‌ବୁଲ : ମା' ହେଲେ କାମ କରୁଛନ୍ତି ଯେ ! ମା'ତ ପୁରା ଘର ଚଳାଉଛନ୍ତି । ଆଜକୁ ପନ୍ଦର ଦିନ ହେଲା ବାବୁଙ୍କ ଘରେ ରହିଲଣି—ହେଲେ ବାବୁଙ୍କ ସାଙ୍ଗରେ ମୋର ଦେଖା ହେଇନି ।

ମାୟୁ : ଦେଖିଲୁ ଭୋଳା ? ଶୁଣିଲୁ ? ପନ୍ଦର ଦିନ ହେଲା ଆସିଲେ କ'ଣ ହେଲା, ଲୋକ ଚିହ୍ନୁଚି । ଆଉ ତୁ' ବାଡ଼ିପଡ଼ା ତ ଉଆସରୁ ଅଧେ ଖାଇ ଗଲୁଣି । ଖାଲି ଭାଇଙ୍କୁ ମନ୍ତର କରି ରଖିଚୁ ।

ଭୋଳା : କାହିଁକି ? ବାବୁ ତମ ପାଲରେ ଆଉ ପଡୁନାହାନ୍ତି ନା କ'ଣ ?

ମାୟୁ : ରହରେ ପୋଡ଼ାମୁହାଁ ! ତତେ ଯଦି ବାଡ଼େଇ ବାଡ଼େଇ ଏ ଘରୁ ବାହାର ନ କରିଚି···

ଭୋଳା : ହଉ ହଉ, କିଏ କାହାକୁ ବାହାର କରିବ ଦେଖିବା ।

ମାୟୁ : ଆଉ ଦି'ଚାରିଟା ଦିନ ମଜା ମାରୁଥା' ପୁଅ, ଭାଇ ସମ୍ପତ୍ତିଟା ପ୍ରତାପ ହାତରେ ଉଇଲ କରି ଦିଅନ୍ତୁ—ତେଣିକି ତୋ' କଥା ମୁଁ ବୁଝିବିନି ?

ଭୋଳା : ଜେଲ ଯିବ ! ଯୋଉ ସବୁ କାମ କରୁଚ ତମକୁ ଧର୍ମ ସହିବ !

ବୁଲ୍‌ବୁଲ୍ : ତମେ ଆସ ଭୋଳା ଭାଇ ! ମା' ଯେତେ ହେଲେ ବି ଏ ଘରର ମାଲିକାଣୀ ! ଆମର ଅନ୍ନଦାତ୍ରୀ ! ତାଙ୍କୁ ଏମିତି କହିବାଟା ତମର ଯୁକ୍ତି ସଙ୍ଗତ ହଉନି । ଆସ ।

[ବୁଲ୍‌ବୁଲ୍ ଭୋଳାକୁ ନେଇ ଯାଉଥିଲା ।]

ଭୋଳା : ଅଲବତ୍ କହିବି, କହିବିନି !

ମାୟୁ : ଗ୍ଯେଟ୍ ବାଡ଼ିପଡ଼ା !

ଭୋଳା : ହଉ ହଉ ! ତମ ହାତରେ ଯାହା ହଉଚି କର ।

(ଚାଲିଗଲା)

ମାୟୁ : ଆରେ ହେ ବୁଲ୍‌ବୁଲ୍ ? ତୁ କୁଆଡ଼େ ଯାଉଚୁ ? ତା' ସାଙ୍ଗରେ ପଡ଼ନା, ନଷ୍ଟ ହେଇଯିବୁ, ଆ' ଇଆଡ଼େ ଆ'—

ବୁଲ୍‌ବୁଲ୍ : ମତେ କ'ଣ କହିବ ମା' !

Source: Author, Digitized by PPRACHIN, SOA

ମାୟା : ଶୁଣ, (କାନରୁ ପୁଡ଼ିଆଟିଏ ବାହାର କରି) ବୁଝିଲୁ ବାବୁ କ୍ଷୀର ଖାଇଲା ବେଳେ ଏଇଟା ସେଥିରେ ପକେଇଦବୁ ।

ବୁଲ୍‌ବୁଲ୍ : ଏଇଟା କ ଔଷଧ ବା ?

ମାୟା : ଆରେ ରାଜବୈଦ୍ୟ ଗାଁରୁ ଆସିଥିଲେ । ଭାଇଙ୍କ ଦିହରେ ଏ ସଦାର ଔଷଧ ଯାଉନ, ସେଇଥିପାଇଁ କବିରାଜଙ୍କୁ କହି ଏଇ ଚୂର୍ଣ୍ଣଟା ମଗେଇଥିଲି । ବାବୁଙ୍କୁ ଦେଇଦବୁ । ନହେଲେ ଚା'ରେ ମିଶେଇ ଦେଇଦବୁ । ହେଲା ? ପାରିବୁଟି ?

ବୁଲ୍‌ବୁଲ୍ : କାଇଁକି ପାରିବିନି ମା' ? ନିଶ୍ଚୟ ପାରିବି ।

ମାୟା : ଏଇଟା ଖାଇଲେ ଭାଇଙ୍କ ଧିଅରେ ବଳ ହବ ।

ବୁଲ୍‌ବୁଲ୍ : ଏଁ ! ଏମିତିକା କଥା ? ତା' ହେଲେ ମୁଁ ବି ଟିକିଏ ଏଇଥିରୁ ଚା'ରେ ମିଶେଇ ଖାଇବି ।

ମାୟା : ନାଇଁ ନାଇଁ ନାଇଁ । ଏଇଟା ବାବୁ ଖାଇବେ ।

ବୁଲ୍‌ବୁଲ୍ : ବାବୁଙ୍କୁ ଅଧେଦେବି, ମୁଁ ଅଧେ ଖାଇବି । ତମ ଘରେ ଯୋଉ କାମ ସବୁ କରିବାକୁ ପଡ଼ୁଚି ଧିଅରେ ଟିକିଏ ବଳ ନ ହେଲେ ଆଉ କରି ହବନି ।

ମାୟା : ନାଇଁ ନାଇଁ ! ତୁ ଯ୍ୟାକୁ ଖାଇବୁନି—

ବୁଲ୍‌ବୁଲ୍ : ଟିକିଏ ଦିଅ ମା'—ଦଉନ !

ମାୟା : ଆରେ କମ୍ ବୟସର ଲୋକେ ଯ୍ୟାକୁ ଖାଇଲେ ମରିଯିବେ । ଆଉ ହଁ—ବାବୁ ଯେମିତି ଔଷଧ ଖାଉଛନ୍ତି ବୋଲି ଜାଣି ନ ପାରନ୍ତି ।

ବୁଲ୍‌ବୁଲ୍ : ଜାଣିଲେ କ'ଣ ହବ ?

ମାୟା : ଆରେ ଭାଇ ପରା ଔଷଧ କଥା ପଡ଼ିଲେ ଖାଲି ଚିଡ଼ୁଛନ୍ତି । ମୋଟେ ରୁ ଔଷଧ ଖାଉନାହାନ୍ତି ।

ବୁଲ୍‌ବୁଲ୍ : ଓ ! ଏଇକଥା ? ସେ କଥା କହୁନା ? ଠିକ୍ ଅଛି ମା' ! ଏ ଓଷଧଟା ତମ ପାଖରେ ଥାଉ, ବାବୁଙ୍କୁ କ୍ଷୀର ଦେଲାବେଳେ ଦେଇଦେବି । ଦାମୀକା ଓଷଧନା ?

Source: Author, Digitized by PPRACHIN, SOA

ମାୟା : ହଉ ! ମୋ' ପାଖରେ ଥାଉ ।

ବୁଲ୍‌ବୁଲ୍ : ଇଏ···ମା' ! ବାବୁଙ୍କୁ ତ କାହିଁ ଦେଖୁନି ? ପ୍ରତାପବାବୁ ନରହିଲେ ମୋତେ ଭଲ ଲାଗୁନି ।

ମାୟା : ଆରେ ସିଏ ପରା ଟଙ୍କା ଆଣିବାକୁ ଯାଇଚି । ତାକୁ ଗୋଟେ ଝିଅ ପାଞ୍ଚଲକ୍ଷ ଟଙ୍କା ଠକ ଦେଇଚି ।

ବୁଲ୍‌ବୁଲ୍ : ସତେନା ? ହେଇଥିବ—ହେଇଥିବ । କିଏ ? ଲୁସିଦେଇ ନୁହନ୍ତି ?

ମାୟା : ତୁ କେମିତି ଜାଣିଲୁ ?

ବୁଲ୍‌ବୁଲ୍ : ମୁଁ ପରା ଆଗରୁ ତାଙ୍କ ଘରେ ଥିଲି ମା' ! ମତେ ଟିକିଏ ଆଗରୁ କହିଲନି ? ମୁଁ ବି ଯାଇଥାନ୍ତି ସାଙ୍ଗରେ । ବାବୁ କାଳେ ବିପଦରେ ପଡ଼ିଯିବେ—

ମାୟା : ଆରେ ତା'ର କିଛି ଦରକାର । ମୋ ପୁଅ ଏସବୁ କାମରେ ଧୁରନ୍ଧର —ବୁଝିଲୁ ? (ଯାଉଥିଲେ । ଅଟକି ଯାଇ) ଶୁଣ୍···ଆଜି କ୍ଷୀର ଦେଲାବେଳେ ମୋତୁ ଔଷଧଟା ମନେ ପକେଇ ନବୁ, ବୁଝିଲୁ, କାହାକୁ କହିବୁ ନାହିଁ । କାମ କରି ସାରିଲେ ମୁଁ ତତେ ଦୁଇଟା ଟଙ୍କା ଦେବି । ବୁଝିଲୁ ?

[ଏହା କହି ମାୟା ଦେବୀ ଚାଲିଗଲେ ।]

ବୁଲ୍‌ବୁଲ୍ : ନମସ୍କାର୍ ମାଡ଼ାମ୍ ! ମୁଁ ଏଇଠୁ ଚାଲିବେଳକୁ ଆପଣଙ୍କ ପାଦଧୂଳି ଦିଇଟା ପୁଡ଼ିଆ ବାନ୍ଧି ଦେଇଦେବେ । ଆପଣ ମୋର ଚିର ନମସ୍ୟ ! ଏଇଥର ପଇସାପଇ ହାତକୁ ଆସିଲେ ଇଲେକ୍‌ସନ ଲଢ଼ନ୍ତୁ । ଘରେ ନରହି ଆପଣ ରାଜନୀତିରେ ଭାଗ ନେବା ଉଚିତ ଥିଲା ।

[ଚାଲିଗଲା । ଅନ୍ୟପଟୁ ଆସିଲେ ରାମନାରାୟଣ ଓ ରାଜୁ ଓରଫ୍ ମୁନା]

ରାମ : ଠିକ୍ ଅଛି । କାଲି ଚୋର ଘୋଡ଼ା ଆସିଯିବ ନାତିଆ—

ରାଜା : ତମ କଥାର କିଛି ମୂଲ୍ୟ ନାହିଁ । ସବୁଦିନ ତ କହୁଚ ଆଣିଦବ ବୋଲି । ହେଲେ କାହିଁ ? ଆଜି ଯାଏଁ ତ ଆଣି ଦେଲନି !

Source: Author, Digitized by PPRACHIN, SOA

ରାମ : ମନେ ପଡ଼ୁନି ପରା ।

ରାଜା : କାହିଁକି ମନେ ପଡ଼ୁନି ?

ରାମ : ଆରେ ମୁଁ ପରା ବୁଢ଼ାଲୋକ । ବୁଢ଼ାଲୋକଙ୍କର କଣ ମନେ ରହେନି !

ରାଜା : ଓ ! ଏମିତିକା କଥା ? ବୁଢ଼ା ହୋଇଗଲେ କୌଣସି କଥା ମନେ ପଡ଼େନି, ନାହିଁ ?

ରାମ : ଠିକ୍ ଅଛି । ତୋ' କଥା ରଖିବା ପାଇଁ ମୁଁ ଆଜି ଘୋଡ଼ା ହେଇ-ଯାଉଚି, ତୁ' ମୋ' କାନ୍ଧରେ ବସ ।

ରାଜା : ବୋଉ ଦେଖିଲେ ଗାଳି ଦବ ।

ରାମ : ଆବେ ବୋଉ ତୋର ରୋଷେଇ ଘରେ ଅଛି, ବସିଯା' ମୋ' କାନ୍ଧରେ—

ରାଜା : ବୋଉ ପିଟିବ । ବୋଉ କହିଚି ତମ ସାଙ୍ଗରେ ବେଶୀ କଥାବାର୍ତ୍ତା ନ କରିବାକୁ !

ରାମ : କାହିଁକି ?

ରାଜା : ତମେ ଜମିଦାର ଲୋକ ଆଉ ଆମେ ତମର ଚାକର ।

ରାମ : ତୁ ପରା ମୋ ନାତିଆ—ବସି ଯା' ନାତିଆ—ମୋ' କାନ୍ଧ ଉପରେ ବସିଯା'···ଆବେ ତୁ କିଏ ମୁଁ କିଏ ? କୋଉ ନଈରେ ଭାସି ଭାସି ଆସି ଏଇଠି ଲାଗିଲୁ ମୋ' କୂଳରେ । ତା'ପରେ ତ ତୋର ମୋର ପ୍ରେମ ହେଇଗଲାରେ ନାତିଆ—ହେଲେ ମୋ' ନଈର ସୁଅ ମତେ କୁଆଡ଼େ ଟାଣି ନଉଚି ମୁଁ ଜାଣି ପାରୁନି, ମଝିରେ ତୁ' ମୋର ହୁଲ ଉଙ୍ଗାଟିଏ । ଆ'—ବସିଯା' କାନ୍ଧ ଉପରେ । ତୋ' ସାଙ୍ଗରେ ମୁଁ ବି ପାରି ହେଇଯିବି ନଦୀ ।

ଝରଣା : (ଝରଣା ପ୍ରବେଶ କଲା) ରାଜା !

ରାଜା : ବୋଉ ! (ଦୌଡ଼ି ପଳେଇଲା)

ରାମ : ଯାଃ ! ମଜା ଖେଳଟାକୁ ତୁ' ନଷ୍ଟ କରିଦେଲୁ ବୁଝିଲୁ ମା' ? ଶଳା କେମିତି ଘୋଡ଼ା ସବାର ହେଇଥାନ୍ତା ମୁଁ ଦେଖନ୍ତି !

Source: Author, Digitized by PPRACHIN, SOA

ଝରଣା : ବାପା ! କାଲି ସକାଳେ ଓଳକ ପାଇଁ ମତେ ଛୁଟି ଦେବେ ?

ରାମ : ଛୁଟି ? ଓ !

ଝରଣା : ହଁ, ମାତ୍ର ଓଳକ ପାଇଁ । ଥରେ ସ୍ୱାମୀଙ୍କର ଖୋଜଖବର ନେଇ ଆସିବି ।

ରାମ : ଆରେ ମତେ ତାର ନାଁ ଠିକଣା କହୁନୁ—ମୁଁ ଲୋକ ଲଗେଇ ଖୋଜି ଦେବିନି ? ନ ହେଲେ ଖବରକାଗଜ ଆଉ ରେଡ଼ିଓରେ ସମ୍ବାଦଟା ଦେଇଦବା । ତୋ' ସ୍ୱାମୀର ନାଁ କ'ଣ ?

ଝରଣା : ଥାଉ ବାପା ! ଆପଣଙ୍କର ଏତେ ପରିଶ୍ରମ କରିବା ଦରକାର ନାହିଁ, ମୋର ଅନ୍ୟ କାମ ବି ଅଛି ।

ରାମ : ତା'ହେଲେ ? ତୁ ନିଶ୍ଚୟ ଯିବୁ ? ତା'ହେଲେ କାଲି ସକାଳଟା ମତେ ଉପାସ ରହିବାକୁ ପଡ଼ିବ ଦେଖୁଛି । ତୋ' ହାତ ରନ୍ଧା ଖାଇଲା ପରେ ଆଉ କାହା ରୋଷେଇ ମତେ ଭଲ ଲାଗୁନି । ତା'ଛଡ଼ା ନାତିଟାକୁ ଥରେ ନ ଦେଖିଲେ ମୋତେ ଅନ୍ଧ ହେଇଗଲା ପରି ଲାଗୁଛି ।

ଝରଣା : ବାପା ! ସେଇଟା ଆମର ଭାଗ୍ୟ ! (କଣ୍ଠ ରୁଦ୍ଧ ହେଇଗଲା)

ରାମ : ତୁ କାନ୍ଦୁଚୁ କାହିଁକି ମା' ?

ଝରଣା : ନାହିଁ ବାପା, ମୁଁ ଭାବୁଚି···

ରାମ : କ'ଣ ଭାବୁଚୁ ?

ଝରଣା : ଭାବୁଚି ମୁଁ ତ ଏଇଠି ରାଜା ସାଙ୍ଗରେ ସୁଖରେ ଅଛି, ସିଏ କ'ଣ କରୁଥିବେ । ସିଏ ବି ଅତି ବଡ଼ ଘରର ପୁଅ । ମତେ ବାହାହେଇ ଏମିତି କାଙ୍ଗାଳ ହେଇ ଯାଇଛନ୍ତି ।

ରାମ : ସତେ ନା କ'ଣ ?

ଝରଣା : ମୁଁ ମୋଟେରୁ ନିଜକୁ କ୍ଷମା କରିପାରୁନି ବାପା ! ତାଙ୍କର ଏଇ ଦୁଃଖକଷ୍ଟ ମୂଳରେ ମୁଁ ଅଛି । ଭଗବାନଙ୍କୁ ଏତେ ଡାକୁଚି ମତେ ମରଣ ହଉ ବୋଲି···ହଉନି ! (କାନ୍ଦିଲା)

ରାମ : ତୋର ଶାଶୁ ଶ୍ୱଶୁର ଅଛନ୍ତି ?

Source: Author, Digitized by PPRACHIN, SOA

ଝରଣା : ଶାଶୁ ନାହାନ୍ତି । ଶ୍ୱଶୁର ଅଛନ୍ତି ।

ରାମ : ଲୋକଟା ଅନ୍ଧ ।

ଝରଣା : ନା ବାପା—ସେ କାହିଁକି ଅନ୍ଧ ହେବେ ?

ରାମ : ଆଖି ଥିଲେ ତୋ' ଭଳିଆ ଝିଅକୁ ସିଏ ଘୃଣ୍ଡଦେଇଥାନ୍ତା ? ତେବେ ତୋର ଶ୍ୱଶୁର ନ ପଚାରୁ, ମୁଁ ଅଛି, ତୁ କିଛି ଚିନ୍ତା କରନା । ତୋ' ପାଇଁ ମୁଁ ଗୋଟାଏ କିଛି ବ୍ୟବସ୍ଥା କରୁଚି । କାଲି ମୁଁ ରାଜା ନାଁରେ ଉଇଲ କରିବା ପାଇଁ କୋର୍ଟକୁ ଯିବି । କ'ଣ କହୁଚୁ ?

ଝରଣା : ତା' କେମିତି ହବ ବାପା ? ଆପଣଙ୍କର ପୁଅ ଅଛନ୍ତି, ଭଣଜା ଅଛନ୍ତି, ରାଜା କିଏ ?

ରାମ : ରାଜାକୁ ମୁଁ ଭଲ ପାଇଲି—ଦେଲି । ତୋର ସେଥିରେ କ'ଣ ଗଲା ?

ଝରଣା : କାହିଁକି ଦେବେ ? ରାଜା ଆପଣଙ୍କର କିଏ ?

[ଖେଳା ପ୍ରବେଶ କଲା]

ରାମ : ଏଇତ ଖେଳା ଆସିଲାଣି ! କରେ ଖେଳା—କାଲି ମୁଁ ରାଜା ନାଁରେ କିଛି ସମ୍ପତ୍ତି ଉଇଲ କରିଦେବି ବୋଲି ଭାବୁଚି, ତେବେ ଏ ଝିଅଟା ପ୍ରତିବାଦ କରୁଚି !

ଖେଳା : କାହିଁକି ପ୍ରତିବାଦ କରିବେ ନି ? କେତେ ଆଉ ସହିବେ ? ଆଜିକି ବାର ବର୍ଷ ହେଲା ସେ ବହୁତ ସହିଲେଣି···କ'ଣ ନା ନାତି-ନାଁରେ ଉଇଲ କରିବେ ! ନିଜେ ସେଇ ତ ସବୁ ସମ୍ପତ୍ତିର ମାଲିକ···ଉଇଲ ପୁଣି କ'ଣ ?

ରାମ : ଆରେ କ'ଣ ଇମିତି କହୁଚୁ ଖେଳା···ପାଗଳ ହୋଇଗଲୁ ନା କ'ଣ ?

ଖେଳା : ପାଗଳ ? ମୁଁ ପାଗଳ ନୁହେଁ···ତମେ ଆଜି ପାଗଳ ହେଇଯାଇଚ ବାବୁ !

ରାମ : ଆରେ କ'ଣ ତୁ କହୁଚୁ ? କାହା କଥା କହୁଚୁ ?

Source: Author, Digitized by PPRACHIN, SOA

ଭେଲା : କହୁଛ ତମେ ଆଜି ଯାହାକୁ ତମର ନାତି ବୋଲି କହୁଛ ।

ଝରଣା : ମଉସା···ତମକୁ ମୋ ରାଣ—

ଭେଲା : ଆଜି ଭେଲା କାହାର କଥା ମାନିବ ନାହିଁ···ଏତେ ବଡ଼ ଗୋଟେ ସତ କଥାକୁ ଲୁଚେଇ ରଖି ମୁଁ ବିଶ୍ୱାସଘାତକ ହେଇପାରିବନି··· ନା···

ରାମ : କ'ଣ ସେ କଥା ମୁଁ ତ କିଛି ବୁଝିପାରୁନି···

ଭେଲା : ଏଇଠି ସମସ୍ତେ ଅଛନ୍ତି···ହେଲେ କେହି କାହାରିକୁ ଚହ୍ନିପାରୁ ନାହାନ୍ତି···ହେ ରାଧାମୋହନ ! ବିଚିତ୍ର ତମର ସଂସାର···

ରାମ : ଭେଲା···

ଭେଲା : ପାଖରେ ବୋହୂ, ପାଖରେ ନାତି···ଅଥଚ···

ଝରଣା : ମଉସା ତମେ ଚୁପ ହୁଅ···

ଭେଲା : ଆଉ ମତେ କେହି ଚୁପ କରିପାରିବେ ନାହିଁ—ଯେତେବେଳେ ମୋ ମୁହଁ ଖୋଲିଛି ସେ ମୁହଁ ଆଉ ବନ୍ଦ ହବନି···ସିଏ ସିନା ଅନ୍ଧ···ମୁଁ ତ ଆଉ ଅନ୍ଧ ହେଇପାରିବ ନି···

ରାମ : ଭେଲା !

ଭେଲା : ତୁମର ଆଖି ଆଗରେ ଯୋଉମାନେ ଠିଆହେଇଛନ୍ତି ସେ ଏ ଘରର ବୋହୂ ମା···ଆଉ ଇଏ ତମର ନାତି···

ରାମ : ତୁ କ'ଣ କହୁଚୁ ଭେଲା ?

ଭେଲା : ଏଣିକି ତମ ମନ ଯାହା କହୁଛି ସେଇଆ କର···ମୋର ଆଉ କିଛି କରିବାର ନାହିଁ । ଥରେ ତ ଭୁଲ କରି ପୁଅକୁ ଘରୁ ବିଦା କରି ଦେଇଥିଲ ! ବିଦା କରିଦେଲ ଯେ ଏ ଯାଏଁ ଆଖିରୁ ପାଣି ଶୁଖିନି ।

ରାମ : ଭେଲା !

ଭେଲା : ଏବେ ବୋହୂ ଆଉ ନାତିକି ପାଇଚ—କ'ଣ କରୁଚ କର ।

Source: Author, Digitized by PPRACHIN, SOA

[ବର୍ତ୍ତମାନ ରାମନାରାୟଣଙ୍କର ମୁହଁର ରେଖା-
ଗୁଡ଼ିକ କୁଞ୍ଚିତ ହୋଇଉଠିଲା । କ୍ରମେ କ୍ରମେ
ଏକ କଠୋର ଭାବ ଜାଗ୍ରତ ହେଲା । ଦେହ
ଥର ଉଠିଲା । ଆଖି ଲାଲ ହୋଇଉଠିଲା ।
ସେ ଚିତ୍କାର କରି କହିଲେ]

ରାମ : ବଦମାସ···ପାଜି···ଏତେ ଦିନ ଧରି ଏତେ ବଡ଼ କଥା ତୁ ମୋ ପାଖରେ ଲୁଚେଇ ରଖିଥିଲୁ ? ଗୁଣ୍ଡାବାକ, କାହାକୁ ଗୁଣ୍ଡାବାକ··· ଆରେ ଏତେ ବଡ଼ ସତ୍ୟକୁ ସବୁ ଲୁଚେଇ ରଖାଯାଇଥିଲା ?···

ରାଜା : ଚାଲିଲ ଜେଜେ···ଖାଇବ ଚାଲିଲ···ମିଛଟାରେ ଆସି ସିଏ ରଗେଇ ଦେଇଗଲେ···

ରାମ : ନା···ମୁଁ ଖାଇବିନି···

ରାଜା : ସକାଳୁ ଖାଇଥିଲ···ଆସି କେତେବେଳ ହେଲାଣି···

ଝରଣା : ଠିକ୍ ସମୟରେ ନ ଖାଇଲେ ଦେହ ଖରାପ ହବନି !

ରାମ : ମୋ' ଦେହ କଥା ଭାବିବାକୁ ତୁ କିଏ ? କୋଉ ଅଧିକାରରେ···

ଝରଣା : ବାପା !

ରାମ : ଚୁପ୍, ସେ ଡାକକୁ ଡାକିବାର ଅଧିକାର ତୋର ନାହିଁ···ସେ ଅଧିକାର ତୁ ହରେଇ ବସିଚୁ···ଭାବିଥିଲୁ ମତେ ଇମିତି ଉପରେ ଉପରେ ସ୍ନେହ କରି ମୋ ଘଣ୍ଟିଗୁଡ଼ା ମାରିନବୁ, ନା···?

ଝରଣା : ବାପା···

ରାମ : ତୁ ଏଠିକି ଆସିଲାବେଳେ ତୋ ପରିଚୟଟା ତ ଦେଇପାରିଥା'ନ୍ତୁ··· କାହିଁକି ? ତୋର କି ଉଦ୍ଦେଶ୍ୟ ଥିଲା···? କ'ଣ ପାଇଁ ମୋ ସାଙ୍ଗରେ ତୋର ଏ ଅଭିନୟ···?

ଝରଣା : ଜୀବନରେ ଅଭିନୟ କ'ଣ ମୁଁ ଜାଣିନି ବାପା···ମୁଣ୍ଡ ଗୁଞ୍ଜିବାପାଇଁ ଟିକେ ଆଶ୍ରୟ ପାଇଁ ଭୟରେ ମୁଁ କିଛି କହିନଥିଲି···ଭାବିଥିଲି ମୋ' ପରିଚୟ ପାଇଲେ ଆପଣ ଘରୁ ତଡ଼ିଦେବେ—

ରାମ : ଆଜି ଯଦି ତଡ଼ିଦିଏ ? ମୋର ଏକମାତ୍ର ସନ୍ତାନ ରାସ୍ତାରେ ଭିକ

Source: Author, Digitized by PPRACHIN, SOA

ମାଗି ବୁଲୁଚ ଆଉ ତମକୁ ଘରେ ବସେଇ ମୁଁ ରାଜଭୋଗ ଖୁଆଇବ ?

ଝରଣା : କାଲି ସକାଳୁ ହିଁ ମୁଁ ଚାଲିଯିବି ବାପା । ସବୁ ମୋର କର୍ମଫଳ ନ ହେଲେ ଆପଣ କାହିଁକି ଏ କଥା କହନ୍ତେ ! ଆପଣଙ୍କ ପୁଅକୁ ଆପଣ ଫେରେଇ ଆଣନ୍ତୁ···ସବୁ ଅପରାଧ ମୋର ।

[ଚାଲିଯାଉଥିଲା]

ରାମ : କାଲି ସକାଳୁ ନୁହେଁ ଆଜି···ଏଇ ମୁହୂର୍ତ୍ତରେ···

ଝରଣା : ଚାଲିଯିବି ବାପା···ଏଇ ମୁହୂର୍ତ୍ତରେ ଏ ଘର ଛାଡ଼ି ମୁଁ ଚାଲିଯିବି । ଆଉ ଟିକକ ପରେ ରାକ୍ଷସୀର ମୁହଁ ଆଉ ଦେଖିପାରିବେ ନାହିଁ । ମତେ ଆଶିର୍ବାଦ କରନ୍ତୁ—ଏଇ ଦେଖା ଯେମିତି ଆପଣଙ୍କ ପାଙ୍ଗରେ ଶେଷ ଦେଖା ହୁଏ—

[ପ୍ରଣାମ କଲା ଝରଣା—ରାମନାରାୟଣ ମୁହଁ ଫେରାଇ ଲୁହ ପୋଛୁଥିଲେ । କାନ୍ଦୁ କହିଲେ]

ରାମ : ଥାଉ ଥାଉ ! ଆଉ ଅଭିନୟ କରିବା ଦରକାର ନାହିଁ ।

ଝରଣା : ଅଭିନୟ ନୁହେଁ । ଏ ଲୁହ ମିଛ ନୁହେଁ—ଛଳନା ନୁହେଁ । ଭଗବାନଙ୍କ ପାଖରେ ଏ ଲୁହ ଢାଳି ମୁଁ ପ୍ରାର୍ଥନା କରୁଛି ଆପଣଙ୍କ ସଂସାରରେ ସୁଖଶାନ୍ତି ଫେରିଆସୁ···ମୁଁ ପଛକେ ନ ଜାଣେ—ମୁଁ ପଛକେ ନ ଦେଖେ—ଆ' ରାଜା ।

ରାଜା : (ଯାଉ ଯାଉ) ଯାଉଛି ଜେଜେ !

ରାମ : କୁଆଡ଼େ ଯାଉଚୁ ?

ଝରଣା : ଯୁଆଡ଼େ ଏ ଆଖି ଦି'ଟା ପାଇବ ରାଜାକୁ ନେଇ ମୁଁ ଚାଲିଯିବି···

ରାମ : ଏଇଟା କ'ଣ ଗୋଟେ ଧର୍ମଶାଳା ହେଇଚି ? ଯାହାର ଯେତେବେଳେ ମନ ପାଇଲା ଆସିଲା ଆଉ ଗଲା ! ନା···ଏ ଘରର ଏରୁଣ୍ଡିବନ୍ଧ ଡେଇଁ ଥରେ ଯିଏ ଆସେ ସେ ଆଉ ଏ ଘରୁ ଯାଇପାରିବ ନାହିଁ ।

ଝରଣା : ବାପା !

ରାଜା : ଜେଜେ !

Source: Author, Digitized by PPRACHIN, SOA

ରାମ : ନା···ଥରେ ଭୁଲ କର ଆଜକୁ ବାରବର୍ଷ ହେଲା ମୁଁ ଯେଉଁ ଯନ୍ତ୍ରଣା ଅନୁଭବ କରୁଚି କେହି ବୁଝିପାରିବେନି···ଆଜି ସେଇ ଭୁଲର ମୁଁ ପ୍ରାୟଶ୍ଚିତ କରିବି ତମକୁ ବୋହୂମା ଭାବେ ଗ୍ରହଣ କରି ···ତମେ ମୋର ବୋହୂମା···ତମେ ଏ ଘରର ଲକ୍ଷ୍ମୀ··· (ରାଜାକୁ କୋଳେଇ) ତା'ର ରକ୍ତ ମୋ ଦେହରେ···ଗୋଟିଏ ତ ଯାଇଚି··· ମୋ ରକ୍ତକୁ ଫେରିପାଇ ମୁଁ ଆଜି ଦୂରେଇଦେବି ତାକୁ ? ଆରେ ନା, ତୋ' ସ୍ଥାନ ସେଠି ନୁହେଁ··· ମୋର କୋଳରେ···

(ରାଜାକୁ କାଖେଇଛନ୍ତି)

ରାଜା : ଜେଜେ !

ରାମ : ଡାକ ଡାକ···ଆଉଥରେ ଡାକ୍···ବଡ଼ ପାଟିରେ ଡାକ୍···ଆରେ ସୋଳା, ଦେଖିଯା'···ଆରେ ମୁଁ ଆଜି ସମସ୍ତଙ୍କୁ ଫେରିପାଇଚି··· ସାଗର ସିନା ନାହିଁ, ଆଜି ତା'ର ପୁଅ ମୋର କୋଳରେ··· ଚାଲ ମା···ତମେମାନେ ରହିଲେ ସାଗର ନିଶ୍ଚୟ ଖୋଜି ଖୋଜି ଏଇଠି ଆସି ପହଞ୍ଚିବ···ଆସ ମା'···ଆସ···। (ପ୍ରସ୍ଥାନ)

Source: Author, Digitized by PPRACHIN, SOA

ଦୃଶ୍ୟ-୨୩

[ସୁବ୍ରତର ଘର । ହଠାତ୍ ସେଦିନ କିଶୋର ବାବୁ ଆସି ସୁବ୍ରତକୁ ଗାଳିଦେବା ଶୁଣାଗଲା]

କିଶୋର : ଅପଦାର୍ଥ ତମେ ! ଏତେ ବାଜେ କାମ କରୁଚି ସେ ଲୁସି । ତମେ ତାକୁ ଶାସନ କରିପାରିଲ ନାହିଁ ? ଆଉ କି ସ୍ୱାମୀ ହବ ତମେ ? ନିଜେ ତ ନଷ୍ଟ ହବ ! ଅନ୍ୟମାନଙ୍କୁ ବି ହଇରାଣ କରିବ !

ସୁବ୍ରତ : ଲୁସିକୁ ବାହା ହେଇ ମୋ' ଜୀବନ ନଷ୍ଟ ହେଇଗଲାଣି । ଆଉ ତ କିଛି ବାକି ନାହିଁ !

କିଶୋର : ଶାସନ କର ! ଧନୀ ପିତାର ଏକମାତ୍ର ସନ୍ତାନ ହେଲେ ଝିଅ-ମାନଙ୍କର ଯୋଉ ସବୁ ଅସୁବିଧା ହବା କଥା ସବୁ ତାର ହଉଚି ।

ସୁବ୍ରତ : ଖାଲି ତାହା ନୁହେଁ··· । ମୁଁ ଯେ ତାର ସ୍ୱାମୀ ସେ କଥା ସିଏ ଭୁଲି-ଯାଇଚି···ପ୍ରତ୍ୟେକ ସମୟରେ ସେ ମତେ ଅପମାନିତ କରିଚି··· ମୁଁ ଯିମିତି ତା'ର ଇଚ୍ଛାର କ୍ରୀଡ଼ନକ ।

କିଶୋର : ସବୁ ତମର ଦୋଷ···ସବୁ ତମର ଭୁଲ···ସ୍ୱାମୀ ହେଇ ଯିଏ ନିଜର ସ୍ତ୍ରୀକୁ ନିଜ କଣ୍ଟ୍ରୋଲରେ ରଖିପାରେନା, ସେ ସ୍ୱାମୀ ହବାପାଇଁ ହକ୍‌ଦାର ନୁହେଁ ।

ସୁବ୍ରତ : ଆପଣ ତ ପ୍ରଥମରୁ ତାର ମୁହଁକୁ ବଢ଼େଇଦେଇଚନ୍ତି···ଦିଲ୍ଲୀ ଇଉନିଭରସିଟିରେ ପାଠ ପଢ଼ିଚି ବୋଲି ତାର ବହୁତ ଗର୍ବ···

କିଶୋର : ଆଜି ବି ସମୟ ଅଛି···ନିଜ ସ୍ତ୍ରୀକୁ କଣ୍ଟ୍ରୋଲ ଭିତରେ ରଖ··· ନିଜର ସ୍ୱାମୀତ୍ୱ ଜାହିର କର···ତାକୁ ଜବତ କରିବାକୁ ଯାଇ ଯଦି ମାଡ଼ ଦବାକୁ ପଡ଼େ, ତା'ହେଲେ କେବେ ପଛେଇଯିବ ନାହିଁ । ସେ ମୋ ଝିଅ ହେଲେ ବି ସେ ତମର ସ୍ତ୍ରୀ···ସ୍ତ୍ରୀକୁ ତାର

Source: Author, Digitized by PPRACHIN, SOA

ସୀମା ଭିତରେ ରଖିବା ସ୍ୱାମୀର କର୍ତ୍ତବ୍ୟ···ନହେଲେ ଶେଷକୁ ତାକୁ ହା'ହୁତାଶରେ ଦିନ କାଟିବାକୁ ପଡ଼ିବ···!

(ଗ୍ଭଲିଗଲେ)

ସୁବ୍ରତ : ଖାଲି ମୁଁ ସେତିକି ଗ୍ଭହିଁଥିଲି ଆପଣଙ୍କଠାରୁ···। ମୁଁ ସ୍ୱାମୀ···ଆଜି ମୁଁ ସ୍ୱାମୀତ୍ୱ ଜାହିର କରିବି···ତାକୁ ବାଟକୁ ଆଣିବାକୁ ମତେ ଟିକିଏ ନିର୍ମମ ହେବାକୁ ପଡ଼େ ମୁଁ ପଛେଇଯିବିନି···ନା—

(ଆସିଛି ଲୁସି)

ଲୁସି : ମୁଁ ଯୋଉ କାମ ଦେଇଥିଲି କଲ ?

ସୁବ୍ରତ : କୋଉ କାମ ?

ଲୁସି : କୋଉ କାମ ମନେ ରହୁନି, ଏଇଠି କବି କଳାକାରମାନଙ୍କ ପରି ବୁଲି ବୁଲି ଟହଲ ମାରୁଛ ?

ସୁବ୍ରତ : Shutup ଲୁସି । ତମେ ବହୁତ ବଡ଼ ବଡ଼ କଥା କହି ସୀମା ଲଂଘନ କରି ଗଲଣି ।

ଲୁସି : ମୋ' ପଇସାରେ ପ୍ରତିପାଳିତ ହୋଇ ମୋ'ରି ଉପରେ ଜୁଲୁମ ? ଶୁଣିଲି, ତମେ ସେ ଜମିଦାରକୁ Slow Poison ଦେବା ବନ୍ଦ କରିଦେଇଚ !

ସୁବ୍ରତ : ମୁଁ କାହାରିକୁ ହତ୍ୟା କରିପାରିବିନି ।

ଲୁସି : ଆଜି ପ୍ରତାପ ଆସି ମତେ କହିଲା ।

ସୁବ୍ରତ : ମୁଁ ତମର ସ୍ୱାମୀ···ତମେ ମୋର ସ୍ତ୍ରୀ···ସାହସ ତମଠାରୁ ମୋର ବେଶୀ··· !

ଲୁସି : ସତେ ? କେବେଠାରୁ ?

ସୁବ୍ରତ : ଆଜିଠାରୁ···ଆଜି ପର୍ଯ୍ୟନ୍ତ ମୁଁ ତମର ହେନ୍‌ପେକ୍‌ଡ଼ ହଜବ୍ୟାଣ୍ଡ ହୋଇ ରହି ଆସିଥିଲି···ଆଉ ନୁହେଁ···ଆଜି ମୁଁ ତମ ଉପରେ ମୋର ସ୍ୱାମୀତ୍ୱ ଜାହିର କରିବି···

ଲୁସି : ଲୁସି କାହାରି ଅଣ୍ଡର୍‌ରେ କେବେ ରହିନି କି ରହିପାରେନା···

Source: Author, Digitized by PPRACHIN, SOA

ସୁବ୍ରତ : ରହିବାକୁ ହବ···ତମର ସ୍ମଗ୍ଲ କାରବାର, ସ୍ମଗଲିଂ ସବୁ ବନ୍ଦ କରିବାକୁ ହବ···ତମକୁ ଗୋଟେ ସୁସ୍ଥସବଳ ଜୀବନ କଟେଇବାକୁ ପଡ଼ିବ···ତମକୁ ମୋ କଥା ମାନି ଚଳିବାକୁ ପଡ଼ିବ···

ଲୁସି : ତମ କଥା ମାନି ନ ଚଳିଲେ ?

ସୁବ୍ରତ : ନ ଚଳିଲେ ?···ତମକୁ ମୁଁ ଜେଲ୍ ପର୍ଯ୍ୟନ୍ତ ପଠେଇବାକୁ ବାଧ ହେବ···ତମର ସମସ୍ତ କଥା ମୁଁ ପୋଲିସ ଆଗରେ କହିଦେବାକୁ ବାଧ ହେବ ।

ଲୁସି : ସତେ ?···ସେ ସୁଯୋଗ ତମେ ପାଇବନି ସୁବ୍ରତ···! ଆଜି ମୁଁ ତମର ଏ ମୁହଁ ବନ୍ଦ କରିବି··· (ମାରିବ ଛାଳି)

ସୁବ୍ରତ : ମୋ ମୁହଁ ବନ୍ଦ କରିବ ତମେ ?···ମୁଁ ଆଜି ତମକୁ ଶେଷ ନକରି ଛାଡ଼ିବ ନାହିଁ···

[ଯାଇ ଲୁସିର ବେକ ଧରିବ । ଆସିଚନ୍ତି ଲୁସିର ଗୃମଗୃ ଗୁଣ୍ଡାମାନେ । ସୁବ୍ରତ ସେମାନଙ୍କୁ ପିଟିବ । ହାରିଯାଇ ବାବାଜୀ-ମାନେ ପଳେଇ ଯାଇଚନ୍ତି । ଏଇ ସମୟରେ ଲୁସି ରିଭଲଭର୍ ବାହାର କରି]

ଲୁସି : ସେମାନଙ୍କ ପାଖରୁ ବଞ୍ଚିଯାଇଚ···ଆଜି ଲୁସି ପାଖରୁ ତମର ନିସ୍ତାର ନାହିଁ···!

[ଏଇ ସୁଯୋଗରେ ସୁବ୍ରତ ମାରିବ ଓ ଲୁସିର ରିଭଲଭର୍ ପଡ଼ିଯାଇଚି···ଦୁହେଁ ରିଭଲଭର୍ ଗୋଟେଇବା ସମୟରେ ରିଭଲଭର୍ ଫୁଟିଯାଇ ଲୁସି ମରିଯାଇଚି ରକ୍ତାକ୍ତ ହୋଇ]

ସୁବ୍ରତ : ହାଃ ହାଃ···ଶେଷ ହେଲି···ଗୋଟେ ପାପୀ ଜୀବନରେ ଅବସାନ ହେଲା···ଏ ରକ୍ତ ଆଜି ମୋ ପାଇଁ ଗଙ୍ଗାଜଳ ପବିତ୍ର । ମୁଁ ମାରି ନଥିଲେ ବି ହୁଏତ ଆଜୀବନ କାରାଦଣ୍ଡ ଭୋଗ କରିବାକୁ ପଡ଼ିଥା'ନ୍ତା !

Source: Author, Digitized by PPRACHIN, SOA

କିନ୍ତୁ ମୋର ଆନନ୍ଦ ଯେ ମୁଁ ଏ ସମାଜର ଗୋଟାଏ କଳଙ୍କକୁ ମୂଳପୋଛ କରିଦେଇଛି । ଏଇ ଘର ମଧ୍ୟ ମୋ'ପାଇଁ ଗୋଟାଏ ଜେଲ୍ ଥିଲା—ସେଇ ଜେଲ୍‌ରୁ ମୁଁ ଆଜ ମୁକ୍ତ ! ମୁଁ ମୁକ୍ତ !!

(ଟେଲିଫୋନ ଉଠାଇ)

ହାଲୋ ! ପୋଲିସ ଷ୍ଟେସନ୍ ! ମୁଁ ସୁବ୍ରତ କହୁଚି । ୟେସ୍ ! ମତେ ଆରେଷ୍ଟ କରିବେ ଆସନ୍ତୁ ନା,—ମୁଁ ଖୁନ କରିନି···ଗୋଟେ ଦୁର୍ଘଟଣା ଭିତରେ ମୋ' ସ୍ତ୍ରୀ ଲୁଚି ମରିଯାଇଛି ।

[ଅନ୍ଧାର]

Source: Author, Digitized by PPRACHIN, SOA

ଦୃଶ୍ୟ-୨୪

[କିଶୋର ଭଞ୍ଜଙ୍କର ଘର । ପାଗଳ ଭଳି ଚିତ୍କାର କରୁଥିଲେ କିଶୋରଚନ୍ଦ୍ର]

କିଶୋର : ସବୁ ଗଲା···ଝିଅ ଗଲା···ଜ୍ୱାଇଁ ଗଲା···ମୋର ମାନସମ୍ମାନ ସବୁ ଗଲା···ସବୁ ଭୁଲ ମୋ'ରି···ତାକୁ ଆଧୁନିକ ଶିକ୍ଷା ଦେଇ ଦିଲ୍ଲୀରେ ପାଠ ପଢ଼େଇ, ତାକୁ ମୁଁ ସ୍ୱେଚ୍ଛାଚାରୀ କରିଛି । ଆଜି ମୁଁ ଅନୁତାପ ନିଆଁରେ ସଡ଼ିବି ନାହିଁତ କିଏ ସଡ଼ିବ ?

(ଆସିଛି ପ୍ରତାପ)

ପ୍ରତାପ : ଲୁସି କାହିଁ !

କିଶୋର : ସିଏ ଆଉ ନାହିଁ ।

ପ୍ରତାପ : ନାହିଁ ମାନେ ?

କିଶୋର : ଲୁସି ମୋର ଆଜି ସବୁଦିନପାଇଁ ହଜିଯାଇଛି···

ପ୍ରତାପ : କ'ଣ କହୁଚନ୍ତି ଆପଣ ?

କିଶୋର : ତମେ ତାକୁ ନଷ୍ଟ କରିଚ···ତମେ ଲୁସିକୁ ପଥଭ୍ରଷ୍ଟ କରିଚ··· ସ୍ମଗଲିଂ, ହତ୍ୟା···ସବୁ ଶିଖେଇଚ···ତମେ ସାଗରକୁ ଜେଲ୍ ପଠେଇଚ ।

ପ୍ରତାପ : ମୁଁ ଏସବୁ କରିଚି···?

କିଶୋର : ହଁ···

ପ୍ରତାପ : କରିଚ ଯଦି ଭଲ କରିଚି···। ମୋର ପାଞ୍ଚ ଲକ୍ଷ ଟଙ୍କା ତା'ହେଲେ ତମକୁ ଦେବାକୁ ପଡ଼ିବ !

Source: Author, Digitized by PPRACHIN, SOA

କିଶୋର : ପାଞ୍ଚ ଲକ୍ଷ ଟଙ୍କା···? କୋଉ ପାଞ୍ଚଲକ୍ଷ ?

ପ୍ରତାପ : ରତ୍ନଖଚିତ ଠାକୁରମୂର୍ତ୍ତି ବାବଦରେ ମୁଁ ତାଠାରୁ ପାଇଚି ପାଞ୍ଚ ଲକ୍ଷ···ଆଜି ମୋର ପାଞ୍ଚ ଲକ୍ଷ ଟଙ୍କା ବାକି···

କିଶୋର : ଛି ଛି···ଶେଷରେ ତମେ ମାମୁଁଙ୍କର ଠାକୁରଙ୍କୁ ଚୋରି କଲ ? ଏତେ ବଡ଼ ଗୋଟେ ସୁନାର ସଂସାରକୁ ତମେ ଆଜି ତମ ମା' ନଷ୍ଟ କରିଦେଲ ?

ପ୍ରତାପ : ମୁଁ କିଛି ଶୁଣିବାକୁ ଚାହେଁନା···ମୋର ପାଞ୍ଚ ଲକ୍ଷ ଟଙ୍କା ବାକି··· ଆଜି ସେଇଟା ମୁଁ ତମରି ପାଖରୁ ନେବାକୁ ଚାହେଁ···

କିଶୋର : କାହିଁକି ?

ପ୍ରତାପ : ଯେହେତୁ ତମେ ଲୁସିର ବାପା···

କିଶୋର : ନା···ଗୋଟେ ପଇସା ତୁମେ ମୋ'ଠାରୁ ପାଇବନି । ବରଂ ମୁଁ ରାମନାରାୟଣ ପାଖକୁ ଯାଇ ତମର ସମସ୍ତ କଥା କହିଦେବି···

ପ୍ରତାପ : ସେ ସୁଯୋଗ ମୁଁ ତମକୁ ଦେବିନି···କିଶୋର ଭଞ୍ଜ ! ଗୋଟେ ଇଞ୍ଚ୍ ମଧ୍ୟ ତମେ ଏଠୁ···ଘୁଞ୍ଚି ଯାଇ ପାରିବନି !

କିଶୋର : କ'ଣ ? ଧମକ ଦଉଚ ? କିଶୋର ଭଞ୍ଜ ତମ ଧମକରେ ଡରିଯିବା ଲୋକ ନୁହେଁ···ମୁଁ ପୋଲିସକୁ ଫୋନ କରିବି ।

(ଫୋନ ପାଖକୁ ଆଗେଇଲାବେଳେ)

ପ୍ରତାପ : ନା··· [ପେଲି ଦେଇଚି···କିଶୋର ପଡ଼ିଯାଇଚନ୍ତି] ତମକୁ ମୁଁ ଏଇଠି ଶେଷ କରିବି···କାରଣ ମୋ' ବିରୁଦ୍ଧରେ କୌଣସି ସାକ୍ଷୀ ପ୍ରମାଣ ମୁଁ ରଖିବାକୁ ଚାହେଁନା···!

[ରିଭଲଭର୍ ଉଠେଇବା ସମୟରେ ହଠାତ୍ ପ୍ରବେଶ କରିଚି ବୁଲ୍‌ବୁଲ୍]

ବୁଲ୍‌ବୁଲ୍ : ବାବୁ···ବାବୁ !

Source: Author, Digitized by PPRACHIN, SOA

ପ୍ରତାପ : କିଏ ? ତୁ ଏଠି କାହିଁକି ?

ବୁଲ୍‌ବୁଲ୍ : ବାବୁ···ଘରେ ଯୋଉ ନୂଆ ମା' ଆଉ ତାଙ୍କ ପୁଅ ରତ୍ନନାଥାନ୍ତି···
ସେ ଦୁହେଁ ତମ ମାମୁଁଙ୍କର ବୋହୂ ଆଉ ନାତି ।

ପ୍ରତାପ : ସତେ ? ଯା'ହେଉ ତାଙ୍କୁ ବି ମତେ ଶେଷ କରିବାକୁ ହେବ···କାରଣ
ତାଙ୍କୁ ଶେଷ ନକଲେ ମୁଁ ସମ୍ପତ୍ତିର ଉତ୍ତରାଧିକାରୀ ହୋଇପାରିବିନି ।
କିନ୍ତୁ ତା' ପୂର୍ବରୁ ସ୍ବାମୀକୁ ମତେ ଶେଷ କରିବାକୁ ପଡ଼ିବ···।

ବୁଲ୍‌ବୁଲ୍ : ଆପଣ କାହିଁକି ମଣିଷ ମାରିବେ ବାବୁ ? ଆପଣ କାହିଁକି ଥାନାକୁ
ଯିବେ ? ଜେଲ୍ ଭୋଗିବେ···? ମୁଁ କାହିଁକି ଅଛି···? ସେଇଠାକୁ
ଦିଅନ୍ତୁ, ମୁଁ ଶେଷ କରିଦଉଛି !

ପ୍ରତାପ : ଠିକ୍ କଥା···ହଉ ନେ··· (ରିଭଲଭର୍ ଦେଇଦେଇଛି)

ବୁଲ୍‌ବୁଲ୍ : ଥ୍ୟାଙ୍କସ୍ ଅପ୍ ପ୍ରତାପ !

ପ୍ରତାପ : ବୁଲ୍‌ବୁଲ୍ ! ଏ କି ପାଗଳାମି କରୁଚୁ ?

ରସିକ : ବୁଲ୍‌ବୁଲ୍ ନୁହେଁ···ରସିକ ମୋହନ ଦାସ···ସି.ଆଇ.ଡି. ! ମୂର୍ତ୍ତି
ଚୋରି···ମାମୁଁଙ୍କୁ ବିଷ ଇଞ୍ଜେକ୍‌ସନ୍···ତାର ସମସ୍ତ ଚୋରି କାମର
ପ୍ରମାଣ ମୋ ପାଖରେ ଅଛି···ତମେ ବର୍ତ୍ତମାନ ହାଜତକୁ ଯିବ !

[ଆସିଚନ୍ତି ନୟନକୁମାର]

ନୟନ : ସାର୍··· !

ବୁଲ୍‌ବୁଲ୍ : ଏଇଠାକୁ ନେଇ ଥାନାକୁ ଯାଅ···ମୁଁ ପରେ ଯାଉଛି !

ନୟନ : ଚାଲ···ଇନ୍‌ସପେକ୍ଟର ! [ହାତକଡ଼ି ଦେଇ ନେଇଗଲେ]

କିଶୋର : ତମେ ତାହେଲେ !

ରସିକ : ମୁଁ ଆଜ୍ଞା ଏଇ ଘରେ ଚାକିରୀ କରିଥିଲି କେବଳ ଆପଣଙ୍କ ଝିଅଙ୍କ
କାର୍ଯ୍ୟକଳାପ ଜାଣିବାପାଇଁ···ମାତ୍ର ମୁଁ ତାଙ୍କୁ ଆରେଷ୍ଟ କରିବା
ପୂର୍ବରୁ ସେ ମରିଗଲେ । ହେଲେ ମୁଁ ସୀମନ୍ତିନୀଙ୍କୁ ବଞ୍ଚେଇ
ପାରିଚି । ମୁଁ ଆସୁଚି କିଶୋରବାବୁ···ଟିକିଏ ଡେରି ହେଲେ
ହୁଏତ ଗୋଟେ ନିରୀହ ଲୋକ ଶେଷ ହୋଇଯାଇପାରେ ।

Source: Author, Digitized by PPRACHIN, SOA

କିଶୋର : ହେଲେ ସାଗର କାହିଁ ? ମୁଁ ଦିଲ୍ଲୀରୁ ଫେରି କେବଳ ସାଗରକୁ ଖୋଜୁଚି···ହେଲେ ତାକୁ କୋଉଠି ମୁଁ ପାଉନି···ସାଗରକୁ ପାଇଲେ ତାକୁ ନେଇ ରାମନାରାୟଣ ପାଖରେ ଦେବି ଏବଂ ପାପର ପ୍ରାୟଶ୍ଚିତ···କରିବି ।

ରସିକ : ସାଗରକୁ ଆପଣ ଖୋଜୁଚନ୍ତି···?

କିଶୋର : ହଁ···

ରସିକ : ଆପଣ ଆସନ୍ତୁ···ମୁଁ ଆପଣଙ୍କୁ ସାଗର ପାଖରେ ପହଞ୍ଚେଇଦେବି···

କିଶୋର : ଚାଲ ।

———

Source: Author, Digitized by PPRACHIN, SOA

ଦୃଶ୍ୟ-୨୪

[ରମନାରାୟଣଙ୍କର ଘର । ସମୟ ସନ୍ଧ୍ୟା । ଆଳତିର ସମୟ । ଝରଣା ପାଟଶାଢ଼ୀ ଓ ଗହଣା ପିନ୍ଧି ପୂଜାଥାଳି ଧରି ଆସିଲା । ସାଙ୍ଗରେ ଭେଳା ।]

ଭେଳା : ଏତେ ଦିନେକେ ମୋ ଚକ୍ଷୁ ତୃପ୍ତ ହେଲା···ଏଇ ଶାଢ଼ୀଟା ମା ଥିଲାବେଳେ ପିନ୍ଧୁଥିଲେ···ତମ ଶାଶୁ ରାଣୀମା ! ଏ ଗହଣା ସବୁ ତାଙ୍କର···ଏଇଥର ଏ ଘରର ଭାଗ୍ୟ ଫେରିଆସିଲା···ଖାଲି ରାଧାମୋହନଙ୍କ ଦୟାରୁ ଯଦି ସାନବାବୁ ଫେରିଆସନ୍ତେ ତା'ହେଲେ···

ଝରଣା : ମଉସା···କ'ଣ ହବ ମୋର ଏ ଦାମିକା ଶାଢ଼ୀ···କ'ଣ ହବ ମୋର ଏ ଦାମି ଗହଣା···ସିଏ ଯେତେବେଳେ ନାହାନ୍ତି ଯୁ'ର କିଛି ମୂଲ୍ୟ ନାହିଁ···ଏ ସଜବାଜ କାହା ଲାଗି···

ଭେଳା : ରାଧାମୋହନଙ୍କର ଦୟାଥିଲେ ସବୁ ହବ ମା···ତମେ କିଛି ଚିନ୍ତା କରନା···ବୋହୁ ମା, ବାବୁଙ୍କୁ ପ୍ରସାଦ ଦେଇ ଆସିବ ଯା···

ଝରଣା : ତମେ ଚାଲ ମଉସା, ମୁଁ ଯାଉଚି ।

ଭେଳା : ହଉ···   (ଭେଳା ଚାଲିଗଲା)

ଝରଣା : ତମେ ଆଜି କୋଉଠି ମୁଁ ଜାଣେନା···ବାପାଙ୍କ କଥାରେ ମୁଁ ଯୋଉ ଶାଢ଼ୀ ଆଉ ଗହଣା ପିନ୍ଧିଚି ଏଗୁଡ଼ା ତମ ବିନା ମତେ ବୋଝ ପରି ଲାଗୁଚି ।   (ଆସିଚି ମାୟା)

Source: Author, Digitized by PPRACHIN, SOA

ମାଯ୍ନା : କ'ଣ ବୋହୁ ସା'ନ୍ତାଣୀ···ସଜବାଜ ତ ହେଲ···ତେଣେ ତମ ଶ୍ୱଶୁର ପ୍ରସାଦ ଟିକକ ପାଇଁ ଯେ ଅପେକ୍ଷା କରି ବସିଚନ୍ତି ଏ ଖିଆଲ ଅଚ୍ଛି ? ଯା, ସ୍ୱାମୀ ତ ନାହିଁ···ଆଉ କୋଉ ନାଗର ପାଇଁ ଏ ସଜବାଜ ମ ! (ଝିରଣା କଚ୍ଛି ନ କହି ଗୃଲଯାଇଚ)

ମାଯ୍ନା : ଛତରଖାଇ କୋଉଠୁ ଭସି ଭସି ଆସି ଏଇଠି ଲଗି ବୋହୂରାଣୀ ପାଲଟିଗଲ୍ଣି···ରାଜରାଣୀ ହବାକୁ ବସିଚ···ଦେଉଚ ସମସ୍ତଙ୍କୁ ଠିକ୍ କରି···କାଲେ ପୁା ପୁଅକୁ ଉଇଲ କରିଦେବେ···ତା' ମୁଁ କରେଇ ଦେବିନ···ପ୍ରତାପ ହବ ଏ ସଂପତ୍ତିର ମାଲିକ

[କ୍ଷୀର ଗ୍ଲାସରେ ବିଷ ମିଶେଇଚ]

ଭାଇ···ଭାଇ ! ତମର ପରା କ୍ଷୀର ପିଇବା ସମୟ ହେଇଗଲ୍ଣି··· ତମର ତ ସୁଗର ରୋଗ···ଦେହଟାକୁ ନ ଜଗିଲେ କମିତି ଚଳିବ ! ନଅ···ପିଇଦିଅ···

ରାମ : (ପ୍ରବେଶ କରି) ଆରେ ମାଯ୍ନା ! ସେ ପ୍ରତାପଟା କୁଆଡ଼େ ଗଲା ? ମୁଁ ତ ତାକୁ ଦେଖୁନି ।

ମାଯ୍ନା : ତାକୁ ପରା ମୁଁ ପଠେଇଚ ସାଗରକୁ ଖୋଜିବା ପାଇଁ···ଜେଲରୁ ମୁକୁଳି କୁଆଡ଼େ ଗଲା କ'ଣ କଲା କେଜାଣି ?

ରାମ : ଖାଲି ପ୍ରତାପ ନୁହେଁ···ପଇସା ଖର୍ଚ୍ଚ କରି ମୋ ପୁଅକୁ ମୁଁ ଖୋଜିବି···ତାକୁ ମତେ ବାହାର କରିବାକୁ ହବ···ନ ହେଲେ ମୋର ବଞ୍ଚିବାର ମାନେ କଚ୍ଛି ନାହିଁ ।

ମାଯ୍ନା : ସେଇକଥା ପରା···ପିଲା ଯେ କୁଆଡ଼େ ଗଲା···ହଉ ନଅ ଭାଇ ଥଣ୍ଡା ହେଇଯିବ ପିଇଦିଅ···

ରାମ : ବୋହୁ ମା କୁଆଡ଼େ ଗଲେ କି ? ତୁ କ୍ଷୀର ଆଣିଲୁ···

ମାଯ୍ନା : ମତେ ପରା କହିଲା ଅପା, ତମେ ବାପାଙ୍କୁ କ୍ଷୀରଟା ଦେଇଦିଅ··· ମୁଁ ଠାକୁର ଘର କାମ ସାରି ଯାଉଚ ।

ରାମ : ହଁ ସେଇକଥା କହ···ନ ହେଲେ ତୁ କାହିଁକି କ୍ଷୀର ଆଣିଥାନ୍ତୁ··· ସତରେ ବୋହୂ ମା'ଟି ଭାରି ଭଲ···

Source: Author, Digitized by PPRACHIN, SOA

ମାଯ୍ଣା : ତା'ର କ'ଣ ଗୋଡ଼ ତଳେ ଲଗୁଚ କ ? ଖାଲି ତ ଶାଢ଼ୀ ଗହଣା ପିନ୍ଧି ଛମଛମ ହଉଚ ।

ରାମ : ହବନି—ଧାର୍ଘ ବାରଟା ବର୍ଷ କଷ୍ଟ ପାଇଲା ପରେ ଆଜ ବୋହୂର ସମ୍ମାନ ପାଇଚ । ଖାଲି ସାଗରଟା କମିତି ମିଳିଗଲେ···

ମାଯ୍ଣା : ଭାଇ, କ୍ଷୀରଟା ଥଣ୍ଡା ହେଇଯିବ ପରା···

ରାମ : ହଁ ଦେ ଦେ···

(କ୍ଷୀର ରାମନାରାୟଣ ହାତକୁ ବଢ଼େଇ ଦେଇଚ । ଆସିଚି ରାଜା ।)

ରାଜା : ଜେଜେ···ଜେଜେ···ଏକା ଏକା କ୍ଷୀର ପିଉଚ···ମତେ ଦଉନ···

ରାମ : ନେ···ତୁ ପିଇ ଦେ···ଯାହା ବଳିବ ମୁଁ ପିଇବି···

ମାଯ୍ଣା : ହଁ ଭାଇ ରାଜାକୁ ଟିକେ ଦିଅ···ତମେ ବି ପିଇଦିଅ···ମୁଁ ଆଉ ନେଇ ଆସୁଚି···!

ରାମ : ନେ ପିଇଦେ···

ରାଜା : ନା···ଜେଜେ ତମେ ଆଗେ···

ରାମ : ତୁ ପରା ମୋ ନାତିଆ···ତୁ ଆଗେ ପିଇଦେ···

ରାଜା : ହଉ···

[ପିଇବାକୁ ଯାଇଥିଲା ବେଳେ ଆସିଚ ରସିକା ଓ ରାଜା ହାତରୁ କ୍ଷୀର ଗ୍ଲାସ ଛଡ଼େଇ ନେଇଚ ।]

ରସିକା : ନା···ସେ କ୍ଷୀର ପିଅନି···ସେ କ୍ଷୀରରେ ବିଷ ମିଶିଚ ।

ରାମ : କ'ଣ ହଉଚ ଇଏ ?

ରସିକା : ଏ ଗ୍ଲାସରେ ବିଷ ମିଶିଚ···ଆଉ ଆପଣଙ୍କର ନିଜ ଭଉଣୀ ଆପଣଙ୍କୁ ଆଉ ରାଜାକୁ ମାରିଦବାକୁ ଚାହୁଁଥିଲେ···କାରଣ ସେ ଚାହୁଁଥିଲେ । ଆପଣମାନଙ୍କୁ ଶେଷ କରି ତାଙ୍କ ପୁଅକୁ ଏ ସମ୍ପତ୍ତିର ଉତ୍ତରାଧୀକାରୀ କରେଇବେ !

[ଏତିକବେଳେ ପ୍ରବେଶ କରିଚି ମାଯ୍ଣା । ଡରିଯାଇଚ୍ଛି]

Source: Author, Digitized by PPRACHIN, SOA

ରାମ : କ'ଣ ମାୟା ? ଏସବୁ ସତ !

ମାୟା : ମୁଁ କିଛି ଜାଣିନ···ମୁଁ କିଛି ଜାଣିନା!! (ଟଳେଇ ଯାଉଥିଲେ)

ରସିକା : କୁଆଡ଼େ ଯାଉଚନ୍ତି ମାୟାଦେବୀ···ଯିବାର କୌଣସି ଉପାୟ ନାହିଁ···

ମାୟା : (ଗୋଡ଼ତଳେ ଚଢ଼ିଯାଇ ଚ) ଭାଇ ! ମତେ ବଞ୍ଚାଅ ଭାଇ···ମୁଁ ତମ ରକ୍ତର ଭଉଣୀ···ଆଉ କେବେ ଏ କାମ କରିବିନି···

ରାମ : ମାୟା···

ରସିକା : ରାମନାରାୟଣ ବାବୁ ଚେଷ୍ଟା କଲେ ବି ଆପଣଙ୍କୁ ରକ୍ଷାକରି ପାରିବେ ନାହିଁ···ଚାଲନ୍ତୁ ଜେଲରୁ ଫେରିଲା ପରେ ହୁଏତ ଆପଣଙ୍କୁ ସେ ଆଶ୍ରୟ ଦେଇ ପାରନ୍ତି ।

ମାୟା : ଆରେ ପ୍ରତାପରେ ! ତୁ' କୋଉଠି ରହିଲୁରେ ବାପ ?

ରସିକା : ଠିକ୍ ଜାଗାରେ । ସେଇ ଜେଲ ଭିତରେ ଆପଣଙ୍କ ତାଙ୍କ ସହିତ ଦେଖା ହବ । (ନେଇ ଚାଲିଗଲେ)

ରାଜା : ଜେଜେ ! ବୁଢିମା'କୁ ସେମାନେ କୁଆଡ଼େ ନେଇଗଲେ ?

ରାମ : ତୁ' ବୁଝିପାରିବୁନି ରାଜା, ତୁ' ବୁଝିପାରିବୁନି ! (ତାକୁ ଜାବୁଡ଼ି ଧରି ବୋବ ଦେଲେ) ମୁଁ ମରିଯାଇଥିଲେ କାହାର କିଛି କ୍ଷତି ହୁଅନ୍ତା ନାହିଁ···କିନ୍ତୁ ସେ ରାକ୍ଷସୀଟା ତତେ ଆଜି ମାରିଦେଇ ଥାଆନ୍ତାରେ —ମୋ ବଂଶର ଶେଷ ଦୀପକୁ ଆଜି ଲିଭେଇ ଦେଇଥା'ନ୍ତା ! ତୁ' ଯା' ରାଜା ! ଯା' ତୋର ବୋଉ ପାଖକୁ ଚାଲିଯା'—

[ରାଜା ଦୌଡ଼ି ଚାଲିଗଲା ।]

ରାମ : ହେ ରାଧାମୋହନ ! ତମେ ହିଁ ମୋର ଭରସା ! ମତେ ପଛେ ନେଇଯାଅ ପ୍ରଭୁ ! ହେଲେ ଏମାନଙ୍କୁ ବଞ୍ଚାଇ ରଖ । ମୋର ଆଉ ବଞ୍ଚିରହିବା ଦରକାର ନାହିଁ (ସାଗର···ତୁ କୋଉଠି ଅଛୁ ବାବା ! ତୁ କ'ଣ ଜାଣିପାରୁ ନାହୁଁ ତତେ ବାରବର୍ଷ ହେଲା ନ ଦେଖି ଏ ବୁଢ଼ାଟା କେମିତି ଛଟପଟ ହଉଚି ? ସାଗର ! ସାଗର ! (କାନ୍ଦିଲେ) ସତରେ ଯଦି ତୁ କୋଉଠି ହଜିଯାଉ···ସମାଜର

Source: Author, Digitized by PPRACHIN, SOA

ମୁକ୍ତିମଣ୍ଡପ ଆଗରେ ମୁଁ କି କୈଫିୟତ ଦେବରେ ? କି କୈଫିୟତ ଦେବ ? (ଆସିଛନ୍ତି କିଶୋର ଭଞ୍ଜ)

କିଶୋର : ରାମନାରାୟଣ ! ରାମନାରାୟଣ !

ରାମ : କିଏ ? କିଶୋର ! କାହିଁକି ଆସିଲୁ କିଶୋର ? ରାମନାରାୟଣ ଆଜି ତା'ର ଅନ୍ତିମ ମୁହୂର୍ତ୍ତକୁ ଅପେକ୍ଷା କରି ବସିଚି···

କିଶୋର : ମୁଁ ବି ଆଜି ସେଇ ଛ'ଖଣ୍ଡ କାଠକୁ ଅପେକ୍ଷା କରି ବସିଚି ରାମନାରାୟଣ ! ମୋର ବି ସଂସାର ଛାରଖାର ହେଇଯାଇଚି !

ରାମ : କ'ଣ କହୁଚୁ କିଶୋର ? ତୋର କ'ଣ ହେଲା ?

କିଶୋର : ଲୁସି ଆଉ ନାହିଁ । ନିଜ ପିସ୍ତଲରେ ନିଜକୁ ଶେଷ କରିଦେଇ ହତଭାଗିନୀ ଚାଲିଗଲା । ସୁବ୍ରତ ଆଜି ଜେଲରେ ! ସେମାନଙ୍କ ପାଇଁ ମୁଁ କ'ଣ ନକରିଚି ରାମନାରାୟଣ ? ମୋର ସବୁ ସମ୍ପତ୍ତି ଉଜୁଡ଼ି ଗଲା···ଶେଷରେ ସେମାନେ ହେଲେ କ'ଣ ?

ରାମ : ସବୁ ଭାଗ୍ୟ ! ନ ହେଲେ ତୁ' ମତେ ଭୁଲ ବୁଝିଥା'ନ୍ତୁ କାହିଁକି ? ସାଗର ଘର ଛାଡ଼ି ଚାଲିଯାଆନ୍ତା କାହିଁକି ?

କିଶୋର : ସବୁ ତୋର ସେଇ ବିଧବା ଭଉଣୀଟିର କାଣ୍ଡ, ସିଏ ହିଁ ମତେ ସାଗରର ଅପସ୍ମାର ରୋଗ ଅଛି ବୋଲି କହିଥିଲା । ଆଉ ତା'ର ଚକ୍ରାନ୍ତରେ ତୁ ତୋର ପୁଅକୁ ଆଜି ହରେଇ ବସିଚୁ—

ରାମ : କିଶୋର ! ଯେଉଁ ସବୁ ତା'ହେଲେ ସତ ?

କିଶୋର : ହଁ ରାମନାରାୟଣ ! ଏଇ କଥାଟା ତତେ ଜଣେଇଦେବା ମୋର କର୍ତ୍ତବ୍ୟ ବୋଲି ଭାବିଲି । ମତେ କ୍ଷମା କରିଦେ, ରାମନାରାୟଣ !

ରାମ : ଆରେ ତୁ'ତ ମୋର ସାନ ଭାଇଟା ! ଯଦି ଆଗରୁ ମତେ ଏ କଥା କହିଥାନ୍ତୁ ଚଣ୍ଡାଳ···ତା'ହେଲେ ମୁଁ ତାକୁ ଘରକୁ ଫେରେଇ ଆଣିଥାନ୍ତି କିଶୋର ! ଆଜି ଏତେ ସବୁ ଦୁର୍ଘଟଣା ଘଟିନଥାନ୍ତା !

କିଶୋର : ବର୍ତ୍ତମାନ ବି ସମୟ ଅଛି ! ରାମନାରାୟଣ, ତୁ ଯଦି ଅଭିମାନ ଛାଡ଼ି ପୁଅକୁ ଗ୍ରହଣ କରିବାକୁ ଚାହୁଁ···

ରାମ : କାଇଁ ସାଗର ? କୋଉଠି ଅଛି ସିଏ ?

Source: Author, Digitized by PPRACHIN, SOA

କିଶୋର : ରାମନାରାୟଣ ! ମୁଁ ତାଙ୍କୁ ସାଙ୍ଗରେ ନେଇ ଆସିଛି...ସାଗର...
ସାଗର ! ନେ,...ତୋର ହଜିଲାଧନକୁ ମୁଁ ଫେରେଇ ଆଣିଛି ?

(ସାଗର ପ୍ରବେଶ କଲା)

ସାଗର : ବାପା !

ରାମ : ସାଗର ! ଆ' ବାପା...ବାର ବର୍ଷ ହେଲା ତତେ ନଦେଖି ମୋ'
ଆଖି ଅନ୍ଧ ହେଇଗଲାଣି ବାପା !

ସାଗର : ବାପା ! ସବୁ ଭୁଲ ମୋର ! ମତେ ଶାସ୍ତି ଦିଅନ୍ତୁ ବାପା...ମତେ
ଶାସ୍ତି ଦିଅନ୍ତୁ ।

ରାମ : ନା...ତୁ' ତୋ' ବାପାକୁ ବୁଝିପାରିଲୁନିରେ ହତଭାଗା...ଖାଲି ନିଜ
ଅଭିମାନଟାକୁ ବଡ଼ କରି ଦେଖିଲୁ...

ସାଗର : ବାପା !

ରାମ : ଆରେ କିଏ ଅଛରେ ? ରାଜା...ଝରଣା...ଶୋଭା...ଆରେ ଦେଖ
କିଏ ଆସିଛି...ତୁ' ଆ' କିଶୋର...ତୁ' ଆଜିର ଏଇ ମହା
ମିଳନରେ ମୋର ଅତିଥି...

[ରାମନାରାୟଣ କିଶୋରକୁ ନେଇ ଚାଲିଗଲେ,
ପ୍ରବେଶ କଲା ରାଜା]

ରାଜା : କିଏ ବାପା ! ବାପା ତମେ ଆଜିଯାଏଁ କୋଉଠି ଥିଲ ? ବାପା ?

ସାଗର : ରାଜା ! ମୋ ରାଜାରେ !

ରାଜା : ତମେ କୁଆଡ଼େ ଚାଲିଗଲ ବାପା—? ଆମେ ତୁମକୁ କେତେ
ଖୋଜିଚୁ...ବୋଉ କେତେ ଖୋଜିଛି । ରୁହ ମୁଁ ବୋଉକୁ ଡାକି
ଆଣୁଛି...ବୋଉ...ବୋଉ...ବୋଉ... (ରାଜା ଚାଲିଗଲା)

ସାଗର : ବାରବର୍ଷ ! ଗୋଟାଏ ଯୁଗ ପରେ ମୁଁ ଫେରି ଆସିଛି ଏଇଠିକି ।
ସାରା ଜୀବନଟା ଗୋଟାଏ ଦୁର୍ଘଟଣା...ମତେ କ୍ଷମାକର ଝରଣା !
ତମକୁ ହନିକ ପାଇଁ ମୁଁ ସ୍ତ୍ରୀର ସ୍ନେହ ଦେଇ ପାରିଲିନି !

(ପ୍ରବେଶ କଲା ଝରଣା)

ଝରଣା : ତମେ ? ତମେ ଆସିଚ ?

Source: Author, Digitized by PPRACHIN, SOA

ସାଗର : ଖାଲି ତମରି ପାଇଁ ଝରଣା । ଥରୁଟିଏ ତମକୁ ଦେଖିଯିବା ପାଇଁ ।

ଝରଣା : ମୁଁ ତ ହତଭାଗିନୀଟାଏ ! ମତେ ବାହା ହେଇ ତମେ ଘର ଛାଡ଼ିଲ—
କେତେ କଷ୍ଟ ପାଇଲ···ଦୋଷକୁ ଜେଲ୍ ଗଲ···ତମ ଗୋଡ଼ତଳେ
ପଡ଼ୁଚି···ମତେ କ୍ଷମାକର···

ସାଗର : ଛି ଝରଣା ! ତମରି ପାଇଁ ତ ମୁଁ ଆଜି ଘରକୁ ଫେରିଚି । ନହେଲେ
ତମକୁ ଝୁରିଝୁରି ମୁଁ ଆତ୍ମହତ୍ୟା କରିଦେଇଥା'ନ୍ତି ।

ଝରଣା : ବର୍ତ୍ତମାନ କୁହ—ମତେ ଛାଡ଼ି ଆଉ କୁଆଡ଼େ ଯିବନି ତ ?

ସାଗର : ଆଉ ଯିବ କୁଆଡ଼େ ? ଝରଣା ଆଉ ସାଗର ଆଜି ଏକ ହେଇ
ଯାଇଛନ୍ତି···ସାଗର ତାର ଅଭିମାନ ଭୁଲି ଜୁଆର ଭଳି ମାଡ଼ି ଆସିଚି
ଝରଣା ପାଖକୁ ଆଉ—

ଝରଣା : ଝରଣା ମିଶିଯାଇଚି ସାଗର ଭିତରେ ।

[ଦୁହେଁ ଆଲିଙ୍ଗନ ବନ୍ଧ ଏବଂ ଅନ୍ଧାର]

Source: Author, Digitized by PPRACHIN, SOA